


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-01 ◆THURSDAY ◆25 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୧ ◆ଗୁରୁବାର ◆୨୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନୂଆ ବିଏସ୍-୬ ଗାଡ଼ି ପାଇଁ ୩ ବର୍ଷ ପିୟୁସିସି ଭ୍ୟାଲିଡିଟି

**ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ୨୦୨୦ ରେ ବିଏସ୍-୫(ଭାରତ ଷ୍ଟେଜ୍-୫)କୁ ବାଦ୍ ଦେଇ ସିଧାସଳଖ ବିଏସ୍-୬ ନିୟମ ଲାଗୁ କରିଥିଲେ। କାରଣ ଏହି ଗାଡ଼ିଗୁଡ଼ିକ ବେଶ ପରିବେଶ ଅନୁକୂଳ ଥିଲା। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକର ବାରମ୍ବାର ପଲ୍ୟୁସନ ଯାଞ୍ଚ ନିୟମାରେ କୋହଳ କରିବାକୁ ସରକାର ଯୋଜନା ଚଳାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ବିଏସ୍-୬ ଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ (ପିୟୁସି) ସାର୍ଟିଫିକେଟ୍‌ର ବୈଧତା ୧ ବର୍ଷରୁ ୩ ବର୍ଷକୁ ବୃଦ୍ଧି କରିବା ନେଇ ବିଚାର କରୁଛନ୍ତି। ୨୦୨୦ ଏପ୍ରିଲ୍ ପହିଲା ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ।

ପିୟୁସି ସାର୍ଟିଫିକେଟ ନ ଥିଲେ ପ୍ରଥମ ଥର ପାଇଁ ଚାଳକଙ୍କର ୧,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରି ବାରମ୍ବାର ଭୁଲ୍ କଲେ ପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ୍ୟ କରାଯାଇପାରେ। ବାଣିଜ୍ୟିକ ବିଏସ୍-୬ ଯାନଗୁଡ଼ିକ ପାଇଁ ନିୟମ ଭିନ୍ନ ହୋଇପାରେ। ସରକାର କହିଛନ୍ତି ଯେ ବିଏସ୍-୬ ଯାନଗୁଡ଼ିକ ପୁରୁଣା ମଡେଲ ତୁଳନାରେ ଯଥେଷ୍ଟ କମ୍ ପ୍ରଦୂଷଣ ▶ପୃଷ୍ଠା-୧୦

## କୋଲକାତାରେ ନିର୍ମାଣାଧୀନ ଗୋଦାମ ଭୁଶୁଡ଼ି ୭ ମୃତ



**ଏବେ ବି ଫସି ରହିଛନ୍ତି ୧୫ ଶ୍ରମିକ**

■ କୋଲକାତା, ୨୪।୬ (ଏଜେନ୍ସି): କୋଲକାତାର ତାରାତଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ୭ ଜଣ ଶ୍ରମିକ ଏଥିରେ ଚାପି ହୋଇ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଅତିକମ୍‌ରେ ୧୫ ଶ୍ରମିକ ଭଗ୍ନସ୍ତୂପ ତଳେ ଚାପି ହୋଇ ରହିଥିବା ଅନୁମାନ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନାର ୪ଟି ଦଳ ସାମିଲ ହୋଇଛନ୍ତି। ଏହା ସହିତ ଏନ୍‌ଡିଆରଏଫ, ଏସଡିଆରଏଫ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭଗ୍ନସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ଏବଂ ଡ୍ରୋନ ସାହାଯ୍ୟ ▶ପୃଷ୍ଠା-୧୦

**ପିଲାଙ୍କ ପଢ଼ା ବହିରେ ତ୍ରୁଟି**


# ସରିଲା ତଦନ୍ତ; କାର୍ଯ୍ୟାନୁଷ୍ଠାନ କେବେ ?

## ସାର୍ବଜନୀନ ହେବ ତ ରିପୋର୍ଟ !

■ ଭୁବନେଶ୍ୱର, ୨୪।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିସନର ଦେଓ ରଞ୍ଜନ କୁମାର ସିଂହଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟିର ଅବଧି ଆଜି ସରିଛି। ୭ ଦିନ ଧରି ତନାଘନା କରିବା ପରେ ପୁସ୍ତକ ପ୍ରସ୍ତୁତିରେ କାହାର ଭୂମିକା କ'ଣ ରହିଥିଲା ଓ କିଏ ଉତ୍ତରଦାୟୀ, କମିଟି ତାହା ଅନୁଧ୍ୟାନ କରିଛି। ଆଜି ସକାଳେ କମିଟିର ଅନ୍ୟତମ ସଦସ୍ୟ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଳା ନାୟକଙ୍କ ସହ ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ ପହଞ୍ଚି ତନାଘନା କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଭିନ୍ନ ତଥ୍ୟ ଯାଞ୍ଚ କରିବା ପରେ ଏକାଧିକ ଫାଇଲ ନେଇଛନ୍ତି। ମୁଖ୍ୟତଃ କଣ୍ଟେଣ୍ଟ ପ୍ରସ୍ତୁତି ଓ ବିକଶିତ କରାଯାଇଥିବା ଦସ୍ତାବିଜ୍‌କୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ କମିଟି ଆସନ୍ତାକାଲି ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଦାଖଲ କରିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତଦନ୍ତ ସରିବା ପରେ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। କେଉଁ ଅଧିକାରୀଙ୍କ ବିରୋଧରେ କେବେ ଓ କ'ଣ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ କ୍ଷମତା କରିଡରରେ ଆଲୋଚନା ଜୋର୍ ଧରିଛି। ଦିନକୁ ଦିନ ପୁସ୍ତକରେ ଥିବା ମାଳମାଳ ତ୍ରୁଟି ଲୋକଲୋଚନକୁ ଆସୁଥିବାରୁ ସରକାର ଅକଳରେ ▶ପୃଷ୍ଠା-୧୦

## ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ !




■ ଭୁବନେଶ୍ୱର, ୨୪।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ପାଇଁ ସରକାର ଏବେ ବିଭିନ୍ନ ମହଲରେ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହାକୁ ସାମାନ୍ୟ ଓ ସାଧାରଣ କଥା ବୋଲି ଉଲ୍ଲେଖ କରି ଢାଙ୍କିବାକୁ ଉଦ୍ୟମ କରିଥିଲେ ବି ଏହି ପ୍ରସଙ୍ଗ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ପ୍ରତିଦିନ ଓଡ଼ିଆ ବହିରେ ରହିଥିବା ଭୁଲକୁ ନେଇ ସାମାଜିକ ଗଣମାଧ୍ୟମରେ ନୂଆନୂଆ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜ ଦୋଳିଗୀତ ସ୍ଥାନ ପାଇଥିବା ଜଣା ପଡ଼ିବା ପରେ ଅଭିଭାବକ ଓ ସାଧାରଣ ଲୋକେ ସରକାରଙ୍କୁ ସିଧା ନିଶାଣ କରିଛନ୍ତି। ଓଡ଼ିଆ ଅସ୍ମିତା ଇଂରାଜୀ ଆଡ଼କୁ ମାଡ଼ିଗଲା ବୋଲି ବି ସମାଲୋଚନା କରିଛନ୍ତି। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ବସ୍ତ୍ରହରଣ କରିଥିବା ▶ପୃଷ୍ଠା-୧୦

**ଯୁଦ୍ଧ ବନ୍ଦ ପାଇଁ ଆମେରିକା ସଂସଦର ନିର୍ଦ୍ଦେଶ**

## ମୁଁ ମାନିବାକୁ ବାଧ୍ୟ ନୁହେଁ



■ ୱାଶିଂଟନ, ୨୪।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସଂସଦ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରସ୍ତାବ ପାରିତ କରିଛି। ପୂର୍ବରୁ ପ୍ରତିନିଧି ସଭାରେ ପାସ୍ ହୋଇଥିବା ଏହି ପ୍ରସ୍ତାବକୁ ଗତକାଲି ସିନେଟ୍ ମଧ୍ୟ ଅନୁମୋଦନ ପ୍ରଦାନ କରିଛି। ତେବେ ଟ୍ରମ୍ପ ସଂସଦର ଏହି ଆଦେଶକୁ ସମାଲୋଚନା କରିବା ସହିତ ଏହାକୁ ମାନିବା ଲାଗି ସେ ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

ଗତକାଲି ସିନେଟରେ ହୋଇଥିବା ମତଦାନରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି। ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଫଳରେ ସଂସଦ ଏହି ପ୍ରସ୍ତାବ ପାସ୍ କରି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି।

ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡ଼ାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଉଛି। କାରଣ ଯୁଦ୍ଧ ପାଇଁ ଆମେରିକାର ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧିଦେଇଥିବାରୁ ଏଥିରୁ ଇରାନ ଫାଇଦା ନେବାକୁ ଉଦ୍ୟମ କରିପାରେ। ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା।

୧୯୭୩ର 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଇରାନ ସହ ଆରମ୍ଭ ▶ପୃଷ୍ଠା-୧୦

## ସାମୁଦ୍ରିକ ବାଣିଜ୍ୟ ପ୍ରଗତିର ପ୍ରବେଶ ପଥ: ମୁଖ୍ୟମନ୍ତ୍ରୀ



**ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପ୍ରତିଫଳିତ**

■ ଭୁବନେଶ୍ୱର, ୨୪।୬ (ସମିସ): ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଭିତ୍ତିଭୂମିର ସୁରକ୍ଷା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ରହିଛି। ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ▶ପୃଷ୍ଠା-୧୦

**ବାଣ ଭିଡ଼ିବା ବେଳେ ବିସ୍ଫୋରଣ**

## ପୁଅ ମୃତ; ବାପା, ମାଆ ଗୁରୁତର



■ ସାନଖେମୁଣ୍ଡି ୨୪।୬ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ବାଣ ବିସ୍ଫୋରଣାରେ ପୁଅ ପ୍ରାଣ ହରାଇଥିବା ବେଳେ ବାପା-ମାଆ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସିଙ୍ଗିପୁର ଗ୍ରାମର ଆକାଶ ଦାସ (୨୧), ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ସନ୍ତୋଷ ଦାସଙ୍କ ଘରେ ଅଚାନକ ବାଣ ବିସ୍ଫୋରଣ ହୋଇଥିଲା। ଏହି ସମୟରେ ଘରେ ଥିବା ଆକାଶ ଦାସଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତର ଆହତ ହୋଇଥିଲେ। ଘର ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବା ବେଳେ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଛି। ପାଟପୁର ପୋଲିସ ଆହତ ଓ ମୃତକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସନ୍ତୋଷ ଦାସ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି।

**ରଥ ପୂର୍ବରୁ ପୁରୀ ଅଶାନ୍ତ**

## ହୋଟେଲ ମାଲିକଙ୍କୁ ହତ୍ୟା



ଅଭିଯୁକ୍ତକୁ ପୁଲିସ୍‌ର ଏନ୍‌କାଉଣ୍ଟର

■ ପୁରୀ, ୨୪।୬ (ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପୁଲିସ ପ୍ରସ୍ତୁତି ଚଳାଇଥିବା ବେଳେ ଅଶାନ୍ତ ହୋଇପଡ଼ିଛି ପୁରୀ। ଆଇନ ଶୃଙ୍ଖଳା ପାଇଁ ତୁହାକୁ ତୁହା ବୈଠକ ଚାଲିଛି, କିନ୍ତୁ ଅପରାଧୀମାନେ ଏହାକୁ ଖୋଲାଖୋଲି ଚାଲେଞ୍ଜ କରିବାରେ ଲାଗିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରୁ ଏହା ସ୍ପଷ୍ଟ ହୋଇଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅଞ୍ଚଳରେ ହୋଟେଲ ମାଲିକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ବଳିଆପଣ୍ଡା ଥାନା ଧବଳେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲ 'ମନୋରମା' ରେସିଡେନ୍ସିର ମାଲିକ ପବିତ୍ର ନାୟକ। ତେବେ ହତ୍ୟାକାଣ୍ଡର କେଇଘଣ୍ଟା ମଧ୍ୟରେ ପୁଲିସ ଅଭିଯୁକ୍ତକୁ ଏନକାଉଣ୍ଟର କରିଛି। ହତ୍ୟାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ହୋଟେଲର ମ୍ୟାନେଜର ଚନ୍ଦନ କୁମାର ପଲ୍ଲାରକୁ ଏନ୍‌କାଉଣ୍ଟର କରିଛି ପୁଲିସ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ହୋଟେଲ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁସନ୍ଧାନରୁ ଜଣାପେଡ଼ିଛି। ଅଭିଯୁକ୍ତ ▶ପୃଷ୍ଠା-୧୦




**ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ**

# ଜେଲ୍‌ବାବୁଙ୍କୁ ବାନ୍ଧିବ କିଏ ?

**ସବୁ ଦେଖି ନିରବ ରହୁଛନ୍ତି ବିଭାଗୀୟ ମୁଖିଆ**

**ବଡ଼ବଡ଼ିଆଙ୍କୁ ସୁରକ୍ଷା ପାଇଁ ତଳତଳିଆଙ୍କୁ ବଳି**

■ ଭୁବନେଶ୍ୱର ୨୪।୬ (ସମିସ): ରାଜ୍ୟର ଜେଲ୍ ବିଭାଗକୁ ଶନି ଦଶା ପଡ଼ିଛି। କେତେବେଳେ ପାଚେରି ଡେଇଁ କଏଦୀ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ ଗ୍ୟାଙ୍ଗଷ୍ଟରର ଗାଡ଼ି ଜେଲ୍ ଭିତରକୁ ପଶୁଛି। ପୁଣି କେତେବେଳେ ନିଶା ବଟିକା ଓ କଫସିରପ୍ ଖାଇ ଅଧ ଡଜନ ଅନ୍ତେବାସୀ ଅସୁସ୍ଥ ହୋଇ ଯାଉଛନ୍ତି। ଏଇଭଳି ଅଘଟଣ ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ତ୍ରୁଟି ସାମ୍ନାକୁ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ 'ତଦନ୍ତ' ମଧ୍ୟରେ ସୀମିତ ରହିଯାଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ତଦନ୍ତ ରିପୋର୍ଟ ପାଇ ମଧ୍ୟ ମୁଖିଆ ଚୁପ୍ ବସିଛନ୍ତି। କେବଳ ଘଟଣା ଉପରୁ ନଜର ହଟାଇବା ଲାଗି ସମୟ ସମୟରେ ତଳିଆ କର୍ମଚାରୀଙ୍କୁ ବଳି ପକାଇ ଦିଆଯାଉଥିବା ବେଳେ ବଡ଼ବଡ଼ିଆଙ୍କ ଦେହରେ କେହି ଟିପ ମାରୁନାହାନ୍ତି ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଖବରପାଇ ଗତମାସ ୨୭ ତାରିଖ ଦିନ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଚଢ଼ଉ କରିଥିଲେ। ଅନ୍ତେବାସୀ ରହୁଥିବା ବିଭିନ୍ନ ୱାର୍ଡରୁ ବିପୁଳ ପରିମାଣର ବ୍ରାଉନସୁଗର ଓ ମୋବାଇଲ ଫୋନ୍ ଜବତ କରିଥିଲେ। ବେଆଇନ ବ୍ରାଉନସୁଗର ଜବତ ହୋଇଥିଲେ ମଧ୍ୟ ଜେଲ୍ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇନଥିଲା। କେବଳ ଘଟଣାରୁ ନଜର ହଟାଇବାକୁ ୨ ଜଣ ତଳିଆ ଅଧିକାରୀଙ୍କୁ ଅନ୍ୟ ଜେଲକୁ ବଦଳି କରି ଦିଆଯାଇଥିଲା। ପାଣିକୋଇଲି ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ଘଟଣାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ବିଭାଗୀୟ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟରେ ସାଙ୍ଘାତିକ କଥା ଉଲ୍ଲେଖ କରିଥିଲେ। ପୂର୍ବରୁ ମଧୁକାନ୍ତ ଓ ରାଜା ପୂର୍ବରୁ ମଧ୍ୟ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଥିବା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଜାଣିଥିଲେ। ଖାଲି ଜାଣି ନ ଥିଲେ, ସେମାନେ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ କରିଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ କରିଥିଲେ। ଘଟଣାର ପୂର୍ବଦିନ ଅର୍ଥାତ୍ ୨ ତାରିଖ ଦିନ ସକାଳେ ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ମାତ୍ର ଘଣ୍ଟାକ ପାଇଁ ଅଫିସ୍ ଆସି ପୁଣି ଫେରି ଯାଇଥିଲେ। ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ▶ପୃଷ୍ଠା-୧୦

## ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ପାଇଁ ବୈଠକ

ଭଦ୍ରକ,୨୪।୬(ସମିସ): ଜିଲ୍ଲାର ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନରୁ ଦୂରେଇ ରଖିବା ଏବଂ ନିଶାଦ୍ରବ୍ୟର ଅବାଧ କାରବାର ଉପରେ କଡ଼ା ନଜର ରଖିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଏନ୍‌କର୍ଡ (ଏନ୍‌ସିଓଆର୍‌ଡି) ବା ନାର୍କୋ କୋଅର୍ଡିନେସନ୍ ସେଣ୍ଟର, ବୈଠକ ବୁଧବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାରେ ନିଶାଦ୍ରବ୍ୟ ଚୋରା ଚାଲାଣ ଓ ବିକ୍ରି ରୋକିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି, ଶିକ୍ଷାନୁଷ୍ଠାନ ଓ ଗ୍ରାମ୍ୟସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜୋର୍‌ଦାର୍ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁଲିସ ଅଧୀକ୍ଷକ ଜିଲ୍ଲାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଦିଗରେ ଚାଲିଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବା ସହ ସମସ୍ତ ସମ୍ପୃକ୍ତ ବିଭାଗକୁ ସଚେତନତା ଓ ପ୍ରତିରୋଧମୂଳକ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନସେବା ପ୍ରାଧିକରଣ ଓ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ମିଳିତ ଉଦ୍ୟମ ଉପରେ ମତବ୍ୟକ୍ତ କରିଥିଲେ।

## ଦୁର୍ଗନ୍ଧରେ ଫାଟି ପଡୁଛି ତିହିଡ଼ି ଖାଙ୍କି ହାଟ ବଜାର



ଦୋଳସାହି,୨୪।୬(ସମିସ): ତିହିଡ଼ି ଥାନା ନିକଟରେ ଅବସ୍ଥିତ ଖାଙ୍କି ହାଟ ଓ ସମସ୍ତ ବଜାରରେ ଆବର୍ଜନା ପଚି ଦୁର୍ଗନ୍ଧରେ ଫାଟି ପଡୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ପୁରୁଣା ହାଟଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବସୁଥିବା ଉଠା ଦୋକାନୀଙ୍କ ବିଭିନ୍ନ ଅଳିଆ ଆବର୍ଜନାମାନ ରାସ୍ତା ଉପରେ ପକାଉଥିବା ଯୋଗୁଁ ଏହି ଆବର୍ଜନାମାନ ପଚି ଦୁର୍ଗନ୍ଧ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ତିହିଡ଼ି ଥାନା ନିକଟରେ ଅବସ୍ଥିତ ଖାଙ୍କି ହାଟ ଭିତରେ ଏହି ଅଳିଆ ଆବର୍ଜନା ପଡ଼ି ରହିଥିବାବେଳେ ଏହି ଆବର୍ଜନା ପ୍ରଶାସନ ପକ୍ଷରୁ ଉଠାଯାଉ ନ ଥିବା ନେଇ ସମସ୍ତ ଅଞ୍ଚଳ ଦୁର୍ଗନ୍ଧରେ ଫାଟିପଡୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଅଳିଆ ଆବର୍ଜନା ସଫେଇ କରିବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ବାରିକପୁର,୨୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଆକୁଳିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ପଞ୍ଚାୟତର ଏହା ଅନ୍ୟତମ ପୁରାତନ ବିଦ୍ୟାଳୟ ହୋଇଥିବାବେଳେ ଏହା ୧୯୬୦ ମସିହାରେ ସରକାରୀ ସ୍ୱୀକୃତି ଲାଭ କରିଥିଲା। ଏଠାରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀ ରହିଛି। ବିଦ୍ୟାଳୟରେ ୧୧୫ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ଜଣେ ଶିକ୍ଷକ ମଧ୍ୟାହ୍ନ ଭୋଜନ ଓ ସରକାରୀ କାର୍ଯ୍ୟକୁ ନେଇ ଦୈନିକ ଏକପ୍ରକାର ବ୍ୟସ୍ତ ରହୁଛନ୍ତି। ଆଉ ଦୁଇ ଜଣ ଶିକ୍ଷକଙ୍କ ପକ୍ଷେ ଶିଶୁବାଟିକା ସମେତ ୮ଟି ଶ୍ରେଣୀରେ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ପିଲାମାନେ ଯେଉଁଭଳି ବିଦ୍ୟା ଗ୍ରହଣ କରିବା କଥା ଶିକ୍ଷକ ଅଭାବରୁ ତାହା ସଠିକ୍ ହେଉନାହିଁ। ଏନେଇ ପୂର୍ବରୁ ଗ୍ରାମବାସୀମାନେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାରି ଭିତରେ ଅନେକ ମାସ ବିତିଯାଇଥିଲେ ମଧ୍ୟ ଏଯାଏଁ ଶିକ୍ଷକ ନିଯୁକ୍ତି ହୋଇ ନାହାନ୍ତି। ଏବେ ଅନୁରୂପ ଭାବେ ଗ୍ରାମବାସୀ କୀର୍ତ୍ତନ ଧଳ, ଜିତେନ୍ଦ୍ର ସେଠୀ, ଦେବେନ୍ଦ୍ର ବରାଳ, ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ସର୍ବନିମ୍ନ ଆଉ ୧ ଜଣ ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ଏହାପରେ ଶିକ୍ଷକ ନିଯୁକ୍ତି ନ ହେଲେ ବାଧ୍ୟ ହୋଇ ଅଭିଭାବକମାନେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ଶୌଚାଳୟରୁ ୨୯ଟି ନାଗ ଉଦ୍ଧାର

ଭଦ୍ରକ/ବନ୍ତ/ଆଗରପଡ଼ା,୨୪।୬(ସମିସ): ଶୌଚାଳୟ ଭିତରୁ ଗୋଟିଏ ବଡ଼ ନାଗ ସହିତ ୨୮ଟି ନାଗ ସାପ ଛୁଆ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ଥାନା ଗୋବିନ୍ଦପୁର ପଞ୍ଚାୟତ ତରାଗୋ ନାୟକ ସାହିର ସୁରେନ୍ଦ୍ର ସାମଲଙ୍କ ଘର ବାହାରେ ଥିବା ଶୌଚାଳୟ ଭିତରୁ ଏହିସବୁ ନାଗ ସାପକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଭଦ୍ରକର ସାପ ଧରାଳି ମିର୍ଜା ଆରିଫ୍ ସାପଗୁଡ଼ିକୁ କୌଶଳ କ୍ରମେ ଉଦ୍ଧାର କରିଛନ୍ତି ଓ ଗତ କିଛି ଦିନ ହେବ ସାପକୁ ସୁରେନ୍ଦ୍ରଙ୍କ ପରିବାର ଲୋକେ ଦେଖିଥିଲେ ହେଁ ତାଙ୍କ ଶୌଚାଳୟ ଭିତରେ ଥିବା ଜାଣି ନ ଥିଲେ। ବୁଧବାର ସୁରେନ୍ଦ୍ର ଶୌଚ ହେବାକୁ ଯାଇଥିଲାବେଳେ ଶୌଚାଳୟ ଭିତରେ ସାପ ଦେଖି ଭୟଭୀତ ହୋଇ ତୁରନ୍ତ ସାପ ଧରାଳି ମିର୍ଜା ଆରିଫଙ୍କୁ ଖବର ଦେଇଥିଲେ। ମିର୍ଜା ଘଟଣାସ୍ଥଳରେ ପହଞ୍ଚି ନାଗୁଣୀ ସହିତ ୨୮ଟି ନାଗ ଛୁଆଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ପରେ ସାପଗୁଡ଼ିକୁ ହଦଗଡ଼ ଜଙ୍ଗଲରେ ଛାଡ଼ି ଦିଆଯାଇଛି।



## ବିଭିନ୍ନ ସ୍ଥାନରେ ଜନ ସୂଚନା ସମାବେଶ

ବାରିକପୁର,୨୪।୬(ସମିସ): ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତଠାରେ ଜନ ସୂଚନା ସମାବେଶ ଅନୁଷ୍ଠିତ ହୋଇଛି। ବିକାଶର ଧାରା, ଓଡ଼ିଶା ସାରା ସ୍ଲୋଗାନକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଜଣାପଡ଼ିଛି। ମଙ୍ଗଳବାର ନେରଡା ପଞ୍ଚାୟତ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାଶ, ବିଜେପି ମଣ୍ଡଳ ସଭାପତି ପ୍ରଣବ ରାଉତ, ସମାଜସେବୀ ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ବାବଦରେ ସୂଚନା ଦେଇଥିଲେ। ବାଲିପୋଖରୀ ପଞ୍ଚାୟତଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ଶ୍ରୀଧର ସ୍ୱାଇଁ, ସମାଜସେବୀ ଗଗନ ସେଠୀ, ଦେବୀପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଗଣ ଯୋଗଦେଇଥିଲେ। ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଜଣାପଡ଼ିଛି।

### ବର୍ଷେ ହେଲା ଘୋଷଣା କରି ସରକାର ସମ୍ପୂର୍ଣ୍ଣ ନିରବ

# ‘ନା ହେଲା ସିଟି ହସ୍ପିଟାଲ, ନା ସାଟେଲାଇଟ୍’

ଭଦ୍ରକ,୨୪।୬(ସମିସ)

ଭଦ୍ରକ ସହର ନୂଆବଜାର ସ୍ଥିତ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ବେଳେ ପୁରୁଣା ଚିକିତ୍ସାଳୟକୁ ଏକ ସିଟି ହସ୍ପିଟାଲ କରିବାକୁ ବିଭିନ୍ନ ମହଲରୁ ଦାବି ଓ ଧାରଣା ଦିଆଯାଇଥିଲା। ତେବେ ଭଦ୍ରକବାସୀଙ୍କ ଏହି ଦାବି ପରେ ସରକାର ସେଠାରେ ଏକ ସାଟେଲାଇଟ୍ ହସ୍ପିଟାଲ କରିବାକୁ ବର୍ଷକ ତଳେ ଘୋଷଣା କରିଥିଲେ। ଅଦ୍ୟାବଧି ସାଟେଲାଇଟ୍ ହସ୍ପିଟାଲ ଆରମ୍ଭ କରିବା ତ ଦୂରର କଥା ଏ ଦିଗରେ ସାମାନ୍ୟ ଅଗ୍ରଗତି ବି ହୋଇନାହିଁ।

ସୂଚନାଯୋଗ୍ୟ, ଗତ ପ୍ରାୟ ବର୍ଷକ ତଳେ ସହର ଉପକଣ୍ଠ ସାମରାଇପୁର ମୌଜାରେ ପୂର୍ବ ସରକାର ଅମଳରେ ପ୍ରତିଷ୍ଠିତ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉଠାଇ ନିଆଯାଇଥିଲା। ପରେ ସହରବାସୀଙ୍କ ପକ୍ଷରୁ ପୁରୁଣା ଜିଲ୍ଲା ହସ୍ପିଟାଲ କ୍ୟାମ୍ପସ୍‌କୁ ଭାଙ୍ଗି ନ ଦେଇ ଅନ୍ୟ ସହର ଭଳି ସେଠାରେ ଏକ ସିଟି ହସ୍ପିଟାଲ କାର୍ଯ୍ୟକାରୀ କରିବାକୁ ଜୋର୍‌ଦାର୍ ଦାବି ହୋଇଥିଲା। ଏପରିକି ପୁରୁଣା ଜିଲ୍ଲା ହସ୍ପିଟାଲକୁ ସିଟି ହସ୍ପିଟାଲ ଘୋଷଣା ନ କରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦିଆଯିବ ନାହିଁ ବୋଲି ଲୋକେ ଦାବି



### ପୁରୁଣା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଏବେ ପ୍ରଶାସନ କବ୍‌ଜାରେ

କରିଥିଲେ। ଲୋକଙ୍କ ଯୁକ୍ତି ଏବଂ ଦାବି ମଧ୍ୟ ଯଥାର୍ଥ ଥିଲା। କାରଣ ପାଖଆଖ ଅଞ୍ଚଳକୁ ଛାଡ଼ି କେବଳ ଭଦ୍ରକ ସହରରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସେମାନଙ୍କ ଲାଗି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାର ନିହାତି ଆବଶ୍ୟକତା ରହିଛି। ଏହାଛଡ଼ା ସହର ପରିକ୍ରମା କରିଥିବା ଉଭୟ ଜାତୀୟ ଓ ରାଜ୍ୟ ରାଜପଥ ସାଙ୍ଗକୁ ପୂର୍ବତଟ ରେଳପଥ ଯୋଗୁଁ ସହରବାସୀଙ୍କ ଲାଗି ଆପାତ୍‌କାଳୀନ ସ୍ୱାସ୍ଥ୍ୟସେବା ଲାଗି ଏକ ସିଟି ହସ୍ପିଟାଲର ଯଥେଷ୍ଟ ଆବଶ୍ୟକତା ରହିଛି। ତେବେ ପ୍ରତିକୂଳ ପରିସ୍ଥିତିକୁ ଏଡ଼େଇବା ଲାଗି ସରକାର ମେଡିକାଲ ସ୍ଥାନାନ୍ତର ପୂର୍ବରୁ ଅର୍ଥାତ ଗତ ଡିସେମ୍ବର ୨୦୨୫ରେ ପୁରୁଣା ଜିଲ୍ଲା ହସ୍ପିଟାଲକୁ ୧୦ ଶଯ୍ୟା ବିଶିଷ୍ଟ ଏକ ସାଟେଲାଇଟ୍ ହସ୍ପିଟାଲ ଘୋଷଣା କରିଥିଲେ। ସରକାରଙ୍କ ଏହି ଘୋଷଣାକୁ ସହରବାସୀ ସ୍ୱାଗତ କରିଥିଲେ। ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା ହେଲେ ମଧ୍ୟ ସହରବାସୀଙ୍କୁ ୨୪ ଘଣ୍ଟା ଆପାତ୍‌କାଳୀନ ସେବା ମିଳିବା ଆଶାରେ ଲୋକେ ଉତ୍ସାହିତ ହୋଇଥିଲେ। ତେବେ ସରକାରଙ୍କ ସାଟେଲାଇଟ୍ ହସ୍ପିଟାଲର ଅସଲ କରିବା ଏକ ଧୂଆଁବାଣ ଥିଲା। କାରଣ ପୁରୁଣା ମୁଖ୍ୟ ଚିକିତ୍ସାଳୟର ଅର୍ଦ୍ଧାଧିକ ଅଞ୍ଚଳକୁ ଜିଲ୍ଲା ପ୍ରଶାସନ ମାଡ଼ିବସିଥିବା ବେଳେ କେବଳ ପୁରୁଣା ହସ୍ପିଟାଲ ଆଉଟ୍‌ଡୋର୍‌ରେ ଚାଲିଛି କେବଳ ଚିକିତ୍ସା। ଜଣେ ଡେପୁଟେସନରେ ଥିବା ଜଣେ ଡାକ୍ତର ଏବଂ ଅନ୍ୟ ୩ ଜଣ ଷ୍ଟାଫ୍‌ଙ୍କୁ ନେଇ ଦିନରେ ମାତ୍ର ୬ ଘଣ୍ଟା କାର୍ଯ୍ୟକ୍ଷମ ରହିଛି ଏହି ହସ୍ପିଟାଲ। ସକାଳ ୮ଟାରୁ ଦିନ ୧୨ଟା ଓ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୋକଙ୍କୁ ଏହି ହସ୍ପିଟାଲ ସେବା ଉପଲବ୍ଧ ହେଉଛି। ପୁଣି ରବିବାର ଦିନ ଏହା ବନ୍ଦ।

ଅନ୍ୟପକ୍ଷରେ ଅସଲ କଥା ହେଲା ସରକାରଙ୍କ ଏହି ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା କଲେ ପ୍ରତିଦିନ ଜଣେ ଜଣେ ବିଶେଷଜ୍ଞ ଡାକ୍ତର ଚିକିତ୍ସା କରିବେ ଓ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ସହ ସ୍ଥାୟୀ ଷ୍ଟାଫ୍ ମଧ୍ୟ ନିଯୁକ୍ତି ପାଇବେ। ମାସରେ ଥରେ ସବୁ ବିଭାଗର ବିଶେଷଜ୍ଞ ଡାକ୍ତରମାନେ କ୍ୟାମ୍ପ୍ କରି ରୋଗୀ ସେବା କରିବେ। ସରକାର ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା କରିବାର ଘୋଷଣା କରି କେବଳ “ର’ “ଠ’ ଭାବେ ରୋଗୀ ସେବା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଭଦ୍ରକବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ସରକାରଙ୍କ ଏହା ଅଣଦେଖା ଭାବ ବୋଲି ସ୍ୱତଃ ପ୍ରମାଣିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆରମ୍ଭ କରି ସମଗ୍ର ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବଜନିତ ପରିସ୍ଥିତି ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟ ସେବାକୁ ଏକପ୍ରକାର ଅଚଳ କରି ଦେଇଥିବାବେଳେ ଭଦ୍ରକ ସହରବାସୀଙ୍କ ପାଇଁ ସରକାରଙ୍କ ଏହି ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା ନ ହେବା ନେଇ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭଦ୍ରକ ଜିଲ୍ଲା ମୁଖ୍ୟ ହସ୍ପିଟାଲ ସହିତ ୭ଟି ସିଏଚ୍‌ସି, ୫୪ଟି ପିଏଚ୍‌ସି ଏବଂ ଅନ୍ୟାନ୍ୟ ହସ୍ପିଟାଲକୁ ମିଶାଇ ସମଗ୍ର ଜିଲ୍ଲାରେ ୬୦ରୁ ଊର୍ଦ୍ଧ୍ୱ ସରକାରୀ ଡାକ୍ତରଖାନା ରହିଛି। ଯେଉଁଥିରେ ୩୮୦ ଅନୁମୋଦିତ ଡାକ୍ତର ପରିବର୍ତ୍ତେ ଅଛନ୍ତି ମାତ୍ର ୧୩୨ ଜଣ ଡାକ୍ତର। ସେହିଭଳି ଜିଲ୍ଲା ମୁଖ୍ୟ ହସ୍ପିଟାଲ ଲାଗି ୧୭୧ଟି ଅନୁମୋଦିତ ଡାକ୍ତର ପଦ ଥିବାବେଳେ ଅଛନ୍ତି ମାତ୍ର ୩୮ ଜଣ। ଡାକ୍ତରଙ୍କ ବିନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ପେରିଫେରି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ବିଗିଡ଼ିଥିବାବେଳେ ସହରବାସୀଙ୍କ ଲାଗି ସରକାରଙ୍କ ସାଟେଲାଇଟ୍ ହସ୍ପିଟାଲ ଘୋଷଣା ସମ୍ପୂର୍ଣ୍ଣ ଧୂଆଁବାଣ ବୋଲି ମତପ୍ରକାଶ ପାଇଛି।

## ସୟଦ ଗୋଲାମ ମହମ୍ମଦଙ୍କ ଦେହାନ୍ତର ଅର୍ଦ୍ଧବାର୍ଷିକୀରେ ଜଲ୍‌ସା

ଧାମନଗର,୨୪।୬(ସମିସ): ଧାମନଗର ଖାନ୍‌କା ସରିଫ୍ ପୀରବାବା ହଜରତ ମୁଜାହିଦ୍-ଏ-ମିଲ୍ଲତଙ୍କ ବଡ଼ ନାତି ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବି ପୂର୍ବତନ ମତ୍ୱଲ୍ଲି ଓ ସଜ୍ଜାଦା ନସିନ୍ ଖାନକା ସରିଫ ଧାମନଗରଙ୍କ ଦେହାନ୍ତର ଅର୍ଦ୍ଧବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ମଙ୍ଗଳବାର ପାଳନ କରାଯାଇଛି। ପୂର୍ବତନ ମତ୍ୱଲ୍ଲି ବାବାଙ୍କ ପୁଅ ବର୍ତ୍ତମାନ ମତ୍ୱଲ୍ଲି ଓ ସଜ୍ଜାଦା ନସିନ୍ ଖାନକା ସରିଫ ଧାମନଗର ସୟଦ ହବିବ ରଜା ହବିବିଙ୍କ ତତ୍ତ୍ୱାବଧାନରେ ବାବାଙ୍କ ବାସଭବନଠାରେ ଦେହାନ୍ତର ଅର୍ଦ୍ଧବାର୍ଷିକ ଉତ୍ସବ ପାଳନ ସହିତ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଫାତେହା ପରେ ଶ୍ରଦ୍ଧାଳୁମାନଙ୍କୁ ଲଙ୍ଗର ବଣ୍ଟନ କରାଯାଇଥିଲା। ବାବାଙ୍କ ଉଦ୍ଦେଶ୍ୟରେ ମୌଲବି, ମୌଲାନା, କବି, ସାଏରମାନଙ୍କ ଦ୍ୱାରା ଜଲସା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସୟଦ ଫାରୁକ ରଜା ହବିବି, ଏମ୍‌ଡି ଇସ୍ରାଇଲ ହବିବି, ସୟଦ ମୁସ୍ତାଫା ରଜା ହବିବି, ସୟଦ ହସ୍ନେନ ରଜା ହବିବି, ସେକ୍ ଗୋଲାମ ଅଲ୍ଲୀ ହବିବି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୂର୍ବତନ ମତ୍ୱଲ୍ଲି ବାବାଙ୍କ ସାନ ଭାଇ ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖାନକା ସରିଫ ପରିସରରେ ଅର୍ଦ୍ଧବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଧାମନଗର ଏନ୍‌ଏସି ଓ ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଥିବାବେଳେ ଖାନକା ସରିଫ ଭିତରେ ଏବଂ ବାହାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ଖାକସାରାନେ ହାକ୍‌ମାନଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ତଥା ବିଭିନ୍ନ ରାଜ୍ୟରୁ ହଜାର ହଜାର ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଧାମନଗର ଖାନକା ସରିଫଠାରେ ପହଞ୍ଚି ଚାଦର ଓ ଫୁଲ ଚଢ଼ାଇ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଅସ୍ଥାୟୀ କମିଟି ତରଫରୁ ସମସ୍ତଙ୍କ ପାଇଁ ଲଙ୍ଗର ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାତିରେ ଜଲସା ଅନୁଷ୍ଠିତ ହୋଇଥିଲା। ଜଲସା କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଆସିଥିବା ମୌଲବି, ମୌଲାନା, କବି ଓ ସାଏର ପ୍ରମୁଖ ଯୋଗଦେଇ ପୂର୍ବତନ ମତ୍ୱଲ୍ଲି ବାବାଙ୍କ କାର୍ଯ୍ୟଦକ୍ଷତା ଓ ତାଙ୍କ ଲୋକଙ୍କ ସହିତ ସୁସମ୍ପର୍କ ଏବଂ ତାଙ୍କ ଜୀବନି ଉପରେ ଜଲସାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନଙ୍କୁ ସୂଚନା ଦେଇଥିଲେ। ଏମ୍‌ଡି ଫଜଲେ ବାରି, ଏମ୍‌ଡି ଜୟନୁଲ ଆବେଦିନ, ଏମ୍‌ଡି ଇସ୍ଲାମୁଦ୍ଦିନ, ସେକ୍ ହଲିମ (କାନୁ), ସେକ୍ କଲ୍ଲୋ, ସେକ୍ ମୋହିଉଦ୍ଦିନ, ସେକ୍ ଇବ୍ରାହିମ (ହାତୀ), ମୀର ନୁର ମହମ୍ମଦ, ମୀର ନୁରୁଲ ଇସଲାମ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ମାଙ୍କଡ଼ କାମୁଡ଼ାରେ ୪ ଆହତ



ବାସୁଦେବପୁର,୨୪।୬(ସମିସ): ବାସୁଦେବପୁର ବ୍ଲକ୍‌ର ବିନାୟକପୁର ପଞ୍ଚାୟତରେ ବୃଦ୍ଧିପାଉଛି ମାଙ୍କଡ଼ ଉପଦ୍ରବ। ମାଙ୍କଡ଼ କାମୁଡ଼ାରେ ରକ୍ତାକ୍ତ ଅବସ୍ଥାରେ ୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିନାୟକପୁର ଗ୍ରାମର ଧରିତ୍ରୀ ବାରିକ ମନ୍ଦିର ପାଖରେ ପୂଜା ସାରି ଫେରୁଥିବାବେଳେ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେବାରୁ ଚିତ୍କାର ଛାଡ଼ିଥିଲେ। ଲୋକମାନେ ଦୌଡ଼ି ଆସିବାରୁ ଛାଡ଼ି ପଳାଇ ଯାଇଥିଲା। ପୂର୍ଣ୍ଣିମ ପ୍ରଣତୀ ସାଇକଲରେ ଘରକୁ ଫେରୁଥିବାବେଳେ ଆଙ୍କୁଡ଼ାଶୁଣୀ ମନ୍ଦିର ନିକଟରେ ମାଙ୍କଡ଼ ଗୋଡ଼କୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ତେଲିସାହିର ନିଶାକର ରଣାଙ୍କ ଗୋଡ଼କୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେଇଛି। ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥନାନ୍ତର କରାଯାଇଛି। ବେହେରାସାହିର ନିତ୍ୟାନନ୍ଦ ବେହେରାଙ୍କୁ ମାଙ୍କଡ଼ ଆକ୍ରମଣ କରି ରକ୍ତାକ୍ତ କରିଦେଇଛି। ମଙ୍ଗଳବାର ବିନାୟକପୁର ପଞ୍ଚାୟତର ୬ଜଣଙ୍କୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ଗୁରୁବାର ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଫିସ ଘେରଉ କରାଯିବ ବୋଲି ବିନାୟକପୁର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଦାଦାର ମାଡ଼ରେ ଝିଆରୀ ମୃତ



ଭଦ୍ରକ/ବାସୁଦେବୁପର,୨୪।୬(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରାଞ୍ଚଳର ଭୈରବପୁରଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଲୁଗା ଶୁଖାଇବା ପାଇଁ ପୋତିଥିବା ବାଉଁଶକୁ ନେଇ ଘଟିଛି ଏହି ଘଟଣା। ଦାଦା ପିଟିପିଟି ଝିଆରୀ ସସ୍ମିତା ପରିଡ଼ାଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗାଁର ରାଜକନିକା ଯଶିପୁର ଅଞ୍ଚଳର ସସ୍ମିତା ପରିଡ଼ା ସ୍ୱାମୀ ମରିଯିବା ପରେ ଝିଅକୁ ନେଇ ନିଜ ବାପଘର ବାସୁଦେବପୁର ପୌରାଞ୍ଚଳର ଭୈରବପୁରରେ ରାମଚନ୍ଦ୍ର ବାରିକଙ୍କ ଘରେ ଦୀର୍ଘଦିନ ଧରି ରହିଆସୁଥିଲେ। ବୁଧବାର ଅପରାହ୍ଣରେ ଲୁଗା ଶୁଖାଇବା ପାଇଁ ପଡ଼ୋଶୀ ଦାଦା ପ୍ରହଲ୍ଲାଦ ବାରିକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଝଗଡ଼ାରେ ପ୍ରହଲ୍ଲାଦ ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ସସ୍ମିତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ମୃତକଙ୍କ ଝିଅ ପ୍ରିୟଙ୍କା ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଚପାଇବା ପାଇଁ ଚାପ ପକାଉଥିବାର ଅଭିଯୋଗ ହୋଇଛି। ମାର୍‌ପିଟ୍‌ର ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ-୩୭୫/୨୬) ରୁଜୁ ହୋଇଛି। ଥାନାଧିକାରୀ ନିରୋଜ ସାମଲ ଘଟଣାର ତଦନ୍ତ କରୁଛନ୍ତି।

## ବିନା ସୂଚନାଫଳକରେ ଚାଲିଛି ନିମ୍ନମାନର ରାସ୍ତା କାମ



ବାସୁଦେବପୁର,୨୪।୬(ସମିସ): ବାସୁଦେବପୁର ବ୍ଲକ୍ ରାସ୍ତା କାମକୁ ନେଇ ଟଣାଓଟରା ଚାଲିଥିବାବେଳେ ରାତାରାତି ବିନା ଫଳକରେ କାମ ଚାଲିଛି। ବ୍ରାହ୍ମଣଗାଁ ପଞ୍ଚାୟତ ଛକ ରାସ୍ତାରୁ ଏଡତାଳ ମାଇନର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ ପୂର୍ବରୁ ସୂଚନାଫଳକ ନାହିଁ। ହେଲେ କଂକ୍ରିଟ୍ ରାସ୍ତାର ନିର୍ମାଣ କାମ ଆଗେଇ ଚାଲିଛି। ରାସ୍ତାର ଦୁଇ ପାର୍ଶ୍ୱ ୱାଲ୍‌ର ବ୍ୟବସ୍ଥା ଥିବାବେଳେ ବିନା ୱାଲ୍‌ରେ ଢଳେଇ ପକାଇ ରାସ୍ତାର ନିର୍ମାଣ କାମ କରୁଛନ୍ତି। ନିର୍ମାଣ ହୋଇଥିବା ରାସ୍ତାର ମେଷ୍ଟାଲ ଢଳେଇରେ ସିମେଣ୍ଟ ଅଂଶ କମ୍ ଥିବାରୁ ହାତ ମାରିଦେଲେ ଭାଙ୍ଗି ପଡୁଛି। ଅତି ନିମ୍ନମାନର କାମକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଆମର କାହାକୁ କାମ ଦିଆଯାଇ ନାହିଁ। ଯଦି କିଏ କାମ କରୁଥିବ ବିଲ୍ ହେବ ନାହିଁ। ପୂର୍ବରୁ ଏହି ପଞ୍ଚାୟତରେ ବିନା ଫଳକରେ ରାତିଅଧିଆ କାମ ହେଉଥିବାବେଳେ ଅଭିଯୋଗ ହୋଇଥିଲା।

### ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ମହିଳା ସାଂସ୍କୃତିକ ସଂଘ ପକ୍ଷରୁ ପ୍ରତିବାଦ ସଭା

ବାରିକପୁର,୨୪।୬(ସମିସ)




ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଭିଡ଼ ହିଂସା ଦିନକୁ ଦିନ ବୃଦ୍ଧି ହେଉଛି। ଜନସାଧାରଣ ଏକପ୍ରକାର ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ରାଜ୍ୟ ସରକାର ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବାରେ ବିଫଳ ହୋଇଛନ୍ତି। ଏନେଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ(ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ୍ ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶାଖାର ବରିଷ୍ଠ ସଦସ୍ୟା ସୁରମା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରତିବାଦ ସଭାରେ ରାଜ୍ୟ ଉପସଭାନେତ୍ରୀ ସୁଲୋଚନା ପ୍ରଧାନ ଓ ଜିଲ୍ଲାର ବରିଷ୍ଠ ସଭ୍ୟା ନନ୍ଦିନୀ ସାମଲ ଯୋଗଦେଇଥିଲେ। ସମ୍ପ୍ରତି ରାୟଗଡ଼ା ଜିଲ୍ଲା ଭଣ୍ଡାରିପଡ଼ାଠାରେ ଜଣେ ଅନ୍ୟ ରାଜ୍ୟର ଯୁବତୀଙ୍କ ଉପରେ ଅମାନବୀୟ ଭାବେ ଯେଉଁଭଳି ସଂଘବଦ୍ଧ ଆକ୍ରମଣ କରାଗଲା ତାହା ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ନିନ୍ଦନୀୟ ଅଟେ। ବିଶେଷ କରି ଯୁବତୀଙ୍କ ଉପରେ ହୋଇଥିବା ଯୌନ ନିର୍ଯାତନାକୁ ସଂଘ ଘୋର ପ୍ରତିବାଦ କରିଛି। ଏହାଦ୍ୱାରା ଓଡ଼ିଶାର ଛବି ମଳିନ ହୋଇଛି। ବିଜେପି ସରକାର ସମୟରେ ଏଭଳି ଘଟଣାମାନ ଘଟୁଥିବାବେଳେ ନାରୀମାନେ ଆଉ ସୁରକ୍ଷିତ ନାହାନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଭିଡ଼ ହିଂସା ଓ ଦୈନିକ ବିଭିନ୍ନ ସ୍ଥାନରେ ହତ୍ୟା ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏକପ୍ରକାର ଆଇନଶୃଙ୍ଖଳା ବିଗିଡ଼ି ଯାଇଥିବାବେଳେ ସରକାର ଏଥିରେ ସୁଧାର ଆଣିବା ସହିତ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ବିଡିଓଙ୍କ ଜରିଆରେ ସଂଘ ପକ୍ଷରୁ ସଦସ୍ୟାମାନେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପଠାଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମହିଳା ଯୋଗଦେଇ ପ୍ରତିବାଦ ଜଣାଇଥିଲେ।

## ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା


ଧାମନଗର,୨୪।୬(ସମିସ): ଧାମନଗର ଥାନା ପରିସରରେ ନୂତନ ଭାବେ ନିର୍ମିତ ଆଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ୩ଦିନିଆ ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଥିଲା। ଥାନାଧିକାରୀ ଶୁଭ୍ରଜିତ ଦାଶ ଓ ତାଙ୍କ ପତ୍ନୀ ରଶ୍ମିତା ଦାଶ କର୍ତ୍ତା ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ବାମନ ଚରଣ ତ୍ରିପାଠୀ ଓ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ସମସ୍ତ ବୈଦିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପିତାମ୍ବର ଅଗସ୍ତି, ଅଭୟ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବିପ୍ଳବ ପଣ୍ଡା ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ବିଜେଡି ନେତା ସଞ୍ଜୟ କୁମାର ଦାସ, ପ୍ରତାପ ସାମଲ, ସୁଶାନ୍ତ ରାଉତ, ନିତ୍ୟାନନ୍ଦ ଦାଶ, ସୂର୍ଯ୍ୟକାନ୍ତ ନାୟକ, ବିଜେପି ନେତା ଅଶୋକ ପୁହାଣ, ଅରବିନ୍ଦ ପତି, କୈଳାସ ଚନ୍ଦ୍ର ମହାପାତ୍ର, ମନୋଜ ମଲ୍ଲିକ, ପ୍ରୀତମ ଦାସ, ପ୍ରଫୁଲ୍ଲ ପାତ୍ର, କଂଗ୍ରେସ ନେତା ସଞ୍ଜୟ ମିଶ୍ର, ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଭଦ୍ରକ ଏଏସ୍‌ପି ଅରୂପ ଅଭିଷେକ ବେହେରା ଓ ଅଂଶୁମାନ ଦ୍ୱିବେଦୀ, ଯାଜପୁର ଏଏସ୍‌ପି ପୁଷ୍ପଲତା ବାରିକ, ଏସ୍‌ଡିପିଓ ବିଷ୍ଣୁଚରଣ ବାରିକ, ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନବିହାରୀ ଦିନ୍ଦା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଭଣ୍ଡାରିପୋଖରୀ ଆଇଆଇସି ରାଜଲକ୍ଷ୍ମୀ ନାୟକ, ପୁରୁଣା ବଜାର ଥାନା ଆଇଆଇସି ଏବଂ ସାଇବର ଥାନା ଅଧିକାରୀ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦି ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଆଇ ନାରାୟଣ ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏଏସ୍‌ଆଇ ସୁଜିତ ରାଉତ, ନରେନ୍ଦ୍ର ରାଉତ, କଳ୍ପନା ରାଉତ, ସୁନିତା ହେମ୍ବ୍ରମ, କନେଷ୍ଟବଳ ନୀଳମଣି ବିଳାସ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



### ୧୬ଟି ମୁଖ୍ୟ କାରଣକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆପତ୍ତି

# ପ୍ରସ୍ତାବିତ ବାରିପଦା କଳାବାଘ ସଫାରୀ ପ୍ରତିଷ୍ଠାରେ ବିଳମ୍ବ

ବାରିପଦା, ୨୪।୬(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ବିଶ୍ୱର ପ୍ରଥମ କଳା ବାଘ ବା ମେଲାନିଷ୍ଟିକ୍ ଟାଇଗର ସଫାରୀ ବାରିପଦା ନିକଟ ମଞ୍ଚାବନ୍ଧାରେ ପ୍ରତିଷ୍ଠା ପାଇଁ ୨୦୨୪ ଜାନୁଆରୀ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏସିଆର ଏକମାତ୍ର ସ୍ଥାନ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଥିବା କଳାବାଘ ସଫାରୀରେ ରଖାଗଲେ ପର୍ଯ୍ୟଟକଙ୍କ ସମାଗମ ହେବ। ତଦ୍ୱାରା ରାଜ୍ୟର ଆୟ ବଢ଼ିବା ସାଙ୍ଗକୁ ମୟୂରଭଞ୍ଜବାସୀଙ୍କ ରୋଜଗାର ବୃଦ୍ଧି ହେବ ବୋଲି ଶ୍ରୀ ପଟ୍ଟନାୟକ ଦୂରଦୃଷ୍ଟି ରଖି ଉପରୋକ୍ତ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଏନଟିସିଏର ବୈଷୟିକ କମିଟି ଇନ୍-ପ୍ରିନ୍ସିପଲ୍ ଅନୁମୋଦନ ଦେଇଥିଲା। ଏନଟିସିଏ ଦ୍ୱାରା ଗଠିତ ଏକ କମିଟି ସ୍ଥାନ ପରିଦର୍ଶନ କରି ଫିଜିବିଲିଟି ଷ୍ଟଡି କରିଥିଲେ। ପରେ ସେଣ୍ଟ୍ରାଲ୍ ଜୁ ଅଥରିଟି (ସିଜେଡଏ) ସମେତ ଅନ୍ୟାନ୍ୟ ଆଇନଗତ ଅନୁମୋଦନ ମିଳିଥିଲା। ପ୍ରସ୍ତାବିତ ସଫାରୀଟି ୨୦୦ ହେକ୍ଟର ଜମିରେ ସ୍ଥାପନ ନେଇ ବନ ବିଭାଗ ଜମି ଚିହ୍ନଟ କରି ରଖିଛି। ମୋଟ ୧୦୦ ହେକ୍ଟର ଜମି ସଫାରୀ ପାଇଁ ବ୍ୟବହୃତ ହେବ ଓ ବଳକା ଜମିରେ ଭେଟେନାରୀ କେୟାର୍ ଫେସିଲିଟି, ରେସ୍କ୍ୟୁ ସେଣ୍ଟର୍, କର୍ମଚାରୀ ଇନଫ୍ରାଷ୍ଟ୍ରକ୍‌ଚର୍ ଓ ପର୍ଯ୍ୟଟକ ସୁବିଧା ନିର୍ମାଣ ହେବ। ପ୍ରାରମ୍ଭରେ ୬ଟି ବାଘ (୪ଟି ମେଲାନିଷ୍ଟିକ୍ ଓ ଦୁଇଟି ଧଳା ବାଘ) ଛଡ଼ାଯିବ। ନନ୍ଦନକାନନ୍ ଜୁରୁ ତିନୋଟି ମେଲାନିଷ୍ଟିକ୍ ଓ ଦୁଇଟି ଧଳା ବାଘ ଆଣିବା ପରିକଳ୍ପନା ରହିଛି। ଆଉ ଏକ ମେଲାନିଷ୍ଟିକ୍ ବାଘ ରାଞ୍ଚିରୁ ଆଣିବାକୁ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ମଧ୍ୟରେ ଚୁକ୍ତି ମଧ୍ୟ ହୋଇଛି। ତଦନୁସାରେ ବନ ବିଭାଗ ଯୋଜନା କରୁଥିବାବେଳେ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଯୋଗୁଁ ପ୍ରକଳ୍ପ ଅଗ୍ରଗତିରେ ବିଳମ୍ବ ହେଉଛି।

ବାରିପଦା ସହର ଉପକଣ୍ଠ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ମାଞ୍ଚାବନ୍ଧା ସ୍ଥାନରେ ଏହି ସଫାରୀ ସ୍ଥାପନ ପାଇଁ ଓଡ଼ିଶା ବନ ବିଭାଗ, ଓଡ଼ିଶା ସରକାର, ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ଓ ସେଣ୍ଟ୍ରାଲ୍ ଜୁ ଅଥରିଟି ମଞ୍ଜୁର କରିସାରିଥିଲେ ମଧ୍ୟ ସୁପ୍ରିମକୋର୍ଟ ୧୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ହସ୍ତକ୍ଷେପ କରିଛନ୍ତି। ସୁପ୍ରିମକୋର୍ଟ ମାଷ୍ଟର୍ ପ୍ଲାନର ଡିଜାଇନରେ ଥିବା ଏହି ୧୬ଟି ବିଷୟକୁ ସୁଧାରିବା ପାଇଁ ସେଣ୍ଟ୍ରାଲ୍ ଜୁ ଅଥରିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁଁ ପ୍ରକଳ୍ପ ଅଗ୍ରଗତିର ବିଳମ୍ବିତ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚନ୍ଦ୍ର ଗୋଗିନେନି କହିଛନ୍ତି, ଜୁ' ଅଥରିଟି ପ୍ରସ୍ତାବିତ ଟାଇଗର୍ ସଫାରୀ ପ୍ରକଳ୍ପକୁ ସୁପ୍ରିମକୋର୍ଟ ଆଗରେ ଉପସ୍ଥାପନ କରିଥିଲେ। କୋର୍ଟ ପ୍ରକଳ୍ପର ଡିଜାଇନ ପରୀକ୍ଷଣ କରି ୧୬ଟି ବିଷୟରେ ହସ୍ତକ୍ଷେପ କରିଛନ୍ତି। ଏଥିଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବାରେ ବିଳମ୍ବ ହେଉଛି। ସୁପ୍ରିମକୋର୍ଟ ଓ ସେଣ୍ଟ୍ରାଲ୍ ଜୁ ଅଥରିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ବନ ବିଭାଗ ଏହି ୧୬ଟି ବିଷୟରେ ସୁଧାର କରିବ। ଏହି କାର୍ଯ୍ୟ ଜୁ ଡିଜାଇନର ଏକ୍ସପର୍ଟ୍ କମିଟି ଦ୍ୱାରା ସମ୍ପନ୍ନ ହେବ ବୋଲି ଆର୍‌ସିଏଫ୍ କହିଛନ୍ତି। ୬ ମାସ ପୂର୍ବେ ସୁପ୍ରିମକୋର୍ଟ ଏ ସମ୍ପର୍କରେ ଏକ ରାୟ ପ୍ରଦାନ କରିଥିଲେ। ଆମେ ଶୀଘ୍ର ଏକ କନ୍‌ସଲ୍ଟାଣ୍ଟ୍ ନିଯୁକ୍ତ କରିବୁ। ଯିଏ ଟାଇଗର୍ ସଫାରୀ ଡିଜାଇନରେ ବିଶେଷଜ୍ଞ। ସେ ଫାଇନାଲ୍ ଡିଜାଇନ୍ କରିବା ପରେ ଏହାକୁ ସୁପ୍ରିମ୍‌କୋର୍ଟ ଓ ଜୁ ଅଥରିଟି ଆଗରେ ପୁନଃ ଉପସ୍ଥାପନ କରାଯିବ ବୋଲି ଡ ଗୋଗିନେନି କହିଛନ୍ତି। ଏହି ପ୍ରକଳ୍ପ ସଫଳ ହେଲେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ମାଇଲ୍ ଖୁଣ୍ଟ ହେବ ଓ ବିରଳ ମେଲାନିଷ୍ଟିକ୍ ବାଘଙ୍କ ସଂରକ୍ଷଣରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ପରେ ହିଁ ପ୍ରକଳ୍ପର କାର୍ଯ୍ୟ ଆଗକୁ ବଢ଼ିପାରିବ।

## ୨୦୨୪ରେ ନବୀନ ପଟ୍ଟନାୟକ କରିଥିଲେ ଘୋଷଣା

# ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ



ତୁରୁମୁଙ୍ଗା, ୨୪।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟଲାଇଟ୍ ଦୁର୍ନୀତିର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ଭୁବନେଶ୍ୱରରୁ ଆସିଥିବା ୨ଟି ଭିଜିଲାନ୍ସ ଟିମ ପହଞ୍ଚି ସେନ୍ସର୍ ଲାଇଟ୍‌ର ତଦନ୍ତ ଆରମ୍ଭ କରିଛନ୍ତି। ୨୦୨୧- ୨୨ ଓ ୨୨-୨୩ ଆର୍ଥିକ ବର୍ଷରେ ଏଲଇଡି ଲାଇଟ ଲଗାଯିବାର ହୋଇଥିବା ଦୁର୍ନୀତିର ତଦନ୍ତ ହେଉଛି। ଏହି ଦୁଇଟି ବର୍ଷରେ ପଞ୍ଚାୟତର ୫ମ ଅର୍ଥ କମିଶନରୁ ଡିଆରଡିଏଙ୍କୁ ପ୍ରତି ପଞ୍ଚାୟତରୁ ୯୧ହଜାର ଲେଖାଏଁ ସେୟାର ନେଇ ଯାଜପୁରର ଏକ ଠିକାସଂସ୍ଥା ଦ୍ୱାରା ପ୍ରତି ପଞ୍ଚାୟତରେ ୧୦ଟି ଲେଖାଏ ଲାଇଟ୍ ଲଗାଇଥିଲା। ବୁଧବାର ଭୁବନେଶ୍ୱରରୁ ଆସିଥିବା ଏହି ୨ଟି ଟିମ ପାଟଣା ବ୍ଲକର ଏରେଣ୍ଡେଇ, ମୁଷାଖରୀ ପଞ୍ଚାୟତ ସମେତ ୬ଟି ପଞ୍ଚାୟତର ଗାଁ ବୁଲି ଯାଞ୍ଚ କରିଥିଲେ। ସାହାରପଡା ବ୍ଲକର ମଧ୍ୟ ୧୦ଟି ପଞ୍ଚାୟତରେ ଏହାର ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ବ୍ୟାପକ ଅନିୟମିତତା ଏବଂ ଟେଣ୍ଡର ନିର୍ଦ୍ଦେଶାବଳୀର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଶକ୍ତି ମିଟର, ୫୦୦ ମିଟର କେବୁଲ୍, ଏମସିସିବି, ଆଖି ହୁକ୍, ସସପେନସନ୍ କ୍ଲାମ୍ପ, ଡେଡ୍ ଆଣ୍ଡ କ୍ଲାମ୍ପ ଏବଂ ଫଟୋ ସ୍ୱିଚ୍ ଟାଇମର୍ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକର ସଂସ୍ଥାପନ ନକରିବା, ପ୍ରତ୍ୟେକ କ୍ଲଷ୍ଟର ପାଇଁ ୧୦ଟି ଏଲଇଡି ଲାଇଟ୍ ପାଇଁ ବିଲ୍ ଉଠାଣ ଏବଂ ନିର୍ବାହକଙ୍କ ଦ୍ୱାରା ସରକାରୀ ପାଣ୍ଠିର ଅପବ୍ୟବହାର କରାଯାଇଥିବାର ବୈଷୟିକ ତଦନ୍ତ ଏବଂ ଯାଞ୍ଚ କରାଯାଇଛି।

# ଶିକାବେଡ଼ାରେ ବିଡିଓଙ୍କ ଏସ୍‌ଆଇଆର୍ ଯାଞ୍ଚ



ଆନନ୍ଦପୁର, ୨୪।୬ (ସମିସ): ରାଜ୍ୟ ନିର୍ବାଚନ କମିସନଙ୍କ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟରେ କେବଳ ମତଦାତାଙ୍କ ପାଇଁ ଆରମ୍ଭ ହୋଇଥିବା ସଘନ ସଂଶୋଧ କାର୍ଯ୍ୟକ୍ରମ ଆନନ୍ଦପୁର ବ୍ଲକରେ ତ୍ୱରାନ୍ୱିତ ହୋଇଛି। ଏହାକୁ ଠିକ ଭାବେ କରାଯାଉଥିବା ନେଇ ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ଆଜି ଆଦିବାସୀ ଦୁର୍ଗମ ଇଲାକା ଶିକାବେଡା ଗ୍ରାମରେ ପହଞ୍ଚି ତଦାରଖ କରିଥିଲେ।

୮ ନମ୍ବର ବୁଥ୍ ବିଏଲଓ ସୁଦର ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଗାଁ ମଣ୍ଡପରେ ଶ୍ରୀ ମହାନ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ କ'ଣ ସେନେଇ ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ମୁଖ୍ୟତଃ ପୁରୁଣା ଭୋଟର ତାଲିକାରୁ ନକଲି ନାମ, ମୃତବ୍ୟକ୍ତିଙ୍କ ନାମ, ସ୍ଥାନାନ୍ତରିତ ମତଦାତା ସହିତ ତ୍ରୁଟିପୂର୍ଣ ତଥ୍ୟକୁ ବାଦଦେଇ ନୂତନ ତାଲିକାରେ ସଠିକ ଅଦ୍ୟତମ ତଥ୍ୟ, ପାରଦର୍ଶୀ ନିର୍ବାଚନ ପ୍ରକ୍ରିୟା, ସମସ୍ତ ଯୋଗ୍ୟ ମତଦାତାଙ୍କ ସମ୍ମିଳନୀ ଏବଂ ସୁଦୃଢ ଗଣତନ୍ତ୍ରକୁ ଯୋଡିବା ସଘନ ସଂଶୋଧନର ମୂଳଲକ୍ଷ୍ୟ ବୋଲି ଜନସାଧାରଣଙ୍କୁ ବୁଝାଇଥିଲେ।

# ଠିକାଦାରଙ୍କ ବେପରୁଆ କାମ ପାଇଁ ଗଲା ଶିଶୁର ଜୀବନ

କପ୍ତିପଦା/ଉଦଳା,୨୪।୬(ସମିସ): ରାସ୍ତା କାମ ବେଳେ ଗୋଟିଏ ଜାଗାକୁ ତାଡ଼ି ମାଟି ନେଇଗଲେ ଠିକାଦାର। ସେହି ତଡ଼ା ଯାଇଥିବା ଖାଲରେ ପଡ଼ି ଚାଲିଯାଇଛି ଶିଶୁର ଜୀବନ। ଏଭଳି ଘଟଣା ଘଟିଛି ଶରତ ଥାନା ବଣିଆଡିହ ଗ୍ରାମରେ। ଏହି ଗ୍ରାମର ମାନି ସିଂ ଓ ଦୈତାରୀ ସିଂ ୫ ବର୍ଷର ପୁଅ ସୁକୁରା ସିଂକୁ ଘରେ ଛାଡ଼ି କାମକୁ ଯାଇଥିଲେ। ସାଙ୍ଗମାନଙ୍କ ସହିତ ଖେଳିବା ସମୟରେ ଘର ପାଖରେ



ଥିବା ଏକ ଖାଲ ନିକଟକୁ ଚାଲିଯାଇଥିଲା ସୁକୁରା। ଠିକାଦାର ମାଟି ଉଠାଇ ଖାଲ କରିଥିବା ଉକ୍ତ ଜାଗାରେ ବର୍ଷା ପାଣି ଜମି ରହିଥିବାବେଳେ ସେହି ପାଣିରେ ସୁକୁରା ପଡ଼ିଯାଇ ବୁଡି ଯାଇଥିଲା। ପରେ ସାଙ୍ଗରେ ଖେଳୁଥିବା ଅନ୍ୟ ପିଲା ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକ ତାଙ୍କୁ ଖାଲ ଭିତର ପାଣିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ପୋଖରୀରେ ବୁଡ଼ି ନାବାଳକ ମୃତ

ଆନନ୍ଦପୁର, ୨୪।୬(ସମିସ): ହାତୀବନ୍ଧା ନିକଟସ୍ଥ ପାର୍କରେ ଖେଳୁଥିଲା ନାବାଳକ। ସାଙ୍ଗ କେହି ଡାକିଦେଲା ପୋଖରୀ ନିକଟକୁ। ଆଉ ସେହି ପୋଖରୀରେ ବୁଡି ଚାଲିଗଲା ଜୀବନ। ଏଭଳି ଅଘଟଣରେ ହାତୀବନ୍ଧା ଗାଁ ଶୋକାକୁଳ ହୋଇପଡିଛି। ମୃତ ନାବାଳକ ହେଉଛନ୍ତି ଗାଁର ରବୀନ୍ଦ୍ର ଜେନାଙ୍କ ପୁଅ ସ୍ମୃତିରଞ୍ଜନ। ଘରୁ ଖାଇ ସରିବା ପରେ ଖେଳିବାକୁ ଆସିଥିଲା ଗାଁ ପାର୍କକୁ। ସେଠାରେ ଖେଳୁଥିବା ସମୟରେ ଅନ୍ୟ ସାଙ୍ଗମାନଙ୍କ ସହିତ ପାର୍କକୁ ଲାଗିଥିବା ପୋଖରୀକୁ ଚାଲିଯାଇ ସେଇଠାରେ ବୁଡି ଯାଇଥିଲା। ଗାଁ ଲୋକେ ସେଠାରୁ ତାକୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଘଟଣାକୁ ନେଇ ମେଡିକାଲ ପରିସର ଶୋକାକୁଳ ହୋଇପଡିଛି।

# ଦାଦାର ମାଡ଼ରେ ଝିଆରୀ ମୃତ

ଭଦ୍ରକ/ବାସୁଦେବୁପର,୨୪।୬(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରାଞ୍ଚଳର ଭୈରବପୁର ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଲୁଗା ଶୁଖାଇବା ପାଇଁ ପୋତିଥିବା ବାଉଁଶକୁ ନେଇ ଘଟିଛି ଏହି ଘଟଣା। ଦାଦା ପିଟିପିଟି ଝିଆରୀ ସସ୍ମିତା ପରିଡ଼ାଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗାଁର ରାଜକନିକା ଯଶିପୁର ଅଞ୍ଚଳର ସସ୍ମିତା ପରିଡ଼ା ସ୍ୱାମୀ ମରିଯିବା ପରେ ଝିଅକୁ ନେଇ ନିଜ ବାପଘର ବାସୁଦେବପୁର ପୌରାଞ୍ଚଳର ଭୈରବପୁରରେ ରାମଚନ୍ଦ୍ର ବାରିକଙ୍କ ଘରେ ଦୀର୍ଘଦିନ ଧରି ରହିଆସୁଥିଲେ। ବୁଧବାର ଅପରାହ୍ଣରେ ଲୁଗା ଶୁଖାଇବା ପାଇଁ ପଡ଼ୋଶୀ ଦାଦା ପ୍ରହଲ୍ଲାଦ ବାରିକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଝଗଡ଼ାରେ ପ୍ରହଲ୍ଲାଦ ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ସସ୍ମିତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ମୃତକଙ୍କ ଝିଅ ପ୍ରିୟଙ୍କା ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଚପାଇବା ପାଇଁ ଚାପ ପକାଇଥିବାର ଅଭିଯୋଗ ହୋଇଛି। ମାର୍‌ପିଟ୍‌ର ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ-୩୭୫/୨୬) ରୁଜୁ ହୋଇଛି। ଥାନାଧିକାରୀ ନିରୋଜ ସାମଲ ଘଟଣାର ତଦନ୍ତ କରୁଛନ୍ତି।

# ପୂର୍ବ ସ୍ଥାନରେ ମଦ ଦୋକାନ ଖୋଲିବାକୁ ନୂଆ ଲିଜ୍‌ଧାରୀଙ୍କ ଉଦ୍ୟମ

ଆନନ୍ଦପୁର, ୨୪।୬ (ସମିସ): ଆନନ୍ଦପୁର ବ୍ରିଜଛକ ଗୋଲେଇର ରାସ୍ତାପାର୍ଶ୍ୱରେ ଦୀର୍ଘ ଦିନ ଧରି ଏକ ବିଦେଶୀ ମଦ ଦୋକାନ ଚାଲୁଛି। ଚଳିତ ମାସ ୩୦ତାରିଖରେ ଏହାର ଅବଧି ପୂରିବାକୁ ଥିବାବେଳେ ନୂତନ ଲିଜଧାରୀ ଏହି ମଦ ଦୋକାନକୁ ପୂର୍ବ ସ୍ଥାନରେ ପୁନର୍ବାର କାର୍ଯ୍ୟକାରୀ କରିବାକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ଏଥିପାଇଁ ଦୁଇ ଦିନ ହେବ ଲିଜଧାରୀଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ମାପଚୁପ କାର୍ଯ୍ୟ ଆରମ୍ଭ ହୋଇଛି। ବସ ଷ୍ଟପେଜ ଓ ବିଦ୍ୟାଳୟଠାରୁ ଏହାର ଦୂରତା କେତେ, ଜନବସତି ଓ କଲ୍ୟାଣମଣ୍ଡପଠାରୁ ଏହାର ଦୂରତା କେତେ ମାପଚୁପ କରାଯିବା ସହିତ କଳେବଳେ କୌଶଳେ ଏହି ବିଦେଶୀ ମଦ ଦୋକାନକୁ ପୂର୍ବ ସ୍ଥାନରେ ଖୋଲିବାକୁ ପ୍ରୟାସ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ପୂର୍ବତନ କାଉନସିଲର ମଦନ ପାଣି ଓ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଦ ଦୋକାନକୁ ସ୍ଥାନାନ୍ତର ଦାବିକରି ଉପଜିଲ୍ଲାପାଳଙ୍କୁ ପାଳଙ୍କୁ ଦାବିପତ୍ର ପ୍ରଦାନ ମଧ୍ୟ କରାଯାଇଛି। ଉପଜିଲ୍ଲାପାଳ ନୀଳମାଧବ ସୁନା ଅବକାରୀ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପୂର୍ବ ସ୍ଥାନରେ ମଦ ଦୋକାନକୁ ଖୋଲିବା ପାଇଁ ଲିଜଧାରୀଙ୍କ ପ୍ରୟାସ ଜାରି ରହିଥିବାରୁ ଆନ୍ଦୋଳନ ମୁଣ୍ଡ ଟେକୁଥିବା ଆଲୋଚନାରୁ ଜଣାଯାଇଛି।

## ଉପଜିଲ୍ଲାପାଳଙ୍କୁ ଦାବିପତ୍ର

# ବ୍ଲକ୍‌ସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ



ବିଶୋଇ,୨୪।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବିଶୋଇ ପଞ୍ଚାୟତ ସମିତିସ୍ତରୀୟ 'ବିକାଶ ଧାରା,ଓଡ଼ିଶା ସାରା' କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବ୍ଲକ ଭାରପ୍ରାପ୍ତ ବିଡିଓ ସୁମନରାଜ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ସିଡିପିଓ ବିଟୁ ଟୁଡୁ, ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି, ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ସମାଜସେବୀ ବନମାଳୀ ଗିରି, ଦୁର୍ଗାଚରଣ ପାଟବନ୍ଧା, ପ୍ରଭାତ ରଞ୍ଜନ ଗିରି, ରଘୁନନ୍ଦନ ମହନ୍ତ, ପଙ୍କଜ ପାତ୍ର, ମହିଳା ସମାଜସେବୀ ଜୟଶ୍ରୀ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ବିଡିଓ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଲୋକକଲ୍ୟାଣ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ସରକାରଙ୍କ ଦ୍ୱାରା ବିଭିନ୍ନ ବିକାଶମୁଖୀ ଯୋଜନାରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷକ, ଅନୁସୂଚିତ ଜାତି ଓ ଜନଜାତି ଓ ସୁଭଦ୍ରା ଯୋଜନାରେ କିପରି ରାଜ୍ୟରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ଆମ ଗାଁ ଆମ ବିକାଶ ଯୋଜନାରେ ଗ୍ରାମାଞ୍ଚଳର କିପିରି ବିକାଶ ହୋଇ ପାରିଛି, ସେନେଇ ସଞ୍ଜୀବ ମହାନ୍ତି ବକ୍ତବ୍ୟ ରଖିଥିଲେ। ପରେ ବ୍ଲକର ସମନ୍ୱିତ ଶିଶୁ ବିକାଶ, କୃଷି ବିଭାଗ ଓ ଅନ୍ୟ ବିଭାଗୀୟ ଅଧିକାରୀ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ ବିଶୋଇ ବ୍ଲକରେ ନୂତନ ଭାବେ ଧରଣୀଧର ଷ୍ଟାଡିୟମ, ବିଶୋଇ ବସଷ୍ଟାଣ୍ଡ, କଲ୍ୟାଣ ମଣ୍ଡପ, ସୁଭଦ୍ରା ଶକ୍ତି କେନ୍ଦ୍ର ଓ ରହଣି ସ୍ଥଳୀ ସ୍ଥାପନ ସହିତ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସର୍ବାଙ୍ଗୀନ ରୂପାନ୍ତରିକରଣ ଘଟି ବ୍ଲକର ସର୍ବାଙ୍ଗୀନ ବିକାଶରେ ଅଂଶୀଦାର ହେବ ବୋଲି ବିଡ଼ିଓ ସୂଚନା ଦେଇଥିଲେ। ଆଗାମୀ ୩ ଦିନ ଧରି ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତି ଜନଜାତି ସମ୍ବାଦ ବୈଠକ, କୃଷକ ସମ୍ବାଦ ଓ ସ୍ୱାବଲମ୍ବୀ ଯୁବ- ସମୃଦ୍ଧ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବ। ଏ ଅବସରରେ ବିଶୋଇ ଓ ଯୋଡ଼ିଆ ପଞ୍ଚାୟତର ୧୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରାଯାଇଛି। ବ୍ଲକର ଦଶମ ଶ୍ରେଣୀ ମ୍ୟାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଶୋଇ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ସୁନାରାମ ମୁର୍ମୁ ଓ ସେଲାଇ ପୂର୍ତ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶୌଚାଳୟରୁ ନାଗୁଣୀ ସହ ୨୮ ଟି ନାଗ ଛୁଆ ଉଦ୍ଧାର

ଭଦ୍ରକ/ବନ୍ତ/ଆଗରପଡ଼ା,୨୪।୬(ସମିସ): ଶୌଚାଳୟ ଭିତରୁ ଗୋଟିଏ ବଡ଼ ନାଗ ସହିତ ୨୮ ଟି ନାଗ ସାପ ଛୁଆ ଉଦ୍ଧାର ହୋଇଛି। ଭଦ୍ରକ ଜିଲ୍ଲା ବନ୍ତ ଥାନା ଗୋବିନ୍ଦପୁର ପଞ୍ଚାୟତ ତରାଗୋ ନାୟକ ସାହିର ସୁରେନ୍ଦ୍ର ସାମଲଙ୍କ ଘର ବାହାରେ ଥିବା ଶୌଚାଳୟ ଭିତରୁ ଏହିସବୁ ନାଗ ସାପକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସାପ ଧରାଳି ମିର୍ଜା ଆରିଫ୍ ସାପଗୁଡ଼ିକୁ କୌଶଳ କ୍ରମେ ଉଦ୍ଧାର କରିଛନ୍ତି। ବୁଧବାର ସୁରେନ୍ଦ୍ରେ ଶୌଚ ହେବାକୁ ଯାଇଥିଲାବେଳେ ଶୌଚାଳୟ ଭିତରେ ସାପ ଦେଖି ତୁରନ୍ତ ସାପ ଧରାଳି ମିର୍ଜା ଆରିଫଙ୍କୁ ଖବର ଦେଇଥିଲେ। ମିର୍ଜା ଘଟଣାସ୍ଥଳରେ ପହଞ୍ଚି ନାଗୁଣୀ ସହିତ ୨୮ ଟି ନାଗ ଛୁଆଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ହଦଗଡ଼ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

# ମାଙ୍କଡ଼ କାମୁଡ଼ାରେ ୪ ଆହତ

ବାସୁଦେବପୁର,୨୪।୬(ସମିସ): ବାସୁଦେବପୁର ବ୍ଲକ୍‌ର ବିନାୟକପୁର ପଞ୍ଚାୟତରେ ମାଙ୍କଡ଼ କାମୁଡ଼ାରେ ୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିନାୟକପୁର ଗ୍ରାମର ଧରିତ୍ରୀ ବାରିକ ମନ୍ଦିର ପାଖରେ ପୂଜା ସାରି ଫେରୁଥିବାବେଳେ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେବାରୁ ଚିତ୍କାର ଛାଡ଼ିଥିଲେ। ଲୋକମାନେ ଦୌଡ଼ି ଆସିବାରୁ ଛାଡ଼ି ପଳାଇ ଯାଇଥିଲା। ପୂର୍ଣ୍ଣମ ପ୍ରଣତୀ ସାଇକଲରେ ଘରକୁ ଫେରୁଥିବାବେଳେ ଆଙ୍କୁଡ଼ାଶୁଣୀ ମନ୍ଦିର ନିକଟରେ ମାଙ୍କଡ଼ ଗୋଡ଼କୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ତେଲିସାହିର ନିଶାକର ରଣାଙ୍କ ଗୋଡ଼କୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେଇଛି। ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥନାନ୍ତର କରାଯାଇଛି। ବେହେରାସାହିର ନିତ୍ୟାନନ୍ଦ ବେହେରାଙ୍କୁ ମାଙ୍କଡ଼ ଆକ୍ରମଣ କରି ରକ୍ତାକ୍ତ କରିଦେଇଛି। ମଙ୍ଗଳବାର ବିନାୟକପୁର ପଞ୍ଚାୟତର ୬ଜଣଙ୍କୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ଗୁରୁବାର ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଫିସ ଘେରଉ କରାଯିବ ବୋଲି ବିନାୟକପୁର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଗୋପବନ୍ଧୁନଗର ବ୍ଲକ୍‌ରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

କୁଆମରା,୨୪।୬(ସମିସ): ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ତଥା କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ପରିପ୍ରେକ୍ଷୀରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଗୋପବନ୍ଧୁନଗର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚାରିଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓ ଶିଳ୍ପ ପ୍ରତିଷ୍ଠାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମର ଅତିଥି ଭାବେ ବ୍ଲକ ଶିଳ୍ପ ଅଧିକାରୀ ଆଲୋକ ରଂଜନ ନାୟକ, ଏବିଡିଓ ବିଘ୍ନେଶ ବେହେରା, ବିଏଫ୍‌ଓ ହିରାଲାଲ ନାଏକ, ଆଇପିଓ ଆଲୋକ ନାୟକ, ଜିଲ୍ଲା ନିଯୁକ୍ତି ଅଫିସର ପାରଶ ମଣି ମହାନ୍ତ ପ୍ରମୁଖ ଯୋଗଦେଇ ନିଜ ମାଟିର ବିକାଶ ସହ ଓଡ଼ିଶାର ବିକାଶ ଦିଗରେ ଧ୍ୟାନ ଦେବା କୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ସରକାରଙ୍କ ଦୁଇ ବର୍ଷର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବଖାଣିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ ପ୍ରତିଷ୍ଠାର ବିଭିନ୍ନ ଦିଗ ଓ ସରକାରଙ୍କ ଋଣ ଯୋଗାଇଦେବା ସଂପର୍କରେ ବୁଝାଇବା ସହ ନିଜେ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ପ୍ରତିନିଧି, ବେକାର ଯୁବକଯୁବତୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଏସିଆନ୍ ଚାମ୍ପିଅନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ ଉମାବତୀ




କରଞ୍ଜିଆ,୨୪।୬(ସମିସ)

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ କରାଟେ ଏକାଡେମୀର ପ୍ରତିଭାବାନ କରାଟେ ଖେଳାଳି ଉମାବତୀ ପାତ୍ର ପୁଣିଥରେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ନିଜର ନିଷ୍ଠା, ପରିଶ୍ରମ ଓ ଦକ୍ଷତା ବଳରେ ସେ ଆସନ୍ତା ଜୁଲାଇ ୧୫ ତାରିଖରେ ଭିଏତନାମରେ ଆୟୋଜିତ ହେବାକୁ ଥିବା ଦଶମ ଏସିଆନ୍ କରାଟେ ଚାମ୍ପିଅନସିପ୍‌ରେ ଜାତୀୟ ଦଳ ପକ୍ଷରୁ ଅଂଶଗ୍ରହଣ କରିବେ। ଏହି ସଫଳତା କରଞ୍ଜିଆ ଅଞ୍ଚଳ ସହିତ ସମଗ୍ର ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି। ଉମାବତୀଙ୍କ କ୍ରୀଡ଼ା ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟକ। ୨୦୨୩ରେ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସେ ଉତ୍କୃଷ୍ଟ ପ୍ରଦର୍ଶନ କରି କାଂସ୍ୟ ପଦକ ହାସଲ କରିଥିଲେ। ଏହା ତାଙ୍କ କ୍ୟାରିୟରର ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ଥିଲା। ପରବର୍ତ୍ତୀ ସମୟରେ ୨୦୨୪ରେ ଦାମନ ଓ ଡିଉରେ ଆୟୋଜିତ କରାଟେ ଚାମ୍ପିଅନସିପ୍‌ରେ ସେ କୋଚ୍ ଭାବେ ଯୋଗଦେଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ ଓ ସେଠାରେ ସୁନାମ ଅର୍ଜନ କରିଥିଲେ। ସେହି ବର୍ଷ ଭୁବନେଶ୍ୱରରେ ଆୟୋଜିତ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାରତ ପାଇଁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଦେଶର ଗୌରବ ବୃଦ୍ଧି କରିଥିଲେ। ସେହିପରି ୨୦୨୫ରେ ଜାମ୍ମୁ ଓ କାଶ୍ମୀରରେ ଆୟୋଜିତ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ମଧ୍ୟ ଉମାବତୀ ଉଲ୍ଲେଖନୀୟ ପ୍ରଦର୍ଶନ କରି କାଂସ୍ୟ ପଦକ ହାସଲ କରିଥିଲେ। ତାଙ୍କର ଏହି ଧାରାବାହିକ ସଫଳତା ତାଙ୍କୁ ଜାତୀୟ ସ୍ତରରେ ଜଣେ ଦକ୍ଷ ଓ ସମ୍ଭାବନାମୟ କରାଟେ ଖେଳାଳି ଭାବେ ପରିଚିତ କରାଇଛି।ବର୍ତ୍ତମାନ ଭିଏତନାମରେ ଆୟୋଜିତ ହେବାକୁ ଥିବା ଦଶମ ଏସିଆନ୍ କରାଟେ ଚାମ୍ପିୟନସିପ୍‌ରେ ଭାରତୀୟ ଦଳର ସଦସ୍ୟ ଭାବେ ଚୟନ ହେବା ତାଙ୍କ କ୍ରୀଡ଼ା ଜୀବନର ଆଉ ଏକ ବଡ଼ ସଫଳତା। ଏହି ଅବସରରେ କରଞ୍ଜିଆ କରାଟେ ଏକାଡେମୀ, କ୍ରୀଡ଼ାପ୍ରେମୀ ଓ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନ୍ତର୍ଜାତୀୟ ମଞ୍ଚରେ ଭାରତ ପାଇଁ ସଫଳତା ଆଣିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଉମାବତୀଙ୍କ ଏହି ସଫଳତା ଆଗାମୀ ପିଢ଼ିର କ୍ରୀଡ଼ାବିତ୍‌ଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାର ଉତ୍ସ ହୋଇ ରହିବ।

### ପାନୀୟଜଳ ଯୋଗାଣ ଦାବିରେ ଗାର୍ଦ୍ଦିସାହି ବାସିନ୍ଦାଙ୍କ ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ

# ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା; କାର୍ଯ୍ୟ ବାଧାପ୍ରାପ୍ତ

ଶରତ/କପ୍ତିପଦା, ୨୪।୬(ସମିସ)

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ୫ ନମ୍ବର ୱାର୍ଡ ଗାର୍ଦ୍ଦିସାହି ବାସିନ୍ଦା ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମବାସୀ ଗ୍ରାମରୁ ୧ କିଲୋ ମିଟର ଦୂରରେ ଥିବା ନଳକୂପରୁ ପାଣି ଆଣୁଛନ୍ତି। ଗ୍ରାମର ପାନୀୟଜଳ ସମସ୍ୟାର ସମାଧାନ କରାଯିବା ଦାବିରେ ଗ୍ରାମବାସୀ ଆଜି ରାଣୀପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିବାରୁ ରାଣୀପୋଖରୀ-ଶରତ-କପ୍ତିପଦା ମୁଖ୍ୟ ରାସ୍ତାକୁ ସକାଳ ପ୍ରାୟ ୬ଟାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିବା ଫଳରେ ଯାତାୟତ ଠପ୍ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ବ୍ଲକ କାର୍ଯ୍ୟାଳୟ କପ୍ତିପଦାରୁ ରାଣୀପୋଖରୀ ସର୍ଦ୍ଦୁସାହି ପର୍ଯ୍ୟନ୍ତ ଆସୁଥିବା ଦୈନିକ ମୁଖ୍ୟମନ୍ତ୍ରୀ ବସ୍ ଅଟକି ରହିଥିଲା। ରାସ୍ତା ଅବରୋଧ ହେବା କାରଣରୁ ବାଟରେ ଯାଉଥିବା ଯାତ୍ରୀ ଅଟକି



**ରାଣୀପୋଖରୀ-ଶରତ-କପ୍ତିପଦା ରାସ୍ତାରେ ବସ୍ ସେବା ଠପ୍**

ରହିଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନ ଚାଲୁଥିବା ସମୟରେ ବିଳମ୍ବରେ ରାଣୀପୋଖରୀ ପଞ୍ଚାୟତ ସରପଞ୍ଚ ଭଞ୍ଜ ସିଂ ବାର୍ଦା ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନ ତୀବ୍ରତର ହେବା ଦେଖିବାକୁ ମିଳିଥିଲା। ଏମିତିକି ଆନ୍ଦୋଳନକାରୀ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ପଞ୍ଚାୟତ କାର୍ଯ୍ୟା ବାଧାପ୍ରାପ୍ତ ହୋଇଥିଲା। ଗାର୍ଦ୍ଦିସାହି ଗ୍ରାମର ଯୁବ ସମାଜସେବୀ ଲୁଖିରାମ ଶୁଣ୍ଡି ଓ ଜାମାଦାର ବାଲମୁରୁଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ଗଣଧାରଣାରେ ସିମାଲ ହେମ୍ବ୍ରମ, ଲକ୍ଷ୍ମୀଆ ପୂର୍ତ୍ତି, ନାରା ବୁଳିଉଲି, ଗାମାଏ ରିମିଲ ସିଂ ଗୋଇପାଇ ଓ ଶୁକୁଲାଲ ଶୁଣ୍ଡିଙ୍କ ସମେତ ଗ୍ରାମର ଶତାଧିକ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଗ୍ରାମରେ ଅଚଳ ହୋଇପଡ଼ିଥିବା ମୋଟର ପମ୍ପ ସଜାଡ଼ିବା ନିମନ୍ତେ ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରି ପାନୀୟଜଳ ସମସ୍ୟା ସମାଧାନ କରିବା ପାଇଁ ସରପଞ୍ଚ ଭଞ୍ଜ ସିଂ ବାର୍ଦା ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ଫଳରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଲୁଖିରାମ ଶୁଣ୍ଡି କହିଛନ୍ତି, ସମସ୍ୟାର ସମାଧାନ କରା ନ ଗଲେ ଗ୍ରାମର ଆବାଳ ବୃଦ୍ଧବନିତା ଆଗାମୀ ଦିନରେ କପ୍ତିପଦା ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ରାଣୀପୋଖରୀ ପଞ୍ଚାୟତ ଗାର୍ଦ୍ଦିସାହି ବାସିନ୍ଦାଙ୍କ ପାନୀୟଜଳ ସମସ୍ୟା ସମାଧାନ ଦାବିରେ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି କିଭଳି ଭାବେ ସମାଧାନ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ଗୋଲେଇ ଛକରୁ ରଥଦାଣ୍ଡ ନୂତନ ବସ୍‌ଷ୍ଟାଣ୍ଡ ରାସ୍ତାର ଶିଳାନ୍ୟାସ

କପ୍ତିପଦା, ୨୪।୬ (ସମିସ): ପୂର୍ତ୍ତ ବିଭାଗ ପକ୍ଷରୁ ଏସ୍‌ଏନ୍‌କେବିୟୁବିଏମ୍ ରାଜ୍ୟ ରାଜପଥ ଗୋଲେଇ ଛକଠାରୁ ରଥଦାଣ୍ଡ ଓ ନୂତନ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଉଦଳା ନିର୍ବାଚନମଣ୍ଡଳୀର ଅଧ୍ୟକ୍ଷ ଭାସ୍କର ମଢ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର କିଷାନ, ବଜାର କମିଟି ସଭାପତି ସୁବାସ ଚନ୍ଦ୍ର ସାଏ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ



ବେହେରା, ପ୍ରବୀର ଚନ୍ଦ୍ର ସାଏ, ନଳିନୀପ୍ରଭା ସିଂ, କପ୍ତିପଦା ମଣ୍ଡଳ ସଭାପତି ସୁମନ୍ତ ରାଉଳ, ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ, ବଜାର କମିଟି ସମ୍ପାଦକ କ୍ଷୀତିଶ ପାତ୍ର ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ୧.୩୨୫ କିମି ରାସ୍ତା ପାଇଁ ୫ କୋଟି ୩ ଲକ୍ଷ ୫୭ ହଜାର ୯୪୮ ଟଙ୍କା ବ୍ୟୟବରାଦ ହୋଇଥିବା କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ଦାସ ପ୍ରକାଶ କରିଛନ୍ତି। ଇସିକା କନ୍‌ଷ୍ଟ୍ରକସନ୍ ଏହି କାର୍ଯ୍ୟ ପାଇଁ ଟେଣ୍ଡର ନେଇଥିବା ଜାଣିବାକୁ ମିଳିଛି।

## ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ

ରାସଗୋବିନ୍ଦପୁର, ୨୪।୬(ସମିସ): ରାସଗୋବିନ୍ଦପୁର ଅଞ୍ଚଳରେ ଜଣେ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହୃଦଘାତରେ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ମୃତକ ସଚିନ୍ଦ୍ର ଘୋଷ ଓରଫ କାଲା। ସବୁଦିନ ଭଳି ବୁଧବାର ଦ୍ୱିପ୍ରହରରେ ଖାଇସାରି ସ୍ଥାନୀୟ କ୍ଲବ ଘରକୁ ତାସ ଖେଳିବା ପାଇଁ ଯାଇଥିଲେ। ତାସ ଖେଳୁଥିବାବେଳେ ପରିସ୍ରା କରିବା ପାଇଁ ଉଠିଥିଲେ। ହେଲେ ହଠାତ୍ ସେ ଓଲଟି ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଲୋକମାନେ ତାଙ୍କୁ ଉଦ୍ଧାର କରି ରାସଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ● ସ୍ୱଚ୍ଛତା ଓ ସବୁଜିମାରେ ମୟୂରଭଞ୍ଜ ଜିଲ୍ଲା ସ୍କୁଲକୁ ସଫଳତା

# ସ୍ୱଚ୍ଛତା ପାଇଁ ଖଇରୀବଣି ଆଶ୍ରମ ସ୍କୁଲକୁ ଜାତୀୟ ମାନ୍ୟତା

ବୈଶିଙ୍ଗା, ୨୪।୬(ସମିସ): ଭାରତ ସରକାରଙ୍କ ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ମୂଲ୍ୟାଙ୍କନ (ଏ ସ୍ ଏ ଚ୍ ଭି ଆ ର) ୨୦୨୫-୨୬ ଅନ୍ତର୍ଗତ ଓଡ଼ିଶାର ୧୦ଟି ବିଦ୍ୟାଳୟ



**ରାଜ୍ୟର ୧୦ଟି ବିଦ୍ୟାଳୟ ମଧ୍ୟରେ ଶୀର୍ଷରେ**

ଜାତୀୟସ୍ତରୀୟ ସ୍ୱୀକୃତି ପାଇବାକୁ ମନୋନୀତ ହୋଇଛନ୍ତି। ଯେଉଁଥିରେ ମୟୂରଭଞ୍ଜ ଜିଲ୍ଲାର ସ୍କୁଲ ରାଜ୍ୟର ୧୦ଟି ସ୍କୁଲ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଟେକ ରଖିଛି। ଏହି ସ୍କୁଲଟି ହେଉଛି ବେତନଟି ବ୍ଲକ ଅନ୍ତର୍ଗତ ବୈଶିଙ୍ଗାସ୍ଥ ଖଇରୀବଣି ଆଶ୍ରମ ବିଦ୍ୟାଳୟ। ପରିମଳ ଓ ପରିଚ୍ଛନ୍ନତା, ନିରାପଦ ପାନୀୟଜଳ, ସବୁଜ ପରିବେଶ, ଜୈବ ବିବିଧତା ଓ ବର୍ଜ୍ୟବସ୍ତୁ ପରିଚାଳନା ଭଳି ମାନଦଣ୍ଡରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଏହି ବିଦ୍ୟାଳୟ ଶୀର୍ଷ ସ୍ଥାନ ଅଧିକାର କରିଛି।

ଭାରତ ସରକାରଙ୍କ ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଥିବା ୧୦ଟି ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଓଡ଼ିଶାର ପ୍ରାୟ ୨୦ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା। ଯେଉଁଥିରୁ ୧୦ଟି ବିଦ୍ୟାଳୟକୁ ଏସ୍‌ଏଚ୍‌ଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଓ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି। ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ମୁଖ୍ୟତଃ ପରିମଳ ଓ ପରିଚ୍ଛନ୍ନତା, ନିରାପଦ ପାନୀୟଜଳର ଉପଲବ୍ଧତା, ସବୁଜିମା ଓ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ ହୋଇଛି। ଯେଉଁଥିରେ କି ଖଇରିବଣି ଆଶ୍ରମ ସରକାରୀ ସ୍କୁଲ ୯୬.୮ ପ୍ରତିଶତ ସ୍କୋର୍ ରଖି ଶୀର୍ଷ ସ୍ଥାନ ହାସଲ କରିଛି। ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସ ଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ। ଏହି ଜାତୀୟ ସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି, ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟ ସ୍ତରରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାରେ ମୟୂରଭଞ୍ଜ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ଭାବେ ଉଭା ହେବ। ଜାତୀୟ ସ୍ତରରେ ୨୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏସଏଚ୍‌ଭିଆର ୨୦୨୫-୨୬ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଓ ତିନିଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ବୋଲି ସୂଚନା ମିଳିଛି।

# ଇନରହୁଇଲ କ୍ଲବ୍ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ବାରିପଦା, ୨୪।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ କକ୍ଷରେ ଏକ ଜନକଲ୍ୟାଣକାରୀ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି। ଇନରହୁଇଲ କ୍ଲବ୍, ବାରିପଦା ଆନୁକୂଲ୍ୟରେ ଓ ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ସାଇ ହସ୍‌ପିଟାଲର ବୈଷୟିକ ସହଯୋଗିତାରେ ଏହି




ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଇନରହୁଇଲ୍ କ୍ଲବ୍‌ର ସଭାପତି ପାର୍ବତୀ ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ବହୁ ବରିଷ୍ଠ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ପ୍ରଭାତୀ ମହାପାତ୍ର, ସଂଯୁକ୍ତା ଦାଶ, ସୁମନ ଅଗ୍ରୱାଲ, କବିତା ଦାସ, ସମ୍ପାଦିକା ଗୀତାଞ୍ଜଳି ମହାପାତ୍ର, ନର୍ମଦା ନାୟକ, ସ୍ୱପ୍ନା ଦାଶ, ପ୍ରଣତୀ ଦାସ ଓ ଉପସଭାପତି ସୁପ୍ରୀତି ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ସାଇ ହସ୍ପିଟାଲର ପ୍ରତିଷ୍ଠାତା ଡ. ଲକ୍ଷ୍ମୀକାନ୍ତ ପତିଙ୍କ ନିର୍ଦ୍ଦେଶକ୍ରମେ ସାଇ ହସ୍ପିଟାଲର କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ ଇନଚାର୍ଜ ଡ. ଐଶ୍ୱର୍ଯ୍ୟରାଜ ପତିଙ୍କ ନେତୃତ୍ୱରେ ଏକ ୭ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ଶିବିରରେ ଯୋଗଦେଇ ଆଧୁନିକ ଯନ୍ତ୍ରପାତି ସହାୟତାରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଉପଚାର ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ଚିକିତ୍ସା ଶିବିରରେ ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ସଭାପତି ଜ୍ୟୋତି ପ୍ରକାଶ ରଥ, ଉପସଭାପତି ସତ୍ୟବ୍ରତ ଦାସ, ସାଧାରଣ ସମ୍ପାଦକ ବିପ୍ଳବ ବାରିକଙ୍କ ସମେତ ସଂଘର ଶତାଧିକ ସଦସ୍ୟ ଓ ଆଇନଜୀବୀ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ସାଇ ହସ୍ପିଟାଲ୍‌ର ଚକ୍ଷୁ ବିଭାଗ ପ୍ରବନ୍ଧକ ପରିତୋଷ ଦାସ ଏବଂ ଅନ୍ୟାନ୍ୟ ପାରାମେଡିକାଲ୍ କର୍ମଚାରୀ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଓକିଲ ସଙ୍ଘ ସଭାପତି ଶ୍ରୀ ରଥ ଏହି ଶିବିର ପାଇଁ ଶୁଭେଚ୍ଛା ଓ ସାଧୁବାଦ ଦେବା ସହ ଜିଲ୍ଲାର ଯେକୌଣସି ସ୍ଥାନରୁ କୌଣସି ବି ଚକ୍ଷୁ ରୋଗୀ ନିଃଶୁଳ୍କରେ ନିଜ ଚିକିତ୍ସା ପାଇଁ ସାଇ ହସ୍ପିଟାଲ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆୟୁଷ୍ମାନ ଆରୋଗ୍ୟ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ପ୍ରଚାର ପ୍ରସାର ସହ କିଭଳି ଭାବେ ଯୋଜନାର ଲାଭାର୍ଥୀ ସ୍ୱାସ୍ଥ୍ୟ ସେବାରେ ସମ୍ପୂର୍ଣ୍ଣ ଲାଭ ଉଠାଇପାରିବେ, ସେ ନେଇ ସାଇ ହସ୍ପିଟାଲ ସର୍ବଦା ତତ୍ପର ବୋଲି ପ୍ରକାଶ କରିଛନ୍ତି ସାଇ ହସ୍ପିଟାଲର ମାର୍କେଟିଂ ହେଡ୍ ସଞ୍ଜୀବ ସାଏ। ସମାଜର ବିଭିନ୍ନ ବର୍ଗଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଇନରହୁଇଲ୍ କ୍ଲବ୍ ଓ ସାଇ ହସ୍ପିଟାଲ୍‌ର ଏହି ମିଳିତ ସାମାଜିକ ପ୍ରୟାସକୁ ଆଇନଜୀବୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ବିଜେପି କାର୍ଯ୍ୟାଳୟରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି




ବେତନଟୀ, ୨୪।୬(ସମିସ): ଦୀର୍ଘ ୪୦ ବର୍ଷ ଧରି ହାଟ ଛକସ୍ଥ ବିଜେପି କାର୍ଯ୍ୟାଳୟରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଓ ପ୍ରସିଦ୍ଧ ରାଷ୍ଟ୍ରବାଦୀ ନେତା ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି ବା ବଳିଦାନ ଦିବସ ଶ୍ରଦ୍ଧା ଓ ସମ୍ମାନର ସହ ପାଳନ କରାଯାଉଛି। ଏହି ସ୍ମୃତି ସଭାରେ ବିଜେପି ଜିଲ୍ଲା ଉପସଭାପତି ରାଜିଶୋର ଶାହା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ପରିଡ଼ା ଯୋଗଦେଇ ଡଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଜାତୀୟ ଏକତା, ଏକ ସମ୍ବିଧାନ ଓ ଏକ ପତାକା ପାଇଁ କରିଥିବା ଅବଦାନ ସହ ଆର୍ଟିକଲ୍ ୩୭୦କୁ ବିରୋଧ ଓ ଦେଶର ଅଖଣ୍ଡତା ପାଇଁ ତାଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତପନ କୁମାର ପରିଡ଼ା, ସୁନୀଲ ଖଣ୍ଡେଲୱାଲ, ଧନଞ୍ଜୟ ମାରାଣ୍ଡି, ବାଇଧର ମହାନ୍ତ, ଖଗେନ୍ଦ୍ର ସାହୁ, ଶିଶିର ବେହେରା, ଅଜୟ ବେହେରା, ସଞ୍ଜୟ ବେହେରା, ସତ୍ୟନାରାୟଣ ବେହେରା, ଚନ୍ଦ୍ରଶେଖର ବିଶ୍ୱାଳ, ଜଗବନ୍ଧୁ ପଣ୍ଡା, କୁନା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ଚୋରି ଅଭିଯୋଗରେ ଦୁଇ ଗିରଫ

ରାସଗୋବିନ୍ଦପୁର, ୨୪।୬(ସମିସ): ରାସଗୋବିନ୍ଦପୁର ପୁଲିସ ପୃଥକ ଚୋରି ମାମଲାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରଥମ ଘଟଣାରେ ହାଟପଦା ନିବାସୀ ରୋହିତ ବିଶ୍ୱାଳ (୨୨)କୁ ଗିରଫ କରିଛି। ଗତ ରାତିରେ ମୂଷାମାରି ଛକର ଏକ ଦୋକାନରେ ଚୋରି କରିବା ବେଳେ ସେ ମୋବାଇଲ ଫୋନ୍ ଛାଡ଼ି ପଳାଇଥିଲେ। ତଦନ୍ତ ସମୟରେ ପୁଲିସ ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରିଥିଲା। ଦ୍ୱିତୀୟ ଘଟଣାରେ, ସେକ ଇତବାର (୨୫)ଙ୍କୁ ଏକ ଚୋରି ଗାଡ଼ି ଚଳାଉଥିବାବେଳେ ପୁଲିସ ଧରିଥିଲା। ଗାଡ଼ିର ମୂଳ ନମ୍ବର ପ୍ଲେଟ ଖୋଲି ଅନ୍ୟ ଉପାୟରେ ବ୍ୟବହାର କରାଯାଉଥିବା ସନ୍ଦେହରେ ପୁଲିସ ଯାଞ୍ଚ କରିଥିଲା ଓ ପରେ ଗାଡ଼ିଟି ଚୋରି ହୋଇଥିବା ଜଣାପଡ଼ିଥିଲା। ଉଭୟ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଚୋରି ସମ୍ପର୍କିତ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି।

## ମାତେଶ୍ୱରୀ ସରସ୍ୱତୀଙ୍କ ସ୍ମୃତି ଦିବସ



ବିଶୋଇ, ୨୪।୬ (ସମିସ): ବିଶୋଇସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିବଜ୍ୟୋତି ଭବନରେ ବ୍ରହ୍ମା କୁମାରୀ ମାନସୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଜଗଦମ୍ବା ମାତେଶ୍ୱରୀଙ୍କ ୬୧ତମ ପୁଣ୍ୟ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ରହ୍ମାକୁମାରୀଜ ପାଠଶାଳାରୁ ବହୁ ସଂଖ୍ୟାରେ ଭାଇ ଭଉଣୀ ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ମାନସୀ ଭଉଣୀ ଓ ବ୍ରହ୍ମାକୁମାର ଦେବେନ୍ଦ୍ର ଭାଇ ଜଗଦମ୍ବା ସରସ୍ୱତୀଙ୍କ ଆଦର୍ଶ ଗୁଣାବଳୀ ବିଷୟରେ ଆଲୋଚନା କରିଥିଲେ। ବ୍ରହ୍ମାକୁମାର ବାସୁଦେବ ଭାଇ ଜଗଦମ୍ବା ସରସ୍ୱତୀଙ୍କ ବିଶେଷଣକୁ ବର୍ଣ୍ଣନା ପୂର୍ବକ ନୂତନ ପାଠଶାଳାରୁ ଆସିଥିବା ବିଦ୍ୟାର୍ଥୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପରମାତ୍ମାଙ୍କ ସଂକ୍ଷିପ୍ତ ପରିଚୟ ଦେଇଥିଲେ।

## ଭଞ୍ଜସେନାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବାରିପଦା, ୨୪।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ସଂଗଠନ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଆଉ କେତେକ ନୂତନ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲା ଯୁବ ଛାତ୍ର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ଉପସଭାପତି ଭାବେ ସିଙ୍ଗରାୟ ହେମ୍ବ୍ରମଙ୍କ ନାମ ଘୋଷଣା ହୋଇଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟବର୍ଦ୍ଧନ ସିଂହଦେଓ, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ୍‌କେ ରାଜାଖାନ, ଜିଲ୍ଲା ଯୁବଶାଖା ସଭାପତି କିଷନ କୁମାର ସାହୁ, ଜିଲ୍ଲା ଯୁବଶାଖା କାର୍ଯ୍ୟକାରୀ ସଭାପତି ଏମଡି ରାଜା, ଜିଲ୍ଲା ଯୁବଶାଖା ଉପସଭାପତି ଦେବାଶିଷ ଦାସ, ରଘୁନାଥ ଦାସ, ଏମଡି ଇସଲାମ, ଜିଲ୍ଲା ଯୁବଶାଖା ସାଧାରଣ ସମ୍ପାଦକ ସଞ୍ଜୟ ମହାନ୍ତ, ପାଞ୍ଚପିଢ଼ ଉପଖଣ୍ଡ କାର୍ଯ୍ୟକାରୀ ସଭାପତି ଶୁଭଜିତ୍ ଦାସ ଅଧିକାରୀ, ଜିଲ୍ଲା ଯୁବଶାଖା ବାରିପଦା ସହର ସଭାପତି ସଞ୍ଜୟ ମାହାର୍ଣ୍ଣା, ଜିଲ୍ଲା ଛାତ୍ରଶାଖା ସଭାପତି ଦୀପକ ବେହେରା, ଜିଲ୍ଲା ଛାତ୍ରଶାଖା ଉପସଭାପତି ରୁଦ୍ର ପଟ୍ଟନାୟକ, ଜିଲ୍ଲା ଛାତ୍ରଶାଖା ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ରରୁଆଁ ବ୍ଲକ ସଭାପତି ବିଶାଳ କୁମାର ସୁଲତାନିଆ, ଶୁକ୍ଳି ବ୍ଲକ କାର୍ଯ୍ୟକାରୀ ସଭାପତି ଦିବ୍ୟଜ୍ୟୋତି ବେହେରା, ସୋସିଆଲ ମିଡ଼ିଆ ସହସଂଯୋଜକ ଦିବ୍ୟଜ୍ୟୋତି ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି। ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହିତ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ବେରୋଜଗାରମାନଙ୍କୁ ରୋଜଗାରକ୍ଷମ କରାଇ ଜିଲ୍ଲାର ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଜନତାଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ ସଂଘର୍ଷରତ ଭଞ୍ଜସେନା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାରେ ଏହି ନୂତନ କମିଟି ଅଧିକ ଲାଭପ୍ରଦ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ● ଉଦଳା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଚିତ୍ର ନିୟମ

# ରିଲିଭ୍ ହୋଇ ବାହାରେ ରୁହ, ବିନା କାମରେ ଦରମା ନିଅ

ଉଦଳା୨୪।୬(ସମିସ):ଅନ୍ୟବିଦ୍ୟାଳୟରେ ଯୋଗଦାନ କରିବାକୁ ସରକାରୀ ସ୍ତରରେ ଅର୍ଡର ବାହାରିଲା। ହେଲେ କାର୍ଯ୍ୟରତ ବିଦ୍ୟାଳୟରୁ ରିଲିଭ୍ ହେଲେ ଓ ଯୋଗଦାନ କରିବାକୁ ଥିବା ବିଦ୍ୟାଳୟରେ ଯୋଗ ଦେଲେନାହିଁ। କିନ୍ତୁ ପୂରା ମାସକର ଦରମା ପାଇଲେ ଶିକ୍ଷକ। ଏଭଳି ଏକ ସାଂଘାତିକ ଜାଲିଆତି ଘଟଣା ସାମ୍ନାକୁ ଆସିଛି ଉଦଳା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ। ଯାହାକୁ ନେଇ ଏବେ ବେଶ ଚର୍ଚ୍ଚାରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ଉଦଳା ଶିକ୍ଷା ଜିଲ୍ଲା ଅଧୀନରେ ଥିବା ଶିକ୍ଷକ ଶାନ୍ତନୁ କୁମାର ନାୟକ ଭୁରୁଡୁବଣୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ୨୦୦୮ରେ ତାଙ୍କୁ ଡେପୁଟେସନରେ ବହୁବନ୍ଧ ଆଶ୍ରମ ସ୍କୁଲକୁ ପଠାଯାଇଥିଲା। ସେବେଠାରୁ ଦୀର୍ଘ ୧୮ ବର୍ଷ ଧରି ସେ ଡେପୁଟେସନରେ ବହୁବନ୍ଧ ଆଶ୍ରମ ବିଦ୍ୟାଳୟରେ ରହି କାର୍ଯ୍ୟ କରିଆସୁଥିଲେ। ତେବେ ନିଜ କାର୍ଯ୍ୟକାଳ ମଧ୍ୟରେ ସମ୍ପୃକ୍ତ ଶିକ୍ଷକ ଶାନ୍ତନୁଙ୍କ ନାମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆଣିଥିଲେ ସାଂଘାତିକ ଅଭିଯୋଗ। ଶିକ୍ଷକ ଶାନ୍ତନୁ ନାୟକଙ୍କ ଘର ବହୁବନ୍ଧ ବିଦ୍ୟାଳୟ ସାମ୍ନାରେ ହୋଇଥିବାରୁ ଅନଧିକୃତ ଭାବେ ସେ ସନ୍ଧ୍ୟା ସମୟରେ ବିଦ୍ୟାଳୟ ହଷ୍ଟେଲକୁ ଯିବା ସହିତ ଅନ୍ତେବାସିନୀଙ୍କୁ ଦୁର୍ବ୍ୟବହାର କରୁଥିବା ଓ କିଛି ଅସାମାଜିକଙ୍କ ଦ୍ୱାରା ବିଦ୍ୟାଳୟ ପରିବେଶ ନଷ୍ଟ କରିବା ଭଳି ଅଭିଯୋଗ ଆଣିଥିଲେ ପ୍ରଧାନଶିକ୍ଷୟିତ୍ରୀ। ଯାହାକୁ ଆଧାର କରି ଡେପୁଟେସନରେ ଥିବା ଶାନ୍ତନୁ କୁମାର ନାୟକଙ୍କ ୧୮ ବର୍ଷର ଡେପୁଟେସନକୁ ଖାରଜ କରି ପୁଣି ପୁରୁଣା ବିଦ୍ୟାଳୟ ଭୁରୁଡୁବଣୀ ଫେରିବାକୁ ଅର୍ଡର କରିଥିଲେ ଉଦଳାର ପୂର୍ବତନ ବିଇଓ ଦୀପକ କୁମାର ମିଶ୍ର। ଯାହାକି ୨୦୨୬ ମେ ୨୧ ତାରିଖ ପର୍ଯ୍ୟନ୍ତ ଶାନ୍ତନୁ କୁମାର ନାୟକ ବହୁବନ୍ଧ ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ ଓ ମେ ୨୨ ତାରିଖରେ ତାଙ୍କୁ ଉକ୍ତ ବିଦ୍ୟାଳୟରୁ ରିଲିଭ୍ କରି ଦିଆଯାଇଥିଲା। ଆଶ୍ଚର୍ଯ୍ୟର କଥା ବହୁବନ୍ଧ ବିଦ୍ୟାଳୟରୁ ରିଲିଭ୍ ହେବା ପରେ ମଧ୍ୟ ସେ ଏକମାସ ଧରି ଭୁରୁଡୁବଣୀ ବିଦ୍ୟାଳୟରେ ଯୋଗଦାନ କରି ନ ଥିଲେ। ଜୁନ୍ ୨୨ ତାରିଖରେ ସେ ଭୁରୁଡୁବଣୀ ବିଦ୍ୟାଳୟକୁ ଯାଇ ଯୋଗଦାନ କରିଥିଲେ। ତେବେ ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟକୁ ନ ଯାଇ ପୂରା ମେ ମାସର ଦରମା ପାଇଛନ୍ତି। ଯେତେବେଳେ ସେ ଅନୁପସ୍ଥିତ ଥିଲେ, କିଭଳି ତାଙ୍କର ଦରମା ହେଲା ତାହାକୁ ନେଇ ଉଠିଛି ବଡ ପ୍ରଶ୍ନ। ଘଟଣା ସମ୍ପର୍କରେ ଉଦଳା ବିଇଓ ସୁବ୍ରତ କୁମାର କିସ୍କୁଙ୍କୁ ପଚାରିବାରୁ ଯେହେତୁ ୨୦ ତାରିଖରୁ ତାଙ୍କର ବିଲ୍ ଆସି ରହିଥିଲା, ତେଣୁ ଦରମା କରି ଦିଆଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭୁରୁଡୁବଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ପାଲଙ୍କୁ ପଚାରିବାରୁ ସେ କୌଣସି ଅନୁପସ୍ଥିତ ରିପୋର୍ଟ ଦେଇ ନ ଥିବା ପ୍ରକାଶ କରିଛନ୍ତି।

# ସୀମାନ୍ତ ମହାବିଦ୍ୟାଳୟ ସମ୍ମୁଖରେ ବିଜେଡିର ହେଲ୍‌ପ ଡେସ୍କ







ସାରସକଣା, ୨୪।୬ (ସମିସ)

ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ସାରସକଣା ନିର୍ବାଚନମଣ୍ଡଳୀ ତଥା ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ସମ୍ମୁଖରେ ଚଳିତବର୍ଷ +ତିନି ପରୀକ୍ଷା ଶିକ୍ଷାବର୍ଷର ନାମଲେଖା ନିମନ୍ତେ ଏକ ସହାୟତା କେନ୍ଦ୍ର ସ୍ଥାପନ କରାଯାଇଛି। ନୂଆ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ବିଜୁ ଜନତା ଦଳ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ସର୍ବଦା ତତ୍ପର ରହିବ। ନାମଲେଖା ପ୍ରକ୍ରିୟା ଥିବା ଅନ୍ୟ ସମସ୍ୟାର ସମାଧାନ କରାଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି ଡ. ଦେବାଶିଷ ମାରାଣ୍ଡି ଉଦଘାଟନ କରିଥିଲେ। ଜିଲ୍ଲା ଛାତ୍ର ସଭାପତି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳର ମୟୂରଭଞ୍ଜ-୨ ସଭାପତି ଡକ୍ଟର ଦେବାଶିଷ ମାରାଣ୍ଡି, ବରିଷ୍ଠ ନେତା ଅମରେନ୍ଦ୍ର କର, ଜିଲ୍ଲା ସମ୍ପାଦକ ବିଶ୍ୱଜିତ ମହାନ୍ତି, ବିଜୁ ଜନତା ଦଳର ବ୍ଲକ ସଭାପତି ମଣିଶଙ୍କର ବାରିକ, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଦୀପକ ମଡୁଆଲ, ଯୁବ ସଭାପତି ଅଭିଷେକ ସାହୁ, ଛାତ୍ର ନେତା ସୁନୀଲ ନାଏକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହରେକୃଷ୍ଣ ଦାସ, କୁସୁମୀ ବ୍ଲକ ମହିଳା ସଭାପତି ସୁଲୋଚନା ହେମ୍ବ୍ରମ, ମୟୂରଭଞ୍ଜ-୨ ଜିଲ୍ଲା ସୋସିଆଲ କଡିନେଟର ସତ୍ୟଜିତ୍ ଦତ୍ତ, ଅଶ୍ୱିନୀ ମାହାନ୍ତ, ବିନୟ ଭୋଲା, ଭବାନୀ ସାହୁ, ଭୀଷ୍ମ ନାରାୟଣ ନାଏକ, ଯୁବ ନେତା ଅକ୍ଷୟ ସାହୁ, ରୁପମ୍ ମଣ୍ଡଳ, ଲିପୁ ସିଂ, ରାଜେଶ ସାହୁ, ଅଜୟ ସିଂ, ସୁମନ ସାହୁ, ଟିନା ନାଏକ, ବରିଷ୍ଠ ନେତା ଅଜୟ ମଣ୍ଡଳ, କୁନୁରାମ ସିଂ, କ୍ଷେତ୍ରମୋହନ ବେହେରା, ସତ୍ୟକିଙ୍କର ପରିଡ଼ା, ଦୀପକ ବାଗ, ଅଶ୍ୱନୀ ମହନ୍ତି, ବିନୟ ଭଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



ନବରଙ୍ଗପୁର,୨୪।୬ (ସମିସ): 'ବିକାଶର ଧାର. ଓଡିଶା ସାରା' କାର୍ଯ୍ୟକ୍ରମ ପୌରପରିଷଦ ନବରଙ୍ଗପୁର ତରଫରୁ ନବରଙ୍ଗପୁର ପୌରାଞ୍ଚଳର ତିନୋଟି ସ୍ଥାନରେ ଯଥା ପୌର ପରିଷଦ କାର୍ଯ୍ୟାଳୟ, ଅମଲା ଭବନ ଏବଂ ନୂଆ ବସଷ୍ଟାଣ୍ଡ ପାଖ ଏସ୍‌ୟୁଏଚ୍ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ପୁରୀରୁ ଆୟୋଜିତ କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇ ଲୋକାଭିମୁଖୀ ପ୍ରଶାସନ, ସହରାଞ୍ଚଳରେ ଉନ୍ନୟନ, ସହରାଞ୍ଚଳ ଜୀବନଧାରର ରୂପାନ୍ତରୀକରଣ କରି ବିକଶିତ ଓଡିଶା ଗଠନ କରିବା ଦିଗରେ ସହରାଞ୍ଚଳରେ ଲାଗୁ ହୋଇଥିବା ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନଗରପାଳ କୁନୁ ନାୟକ, ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣ, ପାର୍ଷଦ ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଏ. ସତୀଶ, ଶର୍ମିଷ୍ଠା ଦେଓ, ଆଇ. ମୁରୁଳି କ୍ରିଷ୍ଣା , ମମତା ମହାରଣା ଏବଂ ପୁନମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ପୌରପାଳିକାର ମୁଖ୍ୟ ସହାୟକ ଅଜୟ କୁମାର ନନ୍ଦ,ମନୋଜ କୁମାର ପ୍ରଧାନ, ସନ୍ଦିପ୍ତ କୁମାର ସାମଲ, ସାଗରିକା ମହାକୁଡ ଏବଂ ପୌରପାଳିକାର ସ୍ୱଚ୍ଛ ସାଥି, ସଙ୍ଘ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଅଜିତ ନାୟକ ଏବଂ ଜ୍ୟୋତି ପରିଚ୍ଛା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ, ସମସ୍ତ କାଉନ୍‌ସିଲର, ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଗରିମା ଯୋଜନାରେ ପୌରପାଳିକାର ୩୩ ଜଣ ସଫେଇ କର୍ମଚାରୀଙ୍କୁ ପିପିଟି କିଟ୍, ବଟ୍, ହାତ ଗ୍ଲୋବ୍ ଓ ୧୧ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା।

## ୯୯ ପ୍ରତିଶତ ଗଣନା ଫର୍ମ ଡିଜିଟାଇଜେସନ୍ ଶେଷ

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳ ପ୍ରତିନିଧିଙ୍କ ବୈଠକ

କୋରାପୁଟ,୨୪।୬(ସମିସ):



ଏସଆଇଆର କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାରେ ଆଜି ସୁଦ୍ଧା ୯୯ ପ୍ରତିଶତ ଗଣନା ଫର୍ମର ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାରେ ମୋଟ ୯,୬୬,୪୨୪ ଜଣ ଭୋଟର ଅଛନ୍ତି ଏବଂ ଅବଶିଷ୍ଟ ୧ ପ୍ରତିଶତ କାର୍ଯ୍ୟ ଗୋଟିଏ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୂଚନା ଦିଆଯାଇଛି ଯେ ମୋଟ ଫର୍ମ ମଧ୍ୟରୁ ୬.୨୪ ପ୍ରତିଶତ ଫର୍ମ ଅସଂଗୃହୀତ ରହିଛି। ଏଥିରେ ଅନୁପସ୍ଥିତ, ସ୍ଥାୟୀ ଭାବେ ସ୍ଥାନାନ୍ତର, ମୃତ ଏବଂ ଡୁପ୍ଲିକେଟ୍ ଭୋଟରଙ୍କ ନାମ ସାମିଲ ରହିଛି। ଏହି ଅସଂଗୃହୀତ ଫର୍ମଗୁଡିକର ସତ୍ୟାସତ୍ୟ ଯାଞ୍ଚ ପାଇଁ ୨୬ ଜୁନ୍ ପୂର୍ବରୁ ସମସ୍ତ ବୁଥରେ ବିଏଲଓ ଏବଂ ବିଏଲଏ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କୁ ସକ୍ରିୟ ଅଂଶଗ୍ରହଣ କରି ନିର୍ବାଚନ ତାଲିକାକୁ ତ୍ରୁଟିଶୂନ୍ୟ କରିବାରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହା ସହ ୫ ଜୁଲାଇ ଠାରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ନୂତନ ଭୋଟରମାନେ ଫର୍ମ ୬ ପୂରଣ କରି ନିଜକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିପାରିବେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ ଏବଂ ଡେପୁଟି କଲେକ୍ଟର ମଙ୍ଗଳ ବାସ୍କେ , ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ




ନବରଙ୍ଗପୁର,୨୪।୬(ସମିସ): 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଚତୁର୍ଥ ଦିବସ ଅବସରରେ ନବରଙ୍ଗପୁର ପୁଲିସ ପଡ଼ିଆଠାରେ ବ୍ଲକସ୍ତରୀୟ 'ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଯୋଗ ଦେଇଥିଲେ। ତାଙ୍କ ସହିତ ଜିଲ୍ଲା ସଂଯୋଜକ (ସ୍ୱାବଲମ୍ବୀ ଯୁବା) ଶତାବ୍ଦିକା ପାଲୋ, ବ୍ଲକ୍ ସଂଯୋଜକ ଦୁଲାର ନାୟକ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ଜିଲ୍ଲା ନିଯୁକ୍ତି ଅଧିକାରୀ, ସହକାରୀ ଶିଳ୍ପ ଅଧିକାରୀ, ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଅତିଥିମାନେ ଉପସ୍ଥିତ ଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ୀଙ୍କ ପାଇଁ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଓ ନିଯୁକ୍ତି ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିଳ୍ପ ଅଧିକାରୀ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ରହିଥିବା ଉଦ୍ୟୋଗ ସ୍ଥାପନ, ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି "ବିକଶିତ ଗାଁ, ବିକଶିତ ଓଡ଼ିଶା' ବିଜିବିଓ ୨୦୨୪-୨୫ ଓ ୨୦୨୫-୨୬ ସହ ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ଲକ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ବିଜିବିଓ ୨୦୨୪-୨୫ରେ ଉମରକୋଟ ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର ଏବଂ ୨୦୨୫-୨୬ରେ ନବରଙ୍ଗପୁର ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଛି। ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ କୋଷାଗୁମୁଡ଼ା ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଛି। ସେଭଳି ଜିଲ୍ଲା ପରିଷଦର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ଗ୍ରାମୀଣ ଗୃହ ଯୋଜନାର ପ୍ରୋଗ୍ରାମ ମ୍ୟାନେଜର ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ନବରଙ୍ଗପୁର ବିଡିଓ ସୁନୀଲ ଖରା ଧନ୍ୟବାଦ ଅର୍ପଣ କରିଥିଲେ।

# ବୈପାରୀଗୁଡ଼ା ଅଞ୍ଚଳରୁ ୧୪ ଶିଶୁ ଶ୍ରମିକ ଉଦ୍ଧାର



ବୈପାରୀଗଡ଼ା,୨୪।୬(ସମିସ): ବୈପାରୀଗୁଡା ଅଞ୍ଚଳରୁ ୧୪ ଶିଶୁ ଶ୍ରମିକ ଉଦ୍ଧାର ହୋଇଛି। ଆଜି ବୈପାରୀଗୁଡାର ବିଭିନ୍ନ ସ୍ଥାନରେ ଶିଶୁ ମଙ୍ଗଳ ସମତି, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଉକ୍ତ ଅଞ୍ଚଳରେ ଗ୍ୟାରେଜ, ହୋଟେଲ, ସିମେଣ୍ଟ ଇଟା ଫେକ୍ଟ୍ରି, ରାଇସ ମିଲ, ଏବଂ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରେ ଚଢ଼ଉ କରି ୧୮ ବର୍ଷରୁ କମ୍ ବୟସର ମୋଟ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି । ସେଥିମଧ୍ୟରୁ ୧୩ ଝିଅ ଓ ଜଣେ ପୁଅ ଥିବା ବେଳେ ସେମାନଙ୍କୁ କୋରାପୁଟ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଛି । ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ କ୍ରମେ ଶିଶୁ ଯତ୍ନ କେନ୍ଦ୍ରରେ ଥଇଥାନ କରାଯାଇଛି। ଏହି ଚଢ଼ଉରେ ଶିଶୁ ମଙ୍ଗଳ ସମତି ସୁରେଶ କୁମାର ହୋତା, ସହକାରୀ ଶ୍ରମ ଅଧିକାରୀ ରାଜେଶ୍ୱରୀ ହିକକା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସଂଯୋଜକ ତପସ୍ୱିନୀ ପାଢ଼ୀ, ବୈପାରୀଗୁଡା ପୋଲିସ ଅଧିକାରୀ, ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିପଦସଂକୁଳ ସ୍ଥିତିରେ ଯଦି କୌଣସି ଶିଶୁ ଶ୍ରମିକ କାମ କରୁଛନ୍ତି, ତେବେ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ସୂଚନା ଦେବାପାଇଁ ଅନୁରୋଧ କରାଯାଇଛି।

# ଜେସିବି ପଛକୁ ପିଟିଲା ବାଇକ୍, ଜଣେ ମୃତ

ବିଷମ କଟକ, ୨୪।୬(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ସଦର ପଞ୍ଚାୟତ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ବାଇକ୍ ଚାଳକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛି। ସୂଚନା ଅନୁଯାୟୀ, ହାଟମୁନିଗୁଡା ଠାରେ ମେଗା ପ୍ରକଳ୍ପ ପାଣି ପାଇପ୍ ବିଛା କାର୍ଯ୍ୟ ଚାଲୁ ରହିଥିବାରୁ ଗାଁ ନିକଟରେ କାର୍ଯ୍ୟରେ ନିୟୋଜିତ ଏକ ଜେସିବି ମେସିନ୍ ରାସ୍ତାକଡାରେ ଠିଆ ହୋଇଥିଲା। ଅମ୍ବାଦଳା ଥାନା ଯୁଗାପଦର ଗ୍ରାମର ଜାଗତ ଟାକ୍ରି ଏବଂ ରୋହିତ କୁଶଲିଆ ଆଜି ଅପରାହ୍ନରେ ବିଷମ କଟକକୁ କୌଣସି କାର୍ଯ୍ୟରେ ଆସିଥିଲେ ଏବଂ କାର୍ଯ୍ୟ ସାରି ନିଜ ଘର ଅଭିମୁଖେ ଫେରିବା ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ହାଟମୁନିଗୁଡା ସବ୍‌ଷ୍ଟେସନ ନିକଟ ରାସ୍ତା କଡରେ ଠିଆ ହୋଇଥିବା ଏକ ଜେସିବି ମେସିନକୁ ପଛ ପଟୁ ପିଟି ହୋଇ ରାସ୍ତାକଡ଼କୁ ଛିଟିକି ପଡିଥିଲେ। ତେବେ ଘଟଣା ସ୍ଥଳରେ ଗାଡି ଚାଳକ ଜଗତ ଟାକ୍ରି (୧୮)ଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ରୋହିତ କୁଶୁଲିଆ (୧୬)ଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବର ପାଇ ମୁନିଗୁଡା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀପୁରରେ ଶୁଣ୍ଢି ସମାଜ ସମ୍ମିଳନୀ



ଲକ୍ଷ୍ମୀପୁର,୨୪।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାର ମିନି ଷ୍ଟାଡିୟମ୍‌ଠାରେ ଶୁଣ୍ଢୀ ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀପୁର ବ୍ଲକର ଶୁଣ୍ଢୀ ସମାଜର ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସମ୍ପ୍ରଦାୟର ହଜାର ହଜାର ଲୋକ ଏହି ସମ୍ମିଳନୀରେ ଯୋଗ ଦେଇ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ଏହା କିପରି ଆଗକୁ ସୁଦୃଢ଼ ହୋଇ ପରିଚାଳିତ ହେବ ସେ ନେଇ ବ୍ୟକ୍ତିଗତ ଭାବେ ମତ ପ୍ରଦାନ କରିବା ସହ ନିଜ ସମାଜର ଏକତା, ଶିକ୍ଷା, ସାଂସ୍କୃତିକ ଓ ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ବକ୍ତା ମାନେ ବକ୍ତବ୍ୟ ରଖିବା ସହ ସମାଗମ ଦେଖି ଖୁସି ବ୍ୟକ୍ତ କରିଥିଲେ। ଦଶମନ୍ତପୁର, ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଓ ଅନ୍ୟାନ୍ୟ ସ୍ଥାନରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇ ଭାଇଚାରାର ସମ୍ମିଳନୀକୁ ଆକର୍ଷଣୀୟ କରିଥିଲେ। ବହୁତ ଦୂରଦୂରାନ୍ତରୁ ଆସି ଏହି ସମ୍ମିଳନୀରେ ଯୋଗ ଦେବା ଦେଖି ଆୟୋଜକ ମାନେ ସେମାନଙ୍କ ପ୍ରତି ନିଜର ଶ୍ରଦ୍ଧା ବ୍ୟକ୍ତ କରିଥିଲେ। ଏହି ସମାଜ ୧୯୮୯ ମସିହାରୁ ଗଠିତ ହୋଇଛି। ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ଏହି ସମ୍ମିଳନୀରେ ଅଧିକ ସଂଖ୍ୟକ ଲୋକ ସାମିଲ ହୋଇଥିବା ସଭାପତି କହିଛନ୍ତି। ଶୁଣ୍ଢୀ ସମାଜ ପୂର୍ବେ କିପରି ଥିଲା, ତାର ଇତିହାସ କଣ , ସେସବୁ ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ରକ୍ତଦାନ ଶିବିର ଓ ନିଜ ନିଜ ବାଡିରେ ଗଛ ଲଗାଇବାକୁ ଚାରା ମଧ୍ୟ ବଣ୍ଟନ କରାଯାଇ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶୁଣ୍ଢୀ ସମାଜ କୋରାପୁଟ ଜିଲ୍ଲା ସଭାପତି ନାରାୟଣ ବିଷୋୟୀ, ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ବିକ୍ରମ କିଶୋର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଜାତୀୟ ସଭାପତି ଶିବରତନ ପ୍ରସାଦ ଗୁପ୍ତା, ରାଜ୍ୟ ମୁଖ୍ୟ ଉପଦେଷ୍ଟା କଦଣ୍ଡଧର ଚୌଧୁରୀ, ଆନ୍ଧ୍ରପ୍ରଦେଶ ସଭାପତି, ବ୍ଲକ ସଭାନେତ୍ରୀ ଭବାନୀ ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ମମତା ଚୌଧୁରୀ ଉପସ୍ଥିତ ରହି ଥିଲେ। ଏହାକୁ ଆୟୋଜନ ପରମେଶ୍ୱର ସାହୁ, ବଳିଆ ବିଷୋୟୀ, ପ୍ରଫୁଲ୍ଲ ସାହୁ, ତ୍ରିନାଥ ସହୁ ଓ ଅନ୍ୟମାନେ। ଏହି ସଭାକୁ ପରିଚାଳନା କରିଥିଲେ ପ୍ରିୟମ୍ବଦା ସାହୁ ପ୍ରତିମା ସାହୁ । ସମ୍ମିଳନୀରେ ପାଖାପାଖି ୩ହଜାର ଲୋକଙ୍କ ସମାଗମ ହୋଇଥିଲା।

# ୨୨ ମଇଁଷି ପରିବହନ; ଟ୍ରକ୍ ଜବତ, ଜଣେ ଗିରଫ



ମୁନିଗୁଡା, ୨୪।୬ (ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡା ଅଞ୍ଚଳରେ ବେଆଇନ ଭାବେ ମଇଁଷି ପରିବହନ ବେଳେ ପୁଲିସ ଏକ ଆଇଚର ଟ୍ରକ୍‌କୁ ଜବତ କରିବା ସହ ୨୨ଟି ମଇଁଷି ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ସୂଚନା ଅନୁଯାୟୀ, ବୁଧବାର ଏକ ଆଇଚର ଟ୍ରକ୍ (ନଂ. ସିଜି ୧୪ଏମ୍‌ଏସ୍୯୭୨୫ କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଟ୍ରକ୍‌ରେ ୨୨ଟି ମଇଁଷିକୁ ବେଆଇନ ଭାବେ ପରିବହନ କରାଯାଉଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ଗାଡ଼ି ସହ ୨୨ଟି ମଇଁଷିକୁ ଜବତ କରିଥିଲେ। ଏହି ଘଟଣାରେ ମୁନିଗୁଡା ଥାନା କେସ୍ ନଂ. ୧୮୬/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଘଟଣାରେ ସମ୍ପୃକ୍ତ ଉତ୍ତର ପ୍ରଦେଶର ବାସିନ୍ଦା ଜିତେନ୍ଦ୍ର କୁମାରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ମୁନିଗୁଡା ପୁଲିସ ପକ୍ଷରୁ ଜାରି ରହିଥିବା ସୂଚନା ମିଳିଛି।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



ସୁନାବେଡ଼ା,୨୪।୬(ସମିସ); ସୁନାବେଡ଼ା ପୌରପରିଷଦ ସଭା ଗୃହରେ ରାଜ୍ୟ ସରକାର ଙ୍କ ଗତ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁନାବେଡା ପୌର ଉପାଧ୍ୟକ୍ଷ ରତ୍ନ କଣ୍ଟା, ସାଂସଦ ପ୍ରତିନିଧି ପ୍ରଶାନ୍ତ କର, ପୌରପାଳିକା ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସିଡ଼ିପିଓ ନଳିନୀ ବେହେରା , ପୌର ପରିଷଦର କାଉନ୍‌ସିଲର ବୃନ୍ଦ, ଅଙ୍ଗନବାଡି କର୍ମୀ, ସ୍ୱଚ୍ଛ ସାଥୀ, ସ୍ଥାନୀୟ ବିଜେପି କର୍ମୀ ପ୍ରମୁଖ ଯୋଗ ଦେଇ ଓଡ଼ିଶାରେ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ବିକାଶ ସମ୍ପର୍କରେ ଏବଂ ସରକାରଙ୍କ ଯୋଜନା ଗୁଡିକୁ ପ୍ରସାର ଓ ପ୍ରଚାର କରି ଲୋକଲୋଚନକୁ ଆଣିବା ପାଇଁ ମତବ୍ୟକ୍ତ କରିଥିଲେ। ପୌର ପରିଷଦର ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ଡବଲ ଇଞ୍ଜିନ ସରକାରର ଇଞ୍ଜିନ ଅଭାବ : ପ୍ରଦୀପ ମାଝୀ

ନବରଙ୍ଗପୁର,୨୪।୬(ସମିସ):




ଡବଲ ଇଞ୍ଜିନ ସରକାରର ଅପାରଗତାରେ ଆଉ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଭତ୍ତା ବିତରଣ ବନ୍ଦ ଘଟଣା ଯୋଡ଼ି ହୋଇ ଯାଇଛି। ଡବଲ ଇଞ୍ଜିନ ସରକାରର ଇଞ୍ଜିନ ଅଭାବ ହେଇଛି ବୋଲି କଟାକ୍ଷ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝୀ। ସାମ୍ବାଦିକ ସମ୍ମିଳନୀରେ ପ୍ରଦୀପ ଅଭିଯୋଗ କରିଛନ୍ତି ଯେ, ନବରଙ୍ଗପୁର ଜିଲ୍ଲା ଜିରୋ ଡିଷ୍ଟ୍ରିକ୍ଟ ରୂପେ ପରିଗଣିତ ହେଲାଣି। ବେକାର ସମସ୍ୟା ବୃଦ୍ଧି ସହ ଗତ ଦୁଇ ବର୍ଷ ଧରି ଏନ୍‌ଆର୍‌ଜିଏସ ଯୋଜନାକୁ ବନ୍ଦ କରାଯାଇ ଦାଦନକୁ ପ୍ରୋତ୍ସାହିତ କରାଯାଇଛି। ଏଭଳି ସ୍ଥଳେ ଏନ୍‌ଏସଏପି ଯୋଜନାର ହିତାଧିକାରୀଙ୍କୁ ଗତ ୩ ମାସ ଧରି ପେନ୍‌ସନ ବନ୍ଦ କରାଯାଇଛି। ଏହି ଯୋଜନାରେ ଜିଲ୍ଲାରେ ୧୬୫୬ ଜଣ ଦିବ୍ୟାଙ୍ଗ, ୧୭୧୩୦ ଜଣ ବିଧବା ଓ ୫୦୮୪୬ ଜଣ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ତେବେ ଗତ ୩ ମାସ ଧରି ଏହି ଭତ୍ତା ଟଙ୍କା ଦିଆଯାଇ ନାହିଁ। ବିଡ଼ମ୍ବନାର ବିଷୟ ପୂର୍ବ ସରକାରଙ୍କ ସମୟରେ ସରକାର କର୍ମଚାରୀ ମାନଙ୍କୁ ଟାର୍ଗେଟ ଦେଉଥିଲେ। କର୍ମଚାରୀ ମାନେ ପ୍ରତି ମାସ ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରୁଥିଲେ। ବର୍ତ୍ତମାନ ୬୦୦୦ ଜଣ ପେନସନ ପାଇଁ ପୋର୍ଟାଲରେ ଆବେଦନ କରି ଅପେକ୍ଷା

## ଭତ୍ତା ଟଙ୍କା ଦେବାକୁ ଅକ୍ଷମ

କରୁଛନ୍ତି। ସେଥି ମଧ୍ୟରୁ କେବଳ ୩୦୦ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜଣେ ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ ହିଁ ତାଙ୍କ ସ୍ଥାନରେ ଅନ୍ୟ ହିତାଧିକାରୀ ପେନସନ ପାଇବେ। ଏଭଳି ଅଜବ ନିୟମକୁ ତୁରନ୍ତ ବନ୍ଦ କରିବା ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପେନସନ ବିତରଣ କରିବା ପାଇଁ ସେ ଦାବି କରିଛନ୍ତି। ପେନସନ ନ ପାଇ ଭୋକ ଉପାସରେ ହଇରାଣ ହେଉଥିବା ଜଣେ ବୃଦ୍ଧା ମହିଳାଙ୍କୁ ସମ୍ମିଳନୀରେ ଯୋଗ ଦେଇ ନିଜ ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ସାମ୍ନାରେ ଉପସ୍ଥାପନ କରିଥିଲେ। ବବିତାଙ୍କ ଅଭିଯୋଗ ଅନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ବେତଝରନ ଗ୍ରାମର ବବିତା ବିଷୋୟୀ ଜଣେ ସରକାରୀ କର୍ମଚାରୀଙ୍କ ବିଧବା ପତ୍ନୀ। ୧୦ ବର୍ଷ ପୂର୍ବେ ତାଙ୍କ ସ୍ୱାମୀ ପଦ୍ମନ ବିଷୋୟୀ ଭିଏଲଡବ୍ଲ୍ୟୁ ରୂପେ କାର୍ଯ୍ୟରତ ରହିଥିବା ବେଳେ ମୃତ୍ୟୁବରଣ କରିଥିଲେ। ତେବେ ଏ ପର୍ଯ୍ୟନ୍ତ ତାଙ୍କ ସ୍ତ୍ରୀ ବବିତାଙ୍କୁ ସରକାରଙ୍କ ପକ୍ଷରୁ ନା ପେନସନ ନା ପୁନର୍ବାସ ଥଇଥାନ ସ୍କିମ୍‌ରେ କୌଣସି ଚାକିରି ପ୍ରଦାନ କରାଯାଇନାହିଁ। ଝିଅକୁ ବାହା ଦେବା ପରେ ଭତ୍ତା ୧୦୦୦ ଟଙ୍କା ଚଳିବା ପାଇଁ ସାହା ଥିଲା। ବର୍ତ୍ତମାନ ୩ ମାସ ଧରି ଟଙ୍କା ନପାଇ ଭୋକ ଉପାସରେ ହଇରାଣ ହେଉଛନ୍ତି। ଆଗାମୀ ୭ଦିନ ମଧ୍ୟରେ ତାଙ୍କ ପେନସନ ସମେତ ସ୍ୱାମୀଙ୍କ ମୃତ୍ୟୁ ଉପରାନ୍ତେ ମିଳିବାକୁ ଥିବା ଚାକିରି ନହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ଆନ୍ଦୋଳନକୁ ବିଜେଡ଼ି ପୂର୍ଣ୍ଣ ସମର୍ଥନ କରିବ ବୋଲି ପ୍ରଦୀପ ମାଝୀ ଘୋଷଣା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଧାନୀ, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ସଭାପତି ପ୍ରମୋଦ ରଥ, ୧୪ ନମ୍ବର କାଉନ୍‌ସିଲର ନଗେନ୍ଦ୍ର ପଟ୍ଟନାୟକ, କୁନା ପାଢ଼ୀ, ଭୀମ ହରିଜନ ଓ ଉତ୍ତମ ତ୍ରିପାଠୀ ପ୍ରମୁଖ ନେତୃମଣ୍ଡଳୀ ମାନେ ଉପସ୍ଥିତ ରହିଥିଲେ।

# ଏସ୍‌ଆଇଆର୍ କାର୍ଯ୍ୟର ଅନୁଧ୍ୟାନ କଲେ ଉପଜିଲ୍ଲାପାଳ




ଗୁଣୁପୁର,୨୪।୬(ସମିସ): ଗୁଣୁପୁର ପୌରପରିଷଦର ୧୯ଟି ୱାର୍ଡରେ ଚାଲିଥିବା ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତିକୁ ନେଇ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ୍ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ସେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ବିଏଲ୍‌ଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଧ୍ୟାନ କାର୍ଯ୍ୟକ୍ରମରେ ଗୁଣୁପୁର ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଏବଂ ବିଭିନ୍ନ ୱାର୍ଡର କାଉନ୍ସିଲରମାନେ ଉପସ୍ଥିତ ଥିଲେ।



# ଜୁଲାଇ ୩୧ ପର୍ଯ୍ୟନ୍ତ ଡାଇରିଆ ନିରାକରଣ ଅଭିଯାନ



କଟକ,୨୪।୬(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଡାଇରିଆର ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସତର୍କ କରାଯାଇଛି। ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି। ଆଶାକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରେ ୨ଟି ଓଆରଏସ ପାଉଡର ପ୍ରଦାନ କରିବେ ଓ ଯେଉଁ ଘରେ ୫ ବର୍ଷ ବୟସର ପିଲା ଥିବେ ତାଙ୍କୁ ଆଉ ଗୋଟିଏ ଓଆରଏସ ପ୍ୟାକେଟ ଓ ୨ଟି ଜିଙ୍କ ବଟିକା ବଣ୍ଟନ କରିବେ। ଜିଲ୍ଲାରେ ୫ ବର୍ଷ ବୟସର ୧,୫୩,୯୭୭ ଜଣଙ୍କୁ ଏହି ଡାଇରିଆ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାବ୍ୟତୀତ ଜୁନ ୨୮ରୁ ୩୦ ପର୍ଯ୍ୟନ୍ତ ଜନ୍ମରୁ ୫ ବର୍ଷର ପିଲାମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ। ପ୍ରଥମ ଦିନ ୧୧୫୬ଟି ବୁଥ ଓ ପରଦିନ ଘର ଘର ବୁଲି କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଗଗନ ବିହାରୀ ପତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଡଃ ଚିନ୍ତାମଣି ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଲେପ୍ରୋସୀ ଡଃ ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନାହାନ୍ତି କି ମନପସନ୍ଦିଆ ବିଡର୍ ?

## ଫୁଲନଖରା-ନିଆଳି ରାସ୍ତା ପ୍ରଶସ୍ତୀକରଣ ଟେଣ୍ଡର ୬ ଥର ବାତିଲ ● ବହୁ ପ୍ରତୀକ୍ଷିତ ପ୍ରକଳ୍ପର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ଫୁଲନଖରା, ୨୪।୬ (ସମିସ):

ଫୁଲନଖରା-ନିଆଳି ରାଜ୍ୟ ରାଜରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା। ଦୈନିକ ଉକ୍ତ ରାସ୍ତାରେ ଦୁଇଚକିଆ ଗାଡିଠାରୁ ଆରମ୍ଭ କରି ହାଲୁକା ଓ ଭାରୀ ଯାନ ହଜାର ହଜାର ସଂଖ୍ୟାରେ ଯାତାୟାତ କରିଥାଆନ୍ତି। ଅନେକଗୁଡିଏ ଇଂଜିନିୟରିଂ କଲେଜଠାରୁ ସରକାରୀ କଲେଜ୍ ଓ ବେସରକାରୀ କଲେଜ ଗଢ଼ି ଉଠିଛି। ବିଭିନ୍ନ ସରକାରୀ ଡାକ୍ତରଖାନାଠାରୁ ଆରମ୍ଭ କରି ଓଲଟପୁରଠାରେ ଏସିଆର ସର୍ବବୃହତ କୃତ୍ରିମ ଅଙ୍ଗ ପ୍ରତିରୋପଣ କେନ୍ଦ୍ର 'ଏସ୍‌ଭିନିରତାର' ରହିଛି। ବେସରକାରୀ ଗୋଦାମଠାରୁ ଆରମ୍ଭ କରି ଶୀତଳଭଣ୍ଡାର ମଧ୍ୟ ରହିଛି। ଏହି ରାସ୍ତା ଦେଇ ପର୍ଯ୍ୟଟକମାନେ ପୁରୀ, କୋଣାର୍କ, କାକଟପୁର ମଙ୍ଗଳା, ଜାହାନିଆ ପୀର ଆଦି ପର୍ଯ୍ୟଟନ କ୍ଷେତ୍ରକୁ ଯାତାୟତ କରିଥାଆନ୍ତି। ଏସବୁକୁ ଲକ୍ଷ୍ୟ କରି ଦୂରଦୃଷ୍ଟି ରଖି ବିଜେଡି ସରକାର ସମୟରେ ଉକ୍ତ ୨ ଲେନ୍ ବିଶିଷ୍ଟ ରାସ୍ତାକୁ ୪ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଫୁଲନଖରାଠାରୁ ନିଆଳି




ପର୍ଯ୍ୟନ୍ତ ପ୍ରାୟ ୨୭.୫ କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ ଦ୍ୱାରା ଜନଗହଳି କମାଇବା ପାଇଁ ଶିଶୁଆଠାରୁ ଓଲଟପୁର, ବରାହିପୁର ଦେଇ ଅଡଶପୁରଠାରେ ମିଶିବା ପାଇଁ ଏକ ବାଇପାସ୍ ରାସ୍ତା ନିମନ୍ତେ ଅଟକଳ ମୂଲ୍ୟ ୩୫୮.୯୩ କୋଟି ଟଙ୍କା ରଖାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବା ଫଳରେ ଟେଣ୍ଡର ପ୍ରକ୍ରିୟା ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ବିଜେପି ସରକାରର ଏକବର୍ଷ ପରେ ଫୁଲନଖରାଠାରୁ ନିଆଳି ପର୍ଯ୍ୟନ୍ତ ୩୫କିଲୋମିଟର ୪୫୧ମିଟର ରାସ୍ତାକୁ ପ୍ରଶସ୍ତୀକରଣ ନିମନ୍ତେ ପୁନଃ ବିଜ୍ଞପ୍ତି ଜାରି ହୋଇଥିଲା। ମୁଖ୍ୟଯନ୍ତ୍ରୀ (ସିଭିଲ୍ ଆଣ୍ଡ ରୋଡ)ଙ୍କ କାର୍ଯ୍ୟାଳୟ ଚିଠି ନଂ ୧୩୧୫୭/୧୫.୪.୨୦୨୬ରେ ଉକ୍ତ ରାସ୍ତା କାମ ପାଇଁ ୨୧୫ କୋଟି ୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇ ଟେଣ୍ଡର କରାଯାଇଥିଲା। ତାକୁ ରଦ୍ଦ କରିଦିଆଯାଇ ପୁନଃ ଚିଠି ନଂ ୧୫୫୪୨/୫.୫.୨୬ରେ ଉକ୍ତ କାମକୁ ବର୍ଦ୍ଧିତ ମୂଲ୍ୟ ୨୨୪ କୋଟି ୮୬ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇ ଟେଣ୍ଡର କରାଯାଇଥିଲା। ଏହି ଟେଣ୍ଡରକୁ ମଧ୍ୟ ରଦ୍ଦ କରାଯାଇ ଏଯାବତ୍ ୬ଷ୍ଠ ଥର ପାଇଁ ତାରିଖ ଘୁଞ୍ଚିଛି। ଚଳିତ ମାସ ୨୦ ତାରିଖରେ ଟେଣ୍ଡର କରାଯାଇ ୨୪ତାରିଖରେ ଖୋଲାଯିବାକୁ ଥିବାବେଳେ ହଠାତ୍ ପୁନର୍ବାର ଟେଣ୍ଡର ପ୍ରକ୍ରିୟାକୁ ଆସନ୍ତା ଜୁଲାଇ ମାସ ୭ତାରିଖକୁ ଘୁଞ୍ଚାଇ ଦିଆଯାଉଛି। ରାଜନୈତିକ ନେତୃବୃନ୍ଦ ଫୁଲନଖରା-ନିଆଳି ରାଜ୍ୟ ରାଜରାସ୍ତା ୪ଲେନ୍ ହେବ ବୋଲି ଡିଣ୍ଡିମ ପିଟୁଥିବା ବେଳେ କାହିଁକି ଯେ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ଏହା ସ୍ପଷ୍ଟ ହୋଇପାରୁନାହିଁ। ଏପଟେ ରାସ୍ତାର ଖାଲଖମାରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଉକ୍ତ ରାସ୍ତା ଅତିଶୀଘ୍ର ୪ ଲେନ୍ ହେବ ବୋଲି ଘୋଷଣା କରିବା ପରେ ମଧ ହେଲେ ଟେଣ୍ଡର ପ୍ରକ୍ରିୟା ବାରମ୍ବାର ଘୁଞ୍ଚୁ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି। ଉକ୍ତ କାମ ପାଇଁ ସରକାରଙ୍କ ପାଖରେ ପାଣ୍ଠିର ଅଭାବ ନା ମନପସନ୍ଦର ବିଡର ଅଭାବ ଏବେ ଏହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# କଟକ ମହାନଗର ନିଗମର ରଥଯାତ୍ରା ପ୍ରସ୍ତୁତି

କଟକ,୨୪।୬(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପୂର୍ବରୁ ଏକ ପ୍ରସ୍ତୁତି ବୈଠକ କଟକ ମହାନଗର ନିଗମ ପକ୍ଷରୁ ବିଜୁ ଭବନରେ ଅନୁଷ୍ଠିତ ହୋଇଛି। ମହାନଗର ନିଗମର ମେୟର ସୁବାସ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। କଟକ ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାକୁ ଚଳିତବର୍ଷ କିଭଳି ଶାନ୍ତିଶୃଙ୍ଖଳାର ସହ କରାଯିବା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ସହରର ପ୍ରମୁଖ ଓ ପୁରାତନ ରଥଯାତ୍ରା କମିଟିର ସଭାପତି, ସଂପାଦକଙ୍କ ସହ ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକ, ସାହି ମୁରବୀ, କଟକ ମହାନଗର ଶାନ୍ତି କମିଟିର ସଭାପତି ଓ



ସଂପାଦକ, ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ଓ ସଂପାଦକ ପ୍ରମୁଖ ଯୋଗଦେଇଥିଲେ। ଚାନ୍ଦିନଚୌକ, ଦୋଳମୁଣ୍ଡାଇ, ରାଣୀହାଟ, ଯୋବ୍ରା, ତୁଳସୀପୁର ମଠସାହି, ଶିଖରପୁର-ମହାନଦୀବିହାର, ସିଡିଏ ସେକ୍ଟର -୬, ଓଏସଏପି ବାଟାଲିଅନ୍-୬, ନୂଆପାଟଣା ପ୍ରମୁଖ ରଥଯାତ୍ରା କମିଟିର ସଭାପତି ଓ ସଂପାଦକମାନେ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ପ୍ରସ୍ତାବ ରଖିଥିଲେ। ରାସ୍ତା ମରାମତି, ଡ୍ରେନ୍ ସଫା, ବିଭିନ୍ନ ସ୍ଥାନରେ ଓହଳିଥିବା ବିଜୁଳି ତାରଗୁଡିକୁ ହଟାଇବା ଏବଂ ଲାଇଟ୍ ଲଗାଇବା ଉପରେ ମେୟର ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ। ଟିପିସିଓଡିଏଲ ବିଭିନ୍ନ ସ୍ଥାନୀୟ ଅଧିକାରୀ ଓ ରଥଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ରଥ ଯାଉଥିବା ରାସ୍ତାରୁ ବିଦ୍ୟୁତ ତାର ସବୁ ହଟାଇବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଗେଲ୍, ୱାଟକୋ ଏବଂ ରାସ୍ତା ଓ କୋଠା ନିର୍ମାଣ ବିଭାଗ ସହ ସମନ୍ୱୟ ରକ୍ଷା କରି ବିଭିନ୍ନ କାମକୁ ରଥଯାତ୍ରା ପୂର୍ବରୁ ସମାପ୍ତ କରିବାକୁ ମେୟର କହିଥିଲେ। ସିଏମସି କମିଶନର ସୁଶ୍ରୀ କୀରନଦୀପ କୌର ସହୋତା ଏକ କମିଟି ଗଠନ କରି ଗ୍ରାଉଣ୍ଡରେ ସବୁ କାମ ଠିକ୍ ଭାବେ ତଦାରଖ କରାଯିବ ବୋଲି କହିଥିଲେ। ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ। ବୈଠକରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା ତଥା ବିଭିନ୍ନ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ଏମ୍ସ ପ୍ଲସ ହସପିଟାଲ



ରୂପାନ୍ତରଣ ହେଉଛି ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ (ଫଟୋ-ବିକାଶ)

# ହାଇକୋର୍ଟରେ ମିଛ ପତ୍ନୀ ନିଖୋଜ ମାମଲା | ସ୍ୱାମୀ ଗଣିବେ ୫୦ ହଜାର ଟଙ୍କା ଦଣ୍ଡ

କଟକ,୨୪।୬(ସମିସ): ମିଛରେ ପତ୍ନୀ ନିଖୋଜ ହୋଇଥିବା ଦର୍ଶାଇ ହାଇକୋର୍ଟରେ ପିଟିସନ ଦାୟର କରିଥିବା ସ୍ୱାମୀ ୫୦ ହଜାର ଟଙ୍କା ଦଣ୍ଡ ଆକାରରେ ଗଣିବେ। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ୫୦ ହଜାର ଟଙ୍କା ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲେଶ୍ୱର ଜିଲ୍ଲାର ବାସିନ୍ଦା ସ୍ୱାମୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କ ଘର ଛାଡି ଚାଲିଯାଇଛନ୍ତି। ପତ୍ନୀଙ୍କୁ ଅନ୍ୟ ଜଣେ ବ୍ୟକ୍ତି ଅପହରଣ କରିଥିବା ସ୍ୱାମୀ ଅଭିଯୋଗ କରିଥିବା ବେଳେ ଏଥିରେ କୌଣସି ସତ୍ୟତା ନାହିଁ। ଦାମ୍ପତ୍ୟ ବିବାଦ କାରଣରୁ ସ୍ୱଇଚ୍ଛାରେ ପତ୍ନୀ ସ୍ୱାମୀଙ୍କ ଘର ଛାଡିଥିଲେ। ତାଙ୍କ ଉପରେ ଚାପ ସୃଷ୍ଟି ପାଇଁ ସ୍ୱାମୀ ହାଇକୋର୍ଟରେ ହେବିୟସ କର୍ପସ ମାମଲା ଦାୟର କରିଛନ୍ତି। ଏନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁଇ ସପ୍ତାହ ଭିତରେ ଏହି ଅର୍ଥ ରାଶି ପୈଠ ପାଇଁ ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ରାସ୍ତାକଡ଼ ଫୁଡ୍ ମାର୍କେଟ ପାଇଁ ଟ୍ରାଫିକ ସମସ୍ୟା

କଟକ,୨୪।୬(ସମିସ): କଟକ ପୌରନିଗମର ୫୪ ନମ୍ବର ୱାର୍ଡ ଅନ୍ତର୍ଗତ କଟକ-ପାରାଦୀପ ଜାତୀୟ ରାଜପଥ ପାର୍ଶ୍ୱରେ ହୋଇଥିବା ଏକ ଫୁଡ ମାର୍କେଟକୁ ନେଇ ବିବାଦ ଉପୁଜିଛି। ନୂଆବଜାର ହନୁମାନ ମନ୍ଦିର ପ୍ରାଙ୍ଗଣକୁ ଲାଗି ମହାବୀର ଫୁଡ୍ ମାର୍କେଟ ନାମରେ ଏହା ବେଆଇନ ନିର୍ମାଣ ହୋଇଥିବା ନେଇ କଟକ ମହାନଗର ନିଗମ କମିସନରଙ୍କ ନିକଟରେ ଅଭିଯୋଗ ହୋଇଛି। ଓଏମ୍‌ପିରୁ ପାରାଦୀପ ଓ ଜଗତସିଂହପୁରକୁ ଯାଇଥିବା ଜାତୀୟ ରାଜପଥକୁ ଏହା ଲାଗିକରି ରହିଛି। ଉକ୍ତ ରାସ୍ତା




ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ଯାତାୟାତ କରିଥାନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ ପ୍ରତିଷ୍ଠାନ ଓ ଆବାସିକ ଘର ଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ସ୍ଥାନରେ ରାସ୍ତାଟି ପ୍ରଶସ୍ତ ନ ଥିବାରୁ ଏହାର ବିକଳ୍ପ ଭାବେ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତାକୁ ଚଉଡା କରାଯାଉଛି। ହେଲେ ଏହି ରାସ୍ତା ପାର୍ଶ୍ୱରେ ସରକାରୀ ଜମିରେ ସୂଚନା ଫଳକ ନ ଲଗାଇ ବେଆଇନ ଭାବେ ଫୁଡ୍ ମାର୍କେଟ ତିଆରି ହୋଇଛି। ଏପରିକି ରାସ୍ତା କଡରେ ପାଚେରି ଉଠାଇ ପେଭର ବ୍ଲକ୍ ପକାଇ ରାସ୍ତାକୁ ଅଧିକ ସଙ୍କୁଚିତ କରାଯାଇଛି। କିଛି ଲୋକ ଏହି ଫୁଡ୍ ମାର୍କେଟକୁ ନିଜ କବଜାରେ ରଖି ଟଙ୍କା ଆଦାୟ କରୁଥିବା ସ୍ଥାନୀୟ ବାସିନ୍ଦା ଗଣେଶ କୁମାର ସାହୁ କମିସନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥକୁ ଲାଗି ନିର୍ମାଣ ହୋଇଥିବା ଏହି ମାର୍କେଟ ପାଇଁ ଏଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଶ୍ରୀ ସାହୁ ଅଭିଯୋଗ କରିବା ସହ ବେଆଇନ ଭାବେ ନିର୍ମାଣ ହୋଇଥିବା ଫୁଡ୍ ମାର୍କେଟକୁ ତୁରନ୍ତ ଉଚ୍ଛେଦ କରିବାକୁ କମିସନରଙ୍କ ନିକଟରେ ଦାବି କରିଛନ୍ତି। ଏ ସଂପର୍କରେ ଶ୍ରୀ ସାହୁ କଟକ ଡିସିପିଙ୍କୁ ମଧ୍ୟ ଅବଗତ କରିଛନ୍ତି।

# ଜିଲ୍ଲାରେ ନାମକୁ ମାତ୍ର ଚାଲିଛି ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା

କଟକ, ୨୪।୬ (ସମିସ): କଟକ ଜିଲ୍ଲାରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ନାମକୁ ମାତ୍ର ଚାଲୁଥିବା ଅଭିଯୋଗ ହେଉଛି। ଏପରିକି ଚାଷୀମାନେ ବି ସେମାନଙ୍କ ଚାଷ ଜମିର ଉର୍ବରତାକୁ ସହଜରେ ଏଥିପାଇଁ ପରଖି ପାରୁନାହାନ୍ତି। କେଉଁ ଜମିରେ କେତେ ପରିମାଣର ରାସାୟନିକ ଅଥବା ଜୈବିକ ସାର ପ୍ରୟୋଗ କରାଯିବା କଥା ସେ ସମ୍ପର୍କରେ ସାଧାରଣତଃ ମୃତ୍ତିକାର ମାନ ଗୋଟିଏ ଗୋଟିଏ ପଞ୍ଚାୟତ ଅଥବା ଗ୍ରାମରୁ ଅନ୍ୟ ପଞ୍ଚାୟତ ଓ ଗ୍ରାମରେ ଭିନ୍ନ ପ୍ରକାର ଭେଦ ରହିବ। ହେଲେ ଏହି ଅଧାରରେ ପଞ୍ଚାୟତ ବା ଗ୍ରାମ ଆଧାରରେ ମାଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଗଲେ ପ୍ରକୃତ ଏହାର ସୁଫଳ ମିଳିପାରନ୍ତା। ଅନେକ ସମୟରେ ମାଟିର ମାନ ଠିକ ନ ଥିବା କାରଣରୁ

## ସବୁ ଅଞ୍ଚଳରୁ ସଂଗ୍ରହ ହେଉନି ନମୁନା


ଚାଷୀକୁଳ ଅଜ୍ଞ ରହିଥିବା ଜଣାପଡିଛି। ଯଦିଓ ଭ୍ରାମ୍ୟମାଣ ବ୍ୟବସ୍ଥାରେ ମାଟି ପରୀକ୍ଷା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଉଛି କିନ୍ତୁ ଏହା ଫଳପ୍ରଦ ହୋଇପାରୁ ନଥିବାର ଜଣାପଡିଛି। ଜିଲ୍ଲାରେ ଯେତିକି ମୃତ୍ତିକା ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଉଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଜିଲ୍ଲାରେ ବର୍ଷକୁ ୧୦ରୁ ୧୫ହଜାର ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଚାଷୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଅଭିଯୋଗ ଅନୁସାରେ ଅନେକ ଅଞ୍ଚଳ ଏଥିରୁ ବଞ୍ଚିତ ହେଉଛନ୍ତି।

କୃଷି ବିଶେଷଜ୍ଞଙ୍କ କହିବାନୁସାରେ, ଖରିଫ ଫସଲରେ ରୋଗପୋକ ଆକ୍ରମଣ କରୁଛି। ବିଗତବର୍ଷରେ ଜିଲ୍ଲାରେ ଖରିଫ ଧାନ ଚାଷ ସମୟରେ ଶହଶହ ହେକ୍ଟର ଜମିରେ ଧାନ ଫସଲ ରୋଗପୋକ ଦାଉରୁ ନଷ୍ଟ ହୋଇଥିଲା। ଏପରିକି ଏହି ରୋଗପୋକ ଦେଖାଦେଲା ପରେ ଚାଷୀମାନେ ଔଷଧ ପ୍ରୟୋଗ କରିଥିଲେ ହେଁ ସୁଫଳ ମିଳି ନଥିଲା। ଯଦି ସମସ୍ତ ପଞ୍ଚାୟତରୁ ସଂଗ୍ରହ ହୋଇ ପରୀକ୍ଷା ହୁଅନ୍ତା ତାହେଲେ ଏହାର ସୁଫଳ ମିଳିପାରନ୍ତା ବୋଲି ଚାଷୀ ମାନେ କୁହନ୍ତି। ଏପରିକି ଅନେକ ଚାଷୀ ମଧ୍ୟ ଗତବର୍ଷ ଧାନ ଫସଲରେ ରୋଗପୋକ ଲାଗିବା ପରେ ସେମାନଙ୍କ ଜମିର ମାଟି ନିଜସ୍ୱ ଉଦ୍ୟମରେ ପରୀକ୍ଷା କରାଇ ଆସୁଥିବା ଜଣାପଡିଛି। କଟକ ଜଗତପୁରଠାରେ ଏକମାତ୍ର ପରୀକ୍ଷାଗାର ରହିଛି ଯେଉଁଠି ଜିଲ୍ଲାର ସବୁ ବ୍ଲକରୁ ନମୁନା ଆସି ଏଠାରେ ପରୀକ୍ଷା କରାଯାଉଛି। ସେହିପରି ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ନିୟୋଜିତ ରହିଥିବା କୃଷକସାଥୀ ମାନେ କୃଷିଅଧିକାରୀଙ୍କ ପରାମର୍ଶକ୍ରମେ ମାଟି ନମୂନା କାର୍ଯ୍ୟାଳୟରେ ଜମା କରୁଥିବା କହୁଛନ୍ତି ବିଭାଗର ଅଧିକାରୀ। ଏ ସମ୍ପର୍କରେ ଅଧିକାରୀଙ୍କ କହିବାନୁଯାୟୀ, ପ୍ରତିବର୍ଷ ଯେଉଁ ଟାର୍ଗେଟ ମୃତ୍ତିକା ପରୀକ୍ଷା ପାଇଁ ଦିଆଯାଉଛି ତାହା ହାସଲ ହେଉଛି। କିନ୍ତୁ ସବୁ ଗ୍ରାମରୁ ମାଟି ପରୀକ୍ଷା ପାଇଁ ଆସିବା ସମ୍ଭବ ହେଉନଥିବାର ସେ କୁହନ୍ତି। ମିଳିଥିବା ସୂଚନାନୁସାରେ, ପିପିଏଲ ଦ୍ୱାରା ପରିଚାଳିତ ହେଉଥିବା ଜଗତପୁରସ୍ଥିତ ମାଟି ପରୀକ୍ଷାଗାର ପାଇଁ ରାଜ୍ୟ ସରକାର ମଧ୍ୟ ଅର୍ଥ ପ୍ରଦାନ କରୁଛନ୍ତି। ପରୀକ୍ଷା ହେଉଥିବା ନମୁନା ପିଛା ସରକାର ଟଙ୍କା ଦେଉଥିବା ଜଣାପଡିଛି। ଅନ୍ୟପଟରେ ଚାଷୀଙ୍କୁ ସେମାନଙ୍କ ଜମିର ମାଟି ପରୀକ୍ଷା ରିପୋର୍ଟ ବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଥିବା ନେଇ କୁହାଯାଉଥିଲେ ମଧ୍ୟ ଅନେକ ଚାଷୀ ଏ ସମ୍ପର୍କରେ ଜାଣି ନଥିବା କହୁଛନ୍ତି।

# ଆଠଗଡ଼ ବନାଞ୍ଚଳ | ବର୍ଷକରେ ମରିଛନ୍ତି ୧୫ ହାତୀ, ମାରିଛନ୍ତି ୩ ଜଣଙ୍କୁ

ଆଠଗଡ଼, ୨୪।୬ (ସମିସ):

ଆଠଗଡ଼ ବନଖଣ୍ଡ ଅଧୀନରେ ରାଜ୍ୟର ସର୍ବାଧିକ ୫ଟି ବନାଞ୍ଚଳ ରେଞ୍ଜ ରହିଛି। ସବୁଠୁ ବଡ଼ ଜଙ୍ଗଲ ଅଞ୍ଚଳ ନରସିଂହପୁରରେ ୨ଟି ବନାଞ୍ଚଳ ଯଥା ନରସିଂହପୁର ପୂର୍ବ ଓ ନରସିଂହପୁର ପଶ୍ଚିମ ବ୍ୟତୀତ ବଡମ୍ବା, ଆଠଗଡ଼ ଓ ଖୁଣ୍ଟୁଣୀ ବନାଞ୍ଚଳ ରହିଛି। ଘଞ୍ଚ ଜଙ୍ଗଲରେ ବିଭିନ୍ନ ବନ୍ୟପ୍ରାଣୀ ଓ ପକ୍ଷୀ ସ୍ଥାୟୀ ଭାବରେ ବସବାସ ବା ବିଚରଣ କରୁଥିବା ଲକ୍ଷ୍ୟ କରାଯାଉଛି। ଆଖପାଖ ଅଞ୍ଚଳର ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଆଠଗଡ ବନଖଣ୍ଡ ଅଧୀନସ୍ଥ ଜଙ୍ଗଲକୁ ବିଚରଣ କରିବାକୁ ଆସନ୍ତି। ଆବଶ୍ୟକସ୍ଥଳେ ଜଙ୍ଗଲରେ ସ୍ଥାୟୀ ଭାବେ ରହିଥାଆନ୍ତି। ଜଙ୍ଗଲ ନିକଟସ୍ଥ ଚାଷ ଜମି ଓ ଜନବସତି ଆଡ଼କୁ ବନ୍ୟପ୍ରାଣୀ ବହୁତ ସମୟରେ ମାଡ଼ି ଆସନ୍ତି। ଫଳରେ ଅନେକ ସମୟରେ ଫସଲ ନଷ୍ଟ ଓ ଜନ ଜୀବନ ନଷ୍ଟ



ହୋଇଯାଏ। ଏ ସମ୍ପର୍କରେ ବନ ବିଭାଗ ନିକଟରେ ଖବର ଥାଏ; ମାତ୍ର ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର ହେଉ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। କିଛି ବର୍ଷ ତଳେ ଆଠଗଡ଼ ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲରେ ବନ୍ୟପ୍ରାଣୀ ଓ ଲୋକଙ୍କ ସୁରକ୍ଷା ପାଇଁ ସୌର ତାରବାଡ଼ ଲଗାଯାଇଥିଲା। ଖଳ ପ୍ରକୃତିର ଲୋକଙ୍କ ଦ୍ୱାରା ତାହା ନଷ୍ଟ କରିବା କିମ୍ବା ପରିଚାଳନାଗତ ତ୍ରୁଟି ହେତୁ ତାହା ସଂପୂର୍ଣ୍ଣ ଭାବେ ଉଠି ଯାଇଥିବା ବହୁବାର ଅଭିଯୋଗ ହୋଇଆସୁଛି।

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ବାରମ୍ବାର ହାତୀ ମୃତ୍ୟୁ ଓ ହାତୀ ଆକ୍ରମଣରେ ମନୁଷ୍ୟ ମୃତ୍ୟୁ ଘଟଣା ଏକ ପ୍ରକାର ସାଧାରଣ ଘଟଣା ହୋଇଗଲାଣି। ପୂର୍ବରୁ ଅନେକ ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଥିବା ତାହା ତଦନ୍ତ ମଧ୍ୟରେ ସୀମିତ ରହିଯାଇଛି। ଗତ ମାର୍ଚ୍ଚରୁ ଏଯାବତ ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ୧୫ ହାତୀଙ୍କ ମୃତ୍ୟୁ ହୋଇଛି। ନରସିଂହପୁର ପୂର୍ବରେ ୫ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହାତୀ ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ନରସିଂହପୁର ପଶ୍ଚିମରେ ୬ଟି ହାତୀଙ୍କର ମୃତ୍ୟୁ ଘଟିଛି। ବଡ଼ମ୍ବା ବନାଞ୍ଚଳରେ ୪ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ସମୟ ମଧ୍ୟରେ ଆଠଗଡ ଓ ଖୁଣ୍ଟୁଣୀ ବନାଞ୍ଚଳରେ କୌଣସି ଅଘଟଣ ଘଟି ନ ଥିବା ଜଣାପଡିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ଲୋକଙ୍କର ଧନଜୀବନ କିପରି ସୁରକ୍ଷିତ ରହିବ ସେଥିପ୍ରତି ବିଭାଗ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରେଭେନ୍ସାରେ ୫ ଦିନିଆ କର୍ମଶାଳା ଉଦ୍‌ଘାଟିତ

କଟକ, ୨୪।୬ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଏବଂ ଜୀବବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୫ ଦିନିଆ ବିଜ୍ଞାନ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ବାୟୋପ୍ରୁଡେଣ୍ଟସ୍ ରିସର୍ଚ୍ଚ ଇନୋଭେସନ୍ ଏଲଏଲପି ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ଅର୍କକୁମାର ଦାସମହାପାତ୍ର ମୁଖ୍ୟଅତିଥି ଏବଂ ବିଶ୍ୱବିଦ୍ୟାଳୟର ପି.ଜି. କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କର୍ମଶାଳାର ଆବାହକ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନିହାର ରଞ୍ଜନ ସିଂହ ଏବଂ ସହ ଆବାହକ ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡ. ଧନଞ୍ଜୟ ସୋରେନ୍, ବାୟୋ ପ୍ରୁଡେଣ୍ଟସ୍ ରିସର୍ଚ୍ଚ ଇନୋଭେସନ୍ ପ୍ରତିଷ୍ଠାତା ତଥା ମୁଖ୍ୟ ସ୍ୱାଗତିକା ବେହେରା, ରିସୋର୍ସ ପର୍ସନ୍ ଡ. ପବିତ୍ର



ମୋହନ ବେହେରା ଯୋଗଦେଇଥିଲେ। ଏହି କର୍ମଶାଳାରେ ୧୦ଟି ବୈଷୟିକ ଅଧିବେଶନରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି।

# ଦୁଇ ଗୋଟି ପ୍ରକଳ୍ପର ଶିଳାନ୍ୟାସ



ଧର୍ମଶାଳା/କବାଟବନ୍ଧ, ୨୪।୬(ସମିସ): ଧର୍ମଶାଳା ବ୍ଲକର ଦୁଇଗୋଟି ସ୍ଥାନରେ ନୂତନ ରାସ୍ତା ପାଇଁ ଆଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାସ କରିଛନ୍ତି। ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜଳସେଚନ ବିଭାଗ ନଦୀବନ୍ଧ ଠାରୁ କବାଟବନ୍ଧ ମେଡିକାଲ ପର୍ଯ୍ୟନ୍ତ ୩ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁଥିବା ନୂତନ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ସେହିପରି ୨ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାଟପୁର ପଞ୍ଚାୟତ ଗୁଣ୍ଡିଲୋ ଠାରୁ ଓଲମାଳିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ୍ତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଷେକ ରାଉତ, ସମିତିସଭ୍ୟ ହଳଧର ପାଣିଗ୍ରାହୀ, କୁଳମଣି ପଣ୍ଡା, ଶରତ ଧଳ, ମିର୍ଜାପୁର ସମିତି ସଭ୍ୟା ମିତା ବେହେରା, ବିଶ୍ୱଜିତ ପୃଷ୍ଟି, ଆମ୍ରର ଅଧ୍ୟକ୍ଷ ଉପେନ୍ଦ୍ର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ନିର୍ଯାତନା ଦେବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା, ୨୪।୬(ସମିସ): ଧର୍ମଶାଳା ଥାନା ଅଧୀନସ୍ଥ ଜାରକା ଜାମୁବଣୀଆଁ ଗ୍ରାମର ଜଣେ ଯୁବକ ନିଜ ପତ୍ନୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ପୁଲିସ ତାକୁ ଗିରଫ କରିଛି। ସୂଚନା ମୁତାବକ ଜାମୁବଣିଆ ଗ୍ରାମର ବଟକୃଷ୍ଣ ଗେଡ଼ିଙ୍କ ପୁଅ ହୃଷିକେଶ ଗେଡ଼ି (୪୦) ବିବାହ ପରେ ଯୌତୁକ ଲାଗି ତାଙ୍କ ପତ୍ନୀଙ୍କୁ ଶାରିରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏସମ୍ପର୍କରେ ହୃଷୀକେଷଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୬୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ହୃଷୀକେଶଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ପାଣିମୁହଁ ନିକଟରୁ ମୃତଦେହ ଉଦ୍ଧାର

ମଙ୍ଗଳପୁର, ୨୪।୬(ସମିସ): ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ଅନ୍ତର୍ଗତ ପାଣିମୁହଁ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବହୋଇଛି। ମୃତକ ଜଣଙ୍କ ହେଲେ ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ତ ଦିହୁଡ଼ିସାହି ଗ୍ରାମର ଦସିଆ ମଲ୍ଲିକ। ସେ ପେଶାରେ ଜଣେ ଗଛ କଟାଳି ଥିଲେ। ସୂଚନା ଅନୁଯାୟୀ ଦସିଆ ମଲ୍ଲିକ ବୁଧବାର ସକାଳ ସମୟରେ ନିଜ କାର୍ଯ୍ୟରେ ଘରୁ ବାହାରିଥିଲେ। ପରେ ପାଣିମୁହଁ ନିକଟରେ ସେ ନିଜ ଗାଡ଼ି ରଖି ତଳକୁ ମୁହଁ କରି ବସିଥିବା ଅଞ୍ଚଳବାସୀ ଦେଖିଥିଲେ। ଦୀର୍ଘ ସମୟ ଧରି ସେହି ଅବସ୍ଥାରେ ରହିଥିବାରୁ ଦୁଇଜଣ ସ୍ଥାନୀୟ ବ୍ୟକ୍ତି ସନ୍ଦେହ କରି ତାଙ୍କ ନିକଟକୁ ଯାଇଥିଲେ। ପରିସ୍ଥିତି ଅସ୍ୱାଭାବିକ ମନେ ହେବାରୁ ସେମାନେ ତୁରନ୍ତ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ପରବର୍ତ୍ତୀ ସମୟରେ ମଙ୍ଗଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ଏହାର ତଦନ୍ତ ଜାରି ରଖିଛି। ଉକ୍ତ ଘଟଣାଟି ଦିହୁଡ଼ିସାହି ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକର ପରିବେଶ ସୃଷ୍ଟି କରିଛି।

# ଗୋପିନାଥଜୀୟୁଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ବ୍ରହ୍ମବରଦା, ୨୪।୬(ସମିସ): ରସଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତ ସ୍ଥିତ ଛେନାଖିଆ ପାଟଣା ସ୍ଥିତ ଗୋପିନାଥ ଜୀୟୁଙ୍କ ନୁତନ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଏହି ଅବଶରରେ ଗତ ମଙ୍ଗଳବାର ଅପରାହ୍ନ ୪ ଘଟିକା ସମୟରେ ମୁଖ୍ୟ ପଣ୍ଡିତ ଡ. ପ୍ରଭଞ୍ଜନ ପତିଙ୍କ ଓ ବିଜୟ ପତିଙ୍କ ତତ୍ତ୍ୱାଧନାରେ ମୁଖ୍ୟକର୍ତ୍ତା ଭାବେ ନବଘନ ବେହେରା ଓ କର୍ତ୍ତୀ ଭାବେ ମେନକା ବେହେରାଙ୍କ ସହ୨୧ କଳସ ଧାରି ବ୍ରହ୍ମଣୀ ନଦୀରୁ କଳସ ପୂଜାର୍ଚ୍ଚନା କରି କଳସ ଆଣି ଯଜ୍ଞମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଶ୍ରୀ ଶ୍ରୀ ଗୋପୀନାଥ ଜୀୟୁଙ୍କୁ ବିରାଟ ପଟୁଆରରେ ଶୋଭାଯାତ୍ରାରେ ନଗର ଭ୍ରମଣ ପରେ ପରେ ବୁଧବାର ସମସ୍ତ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ସହ ରାତ୍ର ୧୨ଘଟିକା ସମୟରେ ପୁର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀଧର ପାଢ଼ୀ, ଦେବାଶିଷ ପତିଙ୍କ ସହ ଅନୁଷ୍ଠାନର ସଭାପତି ଅରୁଣ କୁମାର ବେହେରା, ଉପସଭାପତି ଯଯାତି କେଶରୀ ବେହେରା, ସମ୍ପାଦକ ସନାତନ ମଣ୍ଡଳ, କାଳନ୍ଦୀ ଗିରି, ସାହି ମାଲିକ ଗଗନ ବିହାରୀ ବେହେରା, ବିଚିତ୍ର ବେହେରା, ଚକ୍ରଧର ବେହେରା, ଚିତ୍ତରଞ୍ଜନ ବେହରା, ପ୍ରଭାତ ବେହେରା, ଖିରୋଦ ମଣ୍ଡଳ, ଗୋପିନାଥ ବେହେରା, ପ୍ରକାଶ ବେହେରା, ଅଲେଖ ମଣ୍ଡଳ, ବିଚିତ୍ର ବେହେରା ବାଦଲ ବେହେରା ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଲୋକଙ୍କ ସେବାରେ ସରିଲା ଜୀବନ

# ଛେଳି, ମେଣ୍ଢା ଚରାଉଛନ୍ତି ପୂର୍ବତନ ସରପଞ୍ଚ

ଯଖପୁରା, ୨୪।୬(ସମିସ)

ଯିଏ ଦିନେ ଲୋକଙ୍କ ସେବାରେ ନିଜର ସମସ୍ତ ସମୟ ନିୟୋଜିତ କରିଥିଲେ ଆଜି ନିଜେ ବଞ୍ଚିବା ପାଇଁ କରୁଛନ୍ତି ସଂଘର୍ଷ। ନିଜର ଅର୍ଥ ଉପାର୍ଜନ ସମୟରେ ସାଧାରଣ ଲୋକଙ୍କ ସେବା କରି ନିଜେ ଅର୍ଥହୀନ ହୋଇପଡ଼ିଛନ୍ତି। ଆଜିକାଲିର ରାଜନୀତିରେ ପଦପଦବୀ ମିଳିବା ମାତ୍ରେ ଲୋକଙ୍କ ଭାଗ୍ୟ ଓ ଆର୍ଥିକ ସ୍ଥିତି ରାତାରାତି ବଦଳିଯାଉଥିବାର ଚିତ୍ର ସାଧାରଣ ହୋଇପଡ଼ିଥିବା ବେଳେ, ଯାଜପୁର ଜିଲ୍ଲାରୁ ସାମ୍ନାକୁ ଆସିଛି ଏହାର ଏକ ସମ୍ପୂର୍ଣ୍ଣ ଓଲଟା ତଥା ହୃଦୟବିଦାରକ ଚିତ୍ର। ଜନସେବା କରି ନିଜର ସର୍ବସ୍ୱ ହରାଇ ଆଜି ବାର୍ଦ୍ଧକ୍ୟରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଜଣେ ପୂର୍ବତନ ସରପଞ୍ଚ। ୭୬ ବର୍ଷ ବୟସରେ ନିଜେ ବଞ୍ଚିବା ପାଇଁ ଛେଳିମେଣ୍ଢା ଚରାଉଛନ୍ତି ସେ।

ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ଜଟରାପାଳ ଆଦିବାସୀ ଗ୍ରାମର ବାହାଦୂର ମୁଣ୍ଡା। ଆଦିବାସୀ ନେତା ବାହାଦୂର ମୁଣ୍ଡା ଗତ ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ ପଙ୍କପାଳ ପଞ୍ଚାୟତର ସରପଞ୍ଚ ଭାବେ ଅତ୍ୟନ୍ତ ନିଷ୍ଠାର ସହ ଦାୟିତ୍ୱ ତୁଲାଇଥିଲେ। ଦିନେ ଯେଉଁ ଜନପ୍ରତିନିଧି ସମଗ୍ର ପଞ୍ଚାୟତର ବିକାଶର ମଙ୍ଗ ଧରିଥିଲେ, ଆଜି ପ୍ରଶାସନିକ ଅବହେଳା ଓ ଦାରିଦ୍ର୍ୟର ଚରମସୀମାରେ ତାଙ୍କ ଜୀବନ କାହାଣୀ ଅତି ଶୋଚନୀୟ ହୋଇପଡ଼ିଛି। ସରପଞ୍ଚ ହେବା ପୂର୍ବରୁ ତାଙ୍କର ଆର୍ଥିକ ଅବସ୍ଥା ବେଶ୍ ସ୍ୱଚ୍ଛଳ ଥିଲା। ନିଜ କାର୍ଯ୍ୟକାଳ ମଧ୍ୟରେ



## ନିଜେ ବଞ୍ଚିବାକୁ ୭୬ ବର୍ଷ ବୟସରେ କରୁଛନ୍ତି ସଂଘର୍ଷ

ସେ ବହୁ ଜନହିତକର କାର୍ଯ୍ୟ କରି ଦାନଗଦି ବ୍ଲକ ସମେତ ସମଗ୍ର ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ବେଶ୍ ସୁନାମ ଅର୍ଜନ କରିଥିଲେ। ପଞ୍ଚାୟତର ଉନ୍ନତି ପାଇଁ ତତ୍କାଳୀନ ବିଧାୟକ ଓ ପ୍ରଶାସନ ପାଖରେ ବାରମ୍ବାର ଦାବି ଉପସ୍ଥାପନ କରିବା ସହ ଗରିବ ଲୋକଙ୍କ ସୁଖଦୁଃଖରେ ସେ ସଦାସର୍ବଦା ଆଗଧାଡ଼ିରେ ରହୁଥିଲେ। ମାତ୍ର ଲୋକଙ୍କ ସେବା ଚକ୍କରରେ ସେ ନିଜ ପାଇଁ କୌଣସି ସ୍ଥାୟୀ ରୋଜଗାରର ମାଧ୍ୟମ ସୃଷ୍ଟି କରିପାରିନଥିଲେ। ଯାହା ଫଳରେ ୨୦୦୭ ରେ ପଦବୀରୁ ହଟିବା ପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ସଂକଟଜନକ ହୋଇପଡ଼ିଥିଲା। ବର୍ତ୍ତମାନ ବାହାଦୂର ମୁଣ୍ଡାଙ୍କୁ ୭୬ ବର୍ଷ ବୟସ। ତାଙ୍କର ୪ ଝିଅ ଓ ୨ ପୁଅ ବିବାହ କରି ନିଜ ନିଜ ପରିବାର ସହ ଅଲଗା ରହୁଛନ୍ତି। ପେଟର ଜ୍ୱାଳା ମେଣ୍ଟାଇବା ପାଇଁ ଏହି ପରିଣତ ବୟସରେ ମଧ୍ୟ ସେ ପୁଅମାନଙ୍କର ଛେଳି ଓ ମେଣ୍ଢା ପଲ ଧରି କଳିଙ୍ଗନଗର ଶିଳ୍ପାଞ୍ଚଳର ଲାଲମାଟି ପଡ଼ିଆ ଓ ଜଙ୍ଗଲ ରାସ୍ତାରେ ଦିନତମାମ ଚରାଇବାକୁ ବାଧ୍ୟ ହେଉଛନ୍ତି। ଏହି କଷ୍ଟଲବ୍ଧ କାମରୁ ଯାହା ସାମାନ୍ୟ ସମ୍ବଳ ମିଳେ, ସେଥିରେ ବାହାଦୂର ଓ ତାଙ୍କ ସ୍ତ୍ରୀ ଦୁହେଁ ଯେନତେନେ ପ୍ରକାରେ ଜୀବନ ଅତିବାହିତ କରୁଛନ୍ତି। ଦିନଥିଲା ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଯିଏ ନିଜ ସୁଖ-ଶାନ୍ତି ଜଳାଞ୍ଜଳି ଦେଇଥିଲେ, ବାର୍ଦ୍ଧକ୍ୟ ସମୟରେ ପ୍ରଶାସନ ଆଜି ତାଙ୍କୁ ସମ୍ପୂର୍ଣ୍ଣ ଭୁଲିଯାଇଛି। ଗତ ପ୍ରାୟ ୪୦ ବର୍ଷ ପୂର୍ବେ କଂଗ୍ରେସ ସରକାର ଅମଳରେ ତାଙ୍କୁ ଏକ ସରକାରୀ ଆବାସ ଗୃହ ମିଳିଥିଲା ବୋଲି ପୂର୍ବତନ



ସରପଞ୍ଚ ବାହାଦୂର କହିଛନ୍ତି। ବର୍ତ୍ତମାନ ସେହି ଘରଟି ସମ୍ପୂର୍ଣ୍ଣ ଭଗ୍ନ, ଜରାଜୀର୍ଣ୍ଣ ଓ ବିପଜ୍ଜନକ ଅବସ୍ଥାରେ ରହିଛି। ମୁଣ୍ଡ ଗୁଞ୍ଜିବାକୁ ସୁରକ୍ଷିତ ସ୍ଥାନଟିଏ ନଥିବାରୁ ପ୍ରଶାସନ ତରଫରୁ କୌଣସି ସରକାରୀ ସାହାଯ୍ୟ କିମ୍ବା ପକ୍କାଘର ଖଣ୍ଡିଏ ମିଳିଲେ ସେ ଶେଷ ଜୀବନତକ ସମ୍ମାନର ସହ ବଞ୍ଚିପାରନ୍ତେ ବୋଲି ବାହାଦୂର କହିଛନ୍ତି।

## ଜୈବିକ କୃଷି କର୍ମଶାଳା ଓ କ୍ଷେତ ବଞ୍ଚାଓ ଅଭିଯାନ

# ବଣ୍ଟା ଯାଇଥିବା ଧାନ ବିହନ ଗଜା ହେଉନି

ବଡ଼ଚଣା, ୨୪।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ କୃଷକ ମାନଙ୍କର ଚିରନ୍ତନ ଉନ୍ନତି ପାଇଁ ପ୍ରାକୃତିକ ତଥା ଜୈବିକ କୃଷି ତଥା ସନ୍ତୁଳିତ ସାରର ବ୍ୟବହାର ବହୁଳ ସଚେତନତା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ତଥା ଜୈବିକ କର୍ମଶାଳା କୃଷି ବିଭାଗ ଯାଜପୁର ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣାରେ ଅନୁଷ୍ଠିତ ହୋଇଯାଇଛି।

ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଯାଜପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଓ କ୍ଷେତ ବଞ୍ଚାଅ ଅଭିଯାନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏପଟେ ବଡ଼ଚଣା ବ୍ଲକର ବିଭିନ୍ନ ପଞ୍ଚାୟତର ଧାନ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ଧାନ ବିହନ ଗଜା ନ ହେବାରୁ ଚାଷୀ ମାନଙ୍କ ଆସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନେ ଗତ ୧୧ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଜୟ ରାଉତରାୟ ଓ ଫାର୍ମ ମ୍ୟାନେଜର ମନୋଜ ପ୍ରଧାନଙ୍କୁ ଅଭିଯୋଗ କରିବା ପରେ ଚାଷୀମାନଙ୍କୁ ଧାନ ବିହନ ୨୦କିଲୋ ପ୍ୟାକେଟ ପିଛା ନିଆ ଯାଇଥିବା ୮୩୦ ଟଙ୍କା ପୁନଶ୍ଚ ଫେରସ୍ତ କରିଥିଲେ। ଏହା ସହ ଚାଷୀମାନେ କ୍ଷତିପୂରଣ ଦାବି କରିବା ପରେ ବୁଝାସୁଝା କରି ଚାଷୀମାନଙ୍କୁ ଫେରାଇ ଦେଇଥିଲେ। କିନ୍ତୁ ଏଯାବତ ଚାଷୀମାନଙ୍କ ଦାବି ପୂରଣ ହୋଇ ପାରିଲାନାହିଁ। ଚାଷୀମାନଙ୍କୁ ଦିଆ ଯାଇଥିବା ଧାନ ବିହନର ପରୀକ୍ଷା ନିରୀକ୍ଷା କରାଯାଇଥିଲା ନା ନାହିଁ, କେତେ ଜଣ ଚାଷୀଙ୍କୁ ଧାନ ବିହନ ଯୋଗାଇ ଦିଆ ଯାଇଥିଲା ଓ କେତେ ଚାଷୀଙ୍କୁ ବିକ୍ରି କରଯାଇଥିବା ଧାନ ବିହନର ମୂଲ୍ୟ ଫେରସ୍ତ କରାଯାଇଛି ସେ ନେଇ ମଧ୍ୟ କୌଣସି ତଥ୍ୟ ବୈଜ୍ଞାନିକ ବିଜୟ ରାଉତରାୟଙ୍କୁ ପଚାରିବାରେ ସେ ଦେଉନାହାନ୍ତି। ଏପଟେ ଅଣକା ସମବାୟ ସମିତି ପକ୍ଷରୁ ବଣ୍ଟା ଯାଇଥିବା ଧାନ ବିହନ ମଧ୍ୟ ବିଲରେ ଗଜା ନ ହେବାରୁ ଚାଷୀ ମାନେ ସମବାୟ ସମିତିର କର୍ମଚାରୀମାନଙ୍କୁ ପଚାରିବାରେ ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ରରୁ ଧାନ ବିହନ ଯୋଗାଇ ଦିଆଯାଇଥିବା



କଥା କହିଛନ୍ତି। କିନ୍ତୁ ଟଙ୍କା ଫେରସ୍ତର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିଲେ ମଧ୍ୟ ଏହା ଉପରେ କୌଣସି ତଦନ୍ତ ହୋଇ ନଥିବା କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁ ନାହିଁ। ଧାନ ବିଲ ପଡ଼ିଆ ପଡ଼ିଥିବା ବେଳେ କ୍ଷେତ ବଞ୍ଚାଅ ଅଭିଯାନ ଯାହାକି ପ୍ରହସନ ବୋଲି ଚାଷୀ ମାନେ ମତ ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ସାଂସଦ ରବୀନ୍ଦ୍ର କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୀତାନାଥ ବଳସାମନ୍ତ, ଧର୍ମଶଳା କୃଷି ଅଧିକାରୀ ସରୋଜ କୁମାର ଗିରି, ଯାଜପୁରରୋଡ଼ କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ର, ଜିଲ୍ଲା କୃଷି ପରିଚାଳନା ଅଧିକାରୀ ପୀୟୁଷ ବଲ୍ଲଭ ପରିଡ଼ା, ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ବଶିଷ୍ଠ ବୈଜ୍ଞାନିକ ଲଳିତ କୁମାର ମହାନ୍ତି, ମୃତ୍ତିକା ବୈଜ୍ଞାନିକ ଶୁଭାଶିଷ ଦାସ, ଜିଲ୍ଲା ଅବସରପ୍ରାପ୍ତ କୃଷି ଅଧିକାରୀ ଅରୁଣ କୁମାର ପାତ୍ର, ବୈଜ୍ଞାନିକ ସୁବ୍ରତ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ କୃଷି ତଥା ଆନୁସାଙ୍ଗିକ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଝରକା ତାଡ଼ି ଲକ୍ଷାଧିକ ଟଙ୍କା ଲୁଟ୍

ଯାଜପୁର, ୨୪।୬(ସମିସ): ଯାଜପୁର ଥାନା ଲଳିତେଶ୍ୱର ନଗର ଅଞ୍ଚଳରେ ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଘରେ କେହି ନଥିବା ବେଳେ ଝରକା ଭାଙ୍ଗି ଲୁଟ କରିଥିବା ଜଣାପଡ଼ିଛି। ସୁଶାନ୍ତ କୁମାର ସାହୁଙ୍କ ଭଡା ଘରୁ ଝରକା ତାଡି ଘରେ କଳାକନା ବୁଲାଇଥିବା ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦେବେଶ କୁମାର ଭଞ୍ଜ ଲଳିତେଶ୍ୱର ନଗରରେ ସୁଶାନ୍ତ କୁମାର ସାହୁଙ୍କ ଘରେ ଭଡା ସୁତ୍ରରେ ରହୁଥିଲେ। ଦେବେଶ କିଛି ଦିନ ହେବ ରଜ ପାଇଁ ନିଜ ଗାଁକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଗତକାଲି ରାତ୍ର ରେ କିଛି ଦୁର୍ବୃତ୍ତ ଲୁଟେରା ଦେବେଶଙ୍କ ରୁମ୍‌ର ଝରକା ଭାଙ୍ଗି ଘର ଭିତରକୁ ପ୍ରବେଶ କରି ଅଲମୀରାକୁ ଭାଙ୍ଗି ତାଡି ୨ଟି ସୁନା ଚେନ ସମେତ ନଗଦ ଏକ ଲକ୍ଷ ୮୦ ହଜାର ଟଙ୍କା ଲୁଟିନେଇଛନ୍ତି। ଆଜି ଘର ମାଲିକ ଝରକା ଭଙ୍ଗା ହୋଇଥିବା ଦେଖି ଦେବେଶଙ୍କୁ ଜଣାଇବା ସହ ପୋଲିସ କୁ ଖବର ଦେଇଥିଲେ। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ଟଙ୍କା ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଯାଜପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ଡଗ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏ ଯାଏ କୌଣସି ସୁରାଗ ମିଳିନାହିଁ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତିସଭା



ବଡ଼ଚଣା, ୨୪।୬(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ପୁଣ୍ୟ ଶ୍ରାଦ୍ଧୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ବଡଚଣା ବ୍ଲକ ଅନ୍ତର୍ଗତ ଅରଖପୁର ସ୍ଥିତ ଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ଜନତା କଂଗ୍ରେସ ଦଳ ପକ୍ଷରୁ ପାଳିତ ହୋଇଯାଇଛି। ସୁରେଶ ଚନ୍ଦ୍ର ସାହାଣୀଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଜନତା କଂଗ୍ରେସ ଦଳର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମ୍ ଯୋଗଦେଇଥିଲେ। ଆଗାମୀ ଦିନରେ ଓଡ଼ିଶାରେ ହେଉଥିବା ଅନ୍ୟାୟ, ଅନୀତି ଦୁର୍ନୀତି, ଅତ୍ୟାଚାର ବିରୁଦ୍ଧରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦିଲ୍ଲୀପ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସଂଯୋଜକ ବିଦ୍ୟାଧର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ସଞ୍ଜୟ ରାୟ, ପ୍ରଦୀପ ଧଳ, ଅଶୋକ ଶାନ୍ତି, ସୁଜିତ୍ ସ୍ୱାଇଁ, ଶୁଭେନ୍ଦୁ ମଲ୍ଲିକ, ମନୋରଞ୍ଜନ ନାୟକ, ନିକୁଞ୍ଜ ପଶାୟତ, ସୁଧିର ସ୍ୱାଇଁ, ପ୍ରଦୀପ ପ୍ରଧାନ, ସଂଗ୍ରାମ ରାୟ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମେ ଅନୁଷ୍ଠିତ ହୋଇଥିଲା। ଶେଷରେ ସଞ୍ଜୟ କୁମାର ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିଶୁ ଶ୍ରମିକ ଟାସ୍କ ଫୋର୍ସର ଚଢ଼ଉ

# ୧୫ କିଶୋର ଓ ଜଣେ ଶିଶୁ ଶ୍ରମିକ ଉଦ୍ଧାର

ଯାଜପୁର, ୨୪।୬(ସମିସ)

ଓଡ଼ିଶା ସରକାର ଶ୍ରମ ବିଭାଗ ନିର୍ଦ୍ଦେଶ ମତେ ୧୫ ଦିନିଆ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ବିଶେଷ ସଚେତନତା ଓ ଶିଶୁ ଶ୍ରମିକ ନିୟୋଜିତ କରିଥିବା ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ୟାପକ ପଦକ୍ଷେପ ଯାଜପୁର ଜିଲ୍ଲାରେ ଗ୍ରହଣ କରାଯାଇଛି। ସରକାରୀ ନିର୍ଦ୍ଦେଶ ମତେ ଯାଜପୁର ଜିଲ୍ଲାରେ ପ୍ରାୟ୧୫ ଦିନ ଶିଶୁଶ୍ରମିକ ନିୟୋଜନ ବାରଣ ପାଇଁ ସଚେତନତା ରଥ, ରାଲି, ବ୍ୟାପକ ସଚେତନତା ପାଇଁ ସରକାରୀ ବିଭାଗ ଓ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ବୈଠକ ସହିତ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କ ଫୋର୍ସ ଦ୍ୱାରା ଘନ ଘନ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୨ ଜୁନରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାୟକ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ସଚେତନତା ରଥ ଓ ରାଲିକୁ



ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜୁନ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଶିଶୁ ଓ କିଶୋର ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ନିଷ୍ପତ୍ତି ମୁତାବକ ୨୦ ତାରିଖରେ ଯାଜପୁର ବ୍ଲକ ଓ ପୌରପାଳିକାରେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ, ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୭ ଜଣ କିଶୋର ଶ୍ରମିକ ବିଭିନ୍ନ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ ଥିଲା ବେଳେ ସେମାନଙ୍କୁ ଉଦ୍ଧାର କରି ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିପରି ୨୨ ତାରିଖରେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ ବେହେରା, ସହକାରୀ ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା, ସହକାରୀ ଶ୍ରମ ଅଧିକାରୀ ଅଭିଜିତ ଜୟପ୍ରକାଶ ପ୍ରଧାନ ବ୍ୟାସନଗର ପୌରପାଳିକା ଓ କୋରେଇ ବ୍ଲକରୁ ୪ ଜଣ କିଶୋର ଶ୍ରମିକ, ୨୩ ତାରିଖରେ ସହକାରୀ ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା, ସହକାରୀ ଶ୍ରମ ଅଧିକାରୀ, ଶତରୂପା ସାହୁ ବରୀ ବ୍ଲକ ଅଞ୍ଚଳରୁ ୨ ଜଣ କିଶୋର ଶ୍ରମିକ, ୨୪ ତାରିଖରେ ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ସହକାରୀ ଶ୍ରମ ଅଧିକାରୀ ରଚନା ସେଠୀ, ସହକାରୀ ଶ୍ରମ ଅଧିକାରୀ ଶତାବ୍ଦୀକା ନାୟକ ଦାନଗଦି ଓ ସୁକିନ୍ଦା ବ୍ଲକରୁ ୨ ଜଣ କିଶୋର ଓ ଜଣେ ଶିଶୁ ଶ୍ରମିକ ଉଦ୍ଧାର କରି ଆବଶ୍ୟକୀୟ ବିହିତ ପଦକ୍ଷେପ ନେବା ସହିତ ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କ ଫୋର୍ସର ସଦସ୍ୟ ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ, ଯାଜପୁର ପ୍ରଭାଗୀୟ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଚାଇଲ୍ଡ ଲାଇନ ସଦସ୍ୟ, ରୁଚିକା ଓ ଆସପାୟର ଭଳି ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଶିଶୁ ଶ୍ରମିକ ସୁରକ୍ଷା ମାନବାଧିକାର କର୍ମୀ ଏବଂ ପୁଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

# ବୀଣାପାଣି କଳାପୀଠରେ ଯୋଗ ଓ ପିତୃ ଦିବସ

ବଡଚଣା, ୨୪।୬(ସମିସ): ଯୋଗ କେବଳ ଉନ୍ନତ ସ୍ୱାସ୍ଥ୍ୟ ଗଠନ ପାଇଁ ନୁହେଁ, ବରଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଥିବା ଏକ ଶକ୍ତିଶାଳୀ ମାଧ୍ୟମ। ଯୋଗ ମନୁଷ୍ୟକୁ ଶାରୀରିକ ମାନସିକ ବୌଦ୍ଧିକ ବିକାଶ କରିବା ପାଇଁ ସାହାଯ୍ୟ କରିଥାଏ ବୋଲି ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧୀ ଛକ ସ୍ଥିତ ବୀଣାପାଣି କଳା ପୀଠର ଅଧ୍ୟକ୍ଷ ବିପିନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଯୋଗ ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିନାୟକ ସାଂସ୍କୃତିକ ପରିଷଦର ସମ୍ପାଦକ ପବିତ୍ର ରାଉତ ମତବ୍ୟକ୍ତ କରିଛନ୍ତି। ବାପା, ବା-ରେ ବାୟୁ ପା-ରେ ପାଣି। ବାପା ବାୟୁ ଠାରୁ ଶୀତଳ ପାଣି ଠାରୁ କୋମଳ। ପିତା ମାତାଙ୍କ ଜୀବନ



ଶୈଳୀ ସନ୍ତାନ ଉପରେ ପ୍ରଭାବ ପକାଇ ଥାଏ। ତେଣୁ ପ୍ରତ୍ୟେକ ପିଲା ମାନେ ପିତା ମାତାଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଶିକ୍ଷକ ରାଜୀବ ଶତପଥୀ ସଙ୍ଗୀତ ଶିକ୍ଷକ ମାନସ ଦାସ, ନୃତ୍ୟ ଗୁରୁ ସୁଚିତ୍ରା ଜେନା ଓ ସୁଲୋଚନା ଜେନା ପ୍ରମୁଖ ଯୋଗଦେଇ ଆର୍ନ୍ତଜାତୀକ ଯୋଗ ଦିବସ ଓ ପିତୃ ଦିବସର ମାହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମୂହିକ ଯୋଗାଭ୍ୟାସ କରିଥିଲେ।

# ଗୋଶାଳାରେ ଗୋଖାଦ୍ୟ ପ୍ରଦାନ

କୁଆଖିଆ, ୨୪।୬(ସମିସ): ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ରସୁଲପୁର ବ୍ଲକ କୋଳଥଳ ସ୍ଥିତ ସଂସ୍କାର ଗୋଶାଳାରେ କର୍ମକର୍ତ୍ତା ମାନେ ଗୋମାତାଙ୍କୁ ପୂଜାର୍ଚ୍ଚନା କରିବା ସହିତ ଗୋମାତାଙ୍କୁ ଗୋଖାଦ୍ୟ ସହିତ କଦଳୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମିନତୀ ସାହୁ, ଉପାଧ୍ୟକ୍ଷ ଜନ୍ମେଜୟ ସାହୁ, ସଭାପତି ନିମାଇଁ ଚରଣ ପଣ୍ଡା, ସମ୍ପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ସଙ୍ଗୀତା ଆଚାର୍ଯ୍ୟ, ଉପଦେଷ୍ଟା ବିଷ୍ଣୁପ୍ରିୟା ପାଣି, ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀ, କୁଳମଣୀ ନାୟକ, ବିଦ୍ୟାଧର ସାହୁ, ପ୍ରଦୀପ ସାମଲ, ବୈକୁଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ରହି ଗୋମାତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ।



### ଝାରପଡ଼ା ଜେଲରେ ଅଘଟଣ

# କଫ୍ ସିରପ୍ ଓ ନିଶା ବଟିକା ଖାଇଥିଲେ କଏଦୀ

ଭୁବନେଶ୍ୱର, ୨୪।୬ (ସମିସ): ଝାରପଡ଼ା ସ୍ୱତନ୍ତ୍ର ଜେଲରେ କଏଦୀ ଅସୁସ୍ଥ ଘଟଣା ନୂଆ ମୋଡ଼ ନେଇଛି। ମଦ କି ବ୍ରାଉନସୁଗର ନୁହେଁ, ବରଂ ଅତ୍ୟଧିକ କଫ୍ ସିରପ୍ ଓ ନିଶା ବଟିକା ସେବନ କରିଥିବାରୁ ଏପରି

- ଜେଲ୍‌ରେ ଡିଆଇଜିଙ୍କ ତଦନ୍ତ
- ଏମ୍‌ସରୁ ଜେଲ୍‌କୁ ଫେରିଲେ ଦୁଇ କଏଦୀ




ଅବସ୍ଥା ହୋଇଥିବା କ୍ୟାପିଟାଲ ହସ୍ପିଟାଲର ଆଇସିୟୁ ଇନଚାର୍ଜ ଡାକ୍ତର ଲମ୍ବୋଦର ପଣ୍ଡା କହିଛନ୍ତି। କ୍ୟାପିଟାଲ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଥିବା ୩ ଜଣ କଏଦୀ ବାଉଳି ଚାଉଳି ହେଉଥିବା ସେ କହିଛନ୍ତି। ସମସ୍ତଙ୍କୁ ସାଲାଇନ୍, ଇଞ୍ଜେକସନ ଆଦି ଦେଇ ଚିକିତ୍ସା ଚାଲିଥିବା ବେଳେ ପରୀକ୍ଷା କରାଯାଉଛି। ଏହା ସହିତ ବିଭିନ୍ନ ପାରା ମିଟର ଯାଞ୍ଚ କରୁଛନ୍ତି ଡାକ୍ତର। ପ୍ରକୃତରେ ସେମାନେ କଣ ସେବନ କରିଥିଲେ ଜାଣିବା ଲାଗି, କଏଦୀମାନଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ସେପଟେ ଏମ୍‌ସରେ ଚିକିତ୍ସିତ ହେଉଥିବା ମାଓନେତା ରୁପୁ ସିଂ ଓ ବାବୁଲା ପ୍ରଧାନ ଡିସଚାର୍ଜ ହୋଇ ଯାଇଛନ୍ତି। ସେମାନେ ମଧ୍ୟ ନିଶା ବଟିକା ଖାଇଥିବା ପ୍ରାଥମିକ ଚିକିତ୍ସା ପରେ ସ୍ପଷ୍ଟ ହୋଇଛି।

ଗତକାଲି ରାତିରେ ଝାରପଡ଼ା ଜେଲର ୭ ଜଣ କଏଦୀ ଏକକାଳୀନ ଅସୁସ୍ଥ ହୋଇଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ୫ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୨ ଜଣଙ୍କୁ ଏମ୍‌ସ ପଠାଯାଇଥିଲା। ସମସ୍ତ କଏଦୀ ନିଶା ବଟିକ ଓ କଫ୍ ସିରପ୍ ସେବନ କରିଥିବା ଜଣାପଡ଼ିବା ପରେ ଜେଲ୍ ବିଭାଗର ଧଜିଆ ଉଡ଼ିଛି। ରାଜ୍ୟର ଅନ୍ୟତମ ସୁରକ୍ଷିତ ଜେଲ୍ କୁହାଯାଉଥିବା ଝାରପଡ଼ା ଜେଲକୁ ନିଶା ବଟିକା ଓ କଫ୍ ସିରପ୍ କିପରି ଆସିଲା, ତା'କୁ ନେଇ ପ୍ରଶ୍ନ ଉଠିଛି। ଯେଉଁଠି କର୍ତ୍ତୁପକ୍ଷଙ୍କ ଅଜାଣତରେ ପତ୍ର ହଲେ ନାହିଁ, ସେଠାରେ ନିଶା ଚାଲାଣ ହେଉଥିବା ଜଣାପଡ଼ିବା ପରେ ଜେଲ୍ କର୍ତ୍ତୃପକ୍ଷଙ୍କ ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଜେଲ୍ ଭିତରେ ଢିଲା ସୁରକ୍ଷା ବ୍ୟବସ୍ଥାର ଆଉ ଏକ ଉଦାହରଣ ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଅସୁସ୍ଥ ହୋଇଥିବା ୭ ଜଣ କଏଦୀ ଅଲଗା ଅଲଗା ୱାର୍ଡରେ ରହୁଥିଲେ। ଭିନ୍ନ ଭିନ୍ନ ରହି ମଧ୍ୟ ଏକକାଳୀନ ୭ କଏଦୀ ଅସୁସ୍ଥ ହେବା, ସବୁ ୱାର୍ଡରେ ନିଶା କାରବାର ହେଉଥିବା କଥାକୁ ସ୍ପଷ୍ଟ କରିଛି।

ସେପଟେ ହେଡକ୍ୱାଟର ଡିଆଇଜି ବିରେନ୍ ସାହୁ ଓ ଡିଆଇଜି ଅନୁସୟା ଜେନା ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅନ୍ୟ ଅନ୍ତେବାସୀମାନଙ୍କୁ ପଚରାଉଚରା କରିଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ୫ ଜଣ କଏଦୀ ଗତକାଲି ଜେଲ୍ ଭିତରେ ଥିବା ହସ୍ପିଟାଲକୁ ଯାଇଥିଲେ। ସେଠାରୁ ଫେରିବା ପରେ ଅସୁସ୍ଥ ହୋଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଜେଲ୍ ଡାକ୍ତରଖାନା ନିଶା କାରବାରର ମାଧ୍ୟମ ପାଲଟିଥିବା ସନ୍ଦେହ କରାଯାଉଛି। ସିସିଟିଭି ଯାଞ୍ଚ ସହ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ସୁସ୍ଥ ହେବାପରେ କଏଦୀମାନଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଜେଲ୍ ଅଧିକ୍ଷକ ସର୍ବେଶ୍ୱର ସାହୁ କହିଛନ୍ତି।

### ● ଗାଡ଼ି ବିକ୍ରି ନାଁରେ ଅଢ଼େଇ ଲକ୍ଷ ଠକେଇ

# ଛତିଶଗଡ଼ରୁ ଧରାପଡ଼ିଲା ଧୂର୍ତ୍ତ



ଭୁବନେଶ୍ୱର, ୨୪।୬ (ସମିସ): ଗାଡ଼ି ବିକ୍ରି ନାଁରେ ଅଢେଇ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଛତିଶଗଡ଼ରୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାରପଡ଼ା ଭୋଇ ସାହିରେ ରହୁଥିବା କବିସୂର୍ଯ୍ୟନଗର ଥାନା ଜକରାର ବିନୟ କୁମାର ଗୌଡ଼ (୩୪)।

ପୁଲିସ ସୂଚନା ଅନୁସାରେ, ଯାଦୁକର ଏ. ଅରୁଣ ପାତ୍ର ତାଙ୍କ କାର୍ଯ୍ୟକ୍ରମ ସମୟରେ ଅଚ୍ୟୁତାନନ୍ଦ ଗୌଡ଼ ଓ ତାଙ୍କ ଭାଇ ବିନୟ କୁମାର ଗୌଡ଼ଙ୍କ ସହିତ ଯୋଗାଯୋଗ କରିଥିଲେ। ବିନୟ ନିଜକୁ ସେକେଣ୍ଡ ହ୍ୟାଣ୍ଡ ଗାଡ଼ିର ବ୍ୟବସାୟିକ ବ୍ୟକ୍ତି ଭାବରେ ପରିଚୟ ଦେଇଥିଲା। ଅରୁଣଙ୍କର ଗୋଟିଏ ଗାଡ଼ି ଆବଶ୍ୟକ ଥିବାରୁ ସେ ଏକ ସେକେଣ୍ଡ ହ୍ୟାଣ୍ଡ ଗାଡିର ବ୍ୟବସ୍ଥା କରିବାକୁ କହିଥିଲେ। ବିନୟ କିଛି ଦିନ ପରେ ଅରୁଣଙ୍କୁ ଯୋଗାଯୋଗ କରି ମାରୁତି ସ୍ୱିଫ୍ଟ ଡିଜାୟାର କାର କିଣିବାକୁ ପାଇଁ ପ୍ରବର୍ତ୍ତାଇଥିଲା। ଅରୁଣ ତା' କଥାରେ ବିଶ୍ୱାସ କରି ବିନୟର ସାଙ୍ଗ ସନ୍ତୋଷ ଖଟେଇକୁ ୫୦ ହଜାର ଟଙ୍କା ଦେଇଥିଲେ। ଏହାସହିତ ବିନୟକୁ ୨ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ବିନୟ ଗାଡ଼ି ଦେଇନଥିଲା କି ଟଙ୍କା ଫେରାଇନଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ଅରୁଣ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଛତିଶଗଡ଼ର ରାୟପୁରରେ ଚଢ଼ଉ କରି ବିନୟକୁ ଗିରଫ କରିଥିଲା।

# ବନ୍ଧକ ଫ୍ଲାଟ୍ ବିକ୍ରି କରି ବିଲ୍‌ଡର ଗିରଫ



ଭୁବନେଶ୍ୱର, ୨୪।୬ (ସମିସ): ବନ୍ଧକ ଫ୍ଲାଟକୁ ବିକ୍ରି କରିଥିବା ଅଭିଯୋଗରେ ବିଲଡରକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବରମୁଣ୍ଡା ପ୍ରକୃତି ବିହାରର ସଞ୍ଜୀବ କୁମାର ମହାନ୍ତି (୫୭)।

ପୁଲିସ ସୂଚନା ଅନୁସାରେ, କଳାରାହାଙ୍ଗ ଅଞ୍ଚଳରେ ରହୁଥିବା ଅବିନାଶ ସିଂହ ଓ ତାଙ୍କ ପତ୍ନୀ ରୋଜାଲିନ୍ ବେଞ୍ଜାମିନ୍ ୨୦୨୩ ମସିହାରେ ସଞ୍ଜୀବଙ୍କୁ ୭୩ ଲକ୍ଷ ଟଙ୍କା ଦେଇ ପ୍ରକୃତି ବିହାରରେ ଥିବା ଏକ ଫ୍ଲାଟକୁ କିଣିଥିଲେ। ଅଗ୍ରୀମ ବାବଦକୁ ୧୪ ଲକ୍ଷ ୬୦ ହଜାର ଟଙ୍କା ଦେଇଥିବା ବେଳେ ବାକି ୫୮ ଲକ୍ଷ ୪୦ ହଜାର ଟଙ୍କା ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗୃହ ଋଣ ମାଧ୍ୟମରେ ପରିଶୋଧ କରିଥିଲେ। ହେଲେ ଉକ୍ତ ଫ୍ଲାଟ୍ ୨୦୧୪ ମସିହାରୁ ପ୍ରେମାନନ୍ଦ ମହାପାତ୍ରଙ୍କ ନାମରେ କାନାରା ବ୍ୟାଙ୍କରେ ବନ୍ଧକ ରହିଛି ଓ କୋଟିଏ ୧୦ ଲକ୍ଷ ଟଙ୍କାରୁ ଅଧିକ ଋଣ ବାକି ଅଛି ବୋଲି କାନାରା ବ୍ୟାଙ୍କ ଅଧିକାରୀମାନେ ଜଣାଇଥିଲେ। ଫ୍ଲାଟ୍‌ଟି ପୂର୍ବରୁ ପ୍ରେମାନନ୍ଦ ମହାପାତ୍ରଙ୍କୁ ବିକ୍ରୟ କରାଯାଇଥିବା ଓ ବାତିଲ ପ୍ରକ୍ରିୟା ଚାଲିଥିବା ସଞ୍ଜୀବ କହିଥିଲେ ମଧ୍ୟ କାନାରା ବ୍ୟାଙ୍କ ପକ୍ଷରୁ କୌଣସି ବାତିଲ ଦଲିଲ ପ୍ରାପ୍ତ ହୋଇନଥିବା ସ୍ପଷ୍ଟ ହୋଇଥିଲା। ପରେ କାନାରା ବ୍ୟାଙ୍କ ସରଫେସି ଆଇନ୍ ଅନୁଯାୟୀ ସମ୍ପତ୍ତିର ପ୍ରତୀକାତ୍ମକ ଦଖଲ ନୋଟିସ୍ ଜାରି କରି ଫ୍ଲାଟ୍‌ର ମୂଲ୍ୟାଙ୍କନ କରିଥିଲା।

ବିଲଡର ଫ୍ଲାଟ୍‌କୁ ପ୍ରଥମେ ପ୍ରେମାନନ୍ଦ ମହାପାତ୍ରଙ୍କୁ ଓ ପରେ ତାଙ୍କୁ ବିକ୍ରୟ କରି ପ୍ରତାରଣା କରିଥିବା ଅବିନାଶ ଅଭିଯୋଗ କରିଥିଲେ। ଫଳରେ ସେ ୪୫ ଲକ୍ଷ ଟଙ୍କାରୁ ଅଧିକ ନିବେଶ, ପଞ୍ଜିକରଣ ଶୁଳ୍କ, ଭିତର କାମ ଖର୍ଚ୍ଚ ଓ ଗୃହ ଋଣ କିସ୍ତି ପରିଶୋଧ କରିଥିବା ସତ୍ତ୍ୱେ ଗୁରୁତର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ଅଭିଯୋଗରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ଇନଫୋସିଟି ଥାନା ପୁଲିସ ଆଜି ସଞ୍ଜୀବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କାଜୁ ଜଙ୍ଗଲରୁ ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ଭୁବନେଶ୍ୱର, ୨୪।୬ (ସମିସ): ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟ୍ ଠାବ କରିଛି ଏସଟିଏଫ୍। କାଜୁ ଜଙ୍ଗଲରେ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ

- ଜଣଙ୍କୁ ଗିରଫ କଲା ଏସଟିଏଫ୍
- ଚିହ୍ନଟ ପାଇଁ ରଖିଥିଲା ଛିଣ୍ଡା ୧୦ ଟଙ୍କିଆ ନୋଟ୍
- ରାଜ୍ୟ ବାହାରକୁ ହୋଇଥାନ୍ତା ଚାଲାଣ



କରିଛି। ଗିରଫ ଅଭିଯୁକ୍ତ ହେଉଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଉପରପଡ଼ା ଗାଁର ନିଳାମ୍ବର କହଁର (୪୦)। ତା' ଠାରୁ ଗଞ୍ଜେଇ, ଛିଣ୍ଡା ୧୦ ଟଙ୍କିଆ ନୋଟ୍, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ସୂଚନା ଅନୁସାରେ, ଆଠଗଡ଼ ତହସିଲ ଅଧିନରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ କରାଯାଇଥିବା ନେଇ ଏସଟିଏଫ୍ ଖବର ପାଇଥିଲା। ବୁଧବାର ସକାଳେ ଏସଟିଏଫର ସ୍ୱତନ୍ତ୍ର ଟିମ୍ ଆଠଗଡ଼ - କନ୍ଦରପୁର ରାସ୍ତାର ବେଣ୍ଟପଡ଼ା କାଜୁ ଜଙ୍ଗଲରେ ଚଢ଼ଉ କରିଥିଲା। ସେଠାରୁ ନିଳାମ୍ବରକୁ ଗିରଫ କରିବି ସହ ତା' ହେପାଜତରେ ଥିବା ଏକ କୁଇଣ୍ଟାଲ ୯୦ କିଲୋ ଗଞ୍ଜେଇ ଜବତ କରିଥିଲା। ନିଳାମ୍ବର ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟର ସକ୍ରିୟ ସଦସ୍ୟ ବୋଲି ଏସଟିଏଫ୍ ଜାଣିବାକୁ ପାଇଛି। ବିଭିନ୍ନ ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରିଆଣି ଏଠାରେ ଗଚ୍ଛିତ କରାଯାଇଥିଲା ଓ ପରେ ସେହି ଗଞ୍ଜେଇକୁ ରାଜ୍ୟ ବାହାରକୁ ଚାଲାଣ କରା ଯାଇଥାନ୍ତା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

କେବଳ ଗଞ୍ଜେଇ ନୁହେଁ, ନିଳାମ୍ବର ଠାରୁ ମୋବାଇଲ ଫୋନ ଓ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମଧ୍ୟ ମିଳିଥିଲା। ଗଞ୍ଜେଇ ଚାଲାଣ ରାକେଟର କିଙ୍ଗପିନ୍ ସମ୍ପୃକ୍ତ ଛିଣ୍ଡା ନୋଟ୍ ନିଳାମ୍ବରକୁ ଦେଇଥିଲା। ଗଞ୍ଜେଇ ହସ୍ତାନ୍ତର ପୂର୍ବରୁ ଛିଣ୍ଡା ୧୦ ଟଙ୍କିଆ ନୋଟର ବଳକା ଖଣ୍ଡ ସହ ମ୍ୟାଚ୍ କରିବାକୁ କହିଥିଲା। ହେଲେ ରାଜ୍ୟ ବାହାରକୁ ଚାଲାଣ ପୂର୍ବରୁ ଏସଟିଏଫ୍ ତାକୁ ମାଡ଼ି ବସିଥିଲା। ଏନେଇ ଏସଟିଏଫ୍ ଏକ ମାମଲା ରୁଜୁ କରି ନିଳାମ୍ବରକୁ କୋର୍ଟ ଚାଲାଣ କରିଛି।

### ଭେଣ୍ଡିଂ ଜୋନ୍‌ରେ ନିଆଁ ଲଗାଇଦେଇଥିଲେ ଦୁର୍ବୃତ୍ତ

# ଋଣଭାର ସହି ନ ପାରି ଆଖିବୁଜିଲେ ଉଠାଦୋକାନୀ

ଭୁବନେଶ୍ୱର, ୨୪।୬(ସମିସ)

ଦୁର୍ବୃତ୍ତ ଭେଣ୍ଡିଂ ଜୋନ୍‌ରେ ଥିବା ଦୋକାନ ପୋଡ଼ିଦେଲେ। ଅପରପକ୍ଷେ ଋଣ ଭାର ସହି ନ ପାରି ରୋଗରେ ପଡ଼ିପଡ଼ି ମୃତ୍ୟୁ ବରଣ କରିଛନ୍ତି ରାଜଧାନୀର ଜଣେ ଉଠାଦୋକାନୀ। ମୃତକ ହେଲେ ୟୁନିଟ୍ ୧ ଅଞ୍ଚଳ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟ କରୁଥିବା ଜି. ଲକ୍ଷ୍ମଣ ରାଓ। ଖବର ନେବାରୁ ଜଣାପଡ଼ିଛି ଗତ ଜାନୁଆରୀ ୧୯ ତାରିଖ ରାତିରେ କିଛି ଖଳ ପ୍ରକୃତିର ଲୋକ ସେମାନଙ୍କ ନିଜ ସ୍ୱାର୍ଥ ହାସଲ ପାଇଁ ୟୁନିଟ୍-୧ରେ ଥିବା ଭେଣ୍ଡିଂ ଜୋନରେ ନିଆଁ ଲଗାଇଦେବା ଫଳରେ ସେଠାରେ ପାଖାପାଖ ୪୦ରୁ ଅଧିକ ଦୋକାନ

- କ୍ୟାଣ୍ଡଲ ଶୋଭାଯାତ୍ରାରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ଉଠାଦୋକାନୀ

ପୋଡ଼ି ପାଉଁଶ ହୋଇଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିଲା। ସେହି ଦୋକାନୀମାନଙ୍କ ମଧ୍ୟରୁ ଜି. ଲକ୍ଷ୍ମଣ ରାଓ ୨ ଲକ୍ଷ ଟଙ୍କାରୁ ଅଧିକ କରଜ କରି ନିଜ ଦୋକାନରେ ବିଭିନ୍ନ ସାମଗ୍ରୀ ରଖୁଥିଲେ। ତାଙ୍କ ସମ୍ମୁଖରେ ଦୋକାନ ପୋଡ଼ିବା ଦେଖୁ ସେ ଦୁଃଖରେ ଭାଙ୍ଗିପଡ଼ିବା ସହ ଋଣଭାର ପରିଶୋଧ କରିନପାରିବା ଚିନ୍ତାରେ ରୋଗାଗ୍ରସ୍ତ ହୋଇପଡ଼ିଥିଲେ। ରୋଗାଗ୍ରସ୍ତ ହୋଇଯିବାରୁ ଜି. ଲକ୍ଷ୍ମଣ ରାଓଙ୍କୁ ତାଙ୍କର ପତ୍ନୀ, ପୁତ୍ର ଏବଂ ଝିଅ କ୍ୟାପିଟାଲ ହସ୍ପିଟାଲ ଏବଂ ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଥିଲେ ମଧ୍ୟ ସେ ସୁସ୍ଥ ହୋଇପାରି ନଥିଲେ। ଫଳରେ ଗତ ୨୨ ତାରିଖ ଦିନ




କଟକ ବଡ଼ ମେଡ଼ିକାଲରେ ତାଙ୍କର ମୃତ୍ୟୁ ଘଟିଛି।

ତାଙ୍କର ମୃତ୍ୟୁ ଖବର ପାଇ ଭୁବନେଶ୍ୱରରେ ବହୁ ଉଠାଦୋକାନୀ ମର୍ମାହତ ହେବା ସହ ସ୍ୱର୍ଗତ ରାଓଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବୁଧବାର ସନ୍ଧ୍ୟାରେ ମହାବୀର ବଣିକ ସଂଘ, ନିଜ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ ମହାସଂଘ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ମିଳିତ ସହଯୋଗରେ ମହାସଂଘର ସାଧାରଣ ସମ୍ପାଦକ ଦୀପକ ମହାପାତ୍ରଙ୍କ ନେତୃତ୍ୱରେ ଶହ ଶହ ଉଠାଦୋକାନୀ ୟୁନିଟ୍- ୧ରୁ ଏକ ମହମ ଶୋଭାଯାତ୍ରାରେ ବାହାରି ଏଜି ଛକ ଦେଇ ୟୁନିଟ୍- ୨ ଏବଂ ମହିଳା ଥାନା ପାଖରେ ଥିବା ଆଖଣ୍ଡଳମଣି ମନ୍ଦିରଠାରେ ପହଞ୍ଚିଥିଲେ। ମନ୍ଦିରରେ ସମସ୍ତ ଦୋକାନୀ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରେ ମହାସଂଘର ସଭାପତି ପ୍ରତାପ ସାହୁ ପହଞ୍ଚି ସ୍ୱର୍ଗତ ରାଓଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ନିରଞ୍ଜନ ପାଣ୍ଡେ, ସୁନିଲ କୁମାର ଖଣ୍ଡୁଆଳ, ନୀଳମଣି ସାହୁ, ଅଲ୍ଲୀ ଜାନ, ଗଙ୍ଗା ରେଡି, ଶରତ କୁମାର ସାହୁ, ଉପେନ୍ଦ୍ର କୁମାର ସାହୁଙ୍କ ସମେତ ଭୁବନେଶ୍ୱରର ୧୦୦ ଅଧିକ ସଂଗଠନର ସଭାପତି, ସମ୍ପାଦକମାନେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୧୦ ଟଙ୍କା ପାଇଁ ଗୁପଚୁପ୍ ଦୋକାନୀଙ୍କୁ ହାଣିଥିଲା ବାପି

ଭୁବନେଶ୍ୱର, ୨୪।୬ (ସମିସ): ୧୦ ଟଙ୍କା ପାଇଁ ଗୁପଚୁପ୍ ଦୋକାନୀଙ୍କୁ କଟୁରିରେ ହାଣିବା ଘଟଣାରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୩ ମସଜିଦ କଲୋନୀର ଚନ୍ଦନ ସାହୁ ଓରଫ୍ ବାପି (୨୬)।

ପୁଲିସ ସୂଚନାନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ବାପି ଓ ଜଣେ ନାବାଳକ ଶ୍ରୀୟା ଛକରେ ଥିବା ଲୋକନାଥ ସାହୁଙ୍କ ଦୋକାନକୁ ଆସି ଗୁପଚୁପ୍ ୭୦ ଟଙ୍କାର ଗୁପଚୁପ୍ ଖାଇଥିଲେ ଓ କେବଳ ୬୦ ଟଙ୍କା ଦେଇଥିଲେ। ଲୋକନାଥ ବାକି ୧୦ ଟଙ୍କା ମାଗିବାରୁ ବାପି ଦେବାକୁ ମନା କରିଦେଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ନିକଟରେ ବିରିୟାନୀ ଦୋକାନ କରିଥିବା ଲୋକନାଥଙ୍କ ଭାଇ ଗୋପୀନାଥ ହସ୍ତକ୍ଷେପ କରିବାରୁ ବାପି ଧମକ ଦେଇ ପଳାଇଥିଲା। ରାତି ପ୍ରାୟ ୯ଟା ୩୦ ସମୟରେ ବାପି, ରାଜା, ଶାର୍କୀ ଓ ସହଯୋଗୀ ବାଇକରେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକନାଥ ତାଙ୍କ ଗୁପଚୁପ୍ ଦୋକାନରେ ଅନୁପସ୍ଥିତ ଦେଖି ଅଭିଯୁକ୍ତମାନେ ତାଙ୍କ ଭାଇ ଗୋପୀନାଥଙ୍କୁ କଟୁରିରେ ହାଣିଥିଲେ। ଫଳରେ ତାଙ୍କ ଗୋଡ଼ରେ ରକ୍ତାକ୍ତ ଆଘାତ ଲାଗିଥିଲା। ଗୋପୀନାଥଙ୍କ ବେକରୁ ଏକ ସୁନା ଚେନ୍ ମଧ୍ୟ ଛିଣ୍ଡାଇ ନେଇଥିଲେ। ଏହା ପରେ ଅଭିଯୁକ୍ତମାନେ ଶ୍ରୀୟା ଟକିଜ୍ ସାମ୍ନାରେ ଥିବା ଫାଷ୍ଟ-ଫୁଡ୍ ଷ୍ଟଲ୍ ଭଙ୍ଗାରୁଜା କରିବା ସହିତ ଆତଙ୍କ ସୃଷ୍ଟି କରିଥିଲେ। ଗୋପୀନାଥଙ୍କ ଅଭିଯୋଗ ଆଧାରରେ ବାପିକୁ ଗିରଫ କରିବା ସହ ତା' ଠାରୁ କଟୁରି ଓ ସୁନା ଚେନ ଜବତ କରିଛି ଖାରବେଳ ନଗର ଥାନା ପୁଲିସ। ବାପି ନାମରେ ପୂର୍ବରୁ ୭ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।



# ବାଲି ବୋଝେଇ ଟ୍ରକ୍ ଜବତ; ଚାଳକ ଗିରଫ




ଯାଁଳା, ୨୪।୬(ସମିସ): ଇନଫୋଭ୍ୟାଲି ଥାନା ପୁଲିସ ବେଆଇନ ବାଲି ଚାଲାଣ ଅଭିଯୋଗରେ ଅଭିଯୁକ୍ତ ହାଇୱା ଚାଳକ ଜଟଣୀ ଗୋପିନାଥପୁରର ବିଧାନ ଚନ୍ଦ୍ର ଭୁଜବଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଏକ ବାଲି ଭର୍ତ୍ତି ହାଇୱା ଟ୍ରକ ଜବତ କରିଛନ୍ତି। ସୂଚନା ଅନୁସାରେ ଇନଫୋଭ୍ୟାଲି ଥାନାର ଏକ ସ୍ୱତନ୍ତ୍ର ଟିମ ୧୬ ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ, ଏକ ବେଆଇନ ବାଲି ଭର୍ତ୍ତି ଟ୍ରକ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବାର ଦେଖିଥିଲେ। ପୋଲିସ କର୍ମଚାରୀମାନଙ୍କୁ ଦେଖି ଚାଳକ ଜଣକ ଦ୍ରୁତ ଗତିରେ ଗାଡ଼ି ନେଇ ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ଦଳ ଟ୍ରକର ପିଛା କରି ତାକୁ ଓଗଳପଡ଼ା ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ। ଯାଞ୍ଚ କରିବା ପରେ, ଟ୍ରକରେ ବାଲି ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ବାଲି ପରିବହନ ପାଇଁ ବୈଧ କାଗଜପତ୍ର, ପରମିଟ୍ କିମ୍ବା ଅନୁମତିପତ୍ର ଦେଖାଇବାକୁ ଡ୍ରାଇଭରଙ୍କୁ କୁହାଯାଇଥିଲା, କିନ୍ତୁ ସେ ଏପରି କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପଚରାଉଚରା ସମୟରେ ସେ ସ୍ୱୀକାର କରିଥିଲେ ଯେ, ଟ୍ରକର ମାଲିକ ପ୍ରଭାକର ଓରଫ ପବିତ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସେ କଟକ, ତୀର୍ଥପଡ଼ା ଘାଟରୁ ବେଆଇନ ଭାବରେ ବାଲି ପରିବହନ କରୁଥିଲେ।

### ନାରୀ ଅଧିକାର ସୁରକ୍ଷା ଦାବି

# ବିଜେଡି ମହିଳା ଶାଖାର ବିଶାଳ ଶୋଭାଯାତ୍ରା

ବାଲିପାଟଣା, ୨୪।୬(ସମିସ) : ସରକାରଙ୍କ ଅପାରଗତାରୁ ସାରା ଓଡ଼ିଶାରେ ନାରୀ ଆଜି ସୁରକ୍ଷିତ ନୁହେଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଲୋକେ ତ୍ରାହି ତ୍ରାହି ଡାକିଲେଣି। ମହିଳାଙ୍କୁ ଶତକଡା ୩୩ ଭାଗ ସଂରକ୍ଷଣ ଦେବାରେ ସରକାର ନାଟକ କରୁଛନ୍ତି ବୋଲି ଆଜି ପୂର୍ବାହ୍ନରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ମହିଳା ଶାଖାର ନାରୀ ନେତ୍ରୀମାନେ ହଜାର ହଜାର ମହିଳାଙ୍କୁ ସମ୍ବୋଧନ କରି ଏହା କହିଛନ୍ତି। ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ରଙ୍କ ସଭାପତିତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ମହିଳା ଶାଖାର ମୁଖ୍ୟ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ମେୟର ସୁଲୋଚନା ଦାସ, ଭାଇସ ଚେୟାରମେନ



ଭାରତୀ ସିଂହ, ରାଜ୍ୟ ବିଜୁ ଯୁବ ଜନତା ସଭାନେତ୍ରୀ ଇପ୍ସିତା ସାହୁ, ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା ପ୍ରମୁଖ ଉଦବୋଧନ ଦେଇ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟକଳାପକୁ ଘୋର ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜୟଦେବ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବିଧାୟକ ଅନନ୍ତ ନାରାୟଣ ଜେନା ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବାଲିପାଟଣା ଛକ ଠାରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ହଜାର ହଜାର ମହିଳାଙ୍କ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ମହିଳାମାନେ ସରକାରଙ୍କ ବିରୁଦ୍ଧରେ ନାରା ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ପରେ ବିଡିଓଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର, ବିଜୁ ଜନତା ଦଳ ମହିଳା ଶାଖା ତରଫରୁ ପ୍ରଦାନ କରାଯାଇଥିଲା। ବିଜେଡିର ସ୍ଥାନୀୟ ନେତା ପୂର୍ବତନ ସଭାପତି ପ୍ରତାପ କେଶରୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ପୂର୍ବତନ ସଭ୍ୟ ଦିଲ୍ଲୀପ ବଳିୟାରସିଂହ, ପୂର୍ବତନ ବ୍ଲକ ଅଧକ୍ଷ ତ୍ରିବିକ୍ରମ ଦାଶ, ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ମହାନ୍ତି, ମିର ନାସିର ଅଲ୍ଲୀ, ବିନେସ ନାୟକ, ସଦାଶିବ ଦାଶ, ବାବୁରାମ ମଲ୍ଲିକ ଓ ନାରୀନେତ୍ରୀ ବବିତା ବେହେରା, ଜ୍ୟୋସ୍ନାରାଣୀ ଭୋଳ, ହରପ୍ରିୟା ଭୋଳ, ସାଗରିକା ବେହେରା, ମମତା ପାଳ, ନୟନା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଭୁବନେଶ୍ୱର ସିଟି

## ଏବେବି ମହାନଗରବାସୀଙ୍କ ଭରସା ମାଟି ରାସ୍ତା

# ରାସ୍ତାରେ ପାଣି କାଦୁଅ; ଦୁର୍ଦ୍ଦଶା ଭୋଗୁଛନ୍ତି ନୂଆପଲ୍ଲୀବାସୀ

ଭୁବନେଶ୍ୱର, ୨୪।୬(ସମିସ)



ଏବେବି ମହାନଗର ନିଗମ ଅଧିନରେ ରହିଥିବା ଅଞ୍ଚଳ ଗୁଡ଼ିକରେ ଲୋକେ ମାଟି ରାସ୍ତାକୁ ଭରସା କରୁଛନ୍ତି। ବିଭିନ୍ନ ଗାଁ ଗହଳି ଓ ଅପହଞ୍ଚ ଇଲାକାରେ ପକ୍କା ରାସ୍ତା ନିର୍ମାଣ କରାଯାଉଥିବା ବେଳେ ରାଜଧାନୀରେ ଲୋକଙ୍କ ଯାତାୟତର ମାଧ୍ୟମ ପାଲଟିଛି ମାଟି ରାସ୍ତା। ଚାରିଆଡ଼େ ଛିଡ଼ା ହୋଇଛି ବଡ଼ ବଡ଼ ଆପାର୍ଟମେଣ୍ଟ, କେତେକ ସ୍ଥାନରେ ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲିଛି। ହେଲେ ଯିବାକୁ ନାହିଁ ରାସ୍ତା। ବିଶେଷ କରି କାର୍ କିମ୍ବା ବଡ଼ ଗାଡ଼ି ଏହି ରାସ୍ତା ଦେଇ ଯିବା ତ ଦୂରର କଥା ପାଦଚଲା ଲୋକେ ଦାକେଦମ୍ ହେଉଛନ୍ତି। କାରଣ ରାସ୍ତାଟି ଅଣଓସାରିଆ ସାଙ୍ଗକୁ ଅଧାଖଣ୍ଡିଆ ହୋଇଥିବା ବେଳେ ଖାଲଖମାରେ ଭର୍ତ୍ତି ହୋଇଛି। ଅସରାଏ ବର୍ଷା ହେଲେ ସ୍ଥିତି ଆହୁରି ସାଂଘାତିକ। ଏଭଳି ରାସ୍ତା ଦେଖିବାକୁ ମିଳିଛି ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ଜନଗହଳି ଅଞ୍ଚଳ ଭାବେ ପରିଚିତ ୱାର୍ଡ ନମ୍ବର ୩୮ ଅଧୀନସ୍ଥ ନୟାପଲ୍ଲୀରେ।

ଇନ୍ଦିରା ମଇଦାନରୁ ନୟାପଲ୍ଲୀ ବ୍ରିଟ୍ କଲୋନୀକୁ ସଂଯୋଗ କରୁଥିବା ଏହି ଗଳି ରାସ୍ତା ସ୍ଥାନୀୟ ଲୋକଙ୍କ ଭରସା। ପ୍ରତିଦିନ ସ୍କୁଲ କଲେଜ ଠାରୁ ଆରମ୍ଭ କରି ମାର୍କେଟ ବିଲଡିଙ୍ଗ୍ ସିଆରପି, ଏଜି କିମ୍ବା ସହରର ଅନ୍ୟ ସ୍ଥାନକୁ ଯିବାକୁ ହେଲେ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଯଦିଓ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ କିନ୍ତୁ ଖାଲ ଖମା ଭର୍ତ୍ତି ହୋଇଥିବାରୁ ଅସରାଏ ବର୍ଷାରେ କୃତ୍ରିମ ପୋଖରୀ ପାଲଟୁଛି ଚଲାପଥ। ଫଳରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ମଧ୍ୟ ଅସୁବିଧାର ଶିକାର ହେଉଛନ୍ତି। ପକ୍କା ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବହୁବାର ଅଭିଯୋଗ କରୁଥିଲେ ମଧ୍ୟ ବର୍ଷର୍ ବର୍ଷ ବିତୁଛି ହେଲେ ସମସ୍ୟା ପୂର୍ବଭଳି ରହିଥିବା ଅଭିଯୋଗ ହୋଇଛି। ତେବେ ସମସ୍ୟା ସେତିକିରେ ସରି ନାହିଁ, ନିକଟସ୍ଥ ଇନ୍ଦିରା ମଇଦାନରେ ପ୍ରତିଦିନ ସକାଳ ସଞ୍ଜରେ ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମେ। ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥାଏ। ହେଲେ ଅସରାଏ ବର୍ଷାରେ ପରିସ୍ଥିତି ବେହାଲ। ପଚ ପଚ କାଦୁଅ ସାଙ୍ଗକୁ ଇନ୍ଦିରା ମଇଦାନ ଅନ୍ୟ ଫାଟକ ସମ୍ମୁଖରେ ଗଦା ହେଉଥିବା ଆବର୍ଜନାର ଦୁର୍ଗନ୍ଧ ମଧ୍ୟ ଚିନ୍ତାର କାରଣ ପାଲଟିଛି। ଏନେଇ ୱାର୍ଡର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ କହିଛନ୍ତି, ଏହି ରାସ୍ତା ପାଇଁ ବହୁଦିନରୁ ପ୍ରୟାସ ହେଉଥିଲେ ବି ନିର୍ଦ୍ଦିଷ୍ଟ ଲୋକଙ୍କ ବ୍ୟକ୍ତିଗତ ଜାଗା ବୋଲି ଅଭିଯୋଗ ହେଉଛି। ଫଳରେ ବିବାଦ ଲାଗି ରହିଥିବାରୁ କାମ ହୋଇପାରୁ ନଥିଲା। କିଛିଦିନ ଆଗରୁ ଡିମାର୍କେସନ୍ ହୋଇଛି। ଲାଗି ରହିଥିବା ବିବାଦର ସମାଧାନ କରାଯାଇ ରାସ୍ତା ଓ ଡ୍ରେନ୍ କରାଗଲେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ତେବେ ଇନ୍ଦିରା ମଇଦାନ ନିକଟରେ ଜମା ହେଉଥିବା ଆବର୍ଜନା ସମ୍ପର୍କରେ ସେ କହିଛନ୍ତି ଯେ, ୱାର୍ଡରେ କୌଣସି ଖାଲି ସ୍ଥାନ ନାହିଁ ଯେଉଁଠି ଅଳିଆ ଜମା କରାଯିବ। ପୂର୍ବରୁ ୧୦ରୁ ୧୨ଟି ସ୍ଥାନରେ ଅଳିଆ ଜମା ହେଉଥିବା ବେଳେ ବର୍ତ୍ତମାନ ୨ଟି ସ୍ଥାନରେ ଜମା ହେଉଛି। କାରଣ ଅଳିଆ ସଂଗ୍ରହ ପରେ ଗୋଟିଏ ସ୍ଥାନରେ ଗଦା କରାଯାଇ ପୁନର୍ବାର ସେଠାରୁ ଉଠାଯାଉଛି।

## ଆନ୍ତର୍ଜାତିକ ଅଲିମ୍ପିକ୍ କମିଟିର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ସୋଆ ଡାକ୍ତର ମନୋନୀତ



ଭୁବନେଶ୍ୱର, ୨୪।୬(ସମିସ): ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଲଗ୍ନଜିତ ଦାଶ ଲୁଜାନ ସ୍ଥିତ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ମନୋନୀତ ହୋଇଛନ୍ତି। ଡାକ୍ତର ଦାଶ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ମାନଦଣ୍ଡକୁ ଭିତ୍ତି କରି କ୍ରୀଡାବିତ୍ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଯୋଗ୍ୟତା ହାସଲ କରିଛନ୍ତି। ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ଅଧ୍ୟକ୍ଷ କ୍ରିଷ୍ଟି କୋଭେନ୍‌ଟ୍ରି ଏବଂ ଏହାର ସ୍ୱାସ୍ଥ୍ୟ, ଭେଷଜ ଓ ବିଜ୍ଞାନ କମିଶନ ଚେୟାର ଡ. ରବିନ୍ ଇ. ମିଚେଲଙ୍କ ସ୍ୱାକ୍ଷର ଥିବା ଏହି ପ୍ରମାଣପତ୍ର ଡାକ୍ତର ଦାଶଙ୍କୁ ମିଳିଛି। ତାଙ୍କର ଏହି ସଫଳତା ପାଇଁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଫେସର ନାୟକଙ୍କୁ ଡାକ୍ତର ଦାଶ ସାକ୍ଷାତ୍ କରି ତାଙ୍କର ଆର୍ଶୀବାଦ ଗ୍ରହଣ କରିଛନ୍ତି।

## ଜଳବିଦ୍ୟୁତ୍ ନିଗମ କର୍ତ୍ତୃପକ୍ଷଙ୍କ ସହ ବିଦ୍ୟୁତ୍ କର୍ମଚାରୀଙ୍କ ଆଲୋଚନା



ଭୁବନେଶ୍ୱର, ୨୪।୬(ସମିସ): ଜଳବିଦ୍ୟୁତ୍ ନିଗମରେ ଦୀର୍ଘଦିନ ଧରି ରହିଥିବା ବିଭିନ୍ନ କର୍ମଚାରୀ ସମସ୍ୟାର ସମାଧାନ ଦାବିରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ଏକ ପ୍ରତିନିଧି ଦଳ ନିଗମର ମାନବସମ୍ବଳ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି। ଫେଡେରେସନ୍‌ର ଅଭିଯୋଗ ଅନୁସାରେ କର୍ତ୍ତୃପକ୍ଷଙ୍କ କାଳକ୍ଷେପଣ ନୀତି ଯୋଗୁଁ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ବହୁ ଦାବି ଦୀର୍ଘଦିନ ଧରି ଅମିମାଂସିତ ଥିବା ନେଇ ଆଲୋଚନା କରିଥିଲେ। ଫେଡେରେସନ୍‌ର ଚେୟାରମ୍ୟାନ୍ ରାମକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘଙ୍କ ନେତୃତ୍ୱରେ ଶମ୍ଭୁ ମହାପାତ୍ର, ସନ୍ତୋଷ ପଣ୍ଡା, କମଳେଶ ଦାସ, ଦେବେନ୍ଦ୍ର ମିଶ୍ର, ଲଛମନ ରାଓ, ରଞ୍ଜିତ ପାତ୍ର ଓ ସୁଶାନ୍ତ ନାୟକ ପ୍ରମୁଖ ଆଲୋଚନାରେ ଯୋଗଦେଇ ଦାବିଗୁଡ଼ିକର ତୁରନ୍ତ ସମାଧାନ ଦାବି କରିଥିଲେ। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନହେଲେ ଫେଡେରେସନ୍ ତାହାର ସହଯୋଗୀ ସଂଘଗୁଡ଼ିକୁ ନେଇ ଆନ୍ଦୋଳନକୁ ତୀବ୍ର କରିବ ବୋଲି ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ ଚେତାବନୀ ଦେଇଛନ୍ତି।

## ଶ୍ରାଦ୍ଧଦିବସରେ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୪।୬(ସମିସ): ପ୍ରାକ୍ତନ ମୁଖ୍ୟମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ, କୃଷି, କୃଷକ ତଥା ସାଧାରଣ ଜନତାଙ୍କ ପାଇଁ ସମର୍ପିତ ବ୍ୟକ୍ତିତ୍ୱ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧଦିବସ ବିଧାନସଭା ପରିସରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୀତାବଲ୍ଲଭ ମହାପାତ୍ର, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସମିତା ମହାରଣା, ବରିଷ୍ଠ ପୁଜ୍ୟପୂଜା ପ୍ରାଣ କାମଦେବ ମହାପାତ୍ର ପ୍ରୟମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ମାନ୍ୟତା ଦେବା, କୃଷି, କୃଷକ, ସାଧାରଣ ଜନତା, ନିଷ୍ପେସିତ ଅବହେଳିତ ବ୍ୟକ୍ତିମାନଙ୍କ ପାଇଁ ତାଙ୍କ ବହୁମୁଖୀ କାର୍ଯ୍ୟକ୍ରମ ଅତୁଳନୀୟ ଥିଲା ବୋଲି କହିବା ସହ ଭୁସଂସ୍କାର ବିଧାୟକ ପ୍ରଣୟନ, କୃଷି ଓ ପଶୁଚିକିତ୍ସା ମହାବିଦ୍ୟାଳୟ ସ୍ଥାପନ, ଶିକ୍ଷାକୁ ପ୍ରାଥମିକତା ଦେବା ସହ ଗରିବ, ଖଟିଖିଆ ମାନଙ୍କ ପାଇଁ ବହୁ ଜନହିତକର କାର୍ଯ୍ୟକ୍ରମ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶେଷରେ ସୀତାଂଶୁ ଶେଖର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡ଼କଣ୍ଟୁଣିଆ ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ବାଲିଅନ୍ତା, ୨୪।୬(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଗଡ଼ କଣ୍ଟୁଣିଆ ଗ୍ରାମରେ ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ୨୧ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜାନୀତି ସମ୍ପର୍ଣ୍ଣ ହୋଇଥିଲା। ୨୧ ତାରିଖରେ ଅଧିବାସ, ଅଙ୍କୁରାରୋପଣ ଏବଂ କଳସଯାତ୍ରା ନୀତି କାନ୍ତି ଅନୁଷ୍ଠିତ ହୋଇଥିଲା। ୨୨ ତାରିଖରେ ପୀଠ ସଂସ୍କାର, ପଞ୍ଚକର୍ମ, ଅଗ୍ନିସ୍ଥାପନ ବିଧି ସମ୍ପର୍ଣ୍ଣ ହୋଇଥିଲା। ୨୩ ତାରିଖ ପୂର୍ବାହ୍ନରେ ବିଗ୍ରହ ସ୍ନାନ, ମଣ୍ଡଳ ପୂଜା, ନ୍ୟାସ ହବନ ବିଧି ସମ୍ପର୍ଣ୍ଣ ହୋଇଥିଲା। ୨୪ ତାରିଖରେ ମହାଜଜ୍ଞ, ଅପରାହ୍ନରେ ମନ୍ଦିର ସମ୍ମୁଖରେ ଜୟ ବିଜୟ, ଚକ୍ରରାଜ, ନବଗ୍ରହ, ଗରୁଡ଼ ସ୍ତମ୍ଭ, ପାର୍ଶ୍ୱ ଦେବତା ବାମନ ଦେବ, ନୃସିଂହ ବରାହ, ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ମନ୍ଦିରରେ ସ୍ଥାପନ ହୋଇଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୂତି ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ରାତିରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଗଗନ ଗୁରୁଜୀ ଯୋଗ ଦେଇ ମନ୍ଦିର ପ୍ରତିଷ୍ଠା କରିବା ସହ ଆଗତ ଭବିଷ୍ୟତ ସମ୍ପର୍କରେ ଦିବ୍ୟ ବାଣୀ ଶୁଣାଇଥିଲେ। ଏହି ଅବସରରେ ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିଲା।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଏନ୍‌ଇପି ସଚେତନତା

ଭୁବନେଶ୍ୱର, ୨୪।୬(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ମାଳବୀୟ ମିଶନ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର (ଏମଏମଟିଟିସି), ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ) ଏବଂ ମହାବିଦ୍ୟାଳୟ ବିକାଶ ପରିଷଦ (ସିଡିସି)ର ମିଳିତ ଆନୁକୂଲ୍ୟରେ 'ଜାତୀୟ ଶିକ୍ଷା ନୀତି (ଏନଇପି) ଅଭିମୁଖୀକରଣ ଓ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଠାରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଅନୁବନ୍ଧିତ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ପଲିଟେକନିକ୍ କଲେଜରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଶୈକ୍ଷିକ ନେତୃତ୍ୱ, ଉଚ୍ଚଶିକ୍ଷା ଓ ସମାଜ, ସାମଗ୍ରିକ ଓ ବହୁମୁଖୀ ଶିକ୍ଷା, ଦକ୍ଷତା ବିକାଶ, ଭାରତୀୟ ଜ୍ଞାନ ପରମ୍ପରା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ବିକାଶ ଏବଂ ଛାତ୍ର ବିବିଧତା ଓ ଅନ୍ତର୍ଭୁକ୍ତ ଶିକ୍ଷା ଭଳି ଆଠଟି ପ୍ରମୁଖ ବିଷୟ ଉପରେ ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରତିଯୋଗୀମାନଙ୍କୁ ଜାତୀୟ ସ୍ତରର ଶୈକ୍ଷିକ ଦୃଷ୍ଟିକୋଣ ଓ ବୌଦ୍ଧିକ ବିକାଶ ସମ୍ପର୍କରେ ଜାଣିବାର ସୁଯୋଗ ପ୍ରଦାନ କରୁଛି। ସେହିପରି ଦେଶର ବିଭିନ୍ନ ପ୍ରାନ୍ତର ଶିକ୍ଷାବିତ୍ ଓ ସହକର୍ମୀମାନଙ୍କ ସହ ଭାବ ବିନିମୟ ମାଧ୍ୟମରେ ଉଚ୍ଚଶିକ୍ଷାର ସମସାମୟିକ ଧାରାକୁ ବୁଝିବାରେ ଏହା ସହାୟକ ହେଉଛି।

## ଓଡ଼ିଶା ଡାନ୍ସ ଏକାଡେମୀ ପକ୍ଷରୁ ସୁବର୍ଣ୍ଣିମା ଉଦ୍‌ଯାପିତ




ଭୁବନେଶ୍ୱର, ୨୪।୬(ସମିସ): ଓଡ଼ିଶା ଡାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ୩ଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ସଙ୍ଗୀତଜ୍ଞ ଗୁରୁ ପ୍ରଫେସର ରାମହରି ଦାସ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଶୀ ମର୍ଦ୍ଦଳର ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଏକାଡେମୀର ସମ୍ପାଦିକା ଗୁରୁ ଡ଼. ଅରୁଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସଙ୍ଗୀତଜ୍ଞମାନଙ୍କ ଦ୍ୱାରା 'ଜଳ ତର୍ପଣ' ସହିତ, ଯାହା ଓଡ଼ିଶୀ ସଙ୍ଗୀତର ପରଲୋକଗତ ଗୁରୁଙ୍କ ପ୍ରତି ଏକ ଗମ୍ଭୀର ଏବଂ ଶ୍ରଦ୍ଧାପୂର୍ଣ୍ଣ ନିବେଦନ ଥିଲା। ପରେ ପରେ ଦର୍ଶକମାନେ ବାଦ୍ୟ ବାଣୀ ଗୁରୁକୁଳର ପାରଙ୍ଗତ ବାଦ୍ୟବୃନ୍ଦ ଦ୍ୱାରା ପ୍ରସ୍ତୁତ ଏକ ଅସାଧାରଣ 'ତାଳ ବାଦ୍ୟ' ପରିବେଷଣର ସ୍ୱାଦ ଉପଭୋଗ କରିଥିଲେ। ବେହେଲା ବାଦକ ଅଗ୍ନିମିତ୍ର ବେହେରା ଏବଂ ତାଙ୍କ ବାଦ୍ୟବୃନ୍ଦଙ୍କ ଦ୍ୱାରା ପ୍ରସ୍ତୁତ 'ପଲ୍ଲବୀ ମୂର୍ଚ୍ଛନା'। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଏସଟିଏଟି ଇ-ଫାଇଲିଂ ସଂକ୍ରାନ୍ତ ସ୍ୱତନ୍ତ୍ର କର୍ମଶାଳା

ଭୁବନେଶ୍ୱର, ୨୪।୬(ସମିସ): ଭୁବନେଶ୍ୱର ଟାକ୍ସ ବାର୍ ଆସୋସିଏସନ ଦ୍ୱାରା ଜିଏସଟି ଆପିଲେଟ୍ ଟ୍ରିବ୍ୟୁନାଲ୍ ଇ-ଫାଇଲିଂ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଏସଟିଏଟର ଟେକ୍ନିକାଲ୍ ମେମ୍ବର ଆନନ୍ଦ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଏସଟି ଟ୍ରିମ୍ୟୁନାଲରେ ଇ ଫାଇଲିଂର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଜ୍ୟ ଜିଏସଟି ବିଭାଗର ଯୁଗ୍ମ କମିଶନର କୁନୁ ପାଢ଼ୀ ଯୋଗଦେଇ ନୂତନ ପୋର୍ଟାଲ ମାଧ୍ୟମରେ କିଭଳି ବିବାଦଗୁଡ଼ିକର ସରଳ ସମାଧାନ ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିରେ ଆଇନଜୀବୀ ଦିଲ୍ଲୀପ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ଟାକ୍ସ ବାର୍‌ର ସଭାପତି ଗୌର ପ୍ରସାଦ ରଥ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ ଶତପଥି କର୍ମଶାଳାକୁ ପରିଚାଳନା କରିଥିଲେ।

## ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୧ତମ ପୁଣ୍ୟତିଥି

ଭୁବନେଶ୍ୱର, ୨୪।୬(ସମିସ): ବ୍ରହ୍ମାକୁମାରୀଜ୍ ସଂସ୍ଥାର ପ୍ରଥମ ପ୍ରଶାସନିକ ମୁଖ୍ୟା ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୧ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମାକୁମାରୀଜ୍ ଓମ୍ ନିବାସ, ୟୁନିଟ୍- ୯ ଠାରେ ଏକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମାତେଶ୍ୱରୀଙ୍କ ଜୀବନୀ, ତ୍ୟାଗ, ସେବା, ଆଧ୍ୟାତ୍ମିକ ନେତୃତ୍ୱ ଓ ବ୍ରହ୍ମାକୁମାରୀଜ୍ ସଂସ୍ଥାର ବିକାଶରେ ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା ରାଉତ ଯୋଗଦେଇ କହିଥିଲେ ଯେ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀ କେବଳ ବ୍ରହ୍ମାକୁମାରୀଜ୍ ସଂସ୍ଥାର ନୁହେଁ, ସମଗ୍ର ସମାଜ ପାଇଁ ଏକ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ। ସମ୍ମାନିତ ଅତିଥି ଭାବେ ନିର୍ମାଣ ସୌଧ, ପୂର୍ବତନ ଇଞ୍ଜିନିୟର-ଇନ୍-ଚିଫ, ଅଶୋକ ଗିରି ଉପସ୍ଥିତ ରହି ମାନବ ଜୀବନରେ ଆଧ୍ୟାତ୍ମିକତା ଓ ରାଜଯୋଗ ଧ୍ୟାନର ଗୁରୁତ୍ୱ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀଜ୍ ଭୁବନେଶ୍ୱର ସବ୍-ଜୋନ୍ ନିର୍ଦ୍ଦେଶିକା ବିକେ ଗୀତା ଦିଦି ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ଦିବ୍ୟ ଜୀବନ, ତାଙ୍କର ଅଲୌକିକ ସେବା ଏବଂ ବ୍ରହ୍ମାକୁମାରୀଜ୍ ସଂସ୍ଥାକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜଯୋଗ ଧ୍ୟାନ ମାଧ୍ୟମରେ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା।

## ଶାସ୍ତ୍ରୀୟ ସଙ୍ଗୀତରେ ପଦ୍ମଶ୍ରୀ ଓଁକାରନାଥଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୬(ସମିସ): ଶାସ୍ତ୍ରୀୟସଙ୍ଗୀତଅନୁଷ୍ଠାନ 'ସ୍ୱରରଙ୍ଗ' ଆନୁକୂଲ୍ୟରେ ଭାରତର ପ୍ରସିଦ୍ଧ ସଙ୍ଗୀତଜ୍ଞ ବାଜେଞ୍ଚକାର ସଙ୍ଗୀତ ମାର୍ତ୍ତଣ୍ଡ ପଦ୍ମଶ୍ରୀ ପଣ୍ଡିତ ଓଁକାରନାଥ ଠାକୁର (ପ୍ରଣବ-ରଙ୍ଗ)ଙ୍କର ୧୨୯ତମ ଜୟନ୍ତୀ ଉତ୍ସବ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଉତ୍ସବରେ ସାମ୍ବାଦିକ ତଥା ଓଡ଼ିଶା ଭାସ୍କରର ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସିନେ ସମାଲୋଚକ ଦିଲ୍ଲୀପ୍ ହାଲୀ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମରେ 'ପ୍ରଣବ-ରଙ୍ଗ'ଙ୍କ ବିଭିନ୍ନ ରାଗରେ ରଚିତ ବନ୍ଦିଶ ଗାୟନରୁ ଲିପ୍‌ସା ନନ୍ଦ, ଗୁରୁ କୃଷ୍ଣଚନ୍ଦ୍ର ଦାଶ, ଗୁରୁ ପଣ୍ଡିତ ହରିହର ରଥ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ତବଲାରେ ଗୁରୁ ସୁଶାନ୍ତ କୁମାର ଜେନା ଓ ଗୁରୁ ଭୀମସେନ୍ ପରିଡ଼ା ଏବଂ ହାରମୋନିୟମ୍‌ରେ ଗୁରୁ ଜୀବନ ପ୍ରକାଶ ଦାଶ ସହଯୋଗ କରିଥିଲେ। ଅନୁଷ୍ଠାନର କୋଷାଧକ୍ଷା ମାନସୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ମଦମୁକ୍ତ ଓଡ଼ିଶା ଦାବିରେ ତ୍ରିରଙ୍ଗା ଯାତ୍ରାର ତ୍ରୟୋଦଶ ଦିବସ

ଭୁବନେଶ୍ୱର, ୨୪।୬(ସମିସ): କ୍ଷମତାସୀନ ବିଜେପି ସରକାର ନିଜର ଦୁଇବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଯାଇଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଜାରି କରାଯାଇଥିବା ସଙ୍କଳ୍ପପତ୍ରରେ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ ଘୋଷଣା କରାଯାଇଥିଲା। ଓଡ଼ିଶାକୁ ମଦମୁକ୍ତ କରିବା ପରିବର୍ତ୍ତେ ଓଡ଼ିଶାରେ ବିଜେପି ସରକାର ମଦ ପ୍ରସାରଣ କାର୍ଯ୍ୟରେ ମାତିଛନ୍ତି। ଏହାର ପ୍ରତିବାଦ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତୁରନ୍ତ ରାଜ୍ୟ ସରକାର ନିଜର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ସରକାରଙ୍କ ନିକଟରେ କ୍ରମାଗତ ଭାବେ ଦାବି କରିଆସୁଛି। ଆଜି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବିଧାନସଭା ସମ୍ମୁଖରେ ଥିବା ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନର ପ୍ରଣେତା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀ ଠାରେ ତାଙ୍କର ୪୩ତମ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିରୁପାକ୍ଷ ତ୍ରିପାଠୀ, ଦିଲ୍ଲୀପ ଦାଶଶର୍ମା, ସୁମିତ୍ରା ଜେନା, ଡ. ବାସନ୍ତୀ ମହାନ୍ତି, ତୁଷାରକାନ୍ତ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଅପରାହ୍ନ ୫ଟାରେ ଆରମ୍ଭ ହୋଇଥିବା ଏହି ତ୍ରିରଙ୍ଗା ଯାତ୍ରା ଆଜି ତ୍ରୟୋଦଶ ଦିବସରେ ପହଞ୍ଚିଛି। ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନର ପ୍ରଣେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀ ଠାରୁ ଆରମ୍ଭ ହୋଇଥିବା ତ୍ରିରଙ୍ଗା ଯାତ୍ରା ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସରକାର ଓଡ଼ିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ତ୍ରିରଙ୍ଗା ଯାତ୍ରା ଜାରି ରହିବ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ତ୍ରିରଙ୍ଗା ଯାତ୍ରାରେ ରମେଶ ଚନ୍ଦ୍ର ବେହେରା, କନକଲତା ଭଞ୍ଜ, ବାସନ୍ତୀ ଆଚାର୍ଯ୍ୟ, ମାନବେନ୍ଦ୍ର ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲା ବେଳେ ଶୁଭେନ୍ଦୁ ରାଉତରାୟ, ଦୁର୍ଗାପ୍ରସାଦ ଦାଶ, ପ୍ରିୟନାଥ ଆଚାର୍ଯ୍ୟ, କାହ୍ନୁ ଚରଣ ବେହୁରା, ଅରୁଣ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



# ଗାଁରେ ମାଗଣା; ସହରରେ କିଣା

ଭୁବନେଶ୍ୱର, ୨୪।୬(ସମିସ): ଜାମୁକୋଳି କଥା ମନକୁ ଆସିଲେ ପ୍ରଥମେ ଗାଁ କଥା ମନେପଡ଼େ। ତେବେ ଗାଁ ମାନଙ୍କରେ ମାଗଣାରେ ଜାମୁକୋଳି ମିଳୁଥିବା ବେଳେ ଏହି କୋଳି ସହରକୁ ଆସିବା ପରେ ଏହାର ଦର ଅମୂଲ ମୂଲ ହେବା ସହରୀଆଙ୍କ ଆଦର କାହିଁରୁ କେତେ। ଏଥିପାଇଁ ସ୍ମାର୍ଟ ସିଟିର ବିଭିନ୍ନ ଛକର ରାସ୍ତା ପାର୍ଶ୍ୱରେ ଏହି ଜାମୁକୋଳି ପସରା ପାଖରେ ଲୋକଙ୍କ ଭୀଡ଼ ଦେଖିବାକୁ ମିଳୁଛି।

### ଜମୁଛି ଜାମୁକୋଳି ବେପାର



ରାଜଧାନୀରେ ଜାମୁକୋଳିର ପସରା ରଜ ପାଖାପାଖିରୁ ଦେଖିବାକୁ ମିଳିଥାଏ। ଏହି ଜାମୁକୋଳି ସହର ଉପକଣ୍ଠ ଗାଁ ସମେତ ବଲାଙ୍ଗିର, ନୟାଗଡ଼, ପୁରୀ ଆଦି ସହରରୁ ଆସୁଛି। କେଜି ପ୍ରତି ୨୫୦ ରୁ ୨୦୦ ଟଙ୍କା ରହିଛି। ଦୋକାନ ମାନଙ୍କରେ ଜାମୁକୋଳି ବିକ୍ରି ହଉଥିଲେ ମଧ୍ୟ ରାସ୍ତା କଡ଼ର ଜାମୁକୋଳିକୁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି। ଏହି ଜାମୁକୋଳି ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ ଆଡ଼କୁ ଗଲା ବେଳେ ହଉ ଅବା ଆସିବା ବେଳେ ରାସ୍ତାରକଡ ମାନଙ୍କରେ ଅନେକ ବେପାରୀଙ୍କ ପସରା ଦେଖିବାକୁ ମିଳିବ। ଏଥିସହିତ ରାଜମହଲ, ସିଆରପିଏଫ୍ ଛକରୁ ଡ଼ିଏଭି ଦେଇ ପାୱାର ହାଉସ୍ ଛକ ଆଡ଼କୁ ଗଲା ବେଳେ ଅନେକ ବେପାରୀ ଏହି ଜାମୁକୋଳି ପସରା ଦେଖିବାକୁ ମିଳିଥାଏ।

> 'ଜାମୁକୋଳିରେ ଭିଟାମିନ୍ ଏ, ଭିଟାମିନ୍ ବି୧, ବି୨, ବି୩, ବି୫, ବି୬ ରହିବା ସହିତ ଭିଟାମିନ୍ ସି ରହୁଛି। ଯାହା ସୁଗାରକୁ ନିୟନ୍ତ୍ରଣ ରଖିବା ସହିତ ଇମ୍ୟୁନିଟି ଓ ହାର୍ଟକୁ ସୁସ୍ଥ ରଖିବା ସହିତ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ହିମୋଗ୍ଲୋବିନ ବୃଦ୍ଧିରେ ସହାୟତା କରିବା ସହ ତ୍ୱଚା ଓ ମୁଖ, ତ୍ରୁଟି ପାଇଁ ଲାଭଦାୟକ ହୋଇଥାଏ।'
> -ଡ଼ା. ମାନସ ରଞ୍ଜନ ଦାସ, ସମ୍ ହସ୍ପିଟାଲ

ଏହି ବେପାରୀମାନେ ବାହାର ସହରରୁ ଆସୁଥିବା ଏହି କୋଳିକୁ ଗୋଦାମରୁ କିଣି ଆଣି ବେପାର କରୁଛନ୍ତି।

ଏହି କୋଳିକୁ ଅଧିକ ବୟସ୍କ ଲୋକମାନେ ଅଧିକ କିଣି ନେଉଛନ୍ତି। ଏହି କୋଳିର ବହୁ ଉପକାରୀ ଗୁଣ ରହିଛି ବୋଲି ବାଙ୍କିରୁ ଆସି ବେପାରୀ କରୁଥିବା ଦୟାନିଧି ସାହୁ କୁହନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଗାଁ ମାନଙ୍କରେ ଏହି କୋଳି ମାଗଣାରେ ମିଳୁଥିବା ବେଳେ ଏଠାରେ ଲୋକେ ପଇସା ଦେଇ କିଣି ନେଉଛନ୍ତି। ଏହି କୋଳି ବେପାର ଆଉ ମାତ୍ର ୧୫ ଦିନ ବିକି ହବ। ବର୍ଷା ଆରମ୍ଭ ହୋଇଗଲେ କୋଳି ଆଉ ଦେଖିବାକୁ ମିଳିବନି ବୋଲି ସେ କହିଛନ୍ତି।

## ବେନିଫିସିଆଲ ପ୍ଲାଣ୍ଟକୁ ବିରୋଧ

# ଦେଉଳକଣ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ଦାନଗଡି,୨୪।୬(ସମିସ):



ଯାଜପୁର ଜିଲ୍ଲା ଦାନଗଡି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ହେଉଥିବା ବେଦାନ୍ତ କମ୍ପାନୀର ବେନଫିସିଆଲ ପ୍ଲାଣ୍ଟର କାର୍ଯ୍ୟକୁ ପୁଣି ବିରୋଧ କରିଛନ୍ତି ସ୍ଥାନୀୟ ପ୍ରଭାବିତ ଅଞ୍ଚଳବାସୀ। ସେମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ପଞ୍ଚାୟତର ଜନପ୍ରତିନିଧିମାନେ କମ୍ପାନୀକୁ ସିଧାସଳଖ ସମର୍ଥନ ଦେଇଥିବାରୁ ବୁଧବାର ଅପରାହ୍ନରେ ପଞ୍ଚାୟତର ମୁଖ୍ୟ ଦ୍ୱାରକୁ ଆନ୍ଦୋଳନକାରୀ ଗ୍ରାମବାସୀ ତାଲା ପକାଇ ଧାରଣାରେ ବସିରହିଥିଲେ। ଏହି ପ୍ଲାଣ୍ଟ ହେଲେ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଭବିଷ୍ୟତରେ ଲୋକମାନେ ମାରାତ୍ମକ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିବେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, କମ୍ପାନୀ କର୍ତ୍ତୃପକ୍ଷ, ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଆକାରରେ କାରଖାନା ଏଠାରେ ନ ହେବା ପାଇଁ ଗୁହାରୀ କରିଥିଲେ। ଏହାର ପ୍ରତିବାଦରେ ପ୍ରଭାବିତ ଅଞ୍ଚଳର ଶତାଧିକ ଲୋକେ ମେଳି କରି ଶୋଭାଯାତ୍ରା କରି କମ୍ପାନୀ ବିରୋଧରେ ନାରା ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କୁ ଡାକିଥିଲେ ସେ ନ ଆସିବାରୁ ମହିଳା ଆନ୍ଦୋଳନକାରୀ ମାନେ ସମସ୍ତ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାର କରିଦେଇ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଶାନ୍ତିପୂର୍ଣ୍ଣ ଭାବରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ପ୍ରଶାସନ,

### ଧାରଣାରେ ବସିଲେ ସ୍ଥାନୀୟ ଲୋକେ

ଜନପ୍ରତିନିଧି ଓ କମ୍ପାନୀ କର୍ତ୍ତୃପକ୍ଷ ସିଧାସଳଖ ଲୋକମାନଙ୍କ ସହିତ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ବାହାର କରିବା ପାଇଁ ଆନ୍ଦୋଳନକାରୀ ମାନେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ କମ୍ପାନୀ ଫାଟକ ପାଶ୍ୱର୍ରେ ଆମରଣ ଅନଶନ କରିବାକୁ ପ୍ରଭାବିତ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

## ରାତି ଅଧରେ ଅଗ୍ନିକାଣ୍ଡ; ଦିନମଜୁରିଆ ପରିବାର ସର୍ବସ୍ୱାନ୍ତ



**କୋଠାର,୨୪।୬(ସମିସ):** ଧୂଷୁରୀ ଥାନା ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତର ସଇଦଜାଫର ଗାଁରେ ଏକ ଅଗ୍ନିକାଣ୍ଡ ଘଟି ଜଣେ ଦିନମଜୁରିଆ ପରିବାର ସର୍ବସ୍ୱ ହରାଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୨ଟାରେ ସେକ୍ ଏକ୍ରାମ (୬୩)ଙ୍କ ବାସଗୃହରେ ହଠାତ୍ ନିଆଁ ଲାଗିଥିଲା। ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଘରଟି ଜଳିପୋଡ଼ି ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡ ସମୟରେ ପରିବାର ଲୋକେ ପ୍ରାଣ ବଞ୍ଚାଇ ବାହାରକୁ ଚାଲି ଆସିଥିଲେ। ତେବେ ଘର ଭିତରେ ଥିବା ନଗଦ ୨୫ ହଜାର ଟଙ୍କା, ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା, ଦୁଇଟି ମୋବାଇଲ୍ ଫୋନ୍, କପଡ଼ା, ରାସନ ସାମଗ୍ରୀ ସମେତ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ମୋଟ ପ୍ରାୟ ୬ ଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ସେକ୍ ଏକ୍ରାମ ଓ ତାଙ୍କ ଦୁଇ ପୁଅ ସେକ୍ ୱେତ କାଦ୍ରୀ (୩୦) ଏବଂ ସେକ୍ ରିଆଜ (୨୬) ଦିନମଜୁରି କାମ କରି ପରିବାର ଚଳାଉଥିବା ବେଳେ ଏହି ଅଗ୍ନିକାଣ୍ଡ ସେମାନଙ୍କୁ ଦୁର୍ଦ୍ଦଶା ମଧ୍ୟରେ ପକାଇ ଦେଇଛି। ଘଟଣା ପରେ ଗ୍ରାମବାସୀ ପ୍ରଶାସନକୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ବାଲି ବୋଝେଇ ହାଇୱା ଜବତ; ୪ ଲକ୍ଷ ଟଙ୍କା ଜରିମାନା



**ଅସୁରାଳି,୨୪।୬(ସମିସ):** ଧୂଷୁରୀ ଥାନା ଅଞ୍ଚଳରେ ବେଆଇନ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ ଖଣି ବିଭାଗ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଧୂଷୁରୀ ଥାନା ଅନ୍ତର୍ଗତ ହସନାବାଦ ପଞ୍ଚାୟତର ଅସ୍ତକଠାରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ବେଆଇନ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରାଯିବା ସହ ମୋଟ୍ ୪ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଅସ୍ତକ ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ଖଣି ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି କନିଷ୍ଠ ଖଣି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସଦଳବଳେ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ହାଇୱା ଗାଡ଼ିକୁ ଅଧିକାରୀମାନେ କାବୁ କରିଥିଲେ। ପରେ ଉକ୍ତ ବାଲି ବୋଝେଇ ହାଇୱା ଗାଡ଼ିକୁ ଆଣି ଧୂଷୁରୀ ଥାନାରେ ଜିମା ଦିଆଯାଇଛି। ଏହି ବେଆଇନ ପରିବହନ ବାବଦରେ ଗାଡ଼ି ମାଲିକଙ୍କ ଉପରେ ୪ଲକ୍ଷ ଟଙ୍କାର ମୋଟା ଅଙ୍କର ଜରିମାନା କଟାଯାଇଥିବା ସୂଚନା ମିଳିଛି। ଖଣି ବିଭାଗର ଏଭଳି ଅତର୍କିତ ଚଢ଼ଉ ପରେ ସ୍ଥାନୀୟ ଅଞ୍ଚଳର ବେଆଇନ ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ଆଗାମୀ ଦିନରେ ମଧ୍ୟ ଏଭଳି ବେଆଇନ ଚୋରା ଚାଲାଣ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

## ସହିଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

### ● ବିଦାୟୀ ଅଧ୍ୟକ୍ଷାଙ୍କୁ ବିଦାୟ ସମ୍ବର୍ଦ୍ଧନା



**ସହିଦ ନଗର,୨୪।୬(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ସହିଦନଗର ସ୍ଥିତ 'ସହିଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ' ପରିସରରେ ବୁଧବାର ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅନୁଷ୍ଠିତ +୨ କାଉନ୍‌ସିଲ୍ ପରୀକ୍ଷାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଉକ୍ତ ପରୀକ୍ଷାରେ ମୋଟ୍ ୧୫୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ୧୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଶେଷ ଭାବେ ୧୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଜିଏମ୍ କଲେଜର ଅଧ୍ୟାପକ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ କୃତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ତିଳୋତ୍ତମା ଦାସ, ମୁରଲୀଧର ଶତପଥୀ, ସମାଜସେବୀ ସରୋଜ ପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷା ତିଳୋତ୍ତମା ଦାସଙ୍କୁ ବିଦ୍ୟାଳୟ ପରିବାର ପକ୍ଷରୁ ଏକ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୋଦ ମିଶ୍ର, ଅର୍ପିତା ବେହେରା, ରୁକିଆ କାଦ୍ରୀ, ଗୁରୁଦେବ ବଡ଼ି ଓ ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଜୟ ନାୟକ, କୃଷ୍ଣଚନ୍ଦ୍ର ବାରିକ, ବିଜୟ ସାହୁ, ବିଦ୍ୟାଧର ସେଠୀ ଓ ସଚ୍ଚି ପାଢ଼ୀ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ୍ ଉଦ୍ଧାର କରି ମାଲିକଙ୍କୁ ହସ୍ତାନ୍ତର



**ଧାମନଗର,୨୪।୬(ସମିସ):** ଧାମନଗର ପୁଲିସ ତତ୍ପରତା ଓ ସଫଳତା ଏବଂ କାର୍ଯ୍ୟଦକ୍ଷତାର ଆଉ ଏକ ଉଦାହରଣ ସାମ୍ନାକୁ ଆସିଛି। ହଜିଯାଇଥିବା ମୋବାଇଲ୍‌କୁ ସିଇଆଇଆର୍ ପୋର୍ଟାଲ ମାଧ୍ୟମରେ ମାତ୍ର ୨ ଦିନରେ ଠାବ କରି ଉଦ୍ଧାର କରିଛନ୍ତି। ଶନିବାର ସନ୍ଧ୍ୟାରେ ଧାମନଗର ଥାନା ଏସ୍‌ଆଇ ନାରାୟଣ ନାୟକ କାଗଜପତ୍ର ଯାଞ୍ଚ କରି ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍‌ଟି ଅଭିଯୋଗ କରିଥିବା ବ୍ୟକ୍ତି ନଗେସ ଭାରତଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ମୋବାଇଲ୍ ଫୋନ୍‌ଟି ଗତ ମାସ ୨୫ ତାରିଖରେ ପରିବା ହାଟରେ ହଜିଯାଇଥିଲା। ନିଜର ହଜିଯାଇଥିବା ମୋବାଇଲ ଫୋନ୍ ଫେରି ପାଇବା ପରେ ନଗେସ ଖୁସିବ୍ୟକ୍ତ କରିବା ସହିତ ଆଇଆଇସି ଶୁଭ୍ରଜିତ୍ ଦାଶ ଏବଂ ସବ୍‌ଇନ୍ସପେକ୍ଟର ନାରାୟଣ ନାୟକଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।


## ଦେଶୀ ମଦ ଭାଟି ଠାବ; ୭୦ ଲିଟର ଜବତ

**ତିହିଡ଼ି,୨୪।୬(ସମିସ):** ତିହିଡ଼ି ପୁଲିସର ଅତର୍କିତ ଚଢ଼ଉ ଯୋଗୁଁ ମହରମପୁର ପଞ୍ଚାୟତ କନ୍ଦପୁର ଗାଁରୁ ଏକ ଚୋରା ଦେଶୀ ମଦ ଭାଟି ଜବତ କରାଯାଇଛି।



ଏଥିସହ ଗାଁର ଜଖ ରାଉତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ତାଙ୍କଠାରୁ ୭୦ ଲିଟର ଦେଶୀ ମଦ ଜବତ କରିଛି। ସୂଚନା ଅନୁସାରେ, ତିହିଡ଼ି ଥାନା ଅଧୀନ ତାଳପଦା, କନ୍ଦପୁର, ଭୂୟାଁଉଆସ ଆଦି ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ତିହିଡ଼ି ପୁଲିସ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ୍ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା।

## ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ପରଲୋକ



**ଜେନାପୁର,୨୪।୬(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ବରାଳ ସାହିର ପୂର୍ବତନ ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ ତଥା ବରିଷ୍ଠ ସମାଜସେବୀ ପ୍ରକାଶ ଚନ୍ଦ୍ର ବରାଳ (୬୭)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ସେ ଛତିଶଗଡ ଭିଲାଇରୁ ଟ୍ରେନ୍‌ରେ ଝିଅ ଘରକୁ ଫେରୁଥିବା ସମୟରେ ଶୌଚାଳୟ ନିକଟରେ ହଠାତ୍ ପଡିଯାଇଥିଲେ। ଢେଙ୍କାନାଳ ଷ୍ଟେସନର ରେଳବାଇ ଜିଆର୍‌ପି ସଙ୍ଗେସଙ୍ଗେ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ କବାଟବନ୍ଧ ଓ ଜେନାପୁର ଅଞ୍ଚଳରେ ଜଣେ ବିରିଷ୍ଠ ସମାଜସେବୀ ତଥା ପୂର୍ବତନ କଲେଜ ଅଧ୍ୟକ୍ଷଭାବେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରେ ତାଙ୍କ ମୃତ ଶରୀରକୁ ଗ୍ରାମରେ ପରିଭ୍ରମଣ କରାଯାଇ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଅମ୍ଲାନ ବରାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ୧୨ ଜୋନର ସଭାପତି ଶ୍ରୀବତ୍ସ ଧୀର, ଯୁବ ସଙ୍ଗଠକ ରାଜେଶ ପାଳ, ଜେନାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକ, ଉତ୍କଳମଣି ସେବା ସଙ୍ଗଠନର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକ, ସଭାପତି ଲୋକନାଥ ପୁରୀ, ସମ୍ପାଦକ ମହେଶ୍ୱର ଖଟୁଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବରୁଣେଶ୍ୱର ମନ୍ଦିରରେ ବରଯାତ୍ରୀଙ୍କ ତୁମୁଳକାଣ୍ଡ; ୫ ଗୁରୁତର

**ବିଞ୍ଝାରପୁର,୨୪।୬(ସମିସ):** ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତସ୍ଥିତ ପ୍ରସିଦ୍ଧ ବରୁଣେଶ୍?ର କ୍ଷେତ୍ରରେ ବୁଧବାର ବିବାହ ଉତ୍ସବ ଅବସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଦିନକୁ ୨୦ରୁ ଅଧିକ ବର-କନ୍ୟା ବିବାହ ପାଇଁ ଆସିଥିବା ବେଳେ ବିଭିନ୍ନ ସ୍ଥାନରେ ଭୋଜିଭାତର ଆୟୋଜନ ହୋଇଥିଲା। ସୂଚନା ଅନୁଯାୟୀ, ବରଯାତ୍ରୀଙ୍କ ମଧ୍ୟରୁ କେତେକ ମଦ୍ୟପ ବ୍ୟକ୍ତିଙ୍କ ଅସାମାଜିକ ଆଚରଣ ଓ ଅଶ୍ଳୀଳ ଭାଷା ପ୍ରୟୋଗକୁ କେନ୍ଦ୍ର କରି ବରିକୂଳ, କପାସି, ବାଙ୍କିପାଳ ଓ ଜଇଁମରା ଗ୍ରାମର



ବରଯାତ୍ରୀଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରି ମାଡ଼ଗୋଳରେ ପରିଣତ ହୋଇଥିଲା।ଏହି ଘଟଣାରେ ୫ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଅନ୍ୟପକ୍ଷରେ, ମନ୍ଦିର ପରିସରର ପରିବେଶ ଓ ପରିଚ୍ଛନ୍ନତାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭୋଜିଭାତ ପରେ ଅବଶିଷ୍ଟ ଖାଦ୍ୟ ଓ ଆବର୍ଜନା ମନ୍ଦିର ଆଖପାଖରେ ପଡ଼ି ରହୁଥିବାରୁ ପବିତ୍ର ପରିବେଶ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀମାନେ ମନ୍ଦିର ପରିସରରେ ଶୃଙ୍ଖଳା ରକ୍ଷା ସହ ପରିଚ୍ଛନ୍ନତା ଉପରେ ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ




**ଧର୍ମଶାଳା,୨୪।୬(ସମିସ):** ଜାରକାସ୍ଥିତ ଇନରହୁଇଲ କ୍ଲବର ଚଳିତ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିନିମନ୍ତେ ଆହୁତ ସାଧାରଣ ବୈଠକ ବିଦାୟୀ ସଭାପତି ଲୋପାମୁଦ୍ରା ଷେଣ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିଥି ଭାବେ ପୂର୍ବତନ ସଭାପତି ତଥା ସମାଜସେବୀ ମିନତୀ ସାହୁ ଯୋଗଦେଇଥିଲେ। ସମ୍ପାଦକ ପ୍ରଭାତ ନଳିନୀ ସାହୁ ପୂର୍ବ ବର୍ଷର ବିବରଣୀ ପ୍ରଦାନ କରିଥିଲା ବେଳେ କୋଷାଧକ୍ଷ ଶକୁନ୍ତଳା ମହାନ୍ତି ଆୟବ୍ୟୟର ସମୀକ୍ଷା କରିଥିଲେ। ପରେ ନୂତନ ସଭାପତି କଳ୍ପନା ପରିଡା, ସମ୍ପାଦକ ଉପାସନା ଶତପଥି, କୋଷାଧକ୍ଷ ବିଶ୍ୱମିତ୍ରା ସାହୁ, ଆଇଏସଓ କଳ୍ପନା ନାୟକ ଓ ପତ୍ରିକା ସମ୍ପାଦକ କାଦମ୍ବିନୀ ମିଶ୍ର ବିଦାୟୀ କର୍ମକର୍ତ୍ତାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ରଶ୍ମିତା ନାୟକ, ଅଜନ୍ତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ କର, ଅର୍ଚ୍ଚନା ସ୍ୱାଇଁ, କଳ୍ପନା ଖୁଣ୍ଟିଆ ଓ ଅର୍ଚ୍ଚନା ଷଡଙ୍ଗୀ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ସର୍ବ ଶେଷରେ ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଛରେ ପିଟି ହେଲା କାର, ୫ ଗୁରୁତର

**କୁଆଖିଆ,୨୪।୬(ସମିସ):** ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର। ୫ଜଣ ଗୁରୁତର ଭାବେ ଆହତ। ୧୬ନଂ ଜାତୀୟ ରାଜପଥ କୁଆଖିଆ ପୁରୁଣା ଥାନା ନିକଟରେ ଘଟିଛି ଏହି ଦୁର୍ଘଟଣା। ସୂଚନା ମୁତାବକ ଜଳେଶ୍ୱରରୁ ଏକ ପରିବାରର ୫ଜଣ ସଦସ୍ୟ କାର ଯୋଗେ କଟକ ମେଡିକାଲ ଯାଉଥିଲେ। ତେବେ କୁଆଖିଆ ନିକଟରେ କାରଟି ଓଭର ଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ କାରରେ ଥିବା ୫ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୁଆଖିଆ ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଚୋରାମଦ ବେପାରୀ ଗିରଫ

**ଧର୍ମଶାଳା,୨୪।୬(ସମିସ):** ଧର୍ମଶାଳା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ଦେଉଳୀପାଳ ଗ୍ରାମର ବିବେକାନନ୍ଦ ଖୁଣ୍ଟିଆ(୫୪) ଚୋରାରେ ବିଦେଶୀ ମଦ ବେପାର କରୁଥିବା ଖବର ପାଇ ଧର୍ମଶାଳା ପୁଲିସ ଗତକାଲି ରାତିରେ ସେଠାରେ ଚଢ଼ଉ କରି ତା' ନିକଟରୁ ୪୧ ଲିଟର ବିଦେଶୀ ମଦ ଜବତ କରିବା ସହ ତାକୁ ଗିରଫ କରିଥିଲା। ଏନେଇ ଧର୍ମଶାଳା ପୁଲିସ ୨୬୬/୨୬ରେ ଏକ ମାମଲାରୁଜୁ କରି ଅଭିଯୁକ୍ତ ବିବେକାନନ୍ଦକୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥନା ଅଧିକାରୀ ଚିନ୍ମୟୀ ନାୟକ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ହାକାଥନ୍: ଓଡ଼ିଆ ପ୍ରିନିୟର - ୩.୦

**ଯାଜପୁର,୨୪।୬(ସମିସ):** କୋରେଇ ବ୍ଲକସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ବେଗନା ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଯାଜପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ "ହାକାଥନ: ଓଡ଼ିଆ ପ୍ରିନିୟର - ୩.୦' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ଟି ବ୍ଲକର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟରୁ ମୋଟ ୪୨ ଜଣ ଛାତ୍ରଛାତ୍ରୀ ସେମାନଙ୍କ ସହଯୋଗୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ବିଜ୍ଞାନ ଭିତ୍ତିକ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଉକ୍ତ ବିଦ୍ୟାଳୟର ଉପାଧ୍ୟକ୍ଷ କୁମୁଦ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ରୂପେ ନରସିଂହ ଚୌଧୁରୀ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଦାଶ, ମୁଖ୍ୟବକ୍ତା ରୂପେ ଆଇଆଇଟି, ଭୁବନେଶ୍ୱରର ଅଧ୍ୟାପକ ଶକ୍ତିସ୍ୱରୂପ ପତି, ସମ୍ମାନିତ ଅତିଥିରୂପେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଏବଂ ଏବିଇଓ, ଅଜିତ କୁମାର ଜେନା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ




ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ପ୍ରମାଣପତ୍ର ସହ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଓଏଭି, ଜାମଧରର ଛାତ୍ରୀ ନଦିଆ ଆଫସିନ ଓ ନାଫିଶା ସୁଲତାନ ପ୍ରଥମ, ଓଏଭି ଉତ୍ତରକୁଳର ଛାତ୍ରୀ ମୋନାଲିଶା ବେହେରା ଓ ଦୀପ୍ତିପ୍ରଭା ବେହେରା ଦ୍ୱିତୀୟ ଏବଂ ଓଏଭି ଜାମଧରର ଛାତ୍ରୀ ପ୍ରତୀକ୍ଷା ପାଢ଼ୀ ତୃତୀୟସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗୀମାନେ ଆସନ୍ତା ମାସରେ ଆଇଆଇଟି, ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ହାକାଥନ- ୩.୦ରେ ଯାଜପୁର ଜିଲ୍ଲାରୁ ପ୍ରତିନିଧିତ୍ୱ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ଓ ସମ୍ପାଦନ କରିବାରେ ସମ୍ପୃକ୍ତ ବିଦ୍ୟାଳୟର ଉପାଧ୍ୟକ୍ଷ ଓ ତାଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## କାମ କରୁନାହିଁ କୋଟପା ଆଇନ

# ନିଷିଦ୍ଧାଞ୍ଚଳରେ ତମାଖୁ ବ୍ୟବସାୟ

ବନ୍ତ/ଆଗରପଡ଼ା,୨୪।୬(ସମିସ):

ଶିକ୍ଷାନୁଷ୍ଠାନ ହେବ ତମାଖୁ ମୁକ୍ତ। ବିଦ୍ୟାଳୟଠାରୁ ୧୦୦ ମିଟର ଦୂର ପର୍ଯ୍ୟନ୍ତ କରାଯାଇପାରିବ ନାହିଁ ତମାଖୁ ବିକ୍ରି। ଏଥିଲାଗି ୧୦ ବର୍ଷ ହେଲାଣି ଲାଗୁ ହୋଇଛି କୋଟପା ଆଇନ। ତମାଖୁ ସେବନର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ମେ' ୩୧ରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ହେଲେ ସ୍କୁଲ, କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ଖୁଲମ୍‌ଖୁଲା ଗୁଟ୍‌ଖା ବିକ୍ରି ହେଉଥିବାର ଦେଖାଯାଉଛି। କୋଟପା ଆଇନ କାମ କରୁ ନ ଥିବାବେଳେ ନିଷିଦ୍ଧାଞ୍ଚଳକୁ ତମାଖୁ ମୁକ୍ତ କରିବା ଲାଗି ଯେତେ ସବୁ ପ୍ରୟାସ ଫସର ଫାଟୁଛି।



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଥିବା ବିଦ୍ୟାଳୟ ନିକଟରେ ଓ କେତେକ ସ୍ଥାନରେ ବିଦ୍ୟାଳୟକୁ ଲାଗି ଦୋକାନ ଗଢ଼ି ଉଠିଥିବାବେଳେ ସେଠାରେ ଓ ଛୋଟଛୋଟ ପାନ ଦୋକାନରେ ତମାଖୁ ବିକ୍ରି ହେଉଛି। ଗୁଟ୍‌ଖା କାରଣରୁ ଅନେକ ସ୍ଥାନରେ ଫୁସ୍‌ଫୁସ୍, ହୃଦ୍‌ଘାତ, ମୁଖ କର୍କଟ ରୋଗ ଦେଖିବାକୁ ମିଳୁଛି। ଏହି କାରଣରୁ ବହୁ ଜାଗାରେ ଅକାଳରେ ଝରିପଡୁଛି ମୂଲ୍ୟବାନ ଜୀବନ। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି। କାରଣ କୋମଳମତି ବୟସରୁ ଗୁଟ୍‌ଖା ସେବନ ଏହାର କାରଣ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ, କଲେଜ ନିକଟରେ ଅବାଧରେ ତମାଖୁ ବିକ୍ରି ହେଉଛି। ଯାହାଦ୍ୱାରା ହାତପାଆନ୍ତାରେ ଗୁଟ୍‌ଖା ମିଳୁଥିବାରୁ ପିଲାମାନେ ଏହି ନିଶା କବଳରେ ପଡ଼ିଯାଉଥିବାର ଜଣାପଡ଼ିଛି। ଥରେ ଏହି ଅଭ୍ୟାସରେ ପଡ଼ିଗଲେ ଏହାକୁ ଛାଡ଼ିବା ପିଲାଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ରାଜ୍ୟରେ କୋଟପା, ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହୋଇଥିଲେ ମଧ୍ୟ କୋହଳ କାର୍ଯ୍ୟାନୁଷ୍ଠାନ କାରଣରୁ ନିଷିଦ୍ଧାଞ୍ଚଳ ଗୁଟ୍‌ଖାମୁକ୍ତ ହୋଇପାରୁନି। ଅପର ପକ୍ଷରେ ଏହାର ସୁଯୋଗ ନେଇ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବଜାରଗୁଡ଼ିକରେ ହାଉଯାଉ ହେଉଛି ନକଲି ଗୁଟ୍‌ଖା। ସ୍ୱଳ୍ପ ମୂଲ୍ୟରେ ଏହା ମିଳିଯାଉଥିବାରୁ ଏହାକୁ ତମାଖୁ ସେବନକାରୀ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ସେହିପରି ସଚେତନତା ଅଭାବରୁ ଏହା ସେମାନଙ୍କୁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଆଡ଼କୁ ଠେଲି ଦେଉଛି। ଏଭଳି ଅବାଧ ଗୁଟ୍‌ଖା ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କୋଟପା ଆଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

● ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ବରଗଡ଼,୨୪।୬(ସମିସ): ବରଗଡ଼ ଜିଲ୍ଲା ଗାଇସିଲାଟ ଥାନା ଅଞ୍ଚଳରେ ୨୦୧୯ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଧିରେନ ବାଗଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ସହ ଜରିମାନା ନେଇ ରାୟ ଶୁଣାଇଛନ୍ତି।

ସୂଚନା ଅନୁସାରେ, ଗାଇସିଲାଟ ଥାନା କେସ୍ ନଂ.୭୬/୨୦୧୯, ତାରିଖ ୩୦ ମଇ ୨୦୧୯ରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୨୩, ୩୬୩, ୩୭୬(୨)(ଏନ୍), ୩୭୬(୩) ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଥିଲା ଯେ, ୨୬ ମଇ ୨୦୧୯ ରାତିରେ ପରିବାର ସଦସ୍ୟମାନେ ଶୋଇଥିବା ବେଳେ ନାବାଳିକା ଘରୁ ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ଖୋଜାଖୋଜି ପରେ ବି ସନ୍ଧାନ ମିଳିନଥିଲା। ପରେ ଏ ନେଇ ଗାଇସିଲାଟ ଥାନାରେ ଏତଲା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଠାକୁର ଦାସ ମୁର୍ମୁ କରିଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଧିରେନ ବାଗଙ୍କୁ ପୁଲିସ ଗିରଫ କରିଥିଲା। ତଦନ୍ତ ସମାପ୍ତ କରି ୧୧୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ପରେ ବରଗଡ଼ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-ସହ-ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ମାମଲାର ବିଚାର ଚାଲିଥିଲା। ଦୀର୍ଘ ଶୁଣାଣି ପରେ ୧୮ ଜୁନ ୨୦୨୬ ତାରିଖରେ ଅଦାଲତ ଧିରେନ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଆଉ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟରେ ପ୍ରତ୍ୟେକ କ୍ଷେତ୍ରରେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ। ତେବେ ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଭୟ ସଜା ଏକକାଳୀନ ଭାବେ ଚାଲିବ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଅଭିଯୋଜକ ଗିରିଜା ଶଙ୍କର ସାହୁ ମାମଲା ପରିଚାଳନା କରିଥିଲେ।

■ ଲାଞ୍ଚ ମାମଲାର ରାୟ ପ୍ରକାଶ

# ବ୍ୟାଙ୍କ ପୂର୍ବତନ ଶାଖା ପରିଚାଳକ ଦୋଷୀ ସାବ୍ୟସ୍ତ

ବରଗଡ଼/ପାଇକମାଲ,୨୪।୬(ସମିସ): ପାଇକମାଲସ୍ଥିତ ଏସଡିସିସି ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ରଘୁମଣି ସାହୁ ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବୁଧବାର ବରଗଡ଼ ଭିଜିଲାନ୍ସ ସ୍ୱତନ୍ତ୍ର ନ୍ୟାୟାଳୟ ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ୨୦୧୫ ମସିହାରେ ରଘୁମଣି ସାହୁ ପାଇକମାଲ ଶାଖାରେ ଶାଖା ପରିଚାଳକ ଭାବେ କାର୍ଯ୍ୟରତ ଥିବାବେଳେ ଜାମସେଠ ସେବା ସମବାୟ ସମିତିର ଜଣେ ସଦସ୍ୟଙ୍କ ନାମରେ ମିଡିୟମ ଟର୍ମ ନନ୍-ଆଗ୍ରିକଲଚରାଲ (ଏମଟିଏନଏଲ) ଦୋକାନ ଋଣ ମଞ୍ଜୁର କରିବାକୁ ୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଏନେଇ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଜାଲ ବିଛାଇଥିଲା। ୧୫ ନଭେମ୍ବର ୨୦୧୫ ତାରିଖରେ ରଘୁମଣି ସାହୁ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ବାବଦକୁ ୮ ହଜାର ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ଧରିଥିଲା। ପରବର୍ତ୍ତୀ ସମୟରେ ତଦନ୍ତ ଆରମ୍ଭ ହୋଇ ଘଟଣା ସମ୍ପର୍କିତ ଆବଶ୍ୟକ ପ୍ରମାଣ ସଂଗ୍ରହ କରାଯାଇଥିଲା। ଘଟଣାକୁ ନେଇ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ଶେଷ ପରେ ଭିଜିଲାନ୍ସ ଅଧିକାରୀମାନେ ନ୍ୟାୟାଳୟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଦୀର୍ଘ ଆଇନଗତ ପ୍ରକ୍ରିୟା ପରେ ମାମଲାର ରାୟ ପ୍ରକାଶ ପାଇଛି। ବରଗଡ଼ ଭିଜିଲାନ୍ସ ସ୍ୱତନ୍ତ୍ର ନ୍ୟାୟାଳୟ ରଘୁମଣି ସାହୁଙ୍କୁ ଦୋଷୀ ସାବ୍ୟସ୍ତ କର ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ରଘୁମଣି ସାହୁ ବର୍ତ୍ତମାନ ଅବସର ନେଇସାରିଥିବାବେଳ ଦୋଷସିଦ୍ଧି ପରେ ପେନସନ ସମ୍ବନ୍ଧୀୟ ସୁବିଧା ବନ୍ଦ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

■ ବରଗଡ଼ରେ ଯୁବଚାଷୀଙ୍କ ଇଚ୍ଛାମୃତ୍ୟୁ ଆବେଦନ ଘଟଣା

# ପ୍ରଶାସନର ନୀରବତାକୁ ନେଇ ବଢୁଛି ଅସନ୍ତୋଷ

ମେଲଛାମୁଣ୍ଡା,୨୪।୬(ସମିସ): ଟୋକନ୍ ସମସ୍ୟା, ଧାନ ବିକ୍ରି ନହେବା ଏବଂ ଋଣ ବୋଝ ଯୋଗୁଁ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗ୍ରାମର ଯୁବଚାଷୀ ଗୋପାଳକୃଷ୍ଣ ସାହୁ ଗତ ମଙ୍ଗଳବାର ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ଇଚ୍ଛାମୃତ୍ୟୁ' ପାଇଁ ଲିଖିତ ଆବେଦନ କରିଛନ୍ତି। ଜଣେ ଯୁବଚାଷୀଙ୍କ ଏଭଳି ଚରମ ନିଷ୍ପତ୍ତି ସମଗ୍ର ବରଗଡ଼ ଜିଲ୍ଲା ତଥା ରାଜ୍ୟ କୃଷକ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଦୁଃଖଦ ଖବର 'ସକାଳ' ଖବରକାଗଜରେ ପ୍ରକାଶ ପରେ ବିଭିନ୍ନ ମହଲରୁ ଯୁବଚାଷୀଙ୍କୁ ସହାନୁଭୂତିର ସୁଅ ଛୁଟିଛି। ଆଜି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଅଶୋକ ସାହୁଙ୍କ ସମେତ ଅନେକ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀ ପୀଡ଼ିତ ଯୁବଚାଷୀ ଗୋପାଳକୃଷ୍ଣଙ୍କ ବାସଭବନରେ ପହଞ୍ଚିଥିଲେ। ସେମାନେ ଗୋପାଳ ଓ ତାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଏଭଳି ଚିନ୍ତାଧାରାରୁ ଦୂରେଇ ରହିବାକୁ ବୁଝାସୁଝା କରିଥିଲେ। ଚାଷୀଙ୍କ ନ୍ୟାୟ ପାଇଁ ସଙ୍ଗଠନ ସର୍ବଦା ସାଙ୍ଗରେ ରହିଛି ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।



ଗୋପାଳକୃଷ୍ଣଙ୍କ ପରିବାର ଆର୍ଥିକ ଏବଂ ଚିକିତ୍ସାଜନିତ ସମସ୍ୟା ଦେଇ ଗତି କରୁଥିବା ଜାଣିବା ପରେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ରାଜୁ ଘିବେଲା ତାଙ୍କ ସହଯୋଗୀମାନଙ୍କ ସହ ଚାଷୀଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ମେଡିକାଲ ଖର୍ଚ୍ଚ ତଥା ତତ୍କାଳ ଆବଶ୍ୟକତା ପାଇଁ କିଛି ନଗଦ ଆର୍ଥିକ ସହଯୋଗ କରିଛନ୍ତି। ମେଲଛାମୁଣ୍ଡା ପାକ୍ସ କର୍ମଚାରୀ ଗୋପାଳକୃଷ୍ଣଙ୍କ ଘରେ ପହଞ୍ଚି ଟୋକନ୍ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଜଣେ ଚାଷୀ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନିଜ ଜୀବନ ହାରିବା ପାଇଁ ଅନୁମତି ମାଗୁଥିବା ବେଳେ, ଜିଲ୍ଲା ପ୍ରଶାସନର ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ନୀରବଦ୍ରଷ୍ଟା ସାଜିବା ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଶାସନର ଏହି ଚୁପ୍‌ପଣକୁ ନେଇ କୃଷକ ସଙ୍ଗଠନ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରାୟଗଡ଼ା ଜିଲ୍ଲାରେ ଏନ୍‌ଜିଓ କର୍ମୀଙ୍କ ଉପରେ ଆକ୍ରମଣ ଘଟଣା

# ଜାତୀୟ ମହିଳା କମିଶନଙ୍କ ହସ୍ତକ୍ଷେପ ନିବେଦନ

ବରଗଡ଼,୨୪।୬(ସମିସ):



ରାୟଗଡ଼ା ଜିଲ୍ଲାରେ ଜଣେ ଏନ୍‌ଜିଓ କର୍ମୀଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ଘଟଣାରେ ଜାତୀୟ ମହିଳା କମିଶନଙ୍କ ଜରୁରୀ ହସ୍ତକ୍ଷେପ ଏବଂ ତଦନ୍ତ ଦାବି କରିଛି ବରଗଡ଼ ମହିଳା ସମିତି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ମଧ୍ୟବର୍ତ୍ତିତାରେ ମହିଳା କମିଶନଙ୍କୁ ଦିଆଯାଇଥିବା ପତ୍ରରେ କୁହାଯାଇଛି ଯେ, ପୀଡ଼ିତାମାନେ ଦିଲ୍ଲୀର ଜଣେ ମହିଳା ବିକାଶ କର୍ମୀ ଏବଂ ଗୁଜରାଟର ତାଙ୍କ ପୁରୁଷ ସହକର୍ମୀ ସେମାନଙ୍କର ଫେଲୋସିପ୍ କାର୍ଯ୍ୟକ୍ରମ ପାଇଁ ରାୟଗଡ଼ାର ଦୁର୍ଗମ ଅଞ୍ଚଳ ଦେଇ ସ୍କୁଟରରେ ଯାତ୍ରା କରୁଥିଲେ। ସ୍ଥାନୀୟ ପିଲାମାନଙ୍କ ସହିତ କଥା ହେବା ସହ ଚକୋଲେଟ୍ / ବିସ୍କୁଟ୍ ବଣ୍ଟନ କରିବାବେଳେ ସେମାନଙ୍କୁ ଶିଶୁ ଅପହରଣକାରୀ ବୋଲି ସନ୍ଦେହ କରି ଆକ୍ରମଣ କରିଥିଲେ। ସେମାନେ ସରକାରୀ ପରିଚୟପତ୍ର ଦେଖାଇବା ଏବଂ ଗସ୍ତର ଉଦ୍ଦେଶ୍ୟ ବ୍ୟାଖ୍ୟା କରିବା ପରେ ବି ଏକ କ୍ରୋଧିତ ଭିଡ଼ ଘେରି ଆକ୍ରମଣ କରିଥିଲେ। ଏହି ଘଟଣାକୁ ବିଶେଷ ଭୟଙ୍କର କରୁଥିବା ବିଷୟ ହେଉଛି ଲିଙ୍ଗଗତ ହିଂସା; ମହିଳା କର୍ମୀଙ୍କୁ ନୃଶଂସ ଭାବରେ ଆକ୍ରମଣ, ଉଲଗ୍ନ କରାଯାଇଥିଲା। ଏହି ଘଟଣାକୁ ଏକ ଗଭୀର ବିବ୍ରତକାରୀ ଏବଂ ଘୃଣ୍ୟ ଘଟଣା ବୋଲି ମହିଳା ସମିତି ଦୃଢ଼ ନିନ୍ଦା କରିଛି। ପୋଲିସ ହସ୍ତକ୍ଷେପ ପରେ ହିଂସା ଘଟଣାରେ ଗିରଫଦାରୀ ଜାରି ରହିଥିବା ସତ୍ତ୍ୱେ ଏହି ଘଟଣା ସାର୍ବଜନୀନ ସୁରକ୍ଷାର ଗମ୍ଭୀର ଏବଂ ଚିନ୍ତାଜନକ ଅଭାବ, ଅସମ୍ପୂର୍ଣ୍ଣ ଗୁଜବର ବିପଦପୂର୍ଣ୍ଣ ପ୍ରସାର ଏବଂ ଗ୍ରାମାଞ୍ଚଳରେ କାମ କରୁଥିବା ମହିଳାମାନଙ୍କ ଗତିଶୀଳତା ପ୍ରତି ବିପଦକୁ ଦର୍ଶାଏ ବୋଲି କୁହାଯାଇଛି। ତେଣୁ, ଜାତୀୟ ମହିଳା କମିଶନ ଏହି ବିଷୟର ସ୍ୱତଃସ୍ପୂର୍ତ୍ତ ଭାବରେ ବିଚାର ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇ ହସ୍ତକ୍ଷେପ କରିବାକୁ ସମିତି ଅନୁରୋଧ ଜଣାଇ କମିଶନ୍ ସମ୍ମୁଖରେ କେତେକ ପ୍ରସ୍ତାବ ଉପସ୍ଥାପନ କରିଛି।

ବରଗଡ଼ ମହିଳା ସମିତିର ବରିଷ୍ଠ ସଦସ୍ୟା ମମତା ମିଶ୍ର ଜାତୀୟ ମହିଳା କମିଶନଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ସମିତିର ସମ୍ପାଦିକା ରିନୁ ପତି ଓ ଉପସଭାପତି ସସ୍ମିତା ପଟ୍ଟନାୟକ ଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ଅଞ୍ଜନା ଦାସ, କନକ ପ୍ରଧାନ, ସ୍ୱାଧିନି ଦାଶ, ଜୟନ୍ତୀ ପ୍ରଧାନ, ଡ. ସୁଜାତା ପଣ୍ଡା, ସଙ୍ଗୀତା ଗୁପ୍ତା, ଭାରତୀ ମିଶ୍ର, ବାସନ୍ତୀ ଗଡତିଆ, ସଂଘମିତ୍ରା ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

# ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

ବରଗଡ଼,୨୪।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବରଗଡ଼ ପୌରପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ ଏବଂ ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ୱାର୍ଡ ନମ୍ବର ୧୧ ନୂଆପଡ଼ା ସ୍ଥିତ ଖେଳ ପଡ଼ିଆଠାରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସାଂସଦ ପ୍ରତିନିଧି ପରେଶ ବିଶି, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପୌରସଂସ୍ଥା ମାଧ୍ୟମରେ ପ୍ରଦାନ କରାଯାଉଥିବା ବିଭିନ୍ନ ସରକାରୀ ସୁବିଧା ଓ ସେବା ସମ୍ପର୍କରେ ସଚେତନ କରାଇଥିଲେ। ଉପସ୍ଥିତ ହିତାଧିକାରୀ ଓ ସାଧାରଣ ଜନତା ଅଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ।



# ଅସହାୟ ମା'ଙ୍କୁ ସମାଜସେବୀ ସଂଘର ସହାୟତା

ବରଗଡ,୨୪।୬(ସମିସ): କିଛିଦିନ ତଳେ ବରଗଡ଼ ଜିଲ୍ଲା ବରଗଡ଼ ବ୍ଲକ ବରଡୋଲ ପଞ୍ଚାୟତ ପିପିଲିପାଲି ବନପଡ଼ାର ୱାର୍ଡମେମ୍ବର ନିରୁପମା ଜାଲ ଜିଲ୍ଲା ସମାଜସେବୀ ସଂଘ ବରଗଡ଼ର ସଭାପତି ଡ଼ ବଳିଷ୍ଠ ଦୁର୍ଗାଙ୍କୁ ଜଣାଇଥିଲେ କି, ବନପଡାରେ ଜଣେ ମା' ଗୋଡ଼ରେ ଆଘାତ ପାଇଥିବାବେଳେ ଏହା ଘା' ହୋଇ ସେପ୍ଟିକ୍ କରିଛି। ଖବର ପାଇ ଡ. ବଳିଷ୍ଠ ଦୁର୍ଗା ସଂଘ ତରଫରୁ ଏକ ଟିମ୍ ଗଠନ କରି ସମ୍ପୃକ୍ତ ମହିଳାକୁ ଯାଇଥିଲେ। ତାଙ୍କୁ ବରଗଡ଼ ଭଟଲି ଛକ ସ୍ଥିତ ସାଇକୃପା ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ତାଙ୍କ ଗୋଡ଼ କାଟି ଅପରେସନ ପାଇଁ ଡାକ୍ତର କହିଥିଲେ। ଅର୍ଥ ଅଭାବ ଯୋଗୁଁ ଚିକିତ୍ସା କରିବା କଷ୍ଟକର ହୋଇଥିଲା। ତେଣୁ ସାଇକୃପା ହସ୍ପିଟାଲର ମାଲିକ ଡାକ୍ତର ସସ୍ମିତା ଦାଶଙ୍କୁ ଅନୁରୋଧ କରି ତାଙ୍କ ଚିକିତ୍ସା କରାଯାଇଥିଲା। ମା' ଜଣଙ୍କ ବର୍ତ୍ତମାନ ସୁସ୍ଥ ଅଛନ୍ତି।



# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଓ ଛୁରାମାଡ଼

ପଦ୍ମପୁର,୨୪।୬(ସମିସ): ବରଗଡ଼ ଜିଲ୍ଲା ବୁଡେନ ଥାନା ଗଡ଼ଭାଟି ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଓ ଛୁରାମାଡ଼ ନେଇ ବୁଡେନ ଥାନାରେ ମାମଲା ରୁଜୁ ହୋଇଛି। ଆହତ ଯୁବକ ପ୍ରଦୀପ ମେହେରଙ୍କ ଏତଲା ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୨୨ ଜୁନ୍ ଅପରାହ୍ନରେ ପ୍ରଦୀପ ବୁବୁଡା ନାଳା ନିକଟକୁ ଯାଇଥିବା ବେଳେ କିଛି ବ୍ୟକ୍ତି ତାଙ୍କୁ ଅଟକାଇ ଛୁରିରେ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ପ୍ରଦୀପ ଅଭିଯୋଗରେ ମନୋଜ ବରିହା ଓ ତାଙ୍କର କିଛି ସହଯୋଗୀଙ୍କ ନାମ ଉଲ୍ଲେଖ କରିଛନ୍ତି। ନଂ.୮୨/୨୬ରେ ଏକ ମାମଲା ରୁଜୁ କରାଯାଇ ଏସ୍‌ଆଇ ଶରତ କୁମାରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି।

**ବୁଡେନ ଥାନାରେ ମାମଲା ରୁଜୁ**

# ଉଦ୍ୟୋଗ ଓ କ୍ରାଫ୍ଟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବରଗଡ,୨୪।୬(ସମିସ): ବରଗଡ଼ ସ୍ଥିତ ଗୁରୁକୁଳ ଡ୍ୟାନ୍ସ ଏକାଡେମୀ ପରିସରରେ 'ଉଦ୍ୟୋଗ ଓ କ୍ରାଫ୍ଟ ମହୋତ୍ସବ-୨୦୨୬'ର ସଫଳ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଡୋଭ୍, ଅନୁଗୁଳର ସମ୍ପାଦକ ଅନିଲ କୁମାର ମିଶ୍ର ସଭାପତିତ୍ୱ କରି ବୈଠକର ଉଦ୍ଦେଶ୍ୟ ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ କହିଥିଲେ।

ସେ କହିଥିଲେ ଯେ, 'ଉଦ୍ୟୋଗ ଓ କ୍ରାଫ୍ଟ ମହୋତ୍ସବ ୨୦୨୬' ଆସନ୍ତା ୩୧ ଜୁଲାଇ ୨୦୨୬ରୁ ୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବରଗଡ଼ ସ୍ଥିତ ଲୋକମଣ୍ଡପ ପଡ଼ିଆ (ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ) ଠାରେ ଅନୁଷ୍ଠିତ ହେବ। ଡୋଭ୍, ଅନୁଗୁଳ ପକ୍ଷରୁ ଏହାର ଆୟୋଜନ କରାଯାଉଥିବା ବେଳେ ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସହଯୋଗରେ ଅନୁଷ୍ଠିତ ହେବ। ମହୋତ୍ସବର ମୂଳ ଉଦ୍ଦେଶ୍ୟ ଦେଶର ବିଭିନ୍ନ ପ୍ରାନ୍ତର କ୍ଷୁଦ୍ର ଉଦ୍ୟୋଗୀ, ହସ୍ତଶିଳ୍ପୀ, ଗ୍ରାମୀଣ ଉତ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠ ଏବଂ ନବୀନ ଉଦ୍ୟୋଗୀଙ୍କୁ ଏକ ସାଧାରଣ ବଜାର ସୁବିଧା ପ୍ରଦାନ କରିବା ସହ ସେମାନଙ୍କ ଉତ୍ପାଦର ପ୍ରଚାର ଓ ବିପଣନକୁ ସୁଦୃଢ଼ କରିବା।

ଏହି ପ୍ରଦର୍ଶନୀରେ ସାରା ଭାରତର ବିଭିନ୍ନ କ୍ଷୁଦ୍ର, ଲଘୁ ( ଓ ମଧ୍ୟମ ଉଦ୍ୟୋଗ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଗଠନ, ହସ୍ତଶିଳ୍ପ ଓ ହସ୍ତତନ୍ତ ଅନୁଷ୍ଠାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଗ୍ରାମୀଣ ଉଦ୍ୟୋଗୀମାନେ ସେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନ ଏବଂ ପ୍ରତ୍ୟକ୍ଷ ବିକ୍ରୟ କରିବାର ସୁଯୋଗ ପାଇବେ। ଏହା ମାଧ୍ୟମରେ ଉଦ୍ୟୋଗୀ ଓ କ୍ରେତାଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପିତ ସହ ନୂତନ ବ୍ୟବସାୟିକ ସମ୍ଭାବନା ସୃଷ୍ଟି ହେବ। ଏହା ସହିତ ପ୍ରତିଭାର ପ୍ରଚାର ପାଇଁ ବରଗଡ଼ର ପ୍ରଦର୍ଶନୀ ପ୍ରତିଦିନ ସକାଳ ୧୦ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ଦର୍ଶକମାନଙ୍କ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ବିଶିଷ୍ଟ କଳାକାର ଶଙ୍କର ପଟ୍ଟନାୟକ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ଅଭି ଅଭିନେତା ରାଜୁ ସାହୁ ପରିଚାଳନା କରିବେ। ପ୍ରସ୍ତୁତି ବୈଠକରେ ବିଭିନ୍ନ ଡ୍ୟାନ୍ସ ଏକାଡେମୀର ପ୍ରତିନିଧି, କବି, କବୟିତ୍ରୀ, ସାହି ସାହିତ୍ୟିକ, ସଂସ୍କୃତିପ୍ରେମୀ, କଳାକାର, ବୁଦ୍ଧିଜୀବୀ ଏବଂ ସମାଜସେବୀମାନେ ଯୋଗଦାନ କରିଥିଲେ। ଶେଷରେ ଡୋଭ ଅନୁଷ୍ଠାନର ସଂଯୋଜକ ଚନ୍ଦ୍ରକାନ୍ତ ମୁଦୁଲି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




● ମହଙ୍ଗା ପଡ଼ିଲା ବଦଳି ଆଦେଶକୁ ଅବମାନନା


# ବ୍ଲକ୍ ଫାଇନାନ୍ସ ଅଫିସରଙ୍କୁ ରିଲିଭ କଲା ପଞ୍ଚାୟତିରାଜ ବିଭାଗ

ସୋହେଲା,୨୪।୬(ସମିସ): ରାଜ୍ୟ ସରକାରଙ୍କ ପୂର୍ବ ବଦଳି ଆଦେଶକୁ ଅବମାନନା କରୁଥିବା ବ୍ଲକ ଫାଇନାନ୍ସ ଅଫିସରମାନଙ୍କୁ ରିଲିଭ କରି ତୁରନ୍ତ ବଦଳି ହୋଇଥିବା ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଲେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ। ରାଜ୍ୟର ବିଭିନ୍ନ ବ୍ଲକରେ ନିଯୁକ୍ତି ପାଇଥିବା ୮୪ଜଣ ବ୍ଲକ ଫାଇନାନ୍ସ ଅଫିସରଙ୍କୁ ଗତବର୍ଷ ମେ' ୨ତାରିଖରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପତ୍ର ସଂଖ୍ୟା-୧୩୪୩୭ ଅନୁସାରେ ବିଭିନ୍ନ ସ୍ଥାନକୁ ବଦଳି କରାଯାଇ ସେମାନଙ୍କ ସ୍ଥାନରେ ସ୍ଥାନୀୟ ଟ୍ରେଜେରୀ ଅଫିସରଙ୍କୁ ଦାୟିତ୍ୱ ନେବାକୁ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସରକାରଙ୍କ ଏହି ବଦଳି ଆଦେଶକୁ ବେଖାତିର କରି ବରଗଡ଼ ଜିଲାର ସୋହେଲା, ପାଇକମାଲ, ବରପାଲି ବ୍ଲକ ସମେତ ରାଜ୍ୟର ଅନ୍ୟ କେତୋଟି ବ୍ଲକରେ କାର୍ଯ୍ୟରତ ଫାଇନାନ୍ସ ଅଫିସର ବଦଳି ହୋଇ ନଥିଲେ କିମ୍ବା ସେମାନଙ୍କୁ ସମ୍ପୃକ୍ତ ବ୍ଲକ କର୍ତ୍ତୃପକ୍ଷ ରିଲିଭ କରି ନଥିଲେ। ପୁନର୍ବାର ୧୩ ନଭେମ୍ବର ୨୦୨୫ରେ ଆଉ ଏକ ପତ୍ର ଜାରି କରି ତୁରନ୍ତ ରିଲିଭ କରିବାକୁ ସମ୍ପୃକ୍ତ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କିଛି ଫରକ ପଡ଼ିନଥିଲା। ଫଳରେ ଗତ ୯ ତାରିଖ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା- ୧୫୯୩୩ ଅନୁସାରେ ରିଲିଭ ହୋଇନଥିବା ଫାଇନାନ୍ସ ଅଧିକାରୀମାନଙ୍କୁ ସଚିବ ସେଣ୍ଟ୍ରାଲି ରିଲିଭ କରିଛନ୍ତି। ଏନେଇ ସୋହେଲା ବିଡିଓ କରିସ୍ମା ବେଶ୍ରାଙ୍କୁ ପଚରାଯିବାରୁ ଫାଇନାନ୍ସ ଅଫିସରଙ୍କ ବଦଳରେ ନୂତନ କର୍ମଚାରୀ ଯୋଗଦେଇ ନଥିବାରୁ ତାଙ୍କୁ ରିଲିଭ କରାଯାଇନଥିବା ପ୍ରକାଶ କରିଥିଲେ।

ବରଗଡ଼ ଏସିସି ଅଦାନୀ ସିମେଣ୍ଟ କାରଖାନା ବନ୍ଦ ନୋଟିସ ପ୍ରତ୍ୟାହାର ଓ ପ୍ଲାଣ୍ଟକୁ ପୁନର୍ବାର ଚାଲୁ କରିବା ଦାବି ଜୋର୍ ଧରିଲା

# ବରଗଡ଼ବାସୀ ଓ ଶ୍ରମିକ ସଂଗଠନର ଜିଲ୍ଲାପାଳଙ୍କୁ ଦାବିପତ୍ର

ବରଗଡ,୨୪।୬(ସମିସ):



ବରଗଡ଼ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ, ଶ୍ରମିକ ସଂଗଠନ, ବୁଦ୍ଧିଜୀବୀ ତଥା ସାଧାରଣ ଜନତା ଏକଜୁଟ ହୋଇ ଏକ ବିରାଟ ରାଲିରେ ଆସି ବନ୍ଦ ହେବାକୁ ଥିବା ଏସିସି ସିମେଣ୍ଟ କାରଖାନା ପୁଣି ଚାଲୁ କରିବାକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବି ଜଣାଇଛନ୍ତି।

ପ୍ରକାଶ ଯେ, ବରଗଡ଼ ଜିଲ୍ଲାର ବରଡୋଲ୍ ସ୍ଥିତ ଏସିସି ସିମେଣ୍ଟ କାରଖାନାକୁ ଅଗଷ୍ଟ ୧୯ରୁ ସ୍ଥାୟୀ ଭାବେ ବନ୍ଦ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ନୋଟିସ ଜାରି କରିଛନ୍ତି। କଞ୍ଚାମାଲ (ଲାଇମଷ୍ଟୋନ୍)ର ଅଭାବ ଏବଂ କାରଖାନାର ପୁରୁଣା ଭିତ୍ତିଭୂମିକୁ ଦର୍ଶାଇ ଏହି ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ ପାଇଛି। ହଠାତ୍ ବନ୍ଦ ନିଷ୍ପତ୍ତି ଯୋଗୁଁ କାରଖାନାରେ କାର୍ଯ୍ୟରତ ଶତାଧିକ ସ୍ଥାୟୀ ଓ ଅସ୍ଥାୟୀ ଶ୍ରମିକ, ଠିକା କର୍ମଚାରୀ, ପରିବହନ ବ୍ୟବସାୟୀ ଏବଂ ପରୋକ୍ଷ ଭାବେ ନିର୍ଭର କରୁଥିବା ହଜାର ହଜାର ସ୍ଥାନୀୟ ପରିବାରର ଜୀବିକା ବିପନ୍ନ ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମାମଲାରେ କମ୍ପାନୀ ପ୍ରବନ୍ଧକ ଓ ଶ୍ରମ ବିଭାଗ ସହ ଆଲୋଚନା କରି ବନ୍ଦ ନୋଟିସ ପ୍ରତ୍ୟାହାର ଓ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି।

ପ୍ରକାଶଥାଉ କି, କମ୍ପାନୀ ମିଥ୍ୟା ତଥ୍ୟ ପ୍ରଦାନ କରି କାରଖାନା ବନ୍ଦର କାରଣ ମାଇନ୍ସରେ ଚୂନପଥର ମହଜୁଦ ଶେଷ ହୋଇଯାଇଛି, କ୍ଲିଙ୍କର ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଛି ଏବଂ ପୁରୁଣା ଓ ଅକ୍ଷମ ପ୍ଲାଣ୍ଟ(୧୯୬୮ରୁ ସ୍ଥାପିତ) ହୋଇଥିବା ହେତୁ କାରଖାନା ବନ୍ଦ କରାଯିବାର ନୋଟିସ୍ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ। ଏହାର ଉଚିତ୍ ତଦନ୍ତ କରାଯାଉ।

ପ୍ଲାଣ୍ଟକୁ ସ୍ଥାୟୀ ଭାବରେ ଚଳାଇବା ପାଇଁ ବିଭିନ୍ନ ଉତ୍ସରୁ ଚୂନପଥର ଯୋଗାଇଦେବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉ। ଏହା ସହିତ ୩୦ ମେଗାୱାଟ ବିଶିଷ୍ଟ ସିପିପିକୁ ପୁନଃ କାର୍ଯ୍ୟକ୍ଷମ କରାଇବାକୁ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଉ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଦାବିପତ୍ର ଗ୍ରହଣ କରିବା ସହ ବିଭାଗୀୟ ଅଧିକାରୀ ଓ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି କେମିତି ପୁଣି କାରଖାନା ଚାଲିବ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଅନନ୍ତ ମହାପ୍ରଭୁଙ୍କ ପୂଜା ମଣ୍ଡପ ପ୍ରତିଷ୍ଠା ଶୁଭାରମ୍ଭ

ଭେଡେନ,୨୪।୬(ସମିସ): ଭେଡେନ ସ୍ଥିତ ତଳିପଡ଼ାରେ ୨ଦିନ ଧରି ହେବାକୁ ଥିବା ଅନନ୍ତ ମହାପ୍ରଭୁ ପୂଜା ମଣ୍ଡପ ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଛି। ଆଜି ପ୍ରଥମ ଦିନରେ ପଡ଼ାବାସୀ ଓ ପୂଜା କମିଟିର ସଦସ୍ୟମାନେ କଳସ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଦନ୍ତା ନଦୀରୁ ପୂର୍ଣ୍ଣ କଳସ ଆଣି ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଜୟଚନ୍ଦ୍ର ମେହେର ଓ ବିନା ମେହେର, ଗୋପାଳ ମେହେର ଓ ବିଳାସିନୀ ମେହେର, ଟିକେଶ୍ୱର ମେହେର ଓ ସସ୍ମିତା ମେହେର, ସାଗର ମେହେର ଓ ଝରଣା ମେହେର, ଆନନ୍ଦ ସେନାପତି ଓ ପିଙ୍କି ସେନାପତି, ଧର୍ମରାଜ ମେହେର ଓ ବିଶ୍ୱାଶ୍ରୀ ମେହେର, ବୃନ୍ଦାବନ ମେହେର ଓ କମଳିନୀ ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପଣ୍ଡିତ ଭାବରେ ସନ୍ତୋଷ ଶତପଥୀ ପୂଜା କାର୍ଯ୍ୟ ତୁଲାଉଛନ୍ତି।



### ଢେଙ୍କାନାଳରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ଓ ସୁରକ୍ଷିତ ରଥଟଣାକୁ ଗୁରୁତ୍ୱ

ଢେଙ୍କାନାଳ,୨୪।୬ (ସମିସ) :

ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ପବିତ୍ର ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୧୬ ତାରିଖ ଗୁରୁବାର ଦିନ ଶ୍ରୀଶ୍ରୀ ବଳଦେବଜିଉ ବିଜେଙ୍କର ରଥଯାତ୍ରା ଅନୁଷ୍ଠିତ ହେବ । ଏଥି ନିମନ୍ତେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ରଥଯାତ୍ରା ସମୟରେ ଗାଡ଼ି ପାର୍କିଂ ଓ ଟ୍ରାଫିକ ନିୟନ୍ତ୍ରଣର ସୁବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଚିକିତ୍ସା ସେବା ଓ ଆମ୍ବୁଲାନସ ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବା ଏବଂ ଅଗ୍ନିଶମ ବିଭାଗ ଓ ପୌରପାଳିକା ପକ୍ଷରୁ ଯାତ୍ରାରେ ଜନସାଧାରଣଙ୍କ ଉପରେ ଜଳ ସିଞ୍ଚନର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ । ଉତ୍ସାହପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହ ରଥଟଣା କାର୍ଯ୍ୟ ଶେଷ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ପଦ୍ମ ଚରଣ ସାହୁ ସ୍ୱାଗତ ଭାଷଣ ଦେଇ ରାଜପୁରୋଧାଙ୍କ ଦ୍ୱାରା ନିର୍ଘଣ୍ଟ କାର୍ଯ୍ୟସୂଚୀ ଅନୁଯାୟୀ ରଥ ଯାତ୍ରା ଶେଷ କରାଯିବ ବୋଲି ପ୍ରକାଶ କରିଥିଲେ । ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ରଥଯାତ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ରଥ ନିର୍ମାଣ ଓ ସାଜସଜ୍ଜା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ମୁତୟନ, ଗାଡ଼ି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା, ସ୍ୱେଚ୍ଛାସେବୀ ମୁତୟନ, ଧାରା ବିବରଣୀ ପ୍ରଦାନ, ବିଦ୍ୟୁତ ସରବରାହ ନିୟନ୍ତ୍ରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇ ସୁରକ୍ଷିତ ଭାବେ ରଥଟଣା ଶେଷ କରିବାକୁ ସ୍ଥିର ହୋଇଛି । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୀୟ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ଜଙ୍ଗଲ ଓ ପରିବେଶ ସଂଗଠନ ପକ୍ଷରୁ ବନବୀଜ ଓ ଜୈବବିବିଧତା ଉତ୍ସବ



ଖଜୁରିଆକଟା,୨୪।୬ (ସମିସ) : ହିନ୍ଦୋଳ ଉପଖଣ୍ଡରେ ବନବୀଜ ଓ ଜୈବବିବିଧତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ଉପଖଣ୍ଡ ବାଉଁଶପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜଙ୍ଗଲ ଓ ପରିବେଷ ସୁରକ୍ଷା ମଞ୍ଚର ସଭାପତି ତ୍ରିନାଥ ବେହେରାଙ୍କ ପୌରୋହିତ୍ୟରେ ତଥା ଏଫଇଏସ କର୍ମୀ ଜଗନ୍ନାଥ ରାୟଙ୍କ ତତ୍ୱାବଧାନରେ ପରମ୍ପରିକ ଜ୍ଞାନକୁ ପୁନର୍ଜୀବିତ କରିବା ଉଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି, ଜିଲ୍ଲାସମ୍ପାଦକ ସୁଶାନ୍ତ ପତି, ସମ୍ମାନିତ ଅତିଥି ଭାବରେ ତହସିଲଦାର ଦିଲୀପ ସେଠି, ବାଉଁଶପୋଖରୀ ସରପଞ୍ଚ ରଂଜିତ ପ୍ରଧାନ, ରେଞ୍ଜର ତ୍ରିଲୋଚନ ଦେହୁରୀ, ସାମ୍ବାଦିକ ତଥା ସମାଜସେବୀ ପ୍ରଦ୍ୟୁମ୍ନ ବେହେରା, ଉପେନ୍ଦ୍ର ମାହୁନ୍ତ, ଅଦିତ୍ୱ ଅମାନ୍ତ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ପାରମ୍ପରିକ ଜ୍ଞାନ କୌଶଳକୁ ପୁନର୍ଜୀବିତ କରି କିପରି ବିଭିନ୍ନ ପ୍ରକାର ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଇପାରିବ ସେ ସମ୍ପର୍କରେ ବହୁମୂଲ୍ୟବାନ ସନ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିସରରେ ବହୁ ମୂଲ୍ୟବାନ ବିଲୁପ୍ତ ତଥା ପାରମ୍ପରିକ ଶସ୍ୟ ବୀଜ ପ୍ରଦର୍ଶନୀ କରାଯାଇଥିଲା ଯେଉଁଥିରେ ବହୁ ମୂଲ୍ୟବାନ ବିଷୟ ଶସ୍ୟ ବୀଜ ଉତ୍ପାଦନ, ସଂରକ୍ଷଣ, ଜ୍ଞାନ କୌଶଳ ପ୍ରୟୋଗ ସମ୍ପର୍କରେ ଜାଣିବାକୁ ମିଳିଥିଲା । କାର୍ଯ୍ୟକ୍ରମକୁ ବିଶିଷ୍ଟ ପରିବେଶବିତ ସମାଜସେବୀ ତଥା ପ୍ରଖ୍ୟାତ ଯାଦୁକର ବିମଳ ବିଶ୍ୱାଳ ସଞ୍ଚାଳନ କରିଥିବାବେଳେ ଜୈବ ବିବିଧତା ସମ୍ପର୍କୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ହିନ୍ଦୋଳ ଉପଖଣ୍ଡରେ ଏହିପରି ଏକ ଯୁଗ ଉପଯୋଗୀ କାର୍ଯ୍ୟକ୍ରମକୁ ଅଞ୍ଚଳବାସି ପ୍ରଶଂସା କରିଥିବା ଜଣାପଡିଛି ।

## ସିନ୍ଦୂରାଇ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ପଣ୍ଡୁଆ,୨୪।୬(ସମିସ) : କାମାକ୍ଷାନଗର ଉପଖଣ୍ଡ ମହୁଲପାଳ ପଞ୍ଚାୟତ ବିଜାଡ଼ିହି ଠାରେ ୮ ଟି ଟିମକୁ ନେଇ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । କୁସୁମଯୋଡ଼ି, ବାଲିଗରଡ଼, ବଙ୍କୁଆଳ, ନଡ଼ିଆଳି, ବିଜାଡିହି, କାକୁଡ଼ିଆ, କାନ୍ତରିପାଟ, କାମାକ୍ଷାକୁ ନେଇ ବିଜାଡିହ ତଳସାହି ସଚେତନ ଯୁବକ ସଂଘ ସଦସ୍ୟ ବିକାଶ ସାହୁ, ପ୍ରବୀଣ ଖଟୁଆ, ସୌମ୍ୟଜିତ ସାହୁ, ମାନସ ରାଉଳ, ତନ୍ମୟ ଖୁଣ୍ଟିଆ, ଆର୍ଯ୍ୟନ ସାହୁ, ସୁନୀଲ ଖୁଣ୍ଟିଆ, ରୂପକ ବର, ପରେଶ ମହାଭୋଇ, ଜ୍ୟୋତି ସାହୁ, ରୋନିତ ସାହୁ, ବିଭୁଦତ୍ତ ମହାଭୋଇଙ୍କ ସହଯୋଗରେ ଭଲିବଲର ଏହି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ପର୍ଶୁରାମ ମହାଭୋଇ ଓ ଗତିକୃଷ୍ଣ ରାଉତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।

## ବିପଦସଂକୁଳ ଗଛପାଇଁ ବିପଦରେ ଜନତା



ଖଜୁରିଆକଟା,୨୪।୬ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସିର ବସ୍ ଷ୍ଟାଣ୍ଡ ଛକ ଠାରୁ ଜେଲ ସମ୍ମୁଖ ଭାଗ ଦେଇ ନରସିଂହପୁର ଦିଗକୁ ଯାଇଥିବା ମୁଖ୍ୟ ରାସ୍ତାର ଜେଲ ପାଚେରି ସଂଲଗ୍ନ ଏକ ଶୁଖିଲା ବୁଢ଼ା ଆମ୍ବ ଗଛରୁ ଆଜି ଭୋର୍ ସମୟରେ ଏକ ବଡ଼ ଡାଳ ଭାଙ୍ଗି ଅର୍ଦ୍ଧେକ ରାସ୍ତା ଉପରେ ପଡ଼ି ଯାତାୟାତରେ ବାଧା ସୃଷ୍ଟି କରିଛି । ଏହି ସମୟରେ ସେହି ରାସ୍ତାରେ ଯାଉଥିବା ଦୁଇଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ପୂର୍ବରୁ ଏହି ବିପଦ ସଙ୍କୁଳ ଗଛ ସମ୍ପକରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ମାତ୍ର ସ୍ଥାନୀୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ଜେଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଅବହେଳା କରିବା ଫଳରେ ଏବେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଲା । ସୌଭାଗ୍ୟକୁ କୌଣସି ଅଘଟଣ ଘଟିନଥିବା ଜଣାପଡ଼ିଛି । ତୁରନ୍ତ ଏଥିପ୍ରତି ନଜର ଦେଇ ରାସ୍ତା ପାର୍ଶ୍ୱରୁ ଉକ୍ତ ଶୁଖିଲା ଗଛଟିକୁ କାଟି ସଫା କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ସୌଦାମିନୀ ସ୍ମୃତି ସରକାରୀ ବିଦ୍ୟାଳୟରୁ ଚୋରି



ଢେଙ୍କାନାଳ,୨୪।୬ (ସମିସ) : ସ୍ଥାନୀୟ ସୌଦାମିନି ସ୍ମୃତି ସରକାରୀ ବିଦ୍ୟାଳୟରୁ ବିଦ୍ୟୁତ ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ ହୋଇଛି । ବଜ୍ରପାତ ଓ ଉଚ୍ଚ ବିଦ୍ୟୁତ୍ ପ୍ରବାହ ରୋକିବା ପାଇଁ ଛାତରେ ଲାଗିଥିବା ବଜ୍ରପାତ ପ୍ରତିରୋଧ ଯନ୍ତ୍ରାଂଶକୁ ଦୁର୍ବୃତ୍ତ ଚୋରାଇ ନେଇଛନ୍ତି । ଦୁର୍ବୃତ୍ତ ଛାତରେ ଚଢ଼ି ତମ୍ବାରେ ତିଆରି ଉକ୍ତ ଯନ୍ତ୍ରାଂଶକୁ ଚୋରାଇ ନେଇଥିବା ଜଣାଯାଇଛି । ଏନେଇ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଟାଉନ ଥାନାରେ ଏତଲା ଦେଇଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ବାଜିଚୌକ ଅଞ୍ଚଳରେ ନିୟମିତ ଚୋରି ହେଉଛି । ବିଭିନ୍ନ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି ହେଉଥିବା ବେଳେ ପୁଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଛି । ନିଶା ପାଇଁ ଛୋଟ ଚୋରି, ଛିନତାଇ ବଢ଼ିଚାଲିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ବିଲୋପ ହେବାକୁ ବସିଲାଣି ନବମ ଶତାବ୍ଦୀର ଅନନ୍ତଶୟନ ମୂର୍ତ୍ତି / ରକ୍ଷଣାବେକ୍ଷଣ ପାଇଁ ଭୁଲିଗଲେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା

ପରଜଙ୍ଗ,୨୪।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ସରାଙ୍ଗ ଗ୍ରାମର ବ୍ରାହ୍ମଣୀ ନଦୀକୂଳରେ ଥିବା ପ୍ରାଚୀନ ଅନନ୍ତ ଶୟନ କୀର୍ତ୍ତିରାଜି ଅସ୍ତିତ୍ୱ ହରାଇବା ଉପରେ ବସିଛି । ଅନନ୍ତଶୟନ ଭାବେ ବିଷ୍ଣୁ ମୂର୍ତ୍ତି ଯାହାକି ଏସିଆ ମହାଦେଶର ବୃହତମ ଭାବରେ ଖ୍ୟାତି ଅର୍ଜନ କରିପାରିଛି । ସ୍ଥାନୀୟ ବାସିନ୍ଦା କହିବା ମୁତାବକ ନବମ ଶତାବ୍ଦୀରେ ଭୈମ୍ୟ ବଂଶଜ ଭୀମ ଗୋଶାଇ ଭାବେ ବିଷ୍ଣୁ ମୂର୍ତ୍ତିକୁ ପୂଜା କରିଆସୁଥିଲେ । ୧୯୭୯ ମସିହାରେ ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଭଗବତ୍ ଦୟାଲ ଶର୍ମା ଉକ୍ତ ସ୍ଥାନକୁ ପରିଦର୍ଶନ କରିବା ପରେ ଏଠାରେ ଶୟନ ଭାବେ ବିଷ୍ଣୁ ମୂର୍ତି ଥିବା ଦେଖିବା ପରେ ଅନନ୍ତଶୟନ ନାମରେ ନାମିତ କରିଥିଲେ । ଯାହାକି ପଥର ମୂର୍ତ୍ତିର ଲମ୍ବା ୫୨ ଫୁଟ, ପ୍ରସ୍ଥ ୧୮ ଫୁଟ ରହିଛି । ୨୦୦୦ ମସିହାରେ ଓଡ଼ିଶା ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପରିଚୟ ଦେଇଛନ୍ତି । ମାତ୍ର ଏହାର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ନିଜ ହାତକୁ ନେଇଥିଲେ ମଧ୍ୟ କୌଣସି ବିକାଶ ଦିଗରେ ଦୃଷ୍ଟି ଦେଇନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ଦେଖିବାକୁ ମିଳିଛି । ମାତ୍ର କିଛି ଖଳ ପ୍ରକୃତିର ଲୋକ ଏହି ମୂର୍ତ୍ତି ନିକଟରେ ବାରମ୍ବାର ଡିନାମାଇଟ ବିସ୍ଫୋରଣ କରାଇ ମାଛ ଧରୁଥିବା ଫଳରେ ପଥର ମୂର୍ତିର କ୍ଷୟକ୍ଷତି ହେଉଥିବା ନେଇ ସ୍ଥାନୀୟ ଲୋକ କହିଛନ୍ତି । ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ ପଥର ନିର୍ମିତ ମୂର୍ତ୍ତି ଉପରେ ଫାଟ ସୃଷ୍ଟି ହେଲାଣି । ନାସିକା ଓ ଗୋଡ ଭାଙ୍ଗି ଯାଇଥିବାରୁ ଏହାକୁ ସିମେଣ୍ଟରେ ପୁନଶ୍ଚ କରାଯାଇଛି । ବ୍ରାହ୍ମଣୀ ନଦୀର ଜଳ ସ୍ରୋତ ବୃଦ୍ଧି ହେଲେ ପ୍ରଖର ସ୍ରୋତରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଧୀର ପାଣି ପଥର କାଟିଲା ସଦୃଶ୍ୟ ମୂର୍ତ୍ତିର ବିଲୋପ ହେବାକୁ ବସିଲାଣି । ମୂର୍ତ୍ତିର ନଦୀ କୂଳରେ ସୁରକ୍ଷା ବାଡ଼ର ବ୍ୟବସ୍ଥା କରାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଛି ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟି ଆଢୁଆଳରେ ରହିଛି । ତତ୍କାଳୀନ ସରକାର ସମୟରେ ଭିତ୍ତିଭୂମିର ବିକାଶ ପାଇଁ ୩.୯୧ କୋଟି ଟଙ୍କାର ବ୍ୟୟ ଅଟକଳ ବରାଦ କରିଥିଲେ ମଧ୍ୟ ତାହା ମନ୍ଥର ଗତିରେ କାର୍ଯ୍ୟ ହେଉଛି । କେନ୍ଦ୍ର ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ନେଇଥିବା ବେଳେ କୌଣସି କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦୃଷ୍ଟି ଦେଇ ବିକାଶ ଦିଗରେ ଏବଂ ମୂର୍ତ୍ତିର ସଂରକ୍ଷଣ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅନନ୍ତ ଶୟନ ଉନ୍ନୟନ କମିଟ ପକ୍ଷରୁ ଅନୁରୋଧ କରିବା ସହିତ ଦାବି କରିଛନ୍ତି ।



## ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ଶ୍ରାଦ୍ଧ ବାର୍ଷିକୀ

ଢେଙ୍କାନାଳ,୨୪।୬ (ସମିସ) : ଢେଙ୍କାନାଳ ଜିଲ୍ଲା ଚନ୍ଦ୍ରଶେଖରପ୍ରସାଦ ଅଞ୍ଚଳରେ ଅବସ୍ଥାପିତ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଭାରତର ବିଶିଷ୍ଟ ଭାଷା ବିଜ୍ଞାନୀ ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ୫୨ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପ୍ରଫେସର ଗୋଲୋକ ବିହାରୀ ଧଳ ସ୍ମୃତି ସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡିଶାର ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ସଚିବ ତପନ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସ୍ୱର୍ଗତ ଧଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସଙ୍ଗେ ସଙ୍ଗେ ପ୍ରଫେସର ଧଳଙ୍କ ଧ୍ୱନି ବିଜ୍ଞାନ ଶାସ୍ତ୍ରର ଆଧୁନିକ ସମାଜକୁ ଦାନ ସଂପର୍କରେ ସୁଦୀର୍ଘ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ଉପସ୍ଥିତ ଅନ୍ୟାନ୍ୟ ଅତିଥିଗଣ ବିଦ୍ୟାଳୟ ପରିସରରେ ଥିବା ସତ୍ୟବାଦୀ ଗୋଷ୍ଠୀର ସାଧକମାନଙ୍କ ପ୍ରତିମୂର୍ତି ତଥା ସଂଗ୍ରାମୀ ବ୍ରଜ କିଶୋର ଧଳ ଏବଂ ଭୋଳେଶ୍ୱର ଧଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରଫେସର ଧଳଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ମୃତି ସଭାରେ ସ୍ମୃତି ସଂସଦର ସଭାପତି ପ୍ରଫେସର ଡକ୍ଟର ଦୁର୍ଗା ମାଧବ ପୃଷ୍ଟି ଅଧ୍ୟକ୍ଷତା କରିଥିବାବେଳେ ପ୍ରତିଷ୍ଠାତା ସଦସ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅପର୍ତି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂସଦର ସଂପାଦକ ଇଂ. ଫକୀର ମୋହନ ସାହୁ ବିବରଣୀ ପାଠ କରିବା ସହିତ ସ୍ୱଦେଶ ରଞ୍ଜନ ଧଳ, ଧନଞ୍ଜୟ ଧଳ, ପ୍ରଫୁଲ୍ଲ ପଣ୍ଡା, ଇଂ. ଲଳିତ ମୋହନ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂସଦର କୋଷାଧ୍ୟକ୍ଷା ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଦସ୍ୟ ମଧୁସୂଦନ ଶତପଥୀ, ମନୋଜ କୁମାର ସାହୁ, ବୀରବର ମିଶ୍ର ପ୍ରଭୃତି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



## ବାଲ୍ୟାମ୍ବାରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଢେଙ୍କାନାଳ,୨୪।୬(ସମିସ): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସଦର ବ୍ଲକର ବାଲ୍ୟାମ୍ବା ଗ୍ରାମ ପଞ୍ଚାୟତରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶ କାର୍ଯ୍ୟର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସମିତି ସଭ୍ୟ ଜୟକୃଷ୍ଣ ପଣ୍ଡା ଓ ମଧୁସୂଦନ ଜେନା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟ, ଏମ୍‌ବିକେ, ସିଆର୍‌ପି, ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ପିଇଓଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ବାୟୋ ବନ୍ଦନା, ସୁଭଦ୍ରା ଶକ୍ତି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଓ ଭିବିଜି ରାମଜୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

## ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ମନ୍ଦିର ରତ୍ନମୁଦ ଉତ୍ସବ



ଢେଙ୍କାନାଳ,୨୪।୬(ସମିସ) : ସ୍ଥାନୀୟ ମୀନାବଜାର ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀଙ୍କର ନୂତନ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତକାଲି ଭାଗୀରଥି ସାଗର କୂଳରୁ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଦ୍ୱାରା ସହର ପରିକ୍ରମା ପୂର୍ବକ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂଜା ପ୍ରତିଷ୍ଠାନ ବହୁ ପ୍ରତିଷ୍ଠିତ ପୂଜା ପାଉଥିବା ବିଜେ ବିଗ୍ରହଙ୍କ ନୂତନ ମନ୍ଦିରର ଅଦ୍ୟ ବୁଧବାର ରତ୍ନମୁଦ କାର୍ଯ୍ୟ ଯଥା ହୋମଯଜ୍ଞ ବିଧି ଅନୁସାରେ କରାଯାଇ ତତ୍‌ପରେ ବିଭିନ୍ନ ରତ୍ନ, ଶସ୍ୟ ଓ ଶୁକ୍ଳଧାନକୁ ପୂଜା କରାଯାଇ ମନ୍ଦିର ଗର୍ଭ ପୂରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ଓ ଜେମା ଅନୁସୟା ଦେବୀ ଉପସ୍ଥିତ ରହି ମା'ଙ୍କ ପାଖରେ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ରତ୍ନମୁଦ କାର୍ଯ୍ୟକ୍ରମ ସମାପନ କରିଥିଲେ । ପୂର୍ବାହ୍ନରେ ବିଶେଷ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ର ନାରାୟଣ ପାଣି, ନଗରପାଳିକା ଶ୍ରୀମତୀ ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ଗଙ୍ଗାଧର ସାମଲ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ସମାଜସେବୀ ପ୍ରଦ୍ୟୁମ୍ନ ରଥ ଓ କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ମୀନାବଜାର ପୂଜା ପ୍ରତିଷ୍ଠାନ ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ବଜାର ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, ସଂପାଦକ ପିତବାସ ସାହୁ, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଂଚିନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ଟ୍ରଷ୍ଟର ବରିଷ୍ଠ ସଭ୍ୟ କୃଷ୍ଣ ଦେବତା, ଟ୍ରଷ୍ଟ କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ସଂପାଦକ ପ୍ରଫୁଲ୍ଲ ବେହେରା, ପୂଜା କମିଟିର କୋଷାଧ୍ୟକ୍ଷ ଦୟାନିଧି ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ଦିଲ୍ଲୀପ କୁମାର ସାହୁ, ଜି. ପରମେଶ୍ୱର ରାଓ, କେଶବ ରାଓ ପ୍ରମୁଖଙ୍କ ସୁପରିଚାଳନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ହିନ୍ଦୋଚା, ଜିତେଶ କୋଟକ୍, ରଜନ ପାତ୍ର, ପ୍ରଭାତ ଦଳେଇ, ଗିରିଜା ଶଙ୍କର ସାହୁ, ହେମନ୍ତ ଗଡନାୟକ, ସୁଧାଂଶୁ ସାହୁ, ବୀରବର ସାହୁ, ଆୟୁଷ ବେହେରା, ରନଦୀପ ସାହୁ, ଯଶୋବନ୍ତ ପଟ୍ଟନାୟକ, ଉଦୟନାଥ ବେହେରା, ରଞ୍ଜିତ୍ ସାହୁ, ଅଜିତ୍ ସାହୁ, ସୁଧାଂଶୁ କୁମାର ସାହୁ, ସୁବ୍ରତ କୁମାର ସାହୁ, ଶଶଧର ପାତ୍ର, ଶ୍ରୀକାନ୍ତ ମହାପାତ୍ର, ବିରଂଚି ରଣା, ତାପସ ପାତ୍ରଙ୍କ ସମେତ ବହୁ ସଭ୍ୟ କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ସହଯୋଗ କରିଥିଲେ । ପୂଜକ ସୁରେଶ ଭୂଷଣ ନନ୍ଦ, ମନୋରଞ୍ଜନ ତ୍ରିପାଠୀ ଓ ସୂର୍ଯ୍ୟନାରାୟଣ ଶତପଥୀ ଏବଂ ମନ୍ଦିର ପୂଜକ ରବିନାରାୟଣ ଦାଶ, କର୍ତ୍ତା ନରେନ୍ଦ୍ର ସାହୁ, କର୍ତ୍ତୀ ମମତାରାଣୀ ସାହୁଙ୍କ ଉପସ୍ଥିତିରେ ସମସ୍ତ ପୂଜା ଅନୁଷ୍ଠିତ ହେଉଅଛି । ବିଶେଷ ଭାବରେ ସଂପାଦକ ପିତବାସ ସାହୁ ସମସ୍ତ କାର୍ଯ୍ୟ ସୂଚାରୁ ରୁପେ ତଦାରଖ କରିଥିଲେ ।

## ଲଭ-ସେକ୍ସ-ଧୋକା, ଜେଲ ପରେ ବିବାହ



ଭୁବନ,୨୪।୬(ସମିସ) : ଇନ୍‌ଷ୍ଟାଗ୍ରାମରୁ ଆରମ୍ଭ ହୋଇଥିବା ପ୍ରେମ କାହାଣୀର ଅନ୍ତ ହୋଇଛି । ପ୍ରଥମେ ଚାଟିଂ, ପ୍ରେମ, ତା'ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଶେଷରେ ଯୁବତୀଙ୍କୁ ଧୋକା ଦେଇ ଗାଏବ ହୋଇଯାଇଥିବା ଯୁବକକୁ ପୁଲିସ ଗିରଫ କରି ଜେଲ ପଠାଇବା ଓ ଶେଷରେ ଜାମିନରେ ଆସି ବିବାହ ଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲାର ଭୁବନ ଅଞ୍ଚଳରେ । ସୂଚନ ଅନୁସାରେ, ଭୁବନ ଥାନା ଯମୁନାକୋଟ ଗ୍ରାମର ଅଦିତ ସାହୁଙ୍କ ପୁଅ ଅଭିମନ୍ୟୁଙ୍କର ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଭୁବନ ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପରିଚୟ ସୃଷ୍ଟି ହୋଇଥିଲା । ଦୀର୍ଘ ସାତ ମାସ ଧରି ଚାଟିଂ ପରେ ୨୦୨୪ ମସିହା ଜାଗରରେ ଦୁହିଁଙ୍କର ପ୍ରଥମ ସାକ୍ଷାତକାର ହୋଇଥିଲା ଭୁବନର ପ୍ରସିଦ୍ଧ ବାବା ବୁଦ୍ଧେଶ୍ୱରଙ୍କ ପୀଠରେ । ପରେ ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଇ ଭୁବନ ତାରିଣୀ ମନ୍ଦିରରେ ସିନ୍ଦୂର ପିନ୍ଧାଇଥିଲେ । ଯୁବକଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ କରି ଯୁବତୀ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି କିଛି ଦିନ ପରେ ଗର୍ଭବତୀ ହୋଇଥିଲେ । ପରେ ଯୁବକ ଜଣକ ଜୋର ଜବରଦସ୍ତି ତାଙ୍କ ଗର୍ଭନଷ୍ଟ କରାଇଥିଲେ । ତା'ପରେ ଯୁବତୀଙ୍କ ସହ ସବୁ ସମ୍ପର୍କ ଛିନ୍ନ କରି ତାଙ୍କ ଫୋନ୍ ନମ୍ବରକୁ ବ୍ଲକ କରିଦେଇଥିଲେ । ଏପଟେ ଯୁବତୀ ଜାଣିବାକୁ ପାଇଥିଲେ ଯେ, ଯୁବକଙ୍କର ଅନ୍ୟ ଜାଗାରେ ବିବାହ ପାଇଁ ପ୍ରସ୍ତୁତି ଚାଲିଛି । ନ୍ୟାୟ ପାଇଁ ଯୁବତୀ ଭୁବନ ଥାନାରେ ମେ ମାସ ଶେଷ ସପ୍ତାହରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଯୁବକକୁ ଭୁବନ ପୋଲିସ ଜେଲ ପଠାଇଥିଲେ ମେ ୩୧ ତାରିଖ ରେ । ପରେ ଉଭୟ ପରିବାର ସହମତିରେ ବାରୁଆଁ ସରପଞ୍ଚ ବୀଣାପାଣି ସାହୁ, ବିନୟ କୁମାର ସାହୁଙ୍କ ଉପସ୍ଥିତରେ ବାରୁଆଁ ମନ୍ଦିରରେ ବିବାହ କାର୍ଯ୍ୟ ବୈଦିକ ରୀତିନୀତିରେ ସମ୍ପନ୍ନ ହୋଇଛି ।

# ବିଲୁପ୍ତପ୍ରାୟ ବାଇଚଢ଼େଇ ବସା ସୁରକ୍ଷା ଓ ସଂରକ୍ଷଣ ଦାବି

ପରଜଙ୍ଗ,୨୪।୬(ସମିସ) :





ଗାଁ ମୁଣ୍ଡ ତାଳ, ଖଜୁରୀ ଓ ନଡ଼ିଆଗଛ ଡାଳରେ ଝୁଲୁଥିବା ମାଳମାଳ ବାଇଚଢ଼େଇ ବସା ଗ୍ରାମୀଣ ପରିବେଶର ଏକ ଆକର୍ଷଣ ଥିଲା । ସମୟ ବଦଳିବା ସହିତ ଗଛ ସଂଖ୍ୟା କମିଯାଉଥିବାରୁ ଏବେ ବାଇଚଢ଼େଇ ଗାଁ ଛାଡ଼ି ଜଙ୍ଗଲମୁହାଁ ହେଉଛନ୍ତି । ପୂର୍ବଭଳି ଗ୍ରାମ ନିକଟରେ ଏହି କୁନି ପକ୍ଷୀର ସୁନ୍ଦର ବସା ଦେଖିବା ଦୁର୍ଲଭ ହୋଇପଡ଼ିଛି । ବାଇଚଢେଇ ଛୋଟ ପକ୍ଷୀ ହେଲେ ମଧ୍ୟ ତା'ର ଜୀବନଶୈଳୀ, ପରିଶ୍ରମ ଓ ନିଖୁଣ କାରିଗରୀ ମଣିଷ ସମାଜ ପାଇଁ ଏକ ବଡ଼ ଶିକ୍ଷା । ଖରାଦିନ ଆସିଲେ ଗାଁ ମୁଣ୍ଡର ତାଳ,ଖଜୁରୀ ଓ ନଡ଼ିଆ ଗଛ ଡାଳରେ ଝୁଲୁଥିବା ସୁନ୍ଦର ବସା ମଧ୍ୟରେ ଏହି କୁନି ପକ୍ଷୀକୁ ଦେଖୁବାକୁ ମିଳୁଥିଲା । ବାଇଚଢ଼େଇ ଦେଖୁବାକୁ ଯେତିକି ସୁନ୍ଦର, ତା'ର ବସା ସେତିକି ଆକର୍ଷଣୀୟ । କୁନି ଥଣ୍ଟରେ ଘାସ,ତାଳ ଓ ଖଜୁରୀ ପତ୍ରର ସୁକ୍ଷ୍ମ ତନ୍ତୁ ସଂଗ୍ରହ କରି ନିଖୁଣ ଭାବରେ ବୁଣି ସେ ତିଆରି କରିଥାଏ ମଜବୁତ ବସା । ପବନ,ବର୍ଷା କିମ୍ବା ଝଡ଼ତୋଫାନ ଆସିଲେ ମଧ୍ୟ ଉକ୍ତ ବସା ସହଜରେ ଭାଙ୍ଗିନଥାଏ । ଘର ତିଆରି କରିବା ହେଉ କି ଭବିଷ୍ୟତ ପାଇଁ ସୁରକ୍ଷା ବ୍ୟବସ୍ଥା କରିବା ହେଉ,ବାଇଚଢେଇ ସବୁଠାରୁ ଆଗରେ ରହିଥାଏ । ପ୍ରତିକୂଳ ପରିସ୍ଥିତିରେ ପ୍ରକୃତି ସହ ସମନ୍ୱୟ ରଖି କିପରି ହାର ନ ମାନି କାମ କରାଯାଏ ତାହା ବାଇଚଢେଇ ମଣିଷକୁ ଶିଖାଇଥାଏ । ଆଜିର ଆଧୁନିକ ମଣିଷ ପରିବାର ଓ ସମାଜଠାରୁ ଠାରୁ ଦୂରେଇ ଯାଉଥିବା ବେଳେ, ବାଇଚଢ଼େଇ ଗୋଷ୍ଠୀଗତ ଭାବେ ଏକାଠି ବଞ୍ଚିବାର ମହତ୍ୱ ବୁଝାଇଥାନ୍ତି । ସବୁଠାରୁ ବଡ଼ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାର ବ୍ୟବସ୍ଥାଠାରୁ ମୁହଁ ଫେରାଉ ଥିବାବେଳେ, ବାଇଚଢ଼େଇ ଗୋଷ୍ଠୀଗତ ଭାବେ ରହିବାକୁ ପସନ୍ଦ କରନ୍ତି । ଓଡ଼ାପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମ ମାନଙ୍କରେ ପୋଖରୀହୁଡ଼ା, ନଦୀତୋଟା, ବଣଜଙ୍ଗଲ ଓ ବିଲମାହାଳରେ ପୂର୍ବରୁ ବହୁ ସଂଖ୍ୟାରେ ଥିବା ତାଳ,ଖଜୁରୀ,ନଡ଼ିଆ ଓ ଅନ୍ୟାନ୍ୟ ଗଛ ଭରପୁର ରହିଥିଲା । ପ୍ରତ୍ୟେକ ଗଛରେ ମାଳମାଳ ବାଇଚଢ଼େଇ ବସା ଝୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳୁଥିଲା । ବିଶେଷ କରି ତାଳବରଡ଼ା ତଳେ କିଚିରିମିଚିରି ଶବ୍ଦ ସହ ସେମାନଙ୍କର ସୁନ୍ଦର କାରିଗରୀ ଦେଖଣାହାରୀଙ୍କୁ ଆକର୍ଷିତ କରୁଥିଲା । ଶିକାରୀ ପକ୍ଷୀଙ୍କ ଆକ୍ରମଣରୁ ସନ୍ତାନଙ୍କୁ ବଞ୍ଚାଇବା ପାଇଁ ସେମାନେ ବାବୁରି ଓ ଗୁହିରା ଭଳି କଣ୍ଟା ଗଛରେ ମଧ୍ୟ ବସା ତିଆରି କରୁଥିଲେ । ସମୟ ସହିତ ଗ୍ରାମାଞ୍ଚଳରେ ଗଛ ସଂଖ୍ୟା କମିବାରୁ ବାଇଚଢ଼େଇଙ୍କ ଆବାସସ୍ଥଳ ମଧ୍ୟ ସଂକୁଚିତ ହେଉଛି । ଫଳରେ ଏହି କୁନି ପକ୍ଷୀମାନେ ଏବେ ଗାଁ ଛାଡ଼ି ଜଙ୍ଗଲ ମୁହାଁ ହୋଇ ବସା ବାନ୍ଧିବାକୁ ବାଧ ହେଉଛନ୍ତି । ପରିବେଶବିତ୍‌ଙ୍କ ମତରେ ବାଇଚଢ଼େଇ ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ । ଏହାକୁ ସୁରକ୍ଷିତ ରଖିବା ପାଇଁ ତାଳ, ଖଜୁରୀ, ବାବୁରି, ଗୁହିରା, ନଡ଼ିଆ, ଗୁଆ ଓ ଅନ୍ୟାନ୍ୟ ଗଛ ଚାରା ରୋପଣ ବୃଦ୍ଧି କରିବା ସହ ପକ୍ଷୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ଜରୁରି ବୋଲି ମତ ପ୍ରକାଶ କରିବା ସହିତ ରାସ୍ତା ପ୍ରଶସ୍ତୀକରଣ ପାଇଁ ତାଳଗଛ କାଟିବା ପୂର୍ବରୁ ବନବିଭାଗର ଅନୁମତିକୁ ବାଧ୍ୟତାମୂଳକ କରିବାକୁ ପରିବେଶବିତମାନେ ଦାବି କରିଛନ୍ତି । ଆଧୁନିକତା ଓ କଂକ୍ରିଟ ବ୍ରିଟ ସହରର ବିସ୍ତାର ଯୋଗୁଁ ବାଇଚଢ଼େଇ ଭଳି ଅନେକ ପ୍ରେରଣାଦାୟକ ଜୀବ ଧୀରେଧୀରେ ଲୋପ ପାଇବାକୁ ବସିଲେଣି । ବାଇଚଢ଼େଇ ସମେତ ଅନ୍ୟାନ୍ୟ ପକ୍ଷୀଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ଅଧିକ ଯତ୍ନବାନ ହେବାକୁ ମଧ୍ୟ ସାଧାରଣରେ ଦାବି ହେଉଛି ।

### ନାତିକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଜେଜେଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ଶବ ରଖି ବିକ୍ଷୋଭ

**ରାଉରକେଲା, ୨୪।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅନ୍ତର୍ଗତ ମଝାପଡ଼ା ପଞ୍ଚାୟତ ଜୟକୁଦର ଗୀର୍ଜାଟୋଲି ବସ୍ତିରେ ନାତିକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ସାନ ଜେଜେବାପାଙ୍କ ମୃତ୍ୟୁ ଘଟଣାରେ ବୀରମିତ୍ରପୁର ହସ୍ପିଟାଲ ପରିସରରେ ମୃତଦେହ ରଖି ପରିବାର ଲୋକଙ୍କ ସମେତ ବସ୍ତିବାସିନ୍ଦା କ୍ଷତିପୂରଣ ଦାବି କରିଥିଲେ। ତେବେ ଆପୋଷ ବୁଝାମଣା ପରେ ସମ୍ପୃକ୍ତ ଠିକାଦାର ୫ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବାପରେ ଶବ ବ୍ୟବଚ୍ଛେଦ ହୋଇଥିବା ଜଣାପଡ଼ିଛି। ପ୍ରଥମ କିସ୍ତିରେ ୧ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ସମ୍ପୃକ୍ତ ଠିକାଦାର ପରିବାର ବର୍ଗଙ୍କୁ ପ୍ରଦାନ କରିଥିବା ବେଳେ ଶବ ସତ୍କାର ପାଇଁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ବୀରମିତ୍ରପୁର ତହସିଲଦାର ପ୍ରଦାନ କରିଥିଲେ। ଏହାସହ ବ୍ଲକ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଗୀର୍ଜାଟୋଲି ବସ୍ତିରେ ଏକ ନିର୍ମାଣାଧୀନ କୋଠାକୁ ଯାଇଥିବା ବିଦ୍ୟୁତ୍ ତାର ତଳେ ପଡ଼ିଥିବା ବେଳେ ୩ ବର୍ଷର ଶିଶୁ ଅସ୍ୱିକ୍ କୁସୁମା ଏହା ସଂସ୍ପର୍ଶରେ ଆସିଯାଇଥିଲା। ନାତିକୁ ବଞ୍ଚାଇବାକୁ ଯାଇ ଜେଜେବାପା ଇଶଦଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ଠିକାଦାର କ୍ଷତିପୂରଣ ଦେବାକୁ ଦାବିକରି ବୀରମିତ୍ରପୁର ହସ୍ପିଟାଲ ମୃତଦେହ ପରିବାର ବର୍ଗ ବିକ୍ଷୋଭ କରିଥିଲେ। ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ପହଞ୍ଚି ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଅଘଟଣ ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ଦାବି କରିଥିଲେ। ଆପୋଷ ଆଲୋଚନା ପରେ ସମ୍ପୃକ୍ତ ଠିକାଦାର ଦାବି ମୁତାବକ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ସମ୍ମତି ପ୍ରକାଶ କରିବା ସହ ପ୍ରଥମେ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅବଶିଷ୍ଟ ୪ ଲକ୍ଷ ଟଙ୍କା ୩ଟି କିସ୍ତିରେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଶୁଖିଲା ପଡ଼ିଛି ଚାଷ ଜମି; ବର୍ଷାକୁ ଚାହିଁ ଚାଷୀ ହତାଶ

### ହଳଦିଆ ପଡ଼ିଗଲାଣି ତଳି, ଆସନ୍ନ ମରୁଡ଼ି ଆଶଙ୍କା

ବଣାଇଁ, ୨୪।୬(ସମିସ)



ବଣାଇଁ ବ୍ଲକ ଅଞ୍ଚଳରେ ଶୁଖିଲା ପଡ଼ିଛି ଚାଷ ଜମି। ଜୁନ୍ ଶେଷ ହେବାକୁ ବସିଲାଣି ହେଲେ ବର୍ଷାର ଦେଖାନାହିଁ। ସେପଟେ ବିଲରେ ହଳକରି ଧାନ ବୁଣିବା ସହ ତଳି ପକା ସରିଛି। ବର୍ଷାକୁ ଅନେଇ ହତାସ ହେଲାଣି ଚାଷୀକୂଳ। ବ୍ଲକର କେନ୍ଦ୍ରିକଳା, ବାବୁ ନୂଆଗାଁ, ଅଲେଖପୁର, ଗୁଡିଆଳି, ଦରେଇକଳା, ଗୋବିନ୍ଦପୁର, ଇନ୍ଦ୍ରପୁର, କେନାଭେଟା, ତଳିତା, ଜର୍କେକଳା ଗୋଗୁଆ ଭଳି ଅନେକ ଗ୍ରାମର ଚାଷ ଜମି ଫାଟି ଆଁ କଲାଣି। ଧାନ ରୁଆ, ବିହୁଡା ଠପ ହୋଇଥିବା ବେଳେ ଧାନତଳି ହଳଦିଆ ହୋଇ ପଡ଼ିଛି।

ଅନ୍ୟପକ୍ଷରେ ବର୍ଷାର ଅଭାବ ଯୋଗୁଁ ନଦୀ ନାଳର ଜଳ ଉତ୍ସ ଗୁଡିକରେ ପାଣି ନାହିଁ। ବ୍ଲକ ଅଧୀନରେ ୧୪ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଧାନକ୍ଷେତ ମାତ୍ର ୫ପ୍ରତିଶତ କାର୍ଯ୍ୟ ହୋଇଯାଇଛି। ଏହି ୫ପ୍ରତିଶତ ଚାଷ ଜମିରେ ଚାଷ ବଞ୍ଚାଇବାକୁ ଚାଷୀମାନେ ମୋଟର ସାହାଯ୍ୟରେ ପାଣି ମଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଏହି ବ୍ଲକ ଅଧୀନରେ ରୁକୁଡା ଜଳ ସେଚନ ପ୍ରକଳ୍ପ ଜମି ରହିଛି। ଏଥିରେ ୪ହଜାର ହେକ୍ଟର ଜମିରେ ଜଳସେଚନର ଯୋଜନା ରହିଥିଲେ ହେଁ ଅଧିକାଂଶ ଚାଷ ଜମିକୁ ପାଣି ପହଞ୍ଚି ପାରୁନାହିଁ। ଏଥିଯୋଗୁଁ ଚାଷ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ମୁଖ୍ୟ ଜୀବିକା ଧାନ ଚାଷ ହୋଇଥିବା ବେଳେ ଚାଷୀ କୂଳ ହତାଶ ହୋଇପଡ଼ିଛନ୍ତି। ଜୁନ୍ ମାସରେ ଆଦୌ ବର୍ଷା ହୋଇନଥିବା ଯୋଗୁଁ ଚାଷୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। କୃଷି ବିଭାଗର ଅଧିକାରୀଙ୍କ କହିବାନୁଯାୟୀ ବର୍ଷାର ଅଭାବ ଯୋଗୁଁ ବ୍ଲକ ଅଧୀନରେ ଅଧିକାଂଶ ଚାଷ ଜମିରେ ଚାଷ କାର୍ଯ୍ୟହୋଇଛି। ହେଲେ ଉକ୍ତ ଜମି ପାଇଁ ପାଣିର ଆବଶ୍ୟକ ରହିଥିବା ବେଳେ ଆଗାମୀ ୨/୩ ଦିନ ମଧ୍ୟରେ ବର୍ଷା ନହେଲେ ଚାଷୀଙ୍କ ପ୍ରଭୁତ କ୍ଷତି ସମ୍ଭାବନା ହେବା ସ୍ୱୀକାର କରିଛନ୍ତି।

## ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

**ରାଉରକେଲା, ୨୪।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସୋରଡ଼ା ପଞ୍ଚାୟତ ଧାଙ୍ଗଡ଼ ଟୋଲି ବସ୍ତିର ମହିଳା ବତି ଲୋହର (୪୭)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ସୋରଡ଼ାରେ ବର୍ଷା ଛାଡ଼ିଲା ପରେ ସେ ତାଙ୍କ ଘରୁ ବାହାରକୁ ବାହାରି ଠିଆ ହୋଇଥିଲା ବେଳେ ଏକ ସାପ କାମୁଡ଼ି ଥିଲା। ଘର ଲୋକଙ୍କୁ ଜଣାଇବା ପରେ ସେମାନେ ଡାକ୍ତରଖାନା ନେବା ବଦଳରେ ଅନ୍ଧବିଶ୍ୱାସର ସାହାରା ନେଇ ଝଡ଼ାଫୁଙ୍କା କରିଥିଲେ। ବୁଧବାର ସକାଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିଶ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାଇକ୍ ଓ ସ୍କୁଟିକୁ ଧକ୍କା ଦେଲା ପିକ୍‌ଅପ୍; ଜଣେ ଗୁରୁତର

**ଲହୁଣୀପଡ଼ା, ୨୪।୬(ସମିସ):** ଲହୁଣୀପଡ଼ା ଥାନା ପୂର୍ତ୍ତ ବିଭାଗ ରାସ୍ତା ଲହୁଣୀପଡ଼ା ହନୁମାନ ମନ୍ଦିର ଛକ ଏବଂ ଲହୁଣୀପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ବାଇକ ଓ ସ୍କୁଟିକୁ ପିକଅପ୍ ଧକ୍କା ଦେବାରୁ ଜଣେ ଗୁରୁତର ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ପିକ୍‌ଅପ୍‌ଟି ହନୁମାନ ମନ୍ଦିର ଛକ ନିକଟରେ ବାଇକ୍‌କୁ ଧକ୍କା ଦେବାରୁ ବାଇକ ଚାଳକ ଜଲେନ ସାମଦ (୫୨) ଆହତ ହୋଇଥିଲେ। କିଛିବାଟ ଯାଇ ଲହୁଣୀପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ପୁଣି ଏକ ସ୍କୁଟିକୁ ଧକ୍କା ଦେବାରୁ ଏଥିରେ ବସିଥିବା ସିସିଲା ମୁଣ୍ଡା (୨୬) ଏବଂ ସସ୍ମିତା ଟପୋ (୨୫) ଆହତ ହୋଇଥିଲେ। ସିସିଲାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ହମ୍ପସ୍‌ରେ ପଡ଼ି ଗୋଲେଇ ଛକରେ ପଶିଗଲା ବୋଲେରୋ

**ଲହୁଣୀପଡ଼ା, ୨୪।୬(ସମିସ):** ଲହୁଣୀପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥରେ ରାଜାମୁଣ୍ଡା ବାଇପାସ୍ ଗୋଲେଇ ଛକ ନିକଟରେ ଏକ ଦ୍ରୁତଗାମୀ ବୋଲେରୋ ହମ୍ପ୍‌ରେ ପଡ଼ିବା ପରେ ଭାରସାମ୍ୟ ହରାଇ ଗୋଲେଇ ଛକ ମଧ୍ୟକୁ ପଶି ଯାଇଥିବା ବେଳେ ଗାଡ଼ିରେ ଥିବା ୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋଲେରୋଟି ବାରକୋଟ ପଟୁ ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ହମ୍ପ ଉପରେ ଚଢ଼ି ଉପରକୁ ଉଠିଯାଇ ପ୍ରାୟ ୨୦ ମିଟର ଶୂନ୍ୟରେ ଯାଇ ଗୋଲେଇ ଛକ ମଧ୍ୟରେ ପଡ଼ିଥିଲା। ଏହାପରେ ଗାଡ଼ିର ଚକ ଫାଟି ଯାଇଥିଲା। ପୁଲିସ ଆହତଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିବା ଜଣାପଡ଼ିଛି।

## ଚଉତରା ବିହୀନ କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨୪।୬(ସମିସ):** ଏକ ଚଉତରା ବିହୀନ କୂଅରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ହାତୀବାରି ଥାନା ନୂଆଗାଁ ଫାଣ୍ଡି ଅନ୍ତର୍ଗତ ଲିମିଡ଼ା ପଞ୍ଚାୟତର କୁଣ୍ଡୁରା ଗ୍ରାମ ବାସିନ୍ଦା ନାଭ ଓରାମ (୬୪)।

ସୂଚନା ମୁତାବକ, ମଙ୍ଗଳବାର ନାଭ ନିଜ ଗ୍ରାମ କୁଣ୍ଡୁରାରୁ ଅପରାହ୍ନରେ ବାଗଡ଼େଗା ସାପ୍ତାହିକ ହାଟକୁ ଯାଇଥିଲେ। ଘରକୁ ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କ କୌଣସି ପତ୍ତା ମିଳି ନ ଥିଲା। ବୁଧବାର ସକାଳେ କିଛି ଲୋକେ ଲିମିଡା ଗ୍ରାମ ନିକଟରେ ଥିବା ଏକ କୂଅରେ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ପହଞ୍ଚି ମୃତଦେହକୁ ଗ୍ରାମ ଲୋକଙ୍କ ସହଯୋଗରେ କୂଅ ଭିତରୁ ବାହାର କରିଥିଲେ। ଶବକୁ ଜବତ କରି ରାଉରକେଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ହେଲେ ବୁଧବାର କୌଣସି କାରଣରୁ ବ୍ୟବଚ୍ଛେଦ ହୋଇପାରି ନଥିବାବେଳେ ଆସନ୍ତା କାଲି ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଏ ନେଇ ହାତୀବାରି ଥାନାରେ ଏକ ଅପମୃତୁ ମାମଲା ରୁଜୁ ହୋଇଛି।

## ଭାରତର ନୌଶକ୍ତିକୁ ସଶକ୍ତ କରୁଛି 'ସେଲ୍'

### ଆଇଏନ୍‌ଏସ୍ ଦୁନାଗିରି, ଅଗ୍ରେ ଓ ସଂଶୋଧକ ପାଇଁ ଡିଫେନ୍ସ-ଗ୍ରେଡ୍ ଷ୍ଟିଲ୍ ସରବରାହ

**ରାଉରକେଲା, ୨୪।୬ (ସମିସ):** ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଷ୍ଟିଲ୍ ମନ୍ତ୍ରାଳୟ ଅଧୀନସ୍ଥ ମହାରତ୍ନ ସେଣ୍ଟ୍ରାଲ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜ୍ ଭାରତୀୟ ନୌସେନାର ତିନୋଟି ନୂତନ କମିଶନ୍ ହୋଇଥିବା ଜଳଜାହାଜ- ଆଡଭାନ୍ସଡ୍ ଷ୍ଟେଲ୍‌ଥ ଫ୍ରିଗେଟ୍ ଆଇଏନ୍‌ଏସ୍ ଦୁନାଗିରି,



ଆଣ୍ଟି-ସବମାରିନ୍ ୱାରଫେୟାର ଶ୍ୟାଲୋ ୱାଟର କ୍ରାଫ୍ଟ ଆଇଏନ୍‌ଏସ୍ ଅଗ୍ରେ ଏବଂ ସର୍ଭେ ଭେସେଲ୍ (ବୃହତ୍) ଆଇଏନ୍‌ଏସ୍ ସଂଶୋଧକ ପାଇଁ ସମ୍ପୂର୍ଣ୍ଣ ୫, ୭୦୦ ଟନ୍ ସ୍ପେସିଆଲ୍ ଷ୍ଟିଲ୍ ସରବରାହ କରି ପୁଣି ଥରେ ଦେଶର ନୌସେନା ସାମର୍ଥ୍ୟକୁ ସୁଦୃଢ଼ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ତିନୋଟି ଅତ୍ୟାଧୁନିକ ଜଳଜାହାଜ ୨୧ ଜୁନ୍ ୨୦୨୬ରେ କୋଲକାତାର ଶ୍ୟାମାପ୍ରସାଦ ମୁଖାର୍ଜୀ ବନ୍ଦରଗାହରେ ଆୟୋଜିତ ଏକ ଐତିହାସିକ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଭାରତୀୟ ନୌସେନାରେ କମିଶନ୍ କରାଯାଇଛି।

ସେଲ୍ ଦ୍ୱାରା ସରବରାହ କରାଯାଇଥିବା ଷ୍ଟିଲ୍‌ରେ ସ୍ପେସିଆଲ୍ କ୍ୱାଲିଟି ଡିଏମଆର-୨୪୯ 'ଏ' ଗ୍ରେଡ୍‌ର ହଟ୍-ରୋଲ୍ଡ ସିଟ୍ ଓ ପ୍ଲେଟ୍ ଅନ୍ତର୍ଭୁକ୍ତ ଅଛି। ଏହି ସ୍ପେସିଆଲାଇଜ୍ଡ, ଡିଫେନ୍ସ-ଗ୍ରେଡ୍ ଷ୍ଟିଲ୍ ସେଲ୍‌ଫର ଫ୍ଲାଗଶିପ୍ ଫାସିଲିଟି ବୋକାରୋ, ଭିଲାଇ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରୁ ତିଆରି ଓ ସରବରାହ କରାଯାଇଥିଲା। ଯାହା ଭାରତର ସାମୁଦ୍ରିକ ପ୍ରତିରକ୍ଷା ଭିତ୍ତିଭୂମିକୁ ସମର୍ଥନ କରିବାରେ ଏହି ମହାରତ୍ନର ଦୃଢ଼ ଟେକ୍ନୋଲୋଜିକାଲ୍ ସାମର୍ଥ୍ୟକୁ ଦର୍ଶାଇଥାଏ।

ସେଲ୍ ଦେଶର ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସହ ମହତ୍ତ୍ୱପୂର୍ଣ୍ଣ ନୌସେନା ପ୍ଲାଟଫର୍ମ ପାଇଁ ସ୍ପେସିଆଲାଇଜ୍ଡ ଷ୍ଟିଲ୍ ଉତ୍ପାଦନ କରି ପ୍ରତିରକ୍ଷା ସ୍ୱଦେଶୀକରଣର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଯାଇଛି। ପ୍ରତିରକ୍ଷା ଶିଳ୍ପର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ, ସେଲ୍‌ଫ ନିଜର ପ୍ଲେଟ୍-ଉତ୍ପାଦନ ବ୍ୟବସ୍ଥା ରେ, ବିଶେଷତଃ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସ୍ପେସିଆଲ୍ ପ୍ଲେଟ୍ ପ୍ଲାଣ୍ଟରେ, ପ୍ରତିରକ୍ଷା ଆବଶ୍ୟକତା ପାଇଁ ଡି ଏମଆର ଗ୍ରେଡ୍ ପ୍ଲେଟ୍‌ର ଉତ୍ପାଦନ ବୃଦ୍ଧି କରିବାକୁ ପୂର୍ବରୁ ଅତିରିକ୍ତ ପଦକ୍ଷେପ ନେଇଛି।

ସେଲ୍‌ଫ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପାଣ୍ଡା କୁହନ୍ତି, ଭାରତର ପ୍ରତିରକ୍ଷା ଶିଳ୍ପରେ ଏକ ମୁଖ୍ୟ ସହଭାଗୀ ଭାବେ 'ସେଲ୍' ଦେଶର ଆତ୍ମନିର୍ଭରତା ପ୍ରତି ଗଭୀର ଭାବେ ପ୍ରତିବଦ୍ଧ। ପ୍ରତିରକ୍ଷା ଶିଳ୍ପର ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ଡିଏମଆର ଗ୍ରେଡ୍ ପ୍ଲେଟ୍ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସ୍ପେସିଆଲ୍ ପ୍ଲେଟ୍ ପ୍ଲାଣ୍ଟ ଉପରେ ବିଶେଷ ଧ୍ୟାନ ଦେଇ ନିଜର ଉତ୍ପାଦନ ଶକ୍ତି ବୃଦ୍ଧି କରିଛି। ଏହି ଉଚ୍ଚ-ସାମର୍ଥ୍ୟ ସମ୍ପନ୍ନ ଡିଏମଆର ୨୪୯ ଏ ଷ୍ଟିଲ୍ ପ୍ଲେଟ୍ ପ୍ରଦାନ କରିବା ଭାରତର ରଣନୈତିକ ସ୍ୱାଧୀନତାକୁ ସୁରକ୍ଷିତ କରିବା ସହ ସେଲ୍‌ଫର ଉନ୍ନତ ବୈଷୟିକ ଦକ୍ଷତାକୁ ଉଜାଗର କରୁଛି।

## 'ଜେସିଏସ୍‌ଏସ୍‌ଆଇ' ସୁରକ୍ଷା ଜାଗରଣ ପ୍ରତିଯୋଗିତାରେ ଆର୍‌ଏସ୍‌ପି କର୍ମଚାରୀଙ୍କ ସଫଳତା




**ରାଉରକେଲା, ୨୪।୬ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର କର୍ମଚାରୀମାନେ ପ୍ରତିଷ୍ଠିତ ଜଏଣ୍ଟ କମିଟି ଅନ୍ ସେଫ୍ଟି ହେଲ୍‌ଥ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ଇନ୍ ଦ ଷ୍ଟିଲ୍ ଇଣ୍ଡଷ୍ଟ୍ରି (ଜେସିଏସ୍‌ଏସ୍‌ଆଇ) ଜାଗରଣ ପ୍ରତିଯୋଗିତା-୨୦୨୫ରେ ଅନେକ ପୁରସ୍କାର ଜିତି କାରଖାନା ପାଇଁ ଗୌରବ ଆଣିଛନ୍ତି।


ଜୁନ୍ ୨୩ରେ 'ସମାଗମ' କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏକ ଉତ୍ସବରେ ଭାରପ୍ରାପ୍ତ ମହାପ୍ରବନ୍ଧକ (ସର୍ଭିସେସ୍) ଅତୀଶ ଚନ୍ଦ୍ର ସରକାର ଉକ୍ତ ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ସେଫ୍ଟି ଆଣ୍ଡ ଫାୟାର ସର୍ଭିସେସ୍) ହୀରାଲାଲ ମହାପାତ୍ର, ପାଇପ୍ ପ୍ଲାଣ୍ଟର ବିଭାଗୀୟ ମୁଖ୍ୟ ମହମ୍ମଦ ଏମ୍. ୟୁ. ଲସ୍କର, ଆର୍‌ଆଣ୍ଡସି ଲାବରୋଟୋରିର ବିଭାଗୀୟ ମୁଖ୍ୟ ରମାଶଙ୍କର ଶର୍ମା, କୋକ୍ ଓଭନ୍ସର ମହାପ୍ରବନ୍ଧକ ଜିତେନ କୁମାର ମହାନ୍ତି ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବ୍ୟକ୍ତିଗତ ବର୍ଗରେ ପୋଷ୍ଟର ଡିଜାଇନିଂ ପାଇଁ ପାଇପ୍ ପ୍ଲାଣ୍ଟର ଜୁନିୟର ଇଞ୍ଜିନିୟର ବାଦଲ କର ଏବଂ ଆର୍‌ଆଣ୍ଡସି ଲାବ୍‌ର ଜୁନିୟର ଇଞ୍ଜିନିୟର ମାନସ ରଞ୍ଜନ ବେହେରା ପ୍ରଥମ ପୁରସ୍କାର ହାସଲ କରିଛନ୍ତି। ସେହିପରି କୋକ୍ ଓଭନ୍ସର ଜୁନିୟର ଇଞ୍ଜିନିୟରିଂ ଆସିଷ୍ଟାଣ୍ଟ ଦୀପକ କୁମାର ଦେ କ୍ୟାଲେଣ୍ଡର ଡିଜାଇନ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ବିଜୟୀ ହୋଇଛନ୍ତି।

କାର୍ଯ୍ୟକ୍ରମ ଆରମ୍ଭରେ ମହାପ୍ରବନ୍ଧକ (ଏସଇଡି) ତଥା ବିଭାଗୀୟ ମୁଖ୍ୟ ଅବକାଶ ବେହେରା ଅତିଥିମାନଙ୍କୁ ସ୍ୱାଗତ ସହ ସମଗ୍ର ଇସ୍ପାତ ଶିଳ୍ପରେ ସୁରକ୍ଷା ସଚେତନତା ବୃଦ୍ଧି କରିବାରେ ଜେସିଏସଏସଆଇ ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ହୀରାଲାଲ ମହାପାତ୍ର ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଏବଂ ଭାରତୀୟ ଇସ୍ପାତ ଶିଳ୍ପରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ପରିଚାଳନା ସଂସ୍କୃତିକୁ ସଦୃଢ଼ କରିବା ପାଇଁ ସେଲ୍‌ଫ ସେଫ୍ଟି ଅର୍ଗାନାଇଜେସନ ରାଞ୍ଚି ଦ୍ୱାରା ଜାତୀୟସ୍ତରରେ ପ୍ରତିବର୍ଷ ପ୍ରବନ୍ଧ ଲିଖନ, ପୋଷ୍ଟର ଡିଜାଇନ୍ ଏବଂ କ୍ୟାଲେଣ୍ଡର ଡିଜାଇନ୍ ଭଳି ବର୍ଗରେ ଜେସିଏସଏସଆଇ ସଚେତନତା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ୧୯୭୩ ମସିହାରେ ପ୍ରତିଷ୍ଠିତ ଜେସିଏସଏସଆଇ ହେଉଛି ଏକ ଅନନ୍ୟ ଜାତୀୟ ଦ୍ୱିପାକ୍ଷିକ ମଞ୍ଚ, ଯେଉଁଥିରେ ସେଲ୍‌ଫ, ଟାଟା ଷ୍ଟିଲ୍, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏବଂ ଏଏମ/ଏନଏସ ଇଣ୍ଡିଆ ସମେତ ୨୨ଟି ସଦସ୍ୟ ସଂଗଠନ ସାମିଲ ଅଛନ୍ତି ଏବଂ ଏହା ଇସ୍ପାତ ଶିଳ୍ପ କ୍ଷେତ୍ରରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶର ମାନକୁ ଆଗକୁ ବଢ଼ାଇବା ପାଇଁ ମିଳିତ ଭାବେ କାର୍ଯ୍ୟ କରେ।

## ମୌସୁମୀ ପୂର୍ବରୁ ଆର୍‌ଏସ୍‌ପିର ନର୍ଥ ଚାନେଲ ସଫେଇ ଶେଷ



**ରାଉରକେଲା, ୨୪।୬(ସମିସ):** ଆସୁଥିବା ବର୍ଷା ଋତୁରେ ଶିଳ୍ପ କାର୍ଯ୍ୟକଳାପକୁ ସୁରକ୍ଷିତ ରଖି ଅବିରତ ଉତ୍ପାଦନ ସୁନିଶ୍ଚିତ କରିବା ଲାଗି ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ସିଭିଲ ଇଞ୍ଜିନିୟରିଂ (ସେବା) ବିଭାଗ ସର୍ଣ୍ଣା ଚୌକ ଏବଂ ସଂସ୍କାର ଗେଟ ମଧ୍ୟବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ନର୍ଥ ଚାନେଲ ବ୍ଲକର ଏକ ବ୍ୟାପକ ପଙ୍କ ଅପସାରଣ ଏବଂ ସଫେଇ ଅଭିଯାନ ସଫଳତାର ସହ ସମ୍ପନ୍ନ କରିଛି।

ସୂକ୍ଷ୍ମ ହସ୍ତଚାଳିତ ସଫେଇ ସହିତ, ଆର୍‌ଏସ୍‌ପି ଦୁଇଟି ଭାରୀ-ଶକ୍ତିର ବୁଲଡୋଜର ଏଥିରେ ନିୟୋଜିତ କରିଥିଲା। ଯାହା ହଜାର ହଜାର ଟନ୍ ପଙ୍କ ନିଷ୍କାସନ କରି ଚାନେଲକୁ ତାହାର ମୌଳିକ ଗଭୀରତା ଓ ଧାରଣ ଶକ୍ତିକୁ ପୁନଃସ୍ଥାପନ କରିଛି। ଏହି ସାଂଗଠନିକ ଅବରୋଧଗୁଡ଼ିକୁ ଦୂର କରି, ଏହି ଅଭିଯାନ ପ୍ରବଳ ବର୍ଷା ସମୟରେ ମୁଖ୍ୟ କାର୍ଯ୍ୟକାରୀ ଅଞ୍ଚଳରେ ଆକସ୍ମିକ ବନ୍ୟା ଓ ଜଳଜମା ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଦେଇଛି, ଯାହାଦ୍ୱାରା ବର୍ଷା ଜଳ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ସବ୍‌ଷ୍ଟେସନ ଏବଂ କାରଖାନା ଶେଡ଼ଗୁଡ଼ିକୁ ପ୍ରବେଶ କରିବାରୁ ରୋକି ଏକ ସ୍ଥିର, ବାଧାହୀନ ଇସ୍କାତ ଉତ୍ପାଦନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବ।

ନିଷ୍କାସନ ଭିତ୍ତିଭୂମିକୁ ମଜଭୁତ କରିବା ଲକ୍ଷ୍ୟ ରେ, ରାଉରକେଲା ସହର ଭିତରୁ ବର୍ଷା ଜଳ ନର୍ଥ ଚାନେଲକୁ ନେଇଯାଉଥିବା ମୁଖ୍ୟ ସଂଯୋଗକାରୀ ନାଳ ଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସଫା କରାଯାଇଥିଲା। ରିଂ ରୋଡ଼ ସହ ସଂଯୁକ୍ତ ପାଞ୍ଚଟି ମୁଖ୍ୟ ନାଳ କୁ ସଫା କରାଯାଇଥିଲା, ଯେଉଁଥିରେ ବିସ୍ରା ଚୌକରେ ଥିବା ଦୁଇଟି ନାଳ, ନାଲା ରୋଡ଼ ନିକଟରେ ଥିବା ଦୁଇଟି ନାଳ, ଏବଂ ମ୍ୟୁନିସିପାଲ କଲେଜ ପଛରେ ଥିବା ଗୋଟିଏ ନାଳ ସାମିଲ।

ଏହା ଉଲ୍ଲେଖନୀୟ ଯେ, ନର୍ଥ ଚାନେଲ ସମଗ୍ର କାରଖାନା ପରିସରର ବର୍ଷା ଜଳ ପରିଚାଳନା ଲାଗି ଏକ ମୁଖ୍ୟ ନିର୍ଗମନ ଧମନୀ ତଥା ନିଷ୍କାସନ ନେଟୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ।

### ଏସ୍‌ଆଇଆର୍ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ସହିତ ବୈଠକ

# ୯୪% ପରିଗଣନା ଫର୍ମର ଡିଜିଟାଇଜେସନ ସରିଛି

ରାଉରକେଲା, ୨୪।୬(ସମିସ)



ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଅନ୍ତର୍ଗତ ପରିଗଣନା ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇତିମଧ୍ୟରେ ଜିଲ୍ଲାର ସମସ୍ତ ୭ ଗୋଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପରିଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ମଧ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହେଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ର ସଦ୍‌ଭାବନା ଭବନଠାରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜନୈତିକ ଦଳ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ତଳସରା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ମୋଟ ୧୪, ୬୪, ୫୪୭ ଜଣ ଭୋଟର ରହିଛନ୍ତି। ସେହିଭଳି ୧୩, ୭୬, ୯୧୨ ଗୋଟି ଅର୍ଥାତ୍ ୯୪ ପ୍ରତିଶତ ପରିଗଣନା ଫର୍ମର ଡିଜିଟାଇଜେସନ ହୋଇଅଛି ଏବଂ ଅବଶିଷ୍ଟ ୬ ପ୍ରତିଶତକୁ ଅନୁପସ୍ଥିତ, ସ୍ଥାନାନ୍ତର, ମୃତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭୋଟର ତାଲିକା ଏବଂ ଏଏସ୍‌ଡି ତାଲିକାର ତଥ୍ୟ ପ୍ରଦାନ କରାଯାଇଛି। ସେହିଭଳି ବିଏଲ୍‌ଓ ଏବଂ ବୁଥ ସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରେ ସମନ୍ୱୟ ବୈଠକ କରିବାକୁ ଆଲୋଚନା କରାଯାଇଛି। ସମସ୍ତ ବିଏଲଓମାନେ ସେମାନଙ୍କ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ସହ ବୈଠକ କରି ଏହି ଏଏସ୍‌ଡି ତାଲିକା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ସେହିଭଳି ଯଦି ଅବଶିଷ୍ଟ ୬ ପ୍ରତିଶତ ଏଏସଡି ତାଲିକା ମଧ୍ୟରେ କୌଣସି ଯୋଗ୍ୟ ଭୋଟର ଥାଆନ୍ତି, ତେବେ ତାଙ୍କୁ ତୁରନ୍ତ ଚିହ୍ନଟ କରି ଭୋଟର ତାଲିକାରେ ସାମିଲ କରିବାରେ ସହଯୋଗ କରିବାକୁ ସମସ୍ତ ରାଜନୈତିକ ଦଳ ମାନଙ୍କୁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ସମସ୍ତ ରାଜନୈତିକ ଦଳମାନେ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ ବୋଲି କହିଥିଲେ ଏବଂ ଏଥି ନିମନ୍ତେ ବୁଥ୍‌ସ୍ତରୀୟ ଅଧିକାରୀମାନେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ

**୬ ପ୍ରତିଶତ ଅନୁପସ୍ଥିତ, ସ୍ଥାନାନ୍ତର, ମୃତ ତାଲିକାରେ ଅନ୍ତର୍ଭୁକ୍ତ**

ବୋଲି କହିଥିଲେ।

ଏହି ଅବସରରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଭେଷଜ ରଥ, ଜୟ ନାରାୟଣ ତ୍ରିପାଠୀ, ଅଜିତ ପ୍ରସାଦ, ଅମୀୟ କୁମାର ପ୍ରଧାନ, କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଏମ୍‌ୟୁରେ ବିଜୁ ଛାତ୍ର ଜନତା ଦଳର ଆଡ୍‌ମିଶନ୍ ହେଲ୍ପ ଡେସ୍କ

**ସମ୍ବଲପୁର, ୨୪।୬ (ସମିସ)**



ଯୁକ୍ତ ୩ ନାମଲେଖା ପ୍ରକ୍ରିୟାରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ 'ହେଲ୍ପ ଡେସ୍କ-୨୦୨୬' ଆୟୋଜିତ ହୋଇଯାଇଛି। ନାମଲେଖା ସମ୍ପର୍କିତ ବିଭିନ୍ନ ତଥ୍ୟ, ଅନଲାଇନ୍ ଆବେଦନ ପ୍ରକ୍ରିୟା, ଦଲିଲପତ୍ର ଯାଞ୍ଚ ଓ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ପାଠ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଏହି ହେଲ୍ପ ଡେସ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁମିତ୍ ପଟେଲ, ରାଜ୍ୟ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନଙ୍କ ନେତୃତ୍ୱ ଓ ସମନ୍ୱୟରେ ଆୟୋଜିତ ଏହି ସହାୟତା କେନ୍ଦ୍ରକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମିଲନ ହୋତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି ଏବଂ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ଜୋନ୍ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ସମ୍ବଲପୁର ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ନାମଲେଖା ପାଇଁ ଆସିଥାନ୍ତି। ଅନେକ ଛାତ୍ରଛାତ୍ରୀ ଓ ଅଭିଭାବକ ଦୂରଦୂରାନ୍ତ ଅଞ୍ଚଳରୁ ଆସୁଥିବା ବେଳେ ନାମଲେଖାର ସଠିକ୍ ପ୍ରକ୍ରିୟା, ଆବଶ୍ୟକ ଦଲିଲପତ୍ର, ବିଭିନ୍ନ ପର୍ଯ୍ୟାୟ ଓ ସମୟସୀମା ସମ୍ପର୍କରେ ଅବଗତ ନ ଥାନ୍ତି। ଏଭଳି ପରିସ୍ଥିତିରେ ହେଲ୍ପ ଡେସ୍କର ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଫଳରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ନାମଲେଖା ପ୍ରକ୍ରିୟାକୁ ସହଜ ଓ ନିର୍ଭୁଲ ଭାବେ ସମ୍ପନ୍ନ କରିବାରେ ସହାୟତା ପାଇଥିଲେ। ଏହି ହେଲ୍ପ ଡେସ୍କରେ ଆର୍ଯ୍ୟନ ବହିଦାର, ସୁଭନ ସାହୁ, ଶିବୁ ସେଠ, ଶିବୁ ପ୍ରସାଦ ଦୀପ, ପ୍ରିୟାଂଶୁ ପ୍ରଧାନ, ସମୀର ପ୍ରଧାନ, ଅସିତ ସାହୁ, ଅର୍ଜିତ ତ୍ରିପାଠୀ, ଆକାଶ ବିଶ୍ୱାଳ, ରୋଶନ ସାହୁ, ମନୀଷ ସେନାପତି, ହର୍ଷବର୍ଦ୍ଧନ ଜୈନ, ନାଗେଶ୍ୱର ବାଘ, ଆଦର୍ଶ ବାଘ, ତ୍ରିଲୋଚନ ମହାନନ୍ଦ, ଶୁଭମ ତାଣ୍ଡିଆ, ଶୁଭମ ମହାନ୍ତି, ଆର୍ଯ୍ୟନ ନାୟକ, ଅଶ୍ଳେଷ ବିଶ୍ୱାଳ, ଗୌରବ ମହାପାତ୍ର, ଆଶିଷ ମହାନନ୍ଦ, ସମୀର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସରିଲା ଏସ୍‌ଆଇଆର୍ ଫର୍ମ ଗ୍ରହଣ ଓ ଡିଜିଟାଇଜେସନ୍



**ସମ୍ବଲପୁର, ୨୪।୬ (ସମିସ) :** ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାର ଫର୍ମ ଗ୍ରହଣ, ଦାଖଲ ଓ ଡିଜିଟାଇଜେସନ୍ ଅବଧି ୨୮ ଜୁନ୍ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ସମ୍ବଲପୁର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତଦାରଖରେ ସମସ୍ତ ୧୯୭ ବୁଥ୍‌ର ଶତପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ୨୩ ତାରିଖରେ ସଫଳତାପୂର୍ବକ ସମ୍ପୂର୍ଣ୍ଣ ହୋଇସାରିଛି। ଉକ୍ତ ପ୍ରକ୍ରିୟାରେ ମୋଟ୍ ୨, ୧୩, ୦୦୦ ଜଣ ନିର୍ବାଚକଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି। ୨୪ ଓ ୨୫ ଦୁଇ ଦିନ ଧରି ସମ୍ବଲପୁର ବିଧାନସଭା କ୍ଷେତ୍ରରେ ସମସ୍ତ ବୁଥ୍‌ସ୍ତରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବିଏଲ୍‌ଓ, ବିଏଲ୍‌ଓ ସୁପରଭାଇଜର, ଏଇଆର୍‌ଓ ମିଶି ଏଏସ୍‌ଡି (ଆବ୍‌ସେଣ୍ଟ, ସିଫ୍ଟେଡ୍, ଡେଥ୍) ଭୋଟର ଲିଷ୍ଟର ପୁନଃ ଯାଞ୍ଚ କାର୍ଯ୍ୟ କରୁଛନ୍ତି। ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶନ କରାଯିବାକୁ ଥିବାବେଳେ ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଭୋଟରଙ୍କଠାରୁ ଦାବି ଓ ଆପତ୍ତି ଗ୍ରହଣର ସମୟସୀମା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରାଯାଉଛି।

# ପୋକ୍ସୋ ସଚେତନତା ଅଭିଯାନ

**ସମ୍ବଲପୁର, ୨୪।୬ (ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁର ତରଫରୁ ସରକାରୀ ଉଚ୍ଚବିଦ୍ୟାଳୟ ପରମାଣପୁରଠାରେ ଏକ ପୋକ୍ସୋ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର, ଡିଏଲଏସ୍‌ଏ ଓକିଲ ସୁବଳ ଗର୍ଡ଼ିଆ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ମହାପାତ୍ର, ଶିକ୍ଷକ ଅଶୋକ କୁମାର ସାହୁ ଓ ତପନେଶ୍ୱର ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ସୁନିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚିବ ଶ୍ରୀ ମହାପାତ୍ର ପୋକ୍ସୋ ସମ୍ବନ୍ଧରେ ତଥା ନିଜକୁ ସୁରକ୍ଷିତ ରଖିବା ସମ୍ବନ୍ଧୀୟ ଉପସ୍ଥାପନ କରିଥିଲେ। ଓକିଲ ଶ୍ରୀ ଗର୍ଡ଼ିଆ ପିଲାମାନଙ୍କୁ ଆଇନ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ରୀ ସାହୁ ବିଦ୍ୟାଳୟରେ ନୂତନ ଭାବେ ଲାଗୁ ହୋଇଥିବା କିଛି ନିୟମ ବିଷୟରେ ବୁଝାଇଥିଲେ। ଶେଷରେ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିବାବେଳେ ପିଏଲ୍‌ଭି ତଥା ଅଧ୍ୟାପିକା ସୁଷମା ପ୍ରଧାନ ସହଯୋଗ କରିଥିଲେ।




# ଏମ୍‌ସିଏଲ୍‌କୁ ମିଳିଲା 'ଆସୋଚାମ୍ ବିଜିନେସ୍ ଏକ୍ସଲେନ୍ସ' ଆୱାର୍ଡ

**ସମ୍ବଲପୁର, ୨୪।୬ (ସମିସ) :** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) କୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ) କ୍ଷେତ୍ରରେ 'ସ୍ଥିରତା ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ଖଣିକାର୍ଯ୍ୟରେ ଉତ୍କର୍ଷତା' ବର୍ଗରେ ସମ୍ମାନଜନକ 'ଆସୋଚାମ୍ ବିଜିନେସ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି। କୋଲକାତାଠାରେ ଆସୋଚାମ୍ ଦ୍ୱାରା ଆୟୋଜିତ ମିନେରାଲ୍ସ ଆଣ୍ଡ ମାଇନିଂ କନକ୍ଲେଭ୍ ୨୦୨୬ 'ଟ୍ରାନ୍ସଫର୍ମେସନ୍ ଫର୍ ଗ୍ଲୋବାଲ୍ କମ୍ପିଟିଟିଭ୍‌ନେସ୍'ର ଚତୁର୍ଥ ସଂସ୍କରଣ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ଜିଏସ୍‌ଆଇ)ର ମହାନିର୍ଦ୍ଦେଶକ ଅସିତ ସାହା ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଏମ୍‌ସିଏଲ୍ ପକ୍ଷରୁ ମହାପ୍ରବନ୍ଧକ (ଖଣି) ରାଜେଶ ଶର୍ମା ଏହି ପୁରସ୍କାର ଗ୍ରହଣ କରିଥିଲେ। ସ୍ଥାୟୀ ଖଣିଜ ପ୍ରଣାଳୀ, ପରିଚାଳନାଗତ ଉତ୍କର୍ଷତା, ଉନ୍ନତ ଜ୍ଞାନକୌଶଳ ଆପଣାଇବା, ପରିବେଶ ସୁରକ୍ଷା ଦିଗରେ ଏମ୍‌ସିଏଲ୍‌ର ଉଲ୍ଲେଖନୀୟ ଅବଦାନ ଏବଂ ଦେଶର ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରି ଏହି ସମ୍ମାନ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ, ଏମ୍‌ସିଏଲ୍ ୨୧୮ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ଏବଂ ୨୧୧ ମିଲିୟନ୍ ଟନ୍ ପ୍ରେରଣର ଉପଲବ୍ଧି ହାସଲ କରିଛି, ଯାହାକି ସବୁଜ ଏବଂ ଜ୍ଞାନକୌଶଳ ଭିତ୍ତିକ ଖଣି ପଦକ୍ଷେପକୁ କ୍ରମାଗତ ଭାବରେ ଆଗେଇ ନେବା ସହ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ ନିଜର ସ୍ଥାନ ବଜାୟ ରଖିପାରିଛି। ଏହି ପୁରସ୍କାର ସ୍ଥିରତା, ନବସୃଜନ ଏବଂ ଦାୟିତ୍ୱବାନ ସମ୍ବଳ ପରିଚାଳନା ଉପରେ ବିଶେଷ ଧ୍ୟାନ ଦେବା ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ଦିଗରେ 'ଟିମ୍ ଏମ୍‌ସିଏଲ୍'ର ସାମୂହିକ ପ୍ରୟାସ ଏବଂ ଅଙ୍ଗୀକାରକୁ ପ୍ରତିଫଳିତ କରୁଛି।




# 'ବିକାଶର ଧାରା ଓଡ଼ିଶା ସାରା'ର ଉଦ୍‌ଯାପିତ




**ନାକଟିଦେଉଳ, ୨୪। ୬(ସମିସ):** ନାକଟିଦେଉଳ ବ୍ଲକ ପରିସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକରେ ୭ଦିନ ଧରି ଚାଲିଥିବା ଏହି ଉତ୍ସବର ଆଜି ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ବିଡିଓ ଆକାଶ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ, ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସ୍ୱରପାରାଣୀ ସାହୁ, ଉପାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ସମ୍ବଲପୁର ଦକ୍ଷତା ବିକାଶର ଉପ ନିର୍ଦ୍ଦେଶକ ଗତିକୃଷ୍ଣ ବେହେରା, ସମ୍ବଲପୁର ସାଂସଦ ପ୍ରତିନିଧି ନେତ୍ରାନନ୍ଦ ରାଉଳ, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସୁଷମା ମୁଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର, ୩ ଜଣଙ୍କୁ ଅନ୍ନପୂର୍ଣ୍ଣା ଯୋଜନା, ୩ଜଣଙ୍କୁ ମଧୁବାବୁ ଭତ୍ତା, ୪୫ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହର କାର୍ଯ୍ୟାଦେଶ, ପୋଷଣ ଅଭିଯାନରେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ମୋବାଇଲ ପ୍ରଦାନ କରାଯାଇଥିଲା।

# ରେଢାଖୋଲ ରଥଯାତ୍ରା ପାଇଁ ପ୍ରସ୍ତୁତି ଓ ସମୀକ୍ଷା ବୈଠକ




**ରେଢ଼ାଖୋଲ, ୨୪।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଏବଂ ସମୀକ୍ଷା ବୈଠକ ବୁଧବାର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରେଢ଼ାଖୋଲରେ ହେବାକୁ ଥିବା ଚଳିତବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ହେବାସହିତ ମନ୍ଦିରର ସାଜସଜ୍ଜା, ବିଗ୍ରହଙ୍କ ଗଜାନନ ବେଶର ସାଜସଜ୍ଜା, ରଥଯାତ୍ରା ହେଉଥିବା କଦମ୍ବ ପଡ଼ିଆର ସଫାସୁତୁରା, ନୂତନରଥ ନିର୍ମାଣ କାର୍ଯ୍ୟ ଓ ଠାକୁରଙ୍କ ପହଣ୍ଡି, ରଥଟଣା, ମୀନାବଜାର, ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଭଗବାନଙ୍କୁ ସୁରୁଖୁରୁରେ ଦର୍ଶନ କରି ପାରିବେ ଇତ୍ୟାଦି ସମସ୍ତ କାର୍ଯ୍ୟ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ରଥଯାତ୍ରାରେ ଠାକୁରଙ୍କ ପହଣ୍ଡି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଘଣ୍ଟବାଜା, ନାମ କିର୍ତ୍ତନ, ଢୋଲ ଲିସାଣ, ଦୁଲଦୁଲି ବାଜା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପହଣ୍ଡି ଓ ରଥଟଣା କରିବାର ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ କୁମାର ପ୍ରଧାନ, ଅନାଦି ସାହୁ, ବ୍ରହ୍ମ ସମାଜ, ଜଗନ୍ନାଥ କମିଟି ସଦସ୍ୟ, ସମସ୍ତ ଗଣମାଧ୍ୟମ ସମେତ, ଫରେଷ୍ଟ ବିଭାଗ, ଅଗ୍ନିଶମ ବିଭାଗ ଓ ପୁଲିସ ବିଭାଗର ଅଧିକାରୀ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ମିନିଷ୍ଟାଡିୟମ ସ୍ଥାନାନ୍ତରଣ ଦାବି

**ସମ୍ବଲପୁର, ୨୪।୬ (ସମିସ) :** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ପ୍ରସ୍ତାବିତ ମିନି ଷ୍ଟାଡିଅମ୍‌ର ସ୍ଥାନ ପରିବର୍ତ୍ତନ କରି ସହର ବାହାରେ କରିବାକୁ ଆଜି ଅଞ୍ଚଳବାସୀ ଜିଲ୍ଲାପାଳଙ୍କଠାରେ ଦାବି ଜଣାଇଛନ୍ତି। ସେମାନଙ୍କ ଦାବିପତ୍ର ଅନୁଯାୟୀ, ହୀରାକୁଦ ସହର ମଧ୍ୟଭାଗରେ ଥିବା ସୁବାସ ମଇଦାନ ଫୁଟବଲ ଖେଳ ପାଇଁ ଉଦ୍ଦିଷ୍ଟ। ବିଗତ ଦିନରେ କ୍ରିକେଟ ବଲ୍ ବାଜି ସ୍କୁଲର ଛାତ୍ରଛାତ୍ରୀମାନେ ଆହତ ହେବାର ନଜିର ରହିଛି। ଏହି ପଡ଼ିଆର ଚତୁଃପାର୍ଶ୍ୱରେ ସ୍କୁଲ, କଲୋନୀ, ମେଡିକାଲ ଏବଂ ମାର୍କେଟ ଅଛି। ଗାଡ଼ି ପାର୍କିଂ ସୁବିଧା ନ ଥିବାରୁ କୌଣସି ପ୍ରକାର ଖେଳ ଆୟୋଜନ ହେଲେ, ଟ୍ରାଫିକ୍ ଜାମ୍ ହୋଇଥାଏ। ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ମିନିଷ୍ଟାଡିୟମ କରିବାକୁ ଯୋଜନା ରହିଥିବା ଜଣାପଡ଼ିଥିବାବେଳେ ଏସବୁ ଦୃଷ୍ଟିରୁ ଏହାଏକ ଉପଯୁକ୍ତ ସ୍ଥାନ ନୁହେଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସହରର ମୁଖ୍ୟ ରାସ୍ତାଟି ସଂକୀର୍ଣ୍ଣ ଏବଂ ହିଣ୍ଡାଲକୋର ଭାରୀଯାନ ଯିବାଆସିବା କରୁଥିବାରୁ ଏହି ଅଞ୍ଚଳଟି ଅତ୍ୟନ୍ତ ବିପଦପୂର୍ଣ୍ଣ। ଉପରୋକ୍ତ ସମସ୍ତ ବିଷୟକୁ ବିଚାର କରି ସହର ବାହାରେ କୌଣସି ଏକ ସରକାରୀ ଜମିରେ ମିନିଷ୍ଟାଡିୟମ କରିବାକୁ ହୀରାକୁଦ ଅଞ୍ଚଳବାସୀ ଦାବି କରିଛନ୍ତି।



# ସରିଲା ଏସ୍‌ଆଇଆର୍ ଫର୍ମଗ୍ରହଣ ଓ ଡିଜିଟାଇଜେସନ୍



**କୁଚିଣ୍ଡା, ୨୪। ୬(ସମିସ):** ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାର ଫର୍ମଗ୍ରହଣ, ଦାଖଲ ଓ ଡିଜିଟାଇଜେସନ୍ ଅବଧି ୨୮ ଜୁନ୍ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସରଓ୍ୱନନ୍ ସ.ଙ୍କ ତଦାରଖରେ ସମସ୍ତ ୨୭୨ ବୁଥ୍‌ର ଶତପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ୨୩ ରିଖରେ ସମ୍ପୂର୍ଣ୍ଣ ହୋଇସାରିଛି। ଉକ୍ତ ପ୍ରକ୍ରିୟାରେ ମୋଟ୍ ୨, ୨୬, ୦୪୧ ଜଣ ନିର୍ବାଚକଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି। ଭୋଟରଙ୍କ ତଥ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପରିଗଣନା କାର୍ଯ୍ୟ ସମାପ୍ତ କରିଥିବା ୧୦୫ ଜଣ ବିଏଲ୍‌ଓଙ୍କ କାର୍ଯ୍ୟକୁ ପ୍ରଶଂସାକରି ଉପଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ୨୪ ଓ ୨୫ ଦୁଇ ଦିନ ଧରି କୁଚିଣ୍ଡା ବିଧାନସଭା କ୍ଷେତ୍ରରେ ସମସ୍ତ ବୁଥ୍‌ସ୍ତରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବିଏଲ୍‌ଓ, ବିଏଲ୍‌ଓ ସୁପରଭାଇଜର, ଏଇଆର୍‌ଓ ମିଶି ଏଏସ୍‌ଡି ଭୋଟର ଲିଷ୍ଟର ପୁନଃ ଯାଞ୍ଚ କାର୍ଯ୍ୟ କରୁଛନ୍ତି।

# ପିଏଚ୍‌ଡି ପଡ଼ିଆ ସମ୍ମୁଖ ରାସ୍ତାରୁ ଜବରଦଖଲ ଉଚ୍ଛେଦ

**ସମ୍ବଲପୁର, ୨୪।୬ (ସମିସ) :** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଅଇଁଠାପାଲି ଛକ ନିକଟସ୍ଥ ପିଏଚ୍‌ଡି ପଡ଼ିଆ ସମ୍ମୁଖ ଅଞ୍ଚଳରେ ଡ୍ରେନ୍ ଓ ଫୁଟପାଥ ଉପରେ ହୋଇଥିବା ବେଆଇନ ଜବରଦଖଲ ଆଜି ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବହୁସଂଖ୍ୟକ ରାସ୍ତାକଡ଼ ବ୍ୟବସାୟୀ, ଫଳ ବିକ୍ରେତା ଏବଂ ଫାଷ୍ଟଫୁଡ ଦୋକାନୀ ଫୁଟ୍‌ପାଥ ଓ ଡ୍ରେନ ଉପରେ ଦଖଲ କରିରଖିଥିଲେ। ଅଇଁଠାପାଲି ଛକ ସମ୍ବଲପୁର ସହରର ପ୍ରବେଶ ଦ୍ୱାର। ଏଠାରେ ସବୁବେଳେ ଯାନବାହନ ଓ ଜନସାଧାରଣଙ୍କ ଯାତାୟାତ ଅଧିକ ରହିଥାଏ। ଦୋକାନସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ମୁଖ୍ୟରାସ୍ତା ଉପରେ ବହୁ ପରିମାଣରେ ଆବର୍ଜନା ପଡ଼ି ରହୁଥିଲା। ଡ୍ରେନ୍‌ଗୁଡ଼ିକ ଜାମ୍ ହେବାସହ ଜଳପ୍ରବାହ ଅବରୋଧ ହେଉଥିଲା। ଏହାସହ ପ୍ରାୟ ସମୟରେ ଭୟଙ୍କର ଟ୍ରାଫିକ ଜାମ୍ ମଧ୍ୟ ହେଉଥିଲା। ପିଏଚ୍‌ଡି ପଡ଼ିଆରେ ବର୍ଷସାରା ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସରକାରୀ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାରୁ ଜନସାଧାରଣଙ୍କ ସୁବିଧା, ଯାନଚଳାଚଳର ସୁଗମତା ଏବଂ ରାସ୍ତାର ଚଉଡ଼ା ବୃଦ୍ଧି ପାଇଁ ଏହି ଉଚ୍ଛେଦ କାର୍ଯ୍ୟ ଅତ୍ୟାବଶ୍ୟକ ଥିଲା ବୋଲି ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏଭଳି ବେଆଇନ ଦଖଲ ଉଚ୍ଛେଦ ଅଭିଯାନ ଆଗାମୀ ଦିନରେ ଜାରି ରହିବ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି।



# 'ଶିଶୁ ଶ୍ରମ-ମୁକ୍ତ ଜିଲ୍ଲା' ହେବ ସମ୍ବଲପୁର







**ସମ୍ବଲପୁର, ୨୪।୬ (ସମିସ)**

ଶିଶୁ ଶ୍ରମ ପ୍ରଥା ସମାଜ ପାଇଁ ଏକ କଳଙ୍କ। ଏହା ଶିଶୁମାନଙ୍କର ଭବିଷ୍ୟତ ତଥା ବିକାଶର ଧାରାକୁ ବାଧକ ହୋଇଥାଏ। ରାଜ୍ୟ ସରକାରଙ୍କ 'ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଅଭିଯାନ'କୁ ସଫଳ କରିବାକୁ ହେଲେ ପ୍ରଥମେ ସମ୍ବଲପୁରକୁ ଶିଶୁ ଶ୍ରମମୁକ୍ତ ଜିଲ୍ଲା ଭାବେ ଗଢ଼ିବାକୁ ହେବ। ସ୍ଥାନୀୟ ଅଞ୍ଚଳର ହୋଟେଲ, ଢାବା, ଗ୍ୟାରେଜ୍ ଏବଂ ବିଭିନ୍ନ କାରଖାନାରେ ଶିଶୁମାନଙ୍କୁ ସ୍ୱଳ୍ପମୂଲ୍ୟରେ ଶ୍ରମିକ ଭାବେ ନିୟୋଜିତ କରାଯାଉଛି। ଏହା ବିରୋଧରେ ପୁଲିସ, ଶ୍ରମ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ଧାର ଟିମ୍ ସକ୍ରିୟ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି। ଓଡ଼ିଶା ସରକାରଙ୍କ ଶ୍ରମ ଓ ସଂସ୍ଥାନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ମିଳିତ ସହଯୋଗରେ ମଙ୍ଗଳବାର ସମ୍ବଲପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ଶିଶୁ ଓ କିଶୋର ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଏସସିପିସିଆର ଅଧ୍ୟକ୍ଷା ଶ୍ରୀମତୀ ପାତ୍ରଙ୍କ ସହ ସଦସ୍ୟା ଚନ୍ଦନା ଦାସ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ (ଏନ୍‌ଫୋର୍ସମେଣ୍ଟ) ଶତ୍ରୁଜିତ ଶାହୁ, ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ତଥା ସିଡବ୍ଲ୍ୟୁସି, ଡିସିପିୟୁ, ଚାଇଲ୍ଡ ହେଲ୍ପଲାଇନ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି, ଶିକ୍ଷା ହିଁ ଶିଶୁ ଶ୍ରମ ରୋକିବାର ସବୁଠାରୁ ବଡ଼ ଅସ୍ତ୍ର। ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିକ୍ଷା ବିଭାଗ ସଜାଗ ରହିବା ଉଚିତ, ଯେପରି କୌଣସି ପିଲା ସ୍କୁଲରୁ ବାଦ୍ ନପଡ଼ନ୍ତି। ଏହାସହିତ ଉଦ୍ଧାର ହେଉଥିବା ପିଲାମାନଙ୍କର ଉପଯୁକ୍ତ କାଉନ୍ସେଲିଂ, ମେଡିକାଲ୍ ଟେଷ୍ଟ ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବୈଷୟିକ ଶିକ୍ଷା, ଆଇଟିଆଇ, ହୋଟେଲ ମ୍ୟାନେଜମେଣ୍ଟ ଆଦି କ୍ଷେତ୍ରରେ ତାଲିମ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। କେବଳ ଶିଶୁମାନଙ୍କୁ ଉଦ୍ଧାର କରିବା ଯଥେଷ୍ଟ ନୁହେଁ, ବରଂ ସେମାନଙ୍କର ଥଇଥାନ ଏବଂ ପୁନର୍ବାର ଶିକ୍ଷା କ୍ଷେତ୍ରରେ ସାମିଲ କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ। କମିଶନରଙ୍କ ତରଫରୁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ ପାଇଁ ପରାମର୍ଶ ଦିଆଯାଇଛି, ଯାହା ପ୍ରତି ମାସରେ ଏହାର ମନିଟରିଂ କରିବ। କରୋନା ସମୟରେ ଅନାଥ ହୋଇଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ 'ମିଶନ ବାତ୍ସଲ୍ୟ' ଯୋଜନାର ସଠିକ୍ ଯାଞ୍ଚକରି ସେହି ସମ୍ପୃକ୍ତ ପରିବାରଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଚିହ୍ନଟ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଗରିବ ମାଆମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ କରାଗଲେ ଏବଂ ପରିବାରକୁ ସରକାରୀ ଯୋଜନାରେ ସାମିଲ କଲେ ଶିଶୁ ଶ୍ରମ ପ୍ରଥାକୁ ମୂଳପୋଛ କରାଯାଇପାରିବ। ଅଗ୍ରଣୀ କାର୍ଯ୍ୟକ୍ରମ 'ଆଭିକା' ବିଷୟରେ ଆଲୋଚନା କରି ଶ୍ରୀମତୀ ପାତ୍ର କହିଛନ୍ତି ଯେ କେବଳ କିଶୋରୀ ନୁହେଁ, ବରଂ କିଶୋର ମାନଙ୍କୁ ମଧ୍ୟ ଏହି ସେସନରେ ସାମିଲ କରାଯିବା ଉଚିତ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲ୍ଲାରେ ଶିଶୁ ସୁରକ୍ଷା ଆଇନର କଡ଼ାକଡ଼ି ଅନୁପାଳନ ଏବଂ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯାଇ ଏକ 'ଶିଶୁ ଅନୁକୂଳ ସମ୍ବଲପୁର ଜିଲ୍ଲା' ଗଠନ ପାଇଁ ପ୍ରତିଶ୍ରୁତି ବ୍ୟକ୍ତ କରିଥିଲେ। ରିସୋର୍ସ ପର୍ସନ ସରୋଜ କୁମାର ବାରିକ ଶିଶୁ ଶ୍ରମ ନିଷେଧ ଆଇନ, ୧୯୮୬ ଏବଂ ଏନ୍‌ସିଏଲ୍‌ପି ସ୍ପେଶାଲ ଟ୍ରେନିଂ ସେଣ୍ଟରର କାର୍ଯ୍ୟକାରିତା ଉପରେ ବୈଷୟିକ ଉପସ୍ଥାପନା ଦେଇଥିଲେ।

## ଜାତୀୟ ରାଜପଥରେ ଜଳିଗଲା ଟ୍ରକ୍



ଛେଣ୍ଡିପଦା,୨୪।୬(ସମିସ): ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡ଼ା ଥାନା କତଡ଼ା ଗ୍ରାମ ନିକଟରେ ବୁଧବାର ସକାଳ ପ୍ରାୟ ନଅଟା ବେଳେ ଏକ କଏଲ୍ ଇଲେକ୍ଟ୍ରିକ ତାର ବୋଝେଇ ଟ୍ରକ ଆକସ୍ମିକ ଭାବେ ନିଆଁ ଲାଗି ଜଳି ଯାଇଥିବା ଜଣାପଡ଼ିଛି। ଖବର ପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଯୋଗ୍ୟ ଯେ, ଟ୍ରକ୍ ନମ୍ବର ସିଜି ୦୪ ଏମ୍‌ଜେଡ୍- ୯୮୧୭ ତାର ବୋଝେଇ ଟ୍ରକ୍‌ଟି ଅନୁଗୋଳ ଜିନ୍ଦଲ କମ୍ପାନୀଠାରୁ ଛତିଶଗଡ଼ ଅଭିମୁଖେ ଯାଉଥିଲା ବେଳେ ପଛ ଚକା ଟାୟାର ଫାଟି ଯିବା ଯୋଗୁଁ ଜଳି ଯାଇଥିବା ଅନୁମାନ କରାଯାଉଛି। ଅପରପକ୍ଷରେ ଖବର ପାଇ ଜରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ସହ ଅଗ୍ନିକାଣ୍ଡ ଘଟିବା କାରଣ ସମ୍ପର୍କରେ ସବିଶେଷ ଭାବେ ତଦନ୍ତ ଜାରି ରଖିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସେହିପରି ଏହି ଅଘଟଣ ଯୋଗୁଁ ଗାଡ଼ି ଚାଳକ ଏବଂ ଖଲାସୀ କେହି ମୃତାହତ ହୋଇନଥିବା ଜଣାଯାଇଛି।

## ଘର ଭିତରୁ ନାଗ ସାପ ଉଦ୍ଧାର



ବଇଣ୍ଡା,୨୪।୬(ସମିସ): କିଶୋରନଗର ବ୍ଲକ୍ ହଣ୍ତପା ଥାନା ଲୁହାମୁଣ୍ଡା ଗ୍ରାମର ଉମେଶ କୁମାର ପ୍ରଧାନଙ୍କ ଘରୁ ମଙ୍ଗଳବାର ଏକ ନାଗ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ବାହାର ଅଞ୍ଚଳରୁ ଏକ ନାଗ ସାପ ଉମେଶଙ୍କ ଘର ଭିତରକୁ ପଳାଇ ଯାଇଥିଲା। ଏହା ତାଙ୍କ ପରିବାର ଲୋକ ଦେଖି ବାହାରକୁ ଭୟରେ ପଳାଇ ଆସିଥିଲେ। ପରେ ସାପକୁ ଉଦ୍ଧାର କରିବା ପାଇଁ ମାଧପୁର ଅଞ୍ଚଳର ସାପ ଉଦ୍ଧାର କାରି ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବର ପାଇଁ ସିଦ୍ଧେଶ୍ୱର ଉମେଶଙ୍କ ଘରେ ପହଞ୍ଚି ଘର ଭିତରୁ ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ତପା ବନ ବିଭାଗ ଜରିଆରେ ନିକଟସ୍ଥ ଜଙ୍ଗଲରେ ଛଡ଼ାଯାଇଥିଲା।

## ବଇଣ୍ଡାରେ ୪ ଶିଶୁ ଶ୍ରମିକ ଉଦ୍ଧାର

ବଇଣ୍ଡା,୨୪।୬(ସମିସ): ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ଓ ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ ମିଳିତ ଭାବରେ ବଇଣ୍ଡା ଅଞ୍ଚଳରେ ବୁଧବାର ଚଢ଼ଉ କରାଯାଇଛି। ବିଶେଷକରି ବଇଣ୍ଡା ଅଞ୍ଚଳରେ ୧୮ ବର୍ଷରୁ କମ୍ ନାବାଳକକୁ ବିଭିନ୍ନ କାମରେ ନିୟୋଜିତ କରା ଯାଇଥିବା ଖବର ପାଇ ଅନୁଗୋଳ ଶ୍ରମ ବିଭାଗ ଅଧିକାରୀ ଅଶ୍ୱିନୀ ମୁଦୁଲି ଓ ଫାଣ୍ଡି ପୁଲିସ ଚଢ଼ଉ କରି ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନେ ବିଭିନ୍ନ ଦୋକାନରେ କାମ କରୁଥିବାବେଳେ ପାଠ ପଢ଼ା ବନ୍ଦ କରି କିଛି ଅର୍ଥ ଲୋଭରେ କାମ କରୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରା ଯାଇଛି। ପରେ ସେମାନଙ୍କୁ ଅନୁଗୋଳ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ନିଆଯିବା ସହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଆଗକୁ ମଧ୍ୟ ଜୋରଦାର ଚଢ଼ଉ କରାଯିବ ବୋଲି ଶ୍ରମ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ



କିଶୋରନଗର,୨୪।୬(ସମିସ): ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା, ଓଡ଼ିଶା ପ୍ରଦେଶ ଆନୁକୂଲ୍ୟରେ ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ ଆମ୍ବସରମୁଣ୍ଡା ଗ୍ରାମର ଜଂଘା ବଡ଼ଦେବ କଳା ମଣ୍ଡପଠାରେ ବୀରାଙ୍ଗନା ରାଣୀ ଦୁର୍ଗାବତୀଙ୍କ ୪୬୩ ତମ ବଳିଦାନ ଦିବସ ବୁଧବାର ପାଳିତ ହୋଇଯାଇଛି। ଗୋଁଣ୍ଡ ମହାସଭାର ଜିଲ୍ଲା ସଭାନେତ୍ରୀ ଶୋଭାଗିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଉପଖଣ୍ଡର ୧୬ଟି ପୁଞ୍ଜୀର କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୪୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ବିଭାଗର ସାଧାରଣ ସଚିବ ପଦ୍ମିନୀ ପାତ୍ର ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ରାଜ୍ୟ ସମିତିର ସଭାନେତ୍ରୀ ସୁକାନ୍ତୀବାଳା ନାୟକ, ଉପାଧ୍ୟକ୍ଷା ଦମୟନ୍ତୀ ମହାପାତ୍ର ଏବଂ ମହାସଚିବ ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରାଣୀ ଦୁର୍ଗାବତୀଙ୍କ ଅଦମ୍ୟ ସାହସ, ଜୀବନର ସଂଘର୍ଷ ଓ ବଳିଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ ଥିବା ଗୋଁଣ୍ଡ ସମାଜର ବୀର ଶହୀଦମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜ୍ୟ ସଂଗଠନ ମହାସଚିବ ପ୍ୟାରୀମୋହନ ନାୟକ, ଉପଦେଷ୍ଟା ଭବାନୀ ଶଙ୍କର କାଲୋ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଜିଲ୍ଲା ସଭାପତି ସଦାଶିବ ନାୟକ, ପୂର୍ବତନ ଜିଲ୍ଲା ସଭାପତି ବିରଞ୍ଚି ନାୟକ, ପରିଷଦ ସଭାପତି ପ୍ରସନ୍ନ କୁମାର ନାୟକ ଏବଂ ସୁରେଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ସମ୍ପ୍ରତି ସମାଜରେ ମହିଳା ସଶକ୍ତୀକରଣର ବିଭିନ୍ନ ଦିଗ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ମହିଳାମାନଙ୍କୁ ଅଂଶୀଦାର କରି ସ୍ୱାବଲମ୍ବୀ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

# କୋଠଭୂଇଁ ଅଞ୍ଚଳରେ ହାତୀ ଉପଦ୍ରବ; ଲୋକେ ଆତଙ୍କିତ

ଅନୁଗୋଳ,୨୪।୬(ସମିସ)





ସାତକୋଶିଆ ଅଭୟାରଣ୍ୟର କୋଠଭୂଇଁ ଅଞ୍ଚଳରେ ଦଳ ଦଳ ହାତୀ ବ୍ୟାପକ ଧନ ସମ୍ପତ୍ତି ନଷ୍ଟ କରୁଥିବାବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀ ଦଳରେ ପ୍ରାୟ ୫୫ରୁ ଅଧିକ ହାତୀ ଥିବାର ଜଣାପଡ଼ିଛି। କୋଠଭୂଇଁ ଆଖପାଖ ଗାଁ ତେନ୍ତୁଳିପଥର, ଲଇମୁଣ୍ଡା, ଓଲାବେରୀ, ସଂକ୍ରିଡ଼ା, କମୁରୀ, ଲୋକାସିଂହା ଗ୍ରାମ ଆଖପାଖ ଜଙ୍ଗଲରେ ହାତୀଦଳ ରହି ଆମ୍ବ, ପଣସ ଓ ପନିପରିବା ଫସଲ ନଷ୍ଟ କରିଛନ୍ତି। ହାତୀଦଳକୁ ଦେଖି ଗାଁ ଗାଁରେ ତାଟି କବାଟ ପଡ଼ିବା ସହିତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ସ୍କୁଲ ଖୋଲିବା ପରେ ଛାତ୍ରଛାତ୍ରୀ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ। ଶହ ଶହ ସଂଖ୍ୟାରେ ଆମ୍ବ ପଣସ ଗଛ ହାତୀଦଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଏବଂ ବ୍ୟାପକ ପରିମାଣର ପନିପରିବା ଫସଲ ନଷ୍ଟ କରିଥିବାବେଳେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସାତକୋଶିଆ ଅଭୟାରଣ୍ୟରେ ହାତୀମାନଙ୍କର ଖାଦ୍ୟ ଶାଳୀୟ ବାଉଁଶ ଓ ଅନ୍ୟାନ୍ୟ ଡାଳପତ୍ର, ଫଳମୂଳ ଆଦୌ ନଥିବାରୁ ହାତୀଦଳ ଗାଁ ପାଖ ଆମ୍ବ ପଣସ ତୋଟା ଏବଂ ପନିପରିବା ଫସଲ କ୍ଷେତରେ ଆଡ୍ଡା ଜମାଇଛନ୍ତି। ଆମ୍ବ ପଣସ ଓ ପନିପରିବା ନଷ୍ଟ କରିବା ସହିତ ଗଛ ସବୁ ଉପାଡ଼ି ଦେଉଥିବା ଘଟଣାରେ ଚାଷୀକୂଳର ସର୍ବନାଶ ହେଉଥିବା ନେଇ କ୍ଷୋଭ ପ୍ରକାଶ ପାଉଛି। ଅନ୍ୟ ପକ୍ଷରେ ବିଭିନ୍ନ ସମୟରେ ଚାଷୀ କ୍ଷତିପୂରଣ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ ସୁଦ୍ଧା ଉପଯୁକ୍ତ କ୍ଷତିପୂରଣ ମିଳୁ ନଥିବାରୁ ଅସନ୍ତୋଷ ବଢ଼ୁଛି। ଗାଁ ଗାଁରେ ସରକାରଙ୍କ ପକ୍ଷରୁ ଗଜ ସାଥୀ, ସ୍କ୍ୱାଡ୍, ଗଜବନ୍ଧୁ ନିୟୋଜନ କାଗଜପତ୍ରରେ ଚାଲିଛି। ଏ ସବୁ ଅସ୍ଥାୟୀ ନିଯୁକ୍ତି ଓ ନିୟୋଜନରେ ବ୍ୟାପକ ଜାଲିଆତି, ପ୍ରିୟାପ୍ରୀତି ଓ ବାଟମାରଣା ହେଉଛି। ସାତକୋଶିଆ ଅଭୟାରଣ୍ୟରେ ବାଘଙ୍କ ଖାଦ୍ୟ ପାଇଁ ଚାରଣଭୂମି ଓ ଘାସ ଚାଷ ନେଇ ପ୍ରାକୃତିକ ଜଙ୍ଗଲ ନଷ୍ଟ କରାଯାଇଥିବାରୁ ହାତୀ ଅଭୟାରଣ୍ୟରେ ରହୁ ନଥିବା ଜଣାପଡ଼ିଛି। ଏପରିକି ଶହ ଶହ କିଲୋମିଟର ଟ୍ରେଞ୍ଚ ଖୋଳା, ସୋଲାର ତାରବାଡ଼ ଯୋଗୁଁ ହାତୀ ସାତକୋଶିଆରେ ରହୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରଙ୍କ କାର୍ଯ୍ୟଧାରାରେ ଗ୍ରାମବାସୀ ଅତିଷ୍ଠ ଥିବାବେଳେ ରାତ୍ରିରେ ବିଦ୍ୟୁତ୍ କାଟ୍ ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ଅଧିକାଂଶ ରାତ୍ରିରେ ବିଦ୍ୟୁତ୍ କାଟ ଯୋଗୁଁ ଚାଷୀଙ୍କର ଚାଷ ବାସ ଓ ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ସୃଷ୍ଟି ହୋଇଅଛି। ହାତୀମାନଙ୍କର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ସରକାର ବିଫଳ ହୋଇଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କର ଏକମାତ୍ର ଜୀବନଜୀବିକାର ଉତ୍ସ ହେଉଛି ଧାନଚାଷ ଏବଂ କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ସହିତ ଫଳବଗିଚା। ହାତୀ ଏବଂ ବନ୍ୟଜନ୍ତୁଙ୍କ ଦାଉରୁ ଚାଷୀଙ୍କର ଫସଲ ସୁରକ୍ଷା ଏକାନ୍ତ ଜରୁରୀ ଥିବା ବେଳେ ସରକାରଙ୍କ କୌଣସି ଠୋସ ପଦକ୍ଷେପ ନଥିବା ନେଇ ଚାଷୀ ଆତଙ୍କିତ। ଅନ୍ୟ ପକ୍ଷରେ କୋଠଭୂଇଁ ନିକଟତମ ପଞ୍ଚାୟତ ଟାଇଁସି ଓ ଅନ୍ତୁଳିଆରେ ମଧ୍ୟ ହାତୀ ଉପଦ୍ରବ ନେଇ ଚାଷୀଙ୍କର ମେଳି ହେଉଛି। ଆଗାମୀ ଦିନରେ ହାତୀ ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଜୀବନ ହାନୀ ଓ ଧନ ସମ୍ପତ୍ତି କ୍ଷୟକ୍ଷତିର ପ୍ରତିକାର ନେଇ ଗଣ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ

ଅନୁଗୋଳ,୨୪।୬(ସମିସ): ବାଜି ରାଉତ୍ ଛାତ୍ରାବାସ, ଅନୁଗୋଳ ପରିସରରେ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୪୨ ତମ ଶ୍ରାଦ୍ଧବାର୍ଷିକୀ ଆୟୋଜିତ ହୋଇଯାଇଛି। ଏ ଅବସରରେ ସକାଳବେଳା ପ୍ରାର୍ଥନା, ସାମୂହିକ ସଫେଇ ପରେ ନବମାଳତି ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସକାଳ ୧୦ ଘଟିକା ସମୟରେ ଏକ ଗୋଷ୍ଠୀଗତ ଆଲୋଚନାଚକ୍ର ଅନୁଷ୍ଠିତ



ହୋଇଥିଲା। ଗଣତନ୍ତ୍ରରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ଭୂମିକା ଉପରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ବିଶିଷ୍ଟ ସାମ୍ବାଦିକ ଡା. ସତ୍ୟରାୟ ଉଦ୍‌ଘାଟନ କରିଥିଲେ। ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଗଣମାଧ୍ୟମର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକ ମାନେ ସ୍ୱଚ୍ଛତା ଓ ନିରପେକ୍ଷତା ର ସହ ଏହି ଦାୟିତ୍ୱ ତୁଲାଇ ପାରିଲେ ଗଣତନ୍ତ୍ର ସୁରକ୍ଷିତ ରହିପାରିବ ବୋଲି ଶ୍ରୀ ରାୟ କହିଥିଲେ। ସମାରୋହରେ ମୁଖ୍ୟବକ୍ତା ରୂପେଆଇ ଆଇଏମ୍‌ସିର ପ୍ରାକ୍ତନ ମୁଖ୍ୟ ଡା. ମୃଣାଳ ଚାଟାର୍ଜୀ ଯୋଗଦେଇ ସମ୍ପ୍ରତି ସାମାଜିକ ଗଣମାଧ୍ୟମ ମୁଖ୍ୟ ସ୍ରୋତ ଗଣମାଧ୍ୟମକୁ ଏଭଳି ପ୍ରଭାବିତ କରୁଛି ଯାହା ଫଳରେ ଲୋକେ ହଠାତ୍ କୌଣସି ଖବରକୁ ବିଶ୍ୱାସକୁ ନେଉ ନାହାନ୍ତି ବୋଲି କହିଥିଲେ। କିଛି ଦାୟିତ୍ୱହୀନ ସାମାଜିକ ଗଣମାଧ୍ୟମ ଏବଂ ସେମାନଙ୍କ ଧ୍ରୁବୀକରଣ ଆଜି ମଣିଷ ସମାଜ ପାଇଁ ବିପଦ ସୃଷ୍ଟି କରିଛି। ସେହିଭଳି ଏ ଆଇ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ରୂପେ ଗଣମାଧ୍ୟମକୁ ପ୍ରଭାବିତ କରିବାର ସମୟ ଆସିଛି। ଗଣମାଧ୍ୟମକୁ ସମାଜର ଜାଗ୍ରତ ପ୍ରହରୀ ହେବାକୁ ହେଲେ ଏହାକୁ ଅଧିକ ଦାୟିତ୍ୱବାନ ଏବଂ ସ୍ୱଚ୍ଛ ହେବାକୁ ପଡ଼ିବ ବୋଲି ଡା. ଚାଟାର୍ଜୀ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଅନିଲ ପ୍ରଧାନ, ଅଜିତ କୁମାର ଧର, ବିଶ୍ୱରଂଜନ ପଟ୍ଟନାୟକ ଏବଂ ପର୍ଶୁରାମ ଦାଶ ଯୋଗଦେଇ ପୁଞ୍ଜିପତି ଏବଂ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଖବର କାଗଜ ଏବଂ ଇଲେକ୍ଟ୍ରୋନିକ ମିଡିଆ ତା'ର ନିରପେକ୍ଷତା ହରାଉଥିବାରୁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି କହିଥିଲେ। ତେଣୁ ସାମ୍ବାଦିକମାନେ ଖବର ପରିବେଷଣ ବେଳେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବାକୁ ସମୟ ଆସିଛି ବୋଲି ମତ ପ୍ରକାଶ ପାଇଥିଲା। ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସର୍ବୋଦୟ ରେଡିଓ ମୁଖ୍ୟ ଡା. ବିଶ୍ୱଜିତ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଁ ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ଡା. ଇନ୍ଦିରା ଦାଶ, ଡ଼ା ରମା ଗଡ଼ନାୟକ, ବ୍ରହ୍ମଜ୍ୟୋତି ମିଶ୍ର ଏବଂ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆଦ୍ୟଶ୍ଳୋକ ମିଶ୍ର ସଭା ପରିଚାଳନାରେ ସହାୟତା କରିଥିଲେ।

## ଅବ୍ୟବସ୍ଥା ମଧ୍ୟରେ ସିଡିପିଓ କାର୍ଯ୍ୟାଳୟ

ତାଳଚେର,୨୪।୬(ସମିସ): ଶିଳ୍ପନଗରୀ ତାଳଚେର ଭଳି ଏକ ସହର ମଧ୍ୟରେ ହାଟତୋଟା ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରହିଥିବା ସିଡିପିଓ କାର୍ଯ୍ୟାଳୟଟି ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟକୁ ଦୈନନ୍ଦିନ ଦୂରଦୂରାନ୍ତରୁ ଅଙ୍ଗନବାଡ଼ି କର୍ମୀ ସହିତ ସୁଭଦ୍ରା ଯୋଜନା ପାଇଁ ବିଭିନ୍ନ ପଞ୍ଚାୟତ ଓ ମ୍ୟୁନିସିପାଲିଟିରୁ ମାଆମାନେ ଆସିଥାନ୍ତି। ମାତ୍ର ପରିତାପର ବିଷୟ ଉକ୍ତ କାର୍ଯ୍ୟାଳୟରେ ମାଆମାନଙ୍କ ବସିବା ପାଇଁ ଆବଶକୀୟ ଚୌକି ନଥିବାରୁ ମାଆମାନେ ବାଧହୋଇ ଗରମରେ ବାରଣ୍ଡାରେ ବସୁଥିବା ଦେଖିବାକୁ ମିଳିଛି। ତାଳଚେର ଏକ ଉତ୍ତପ୍ତ ସହର ହୋଇଥିବାବେଳେ ପାଣି ଟୋପେ ପିଇବା ପାଇଁ କାର୍ଯ୍ୟାଳୟ ପରିସର ମଧ୍ୟରେ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶତାଧିକ ମାଆ, ମାଉସୀ। ଏପରିକି, କୋଠରି ଗୁଡ଼ିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରବ୍ୟବସ୍ଥା ନଥିବାରୁ କାର୍ଯ୍ୟାଳୟର ଅଧିକାରୀମାନେ ହଇରାଣ ହେବାସହ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମାଆ, ମାଉସୀମାନେ ହଇରାଣ



ହେଉଥିବା ଅଭିଯୋଗ ହେଉଛି। ସେହିଭଳି କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ କର୍ମଚାରୀ ନଥିବାରୁ କୌଣସି କାର୍ଯ୍ୟ ସଠିକ ଭାବେ ହେଉନାହିଁ। ତାଳଚେର ବ୍ଲକ୍ ଓ ମ୍ୟୁନିସିପାଲିଟିରେ ୨୩୭ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ୯ଟି ସେକ୍ଟରରେ ୯ଜଣ ସୁପରଭାଇଜର୍ ପରିବର୍ତ୍ତେ ବର୍ତ୍ତମାନ ୫ ଜଣ ରହିଛନ୍ତି। ୩ଜଣ କ୍ଲର୍କ ଆବଶ୍ୟକ ଥିବା ବେଳେ ମାତ୍ର ଜଣେରେ କାର୍ଯ୍ୟାଳୟ କିପରି ଚାଲିବ ବୋଲି ତାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ସେହିଭଳି ସିଡିପିଓ କାର୍ଯ୍ୟାଳୟକୁ ଯିବାକୁ କୌଣସିଠାରେ ନାମଫଳକ ନଥିବାରୁ ମାଆ, ମାଉସୀମାନେ ହଇରାଣ ହରକତ ହେଉଛନ୍ତି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## କିଡ୍‌ନୀ ରୋଗାକ୍ରାନ୍ତ ଧ୍ରୁବଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



କିଶୋରନଗର,୨୪।୬(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପଞ୍ଚାୟତ ଅଲେଖପୁର ଗାଁର ଧ୍ରୁବ ଚରଣ ପ୍ରଧାନ। ସେ କିଡ୍‌ନୀ ରୋଗରେ ଦୁଇବର୍ଷ ହେବ ଆକ୍ରାନ୍ତ। ସେ ଏବେ ଡାଇଲିସିସି କରୁଛନ୍ତି ଏବଂ ଦୁଇ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭତ୍ତା ମିଳି ନାହିଁ। ସରକାର ଏତେ ଯୋଜନା କରୁଛନ୍ତି କିନ୍ତୁ ପ୍ରକୃତ ହିତାଧିକାରୀ ପାଇ ପାରୁନାହାନ୍ତି। ସେ ଏବେ ବହୁତ କଷ୍ଟରେ ଦିନ କାଟୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ

କାମାକ୍ଷାନଗର,୨୪।୬(ସମିସ): କାମାକ୍ଷାନଗରରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛନ୍ତି କବିରାଜ ଜେନା। ସେ ଆଜି କାମାକ୍ଷାନଗରସ୍ଥିତ କାର୍ଯ୍ୟାଳୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବାପରେ କାମାକ୍ଷାନଗର ବ୍ଲକ୍ ନୂତନ ପେନସନଭୁକ୍ତ ଶିକ୍ଷକ ସଙ୍ଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଘର ସଭାପତି ବିଷ୍ଣୁପ୍ରସାଦ ଦାଶ ଓ ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ପ୍ରତିନିଧି ଦଳରେ ସଙ୍ଘର ଉପଦେଷ୍ଟା ଯୁଧିଷ୍ଠିର ବିଶ୍ୱାଳ,



ସଦସ୍ୟ ତରୁଣ କୁମାର ବେହେରା, ପ୍ରବୀର ମହାନ୍ତି, କେସନଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ବରୁ ଆଠଗଡ଼ରେ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିବାବେଳେ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷାଧିକାରୀ ଥିବା ସରୋଜ କୁମାର ସାହୁଙ୍କ ଗଞ୍ଜାମକୁ ବଦଳି ହୋଇଛି।

## କିଶୋରନଗରରେ ସ୍ୱାବଲମ୍ବୀ ଯୁବ ସମାବେଶ

କିଶୋରନଗର,୨୪।୬(ସମିସ): କିଶୋରନଗର ବ୍ଲକ ପରିସରରେ ଗତ ମଙ୍ଗଳବାର ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଡିଆଇସି ଅନୁଗୋଳ ଜିଲ୍ଲାର ଅଧିକାରିଣୀ ଯଶୋବନ୍ତୀ କିଷାନ, ବ୍ଲକ୍ ସହକାରୀ ଶିଳ୍ପ ଅଧିକାରୀ ଯଶୋବନ୍ତ ଦାସ, ଯୋଗଦେଇ ଯୁବ ପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ସହ ରୋଜଗାରକ୍ଷମ କରିବା, ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ



ପରିଣତ କରିବାକୁ ହେଲେ ପ୍ରଥମେ ଯୁବ ପିଢ଼ିଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସ୍ୱାବଲମ୍ବୀ ହେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ଯୁବକ ଯୁବତୀ ମାନେ ସ୍ୱୟଂ ସହାୟକ ହେବା ପାଇଁ ବିଭିନ୍ନ ସରକାରୀ ଯୋଜନା ନିଜର ରୋଜଗାର ଓ ବ୍ୟବସାୟିକ ସୁଯୋଗ ଉପରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିପିଡିଓ ସୁରେଶ ଚନ୍ଦ୍ର ସାହୁ। ଏହି ଅବସରରେ ଯୁବ ଉଦ୍ୟୋଗୀ ଶେଷଦେବ ଲୁହାଙ୍କ ସମେତ ସରକାରୀ ଋଣନେଇ ସ୍ୱାବଲମ୍ବୀ ହୋଇ ଆତ୍ମନିର୍ଭରଶୀଳ ହୋଇଥିବା ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

### କଣିହାଁ ପିଏମ୍‌ଶ୍ରୀ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ଘଟଣା

# ବ୍ଲକ୍ ଅଧ୍ୟକ୍ଷଙ୍କ ପରିଦର୍ଶନ; ଉଚ୍ଚସ୍ତରୀୟ ତଦନ୍ତ ଦାବି

କଣିହାଁ,୨୪।୬ (ସମିସ)



ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହଠାତ୍ ବନ୍ଦ ହେବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ମଙ୍ଗଳବାର କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦାଶରଥି ଜେନା ଓ ପୂର୍ବତନ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ବିଦ୍ୟାଳୟ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ସେମାନେ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଦେହୁରୀ ଓ ଅନ୍ୟ ଶିକ୍ଷକମାନଙ୍କ ସହ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମଧ୍ୟାହ୍ନ ଭୋଜନ ଯୋଗାଣ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଗତକାଲି ମଧ୍ୟାହ୍ନ ଭୋଜନ ବନ୍ଦ ଥିବାରୁ ଆଜି ମଧ୍ୟ କେତେକ ଛାତ୍ରଛାତ୍ରୀ ଘରୁ ଖାଦ୍ୟ ଆଣି ବିଦ୍ୟାଳୟରେ ଭୋଜନ କରୁଥିବା ଦେଖାଯାଇଥିଲା। ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରେ ସମନ୍ୱୟ ଓ ବୁଝାମଣାର ଅଭାବ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ଉଠିଛି। ଶିକ୍ଷା ପରିବେଶ ଓ ଛାତ୍ରଛାତ୍ରୀଙ୍କ ମୌଳିକ ଅଧିକାର ସହ ଜଡ଼ିତ ମଧ୍ୟାହ୍ନ ଭୋଜନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା କିପରି ବନ୍ଦ ହେଲା, ତାହାକୁ ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଣିହାଁ ବିଇଓ ପ୍ରିୟଦର୍ଶନ ପ୍ରଧାନ କହିଛନ୍ତି ଯେ, ଶିକ୍ଷକମାନଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଘଟଣା ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି ଏବଂ ତଦନ୍ତ ପରେ ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସ୍ୱାଭାବିକ ହୋଇଥିବା ସେ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ କଣିହାଁ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ ଓ ବିଭିନ୍ନ ସାମାଜିକ ସଂଗଠନ ଘୋର ନିନ୍ଦା କରିଛନ୍ତି। ଛାତ୍ରଛାତ୍ରୀଙ୍କ ଖାଦ୍ୟ ସୁରକ୍ଷା ସହ ସଂପୃକ୍ତ ଏପରି ଘଟଣାର ପ୍ରକୃତ କାରଣ ଉନ୍ମୋଚନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି ଜୋର ଧରିଛି। ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବାଜି ରାଉତ ଯୋଗ ଏବଂ ନେଚରପାଥି କଲେଜ ଉଦ୍‌ଘାଟିତ

କାମାକ୍ଷାନଗର,୨୪।୬(ସମିସ): କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ଅବସ୍ଥିତ ବାଜି ରାଉତ ଯୋଗ ଓ ନେଚରପାଥି ମହାବିଦ୍ୟାଳୟର ଆଜି ସକାଳେ ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ସମେତ ସମ୍ମାନିତ ଅତିଥି ଭାବରେ କାମାକ୍ଷାନଗର ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପ-ନଗରପାଳ ଶକୁନ୍ତଳା ସେଠୀ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପୂର୍ବତନ ନଗରପାଳ ଗୋବିନ୍ଦ ଚନ୍ଦ୍ର ସାହୁ, କାମାକ୍ଷାନଗର ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷା ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମାନସୀ ମହାନ୍ତି, ବରିଷ୍ଠ ଯୋଗ ଗୁରୁ ଲିଙ୍ଗରାଜ ଜେନା, ବରିଷ୍ଠ ଯୋଗ ଗୁରୁ ଦିଲ୍ଲୀପ କୁମାର ସାହୁ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ସଞ୍ଜୟ ପରିଡ଼ା, ବନମାଳୀ ରାଉଳ, ଖୁଲଣା ବେହେରା, ସୁକଦେବ ସାହୁ, ଜିତେନ୍ଦ୍ର



ରାଉଳ, ରୀତାଞ୍ଜଳି ପାତ୍ର, ଅଭିମନ୍ୟୁ ପରିଡ଼ା, ପ୍ରମୋଦ ଷେଣ୍ଢ, ବିଶିଷ୍ଟ ସମାଜସେବୀ ବିଜୟ ସତପଥୀ ଓ ବାଉଁଶପାଳ ଗାଁର ପୂର୍ବତନ ୱାର୍ଡ ମେମ୍ବର ସତ୍ୟାନନ୍ଦ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଆଇକାର୍ଡ ଓ ମାନପାତ୍ର ପ୍ରଦାନ କରିଥିଲେ। ପରିଶେଷରେ ଉକ୍ତ ମହାବିଦ୍ୟାଳୟ ପ୍ରିନ୍ସପାଲ୍ ସଞ୍ଜୟ ରାଉତ ସମସ୍ତ ଅତିଥି ଏବଂ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନକ୍ରୟର ମନ୍ଥରତାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ଭୋଗରାଇ ବିଧାୟକ

# ଅଧିକ ଟାର୍ଗେଟ ପ୍ରଦାନ ସହ କ୍ରୟ ଅବଧି ବୃଦ୍ଧି ଦାବି

ବାଲେଶ୍ୱର(ଉତ୍ତର), ୨୪।୬ (ସମିସ)



ବାଲେଶ୍ୱର ଜିଲ୍ଲାର ଅଧିକ ରବିଧାନ ଉତ୍ପାଦନ ହେଉଥିବା ଭୋଗରାଇ ବ୍ଲକରେ ଧାନ କ୍ରୟ କ୍ଷେତ୍ରରେ ମନ୍ଥରତା ଦେଖା ଦେଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କ୍ରୟ ଅବଧି ପୂରିବାକୁ ଆଉ ୫ଦିନ ବାକି ଥିଲା ବେଳେ ଏପର୍ଯ୍ୟନ୍ତ ଏହି ବ୍ଲକରେ ବିଭିନ୍ନ ସରକାରୀ ଧାନ ମଣ୍ଡି ଗୁଡ଼ିକରେ ଚାଷୀଙ୍କୁ ମିଳିଥିବା ଟୋକନର ଅଧାରୁ କମ ଧାନ କ୍ରୟ ହୋଇଥିବାର ସୂଚନା ମିଳିଛି। ମିଲରମାନଙ୍କ ମାନମାନି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ତେଣୁ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ଧାର୍ଯ୍ୟ ଅବଧି ୩୦ଜୁନ ପୂର୍ବରୁ ଭୋଗରାଇ ର ସମସ୍ତ ସେବା ସମବାୟ ସମିତି(ପ୍ୟାକ୍ସ) ପାଇଁ ଧାନର ଟାର୍ଗେଟ ବୃଦ୍ଧି କରିବା ସହିତ ଅବଧି ଶେଷ ହେବା ବେଳକୁ ଯଦି ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ସମସ୍ତ ଧାନ କ୍ରୟ ନ ହୁଏ ତେବେ କ୍ରୟ ଅବଧି ବୃଦ୍ଧି କରିବା ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ଦାବି ଜଣାଇଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ ଯେ ଜୁନ ମାସ ୩୦ ତାରିଖ ସୁଦ୍ଧା ରବି ଧାନ କ୍ରୟ କରାଯିବାର ଶେଷ ସମୟ ଥିବା ସ୍ଥଳେ ଅନେକ ଚାଷୀଙ୍କ ଟୋକନ ଅବଧି ୧୫ ତାରିଖ ସୁଦ୍ଧା ଶେଷ ହେବାକୁ ଯାଉଛି। ଚଳିତ ବର୍ଷ ରବି ଧାନ ପାଇଁ ଭୋଗରାଇ ବ୍ଲକରେ ମୋଟ ୧୧୩୭୦ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୯୫୨ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଥିଲା। ସେହିପରି ଟୋକନ ଅନୁଯାଇ ମୋଟ ୩୧୮୮୬୨ କ୍ୱିଣ୍ଟାଲ ପରିମାଣ ର ଧାନ କିଣା ହେବା କଥା।ମାତ୍ର ସରକାରଙ୍କ ତରଫରୁ ୨୧୨୨୬୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରହିଥିବା ସ୍ଥଳେ ୨୨ ଜୁନ ସୁଦ୍ଧା ମୋଟ ୧୮୭୦୬୫ କ୍ୱିଣ୍ଟାଲ ଧାନ କିଣା ଶେଷ ହୋଇଛି ଏବଂ ୭୧୪୫ ଟି ଟୋକନ ଜରିଆରେ ମାତ୍ର ୭୧୨୬ ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି, ଯାହା ମୋଟ ଟୋକନ ପରିମାଣର ୫୦ପ୍ରତିଶତରୁ କମ ବୋଲି ଜଣା ପଡ଼ିଛି। ଆଉ ୫ ଦିନ ମଧ୍ୟରେ ବାକି ୫୦ପ୍ରତିଶତ ଧାନ କିଭଳି କିଣା ଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ଭୋଗରାଇ ବ୍ଲକରେ ୧୯ ଟି ସେବା ସମବାୟ ସମିତି ଓ ଗୋଟାଏ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସରକାର ଧାନ କ୍ରୟ କରିବା ପାଇଁ ସରକାର ମିଲର ମାନଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ସେମାନଙ୍କୁ ଟାର୍ଗେଟ ମଧ୍ୟ ଦିଆଯାଉଛି। ମାତ୍ର ମିଲରଙ୍କୁ ଟୋକନ ଅନୁଯାଇ ଧାନ ନେବା ପାଇଁ ସରକାରଙ୍କ ତରଫରୁ କୌଣସି ଚାପ ନଥିବାରୁ ସେମାନେ ଏଫଏକ୍ୟୁ ଆଳରେ ନିମ୍ନମାନର ଧାନ ପାଇଁ ସାଢ଼େ ଆଠରୁ ଦଶ କିଲୋ କ୍ୱିଣ୍ଟାଲ ପ୍ରତି ଅଧିକ ଦାବି କରୁଛନ୍ତି। ଯେଉଁଠି ଚାଷୀ ମାନେ ମିଲର ସର୍ତ୍ତରେ ରାଜି ହେଉଛନ୍ତି, ସେଠାରେ ମିଲର ରାଜି ହୋଇ ଧାନ ଉଠାଉଛି ଏବଂ ସେହି ଧାନ ଯଥାଯଥ ମାନ ଅର୍ଥାତ ଏଫଏକ୍ୟୁର ବୋଲି ରେକର୍ଡ ହେଉଛି। ଅପରପକ୍ଷରେ ଟୋକନ ଅନୁଯାଇ ଧାନ ପରିମାଣ କୁ କାଟି କେବଳ ପେପର ଟ୍ରାଞ୍ଜେକ୍ସନ ଜରିଆରେ ଯେଉଁ ଠାରେ ଚାଷୀମାନେ ରାଜି ହେଉଛନ୍ତି ସେଠାକୁ ମିଲର ଆଗ୍ରହ ସହ ଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏହି ଦୁଇ ପ୍ରକାର ସର୍ତ୍ତ ରେ ଯେଉଁଠାରେ ଚାଷୀ ମାନେ ରାଜି ହେଉନାହାନ୍ତି ସେଠାରେ ମିଲର ବିଭିନ୍ନ ଆଳ ଦେଖାଇ ଓହରି ଯାଉଛି କିମ୍ବା ଧାନ ଉଠାଉ ନାହିଁ ବୋଲି ଚାଷୀମାନଙ୍କଠାରୁ ଅଭିଯୋଗ ଆସୁଥିବା ବିଧାୟକ ଶ୍ରୀ ଦାସ କହିଛନ୍ତି। ତେଣୁ ତୁରନ୍ତ ଏଭଳି ଅଭିଯୋଗ ର ତଦନ୍ତ କରିବା ସହିତ ସମ୍ପୃକ୍ତ ଥିବା ପ୍ରକୃତ ଦୋଷୀ ଉପରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଅପରପକ୍ଷରେ ସବୁଠୁ ଆଗରେ ଚାଷୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ପ୍ରତିକୂଳ ପରିସ୍ଥିତିରେ ଉତ୍ପାଦିତ ସମସ୍ତ ଧାନକୁ ସରକାର ନିର୍ଦ୍ଧାରିତ ଅବଧି ମଧ୍ୟରେ କ୍ରୟ କରିବାକୁ ଅନୁରୋଧ କରିଛନ୍ତି। ନଚେତ ସମଗ୍ର ଜିଲ୍ଲାରେ ବ୍ୟାପକ କୃଷକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ବିଧାୟକ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଜିଲ୍ଲା ବିଜେଡି ଉପସଭାପତି ତପନ ପଣ୍ଡା ପ୍ରମୁଖ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

## ଦୁଇ ଜିଲ୍ଲା ପରିଷଦ ସଭ୍ୟଙ୍କ ପଦ ରଦ୍ଦ

ନୀଳଗିରି, ୨୪।୬ (ସମିସ) : ଦୁଇ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ନିଜ ଦଳର ବିନା ଅନୁମତିରେ ବିଜେଡିରୁ ଯାଇ ବିଜେପିରେ ମିଶିଥିବା ଦୁଇ ଜିଲ୍ଲା ପରିଷଦ ସଭ୍ୟଙ୍କ ପଦ ରାଜ୍ୟ ନିର୍ବାଚନ କମିଶନ ରଦ୍ଦ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକର ୨ (ଦୁଇ) ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଓଡ଼ିଶା ଜିଲ୍ଲା ପରିଷଦ ସଂଶୋଧନ ଆଇନ, ୨୦୧୫ର ଧାରା ୩୩ବି ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ ୨୦୧୫ର ୩୩ଡି ଅନୁଯାୟୀ ଅଯୋଗ୍ୟ ଘୋଷଣା ସମ୍ପର୍କରେ ଦୁଇ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ଆବେଦନ ଦାଖଲ କରିଥିଲେ ନୀଳଗିରି ର ପୂର୍ବତନ ବିଧାୟକ ଙ୍ଗ ଶ୍ରୀ ସୁକାନ୍ତ କୁମାର ନାୟକ। ଯେଉଁ ଦୁଇ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ଆବେଦନ ଦାଖଲ କରାଯାଇଥିଲା ସେମାନେ ହେଲେ ନୀଳଗିରି ବ୍ଲକ ଅଧିନ ଜୋନ୍ ନମ୍ବର ୧୩ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଗତିକୃଷ୍ଣ ନନ୍ଦ, ଜୋନ୍ ନମ୍ବର ୧୧ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୁବର୍ଣ୍ଣ ମଞ୍ଜରୀ ସିଂ। ଅଭିଯୋଗ ମାମଲା ପଞ୍ଜିକୃତ ହୋଇଥିଲା ଏବଂ ସମ୍ପୃକ୍ତ ପକ୍ଷମାନଙ୍କୁ ୨୧.୧୧.୨୫ ରେ ପ୍ରଥମ ଶୁଣାଣି ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଥିଲା। ସବୁତଥ୍ୟକୁ ତର୍ଜମା କରି ଗତ ୨୪/୦୬/୨୦୨୬ ରିଖରେ ରାଜ୍ୟ ନିର୍ବାଚନ କମିଶନର ଓଡିଶା ଜିଲ୍ଲା ପରିଷଦ ଆକ୍ଟ ୧୯୯୧ ଧାରା ୩୩-ବି ଅନୁଯାୟୀ ଦୁଇ ଜିଲ୍ଲା ପରିଷଦ ସଦସ୍ୟଙ୍କ ପଦ ରଦ୍ଦ କରିଛନ୍ତି।

## ଶିଶୁ ଶ୍ରମିକ ନିରାକରଣ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୪।୬ (ସମିସ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ବାଲେଶ୍ୱରରେ ଶିଶୁ ଶ୍ରମିକ ନିରାକରଣ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିଶୁ ଶ୍ରମିକ ଆଇନ୍ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାରେ କୌଣସି ସ୍ଥାନରେ ଶିଶୁଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସମ୍ପର୍କରେ ସୂଚନା ମିଳିଲେ ଶ୍ରମବିଭାଗର ଅଧିକାରୀ ଏବଂ ଜିଲ୍ଲାଶିଶୁ ସୁରକ୍ଷା ବିଭାଗର ଅଧିକାରୀ ମାନେ ତତ୍‌କ୍ଷଣାତ୍ ସେଠାରେ ପହଂଚି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚାନ ଦେଇଥିଲେ। ଏଡିଏମ୍ ତପନ କୁମାର ଖୁଣ୍ଟିଆ ଶିଶୁ ଶ୍ରମିକ ମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଆଡିସନାଲ ଏସ.ପି. ନିରଞ୍ଜନ ବେହେରା, ୟୁନିସେଫ୍‌ର ଅଧିକାରୀ ନେହା ସିଂ ଶିଶୁଶ୍ରମିକଙ୍କ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ଆଇନ୍ ବିଷୟରେ ଆଲୋଚନା କରିଥିଲେ। ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅନ୍ୟତମ ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ଜିଲ୍ଲାଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲାସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ନିଗ୍ଧା ଦାସ, ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଶିଶୁ ଶ୍ରମିକ ନିରାକରଣ ଏବଂ ସଚେତନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

## ଜିଏମ୍ ଓ ଡିଆରଏମ୍‌ଙ୍କ ଜଳେଶ୍ୱର ରେଳ ଷ୍ଟେସନ ପରିଦର୍ଶନ

ଜଳେଶ୍ୱର, ୨୪।୬ (ସମିସ): ଜଳେଶ୍ୱର ରେଳ ଷ୍ଟେସନ ପରିସରରେ ନିର୍ମାଣାଧିନ କାର୍ଯ୍ୟର ତଦାରଖ କଲେ ଦକ୍ଷିଣ-ପୂର୍ବ ରେଳ ଡିଭିଜନର ଜେନେରାଲ ମ୍ୟାନେଜର ଅନୀଲ କୁମାର ଜୈନ ଓ ଡିଆରଏମ ମୋହନ ପାଣ୍ଡେ। ଦୀର୍ଘଦିନ ଧରି ଜଳେଶ୍ୱର ରେଳ ଷ୍ଟେସନର ନୂତନ ଷ୍ଟେସନ ଗୃହ ନିର୍ମାଣ ସହିତ, ଫୁଟଓଭର ବ୍ରିଜ, ସୌଚାଳୟ, ବୁକିଂ କାଉଣ୍ଟର, ଟ୍ରେନ ଇଣ୍ଡିକେଟର, ବଗି ଇଣ୍ଡିକେଟର ସହିତ ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟର ଅନୁଧାନ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଜି ଅପରାହ୍ନରେ ଡିଆରଏମ ଓ ଜିଏମ ଷ୍ଟେସନର କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜଳେଶ୍ୱରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଜଳେଶ୍ୱର ରେଳ ଷ୍ଟେସନ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡିରହିଛି। ଅଧିକାରୀମାନେ ବାରଂବାର ପରିଦର୍ଶନରେ ଆସୁଥିଲେ ମଧ୍ୟ କାର୍ଯ୍ୟର କୌଣସୀ ପରିବର୍ତ୍ତନ ହେଉନାହିଁ। ବରଂ ବହୁ ନିମ୍ନ ମାନର କାର୍ଯ୍ୟ ହେଉଛି ଯାହା ଫଳରେ ବାରଂବାର ଭାଙ୍ଗିବା ଗଢିବାରେ ସମୟ ବିତୁଥିବାର ଦେଖିବାକୁ ମିଳୁଛି। ରେଳ ଅଧିକାରୀ ମାନେ ଯେତେବେଳେ ପରିଦର୍ଶନରେ ଆସୁଛନ୍ତି ଜଳେଶ୍ୱର ବୁଦ୍ଧିଜୀବୀ ବା ବିଭିନ୍ନ ସଂଗଠନର କର୍ମକର୍ତାଙ୍କୁ ପୂର୍ବରୁ ସୂଚନା ମିଳୁ ନଥିବାରୁ ରେଳ ଅଧିକାରୀ ମାନଙ୍କ ସହିତ ଜଳେଶ୍ୱର ରେଳ ଷ୍ଟେସନର ଅସୁବିଧା ବିଷୟରେ ଅବଗତ କରାଯାଇ ପାରୁନାହିଁ। ସେଥିପାଇଁ ଜଳେଶ୍ୱରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



## ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୨୪।୬ (ସମିସ): ସୋର ଥାନା ବାଗୁଡି ବଜାରରେ ଥିବା ଏକ ତେଜରାତି ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମହୁମୁହାଣ ପଞ୍ଚାୟତ ଆଙ୍ଗୁଲା ଗ୍ରାମର ଚିତ୍ତରଞ୍ଜନ ଜେନା (୬୬) ବାଗୁଡି ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ସେ ଆଜି ମଧ୍ୟାହ୍ନରେ ଘରକୁ ଖାଇବାକୁ ଯାଇଥିବା ବେଳେ ଖାଇ ସାରି ତୁରନ୍ତ ଘରୁ ଫେରିଆସିଥିଲେ। ତାଙ୍କ ସ୍ତ୍ରୀ ତାଙ୍କୁ ଘରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଦୋକାନକୁ ଆସିଥିଲେ। ଦୋକାନ ସଟର ଖୋଲିବା ପରେ ଚିତ୍ତରଞ୍ଜନ ଦୋକାନରେ ଲାଗିଥିବା ଫ୍ୟାନରେ ବେକରେ ରଶି ଲଗାଇ ଝୁଲିଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଚିତ୍ତରଞ୍ଜନ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ, ବାଲେଶ୍ୱର ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଅନ୍ଧାର

ବାଲେଶ୍ୱର,୨୪।୬ (ସମିସ): ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ପରେ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଅନ୍ଧକାର। ମଙ୍ଗଳବାର ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଲେଶ୍ୱର ବସ୍ ଷ୍ଟାଣ୍ଡରେ ବିଦ୍ୟୁତ୍ ବିଚ୍ଛିନ୍ନ ପରେ ହଟହଟା ହେଉଛନ୍ତି ଶହ ଶହ ଯାତ୍ରୀ। ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ବିଦ୍ୟୁତ୍ ବିଲ୍ ପୈଠ କରା ନ ଯିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବା ବାଲେଶ୍ୱର ମୋଟର ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ମୁନସୀ ଅବଦୁଲ ମହେରାଜ ଅଲ୍ଲୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବାରୁ ବସ୍ ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଅନ୍ଧାର ଥିବା ବେଳେ ପାଇପ୍ ରେ ପାଣି ଆସୁନାହିଁ ଫଳରେ ଯାତ୍ରୀ ପିଇବା ପାଣି ପାଇଁ ତହଲବିକଳ ହେଉଥିବା ଅଭିଯୋଗ ହୋଇଛି। ପାଣି ମୋଟର ଚାଲୁ ପାରି ନ ଥିବାରୁ ଶୌଚାଳୟ ଗୁଡ଼ିକରେ ତାଲା ଝୁଲୁଛି। ତେବେ ସମ୍ପୂର୍ଣ୍ଣ ଅନ୍ଧାର ସହ ଝିପି ଝିପି ବର୍ଷା ରାତିରେ ମହିଳା ଯାତ୍ରୀ ମାନେ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି। ଖବର ପାଇ ମୋଟର ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ଶ୍ରୀ ମାହେରାଜ ରାତିରେ ବସ୍ ଷ୍ଟାଣ୍ଡ ପହଞ୍ଚି ଯାତ୍ରୀମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ତେବେ ଯାହା ହେଉନା କାହିଁକି ଉତ୍ତର ଓଡ଼ିଶାର ଅନ୍ୟତମ ସୁନାମ ବସ୍ ଷ୍ଟାଣ୍ଡ ବାଲେଶ୍ୱରର 'ଆମ ବସ୍‌ଷ୍ଟାଣ୍ଡ' ସମ୍ପୂର୍ଣ୍ଣ ଅନ୍ଧାର ରହିବା ସରକାର ଏବଂ ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।



## ମା' ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ବାଲେଶ୍ୱର,୨୪।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ରସାଳପୁର ଗ୍ରାମପଞ୍ଚାୟତର ନଦୀଗାଁ ଗ୍ରାମର ମା' ସର୍ବ ମଙ୍ଗଳାଙ୍କର ଏକ ନୂତନ ମନ୍ଦିର ନିର୍ମାଣ କରାଯାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଉକ୍ତ ଉତ୍ସବକୁ କମିଟିର ସଭାପତି ରଘୁନାଥ ନାୟକ୍, ସମ୍ପାଦକ ସଦାଶିବ ନାୟକ, ଦାଶରଥି ଦାସ, ଏବଂ କମିଟି ର ଉପଦେଷ୍ଟା ବେଣୁଧର ସେଠୀ, ଅଭିରାମ ସେଠୀ ଉତ୍ସବ ପରିଚାଳନା ରେ ସୋହଯୋଗ କରିଥିଲେ। ପ୍ରତିଷ୍ଠାର କର୍ତ୍ତା ଭାବେ ଶଙ୍କର୍ଷଣ ନାୟକ ଏବଂ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନାୟକ ଘଟ ଉତ୍ତୋଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ।

## ସହଦେବଖୁଣ୍ଟା ପୁଲିସ ହାତରେ ଡକାୟତ ଗ୍ୟାଙ୍ଗ

# ବନ୍ଧୁକ ସହ ମାରଣାସ୍ତ୍ର ଜବତ, ୬ ଗିରଫ

ବାଲେଶ୍ୱର,୨୪।୬(ସମିସ): ସହଦେବଖୁଂଟା ପୁଲିସ ଏକ ଡକାୟତ ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଆଜି ଭୋର ସମୟରେ ପୁଲିସ ମାଲଗୋଦାମ ପଛପଟରେ ଚଢ଼ଉ କରି ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ଏନେଇ ୨୮୪/୨୬ନମ୍ବରରେ ଏକ ମାମଲା ରୁଜୁ କରି ଗିରଫ ଡକାୟତକୁ କୋର୍ଟ ଚାଲାଣ କରିଛି ବୋଲି ଆଜି ସହଦେବଖୁଂଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦିବ୍ୟଜ୍ୟୋତି ଦାଶ ସୂଚନା ଦେଇଛନ୍ତି। ଗିରଫ ଡକାୟତମାନେ ହେଲେ,ଶିମ୍ବୁଳିଆ ଥାନା ଅର୍ନ୍ତଗତ ଗଣେଶ୍ୱରପୁର ଅଂଚଳର ସୁରଜ କୁମାର ମହାନ୍ତି(୨୯),ସଦର ଥାନା ଅର୍ନ୍ତଗତ କୁଢ଼ିଆ ଅଞ୍ଚଳର ପ୍ରତିକ ନାଏକ(୨୩), ସୋର ଥାନା ଅର୍ନ୍ତଗତ ଚମ୍ପୁଆ ଅଂଚଳର ଦିବ୍ୟରଞ୍ଜନ ସ୍ୱାଇଁ(୨୪), ଟାଉନଥାନା ଅର୍ନ୍ତଗତ ଗୋପାଳଗାଁ ଅଞ୍ଚଳର ଦୀପେଶ କୁମାର ଜେନା(୩୯), ସହଦେବଖୁଂଟା ଥାନା ଅର୍ନ୍ତଗତ ଅରଡବଜାର ଅଂଚଳର ସେକ କୁର୍ବାନ(୩୭) ଏବଂ ଅନ୍ୟଜଣେ ନାବାଳକକୁ ଗିରଫ କରାଯାଇଛି। ସହଦେବଖୁଂଟା ପୁଲିସ ଆଜି ଭୋର ସମୟରେ ସହଦେବଖୁଂଟା ଅଂଚଳ ହରିପୁର ଛକଠାରେ ପାଟ୍ରୋଲିଂ କରୁଥିଲା। ପାଖାପାଖି ୨ଟା ସମୟରେ ସେମାନେ ଗୋଟିଏ ଫୋନ ପାଇଥିଲେ ଯେ ଓଭରବ୍ରିଜ ନିକଟ ମାଲଗୋଦାମ ଠାରେ ଥିବା ଏକ ନିଛାଟିଆ ସ୍ଥାନରେ ୫ରୁ୬ଜଣ ଅସାମାଜିକ ଯୁବକ ଏକଜୁଟ ହୋଇଛନ୍ତି। ଏବଂ ବଳମ୍ବିତ ରାତିରେ ଟ୍ରେନରୁ ଓହ୍ଲାଇ ବସଷ୍ଟାଣ୍ଡ ନିକଟକୁ ଆସୁଥିବା ଯାତ୍ରୀଙ୍କ ଠାରୁ ଲୁଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଖବର ପାଇ ସେମାନେ ତୁରନ୍ତ ସିଟି ଡିଏସପିଙ୍କୁ ଖବର ଦେଇ ଘଟଣା ସ୍ଥଳକୁ ଯାଇଥିଲେ। ପୁଲିସ ସେଠାରେ ପହଁଚିବା ପରେ ଅସାମାଜିକ ଯୁବକଙ୍କ ମଧ୍ୟରୁ ଜଣେ ଟର୍ଚ୍ଚ ପକାଇବରୁ ପୁଲିସ ଆସୁଥିବା ଜାଣି ସେଠାରୁ ଫେରାର ହେବାକୁ ଚେଷ୍ଟା କରୁଥିଲେ। ହେଲେ ପୁଲିସ ସେମାନଙ୍କୁ ଗୋଡାଇ ଗୋଡାଇ ୬ଜଣ ଡକାୟତକୁ ଧରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ଧରିବା ପରେ ତାଙ୍କ ଠାରୁ ଗୋଟିଏ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ଦୁଇଟି ମୋବାଇଲ, ଗୋଟିଏ ବାଇକ, ଗୋଟିଏ ତେଲେଙ୍ଗା କଟୁରୀ, ଦୁଇଟି ଖଣ୍ଡା, ଗୋଟିଏ କାଠ ବେଂଟ, ଦୁଇଟି ହାତ ତିଆରି ବୋମା, ଗୋଟିଏ ସ୍କୁଟି ଆଦି ଜବତ କରିଥିଲେ। ଗିରଫ ହୋଇ ଥିବା ଡକାୟତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଂଟା ଥାନା ଅଧିକାରୀ ଆଲୋକ ବେହେରା,ସବ ଇନସପେକ୍ଟର ଅଭିଷେକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



## କର୍ମଚାରୀଙ୍କୁ ଥାନା ଆଇଆଇସିଙ୍କ ଦୁର୍ବ୍ୟବହାର ଅଭିଯୋଗ

ନୀଳଗିରି, ୨୪।୬ (ସମିସ): ଥାନା କର୍ମଚାରୀଙ୍କୁ ଆଇଆଇସିଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନ ବରହମପୁର ଥାନାରେ ଘଟିଛି। ବରହମପୁର ଥାନାର ଏସ.ଆଇ ମନୋରଞ୍ଜନ ପୁହାଣ କାର୍ଯ୍ୟ ସୁଚାର ରୁପେ କରି ଆସୁଥିବା ବେଳେ ଗତ କିଛି ଦିନ ହେବ ସେଇ ବରହମପୁର ଥାନାର ଆଇଆଇସି ପ୍ରେମଦା ନାୟକ ଏସ.ଆଇ ମନୋରଞ୍ଜନ ପୁହାଣଙ୍କୁ ଦୁର୍ବ୍ୟବହାର କରିବା ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏହା ସହ ତାଙ୍କୁ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ କେସ ଗୁଡିକର ତଦନ୍ତ ପାଇଁ ଥାନା ଆଇଆଇସି ସରକାରୀ ଗାଡି ଦେଉନଥିବା, କୈଣସି ସହଯୋଗ ନକରିବା ଆଦି ବିଷୟକୁ ଅତିଷ୍ଠ ହୋଇ ଚାପଗ୍ରସ୍ତ ହୋଇ ପଡିଥିଲେ। ଚାପଗ୍ରସ୍ତକୁ ନେଇ ଦେହ ଅସୁସ୍ଥ ହେବାରୁ ଡାକ୍ତରଙ୍କୁ ଦେଖାଇ ଥିବା ବେଳେ ଡାକ୍ତର ରେଷ୍ଟ ନେବାକୁ ପରାମର୍ଶ ଦେଇଥିଲେ। ଦୁର୍ବ୍ୟବହାର ଘଟଣା ଦିନକୁ ଦିନ ବଢିବାରୁ ଶେଷରେ ଏସ.ଆଇ ମନୋରଞ୍ଜନ ପୁହାଣ ଆଇଆଇସି ପ୍ରେମଦା ନାୟକଙ୍କ ନାମରେ ବାଲେଶ୍ୱର ଅତିରିକ୍ତ ଏସପି ପ୍ରମୋଦ ମଳିକଙ୍କ ନିକଟରେ ଅଭିଯୋଗ କରି ନିଜର ଅସୁସ୍ଥତାକୁ ନେଇ ଛୁଟି ନେଇଯାଇଛନ୍ତି। ବୁଧବାର ଏ ବାବଦରେ ବାଲେଶ୍ୱର ଅତିରିକ୍ତ ଏସପି ପ୍ରମୋଦ ମଳିକଙ୍କ ମତାମତ ନେବାରୁ ସେ ଏସ.ଆଇ ଦୁର୍ବ୍ୟବହାର ନେଇ ଅଭିଯୋଗ କରିବା ବିଷୟ ମାନିଥିଲା ବେଳେ ଏସ.ଆଇ କାମ ଚାପରୁ ଛୁଟି ନେଇଛନ୍ତି ଓ ଆଇଆଇସି ସହଯୋଗ ନ କରିବା ଏବଂ ତଦନ୍ତ ରେ ସରକାରୀ ଥାନା ଗାଡିକୁ ନଦେବା ସହ ଅନ୍ୟ ବିଷୟକୁ ଖଣ୍ଡନ କରିଥିଲେ। ଏ ବାବଦରେ ଥାନା ଆଇଆଇସି ପ୍ରେମଦା ନାୟକଙ୍କୁ ପଚାରିବାରୁ ସେ ଏହି ବିଷୟକୁ ଖଣ୍ଡନ କରିଥିଲେ। ଅନ୍ୟ ପକ୍ଷରେ ସେଇ ଥାନାରେ ଆଉ କିଛି କର୍ମଚାରୀ ନିଜର ନାମ ଗୋପନ ରଖିଥିବା ବେଳେ ଆଇଆଇସିଙ୍କ ଦୁର୍ବ୍ୟବହାର ଘଟଣା ସତ୍ୟତା ରହିଛି ଏବଂ ସେମାନଙ୍କୁ ମଧ୍ୟ ଆଇଆଇସି ବାରମ୍ବାର ଦୁର୍ବ୍ୟବହାର କରୁଛନ୍ତି ବୋଲି କହିଥିଲେ।

## ମହରମ ଉପଲକ୍ଷେ ଶାନ୍ତି କମିଟି ବୈଠକ



ଜଳେଶ୍ୱର, ୨୪।୬ (ସମିସ): ଆସନ୍ତା ୨୬ତାରିଖରେ ପାଳିତ ହେବାକୁ ଯାଉଥିବା ମହରମ ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଜଳେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶାନ୍ତି କମିଟି ବୈଠକରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସ୍.ଡି.ପି.ଓ ସୁରେଶ ତ୍ରିପାଠୀ, ପୌର କାର୍ଯ୍ୟନିବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଏବିଡିଓ ସୁଧିର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିବା ବେଳେ ଟାଟା ପାୱାର ବିଦ୍ୟୁତ୍ ବିଭାଗର ଏସ୍.ଡି.ଓ ବିଦ୍ୟାଧର ପଣ୍ଡା, କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତି ସାହୁ, ଅଗ୍ନିଶମ ବିଭାଗର ଖେଲରାମ ମାରାଣ୍ଡି, ବାର ଆସୋସିଏସନର ସଭାପତି କୁଂଜ ବିହାରୀ ଦାସ, କାଉନସିଲର ଗୋବିନ୍ଦ ସାହୁ, କଂଗ୍ରେସ ବ୍ଲକ ସଭାପତି ହେମନ୍ତ ଗିରି, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଫରୀଦ ଅହମ୍ମଦ, ଜଳେଶ୍ୱର ବଣିକ ସଂଘର ସଭାପତି ସୁଧୀର ମହାନ୍ତି, କମଳ ଚକ୍ରବର୍ତ୍ତୀ, ଅବଦୁଲ ରହିମ, ଦେବକାନ୍ତ କାନ୍ତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଜଳେଶ୍ୱର ପୌରାଂଚଳରେ ଥିବା ୪ଗୋଟି ମହରମ କମିଟିର ସଭାପତି ଓ ସଦସ୍ୟମାନଙ୍କ ସହିତ ୧ନଂ ତାଜିଆ ଖଲିଫା ସେକ ସମୀର, ୨ନଂ ତାଜିଆର ଖଲିଫା ସେକ ଆଝାରୁଦ୍ଦିନ, ୩ନଂ ତାଜିଆର ଖଲିଫା ସେକ ଅଫସର ଅଲ୍ଲୀ, ୪ନଂ ତାଜିଆର ଖଲିଫା ମମତାଜ ଖାନ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ତେବେ ଚଳିତ ବର୍ଷ ମହରମ ପର୍ବ ଅବସରରେ ବାହାରୁଥିବା ତାଜିଆ ଶୋଭାଯାତ୍ରା ବିନା ଅସ୍ତ୍ରଶସ୍ତ୍ର ପ୍ରଦର୍ଶନରେ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଡିଜେ ସାଉଣ୍ଡ ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ତାଜିଆ ପ୍ରଦର୍ଶନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସନ୍ଧ୍ୟା ୬ଟାରେ ନିଜନିଜ ବସ୍ତିରୁ ବାହାରି ଥାନା ସମ୍ମୁଖରେ ୧୦ଟା ସୁଦ୍ଧା ପହଂଚିବେ। ଆଇନ ଶୃଙ୍ଖଳା ବଜାୟ ରଖିବା ସହିତ ଶାନ୍ତି ଶୃଙ୍ଖଳାର ସହିତ ଏହି ପର୍ବ ପାଳନ ପାଇଁ ଉଭୟ ହିନ୍ଦୁ ମୁସଲିମ ସମ୍ପ୍ରଦାୟର ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା।

# 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଖଇରା,୨୪।୬ (ସମିସ)

ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉତ୍ସବ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଖଇରା ବ୍ଲକରେ ଜାରି ରହିଛି। ବୁଧବାର ତୃତୀୟ ଦିବସରେ ଓଡିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରୁ ଆସିଥିବା ଅଧିକାରୀ ମାନେ ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାର ମନ୍ତ୍ର ପ୍ରଦାନ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ ଦାଶ, ସ୍ଥାନୀୟ ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ମହିଳା ଗୋଷ୍ଠୀଙ୍କୁ ଆତ୍ମରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିଳ୍ପ କେନ୍ଦ୍ର ର ସାଧାରଣ ପରିଚାଳକ ଏବଂ ଅବରପ୍ରାପ୍ତ ସହକାରୀ ପରିଚାଳକ ରତିରଞ୍ଜନ ପାଣିଗ୍ରାହୀ, କନିଷ୍ଠ ନିଯୁକ୍ତି ଅଧିକାରୀ ସୌରଭ ରାଉତ, ସହକାରୀ ଶିଳ୍ପ ଅଧିକାରୀ ସତ୍ୟବ୍ରତ ନାୟକ, ୟୁକୋ ବ୍ୟାଙ୍କ ଖଇରା ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ, ବିଏଫଓ ରୁଦ୍ରମାଧବ ବେହେରା ଯୋଗ ଦେଇ ବିଭିନ୍ନ ଶିଳ୍ପ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି, ବ୍ୟାଙ୍କରଣ ଉପରେ ଆଲୋକପାତ କରିଥିଲେ।

**ଜଳେଶ୍ୱର :** ଜଳେଶ୍ୱର ମ୍ୟୁନିସିପାଲିଟି ପରିସରରେ ତଥା ସ୍ଥାନୀୟ ୬ନଂ ୱାର୍ଡ ବାସନ୍ତୀ ପଡିଆ ଓ ଷ୍ଟେସନ ବଜାର ବସ ଷ୍ଟାଣ୍ଡ ନିକଟରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଜଳେଶ୍ୱର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଦୁଇ ବର୍ଷରେ ସରକାରଙ୍କ ଜନହିତକର ପକଳ୍ପ ବିଷୟରେ ସୂଚନା ପ୍ରଦାନ ଦେଇଥିଲେ। ପୌରାଂଚଳର ନାଗରୀକ ମାନଙ୍କ ଜୀବନରେ ମର୍ଯ୍ୟାଦା, ସୁଯୋଗ ଓ ଗୁଣବର୍ତାର ବିକାଶ ଲାଗି ସରକାର ମୁଖ୍ୟତଃ ଜନଧନ ଯୋଜନା, ଡିବିଟି, ସ୍ୱଚ୍ଛ ଭାରତ ଅଭିଯାନ, ପି.ଏମ ଆବାସ ଯୋଜନା, ଆୟୁଷ୍ମାନ ଭାରତ, ପି.ଏମ୍ କିଶାନ ଓ ସି.ଏମ୍ କିଶାନ ଭଳି ପ୍ରମୁଖ ଯୋଜନା ଉପରେ ଗୁରୁତ୍ୱ ଦେଇଛନ୍ତି।

**ରାଜଘାଟ:** ବସ୍ତା ବ୍ଲକ୍ ଅର୍ନ୍ତଗତ ସନ୍ତୋଷପୁର ପଞ୍ଚାୟତ ବେଣାପୁରା ମଧୁସୂଦନ କଲ୍ୟାଣ ମଣ୍ଡପରେ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ଦାସ, ଏଡିଇଓ ରଘୁନାଥ ସାହୁ, ଜିଆର୍ ଏସ୍ ସ୍ୱପ୍ନେଶ୍?ର ଜେନା, ସମାଜସେବୀ ଅନିଲ୍ କୁମାର ସାହୁ, ସନ୍ତୋଷ କୁମାର ଦାସ ମହାପାତ୍ର, ରାଧାକୃଷ୍ଣ ମାଝୀ, ଅଙ୍ଗନବାଡି ସଙ୍ଘର ନେତ୍ରୀ ଗୀତାରାଣୀ ପଣ୍ଡା ଓ ଏମ୍ବିକେ ଚିତ୍ରରେଖା ପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଏନ୍‌ଏମ୍ ରଶ୍ମିତା ଜେନା, ସ୍ୱାସ୍ଥ୍ୟକର୍ମୀ ଚନ୍ଦନ କୁମାର ଦାସ, ସମସ୍ତ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହି ୩୫ ଜଣ ଙ୍କ ମ୍ୟାଲେରିଆ, ରକ୍ତହୀନତା ଓ ଏନସିଡ଼ି ଆଦିର ପରୀକ୍ଷା, ୪ ଜଣ ଙ୍କୁ ବୟୋବନ୍ଦନା କାର୍ଡ, ୧୩ ଜଣ ଙ୍କୁ ଆୟୁଷ୍ମାନ କାର୍ଡ, ସୁଭଦ୍ରା ଶକ୍ତି ଅଧିନରେ ୩୫ ଜଣଙ୍କୁ ଲକ୍ଷପତି ଦିଦି, ଅନ୍ତୋଦୟ ଗୃହ ଯୋଜନାରେ ୨ କାର୍ଯ୍ୟାଦେଶ ଓ ଜଣଙ୍କୁ ବୋନସ୍ ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୨ ଜଣଙ୍କୁ କାର୍ଡ୍ ପ୍ରଦାନ କରାଯାଇଥିଲା।

**ଚନ୍ଦନେଶ୍ୱର :** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଭୋଗରାଇ ବ୍ଲକ ଅଧୀନ ଶ୍ରଦ୍ଧାପୁର ପଞ୍ଚାୟତରେ ଏକ ପଞ୍ଚାୟତ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏବଂ ସ୍ଥାନୀୟ ଲୋକଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ଦେଖିବାକୁ ମିଳିଥିଲା। ସଭାରେ ସଦସ୍ୟା ଦୁର୍ଗାମାଣୀ ମଣ୍ଡଳ, ସରପଞ୍ଚ ପ୍ରତିନିଧି ଚନ୍ଦନ କୁମାର ପାତ୍ର (ଟିଙ୍କୁ), ସଦସ୍ୟା ପ୍ରତିନିଧି ଗୌରହରି ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଅମରେଶ ଦାସ, କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଜଲ ବାସ୍କେ, ଜିଆରଏସ କମଳ ଲୋଚନ ବେହେରା, ଆୟୁଷ ଡାକ୍ତର ଅନାଦି ଚରଣ ପାତ୍ର, ଏଏନଏମ ଛବିରାଣୀ ଗିରି, ଏମ୍‌ବିକେ ବିନୋଦିନୀ ପ୍ରଧାନ ଏବଂ ଅଙ୍ଗନୱାଡ଼ି କର୍ମୀ ସବିତା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

ଗାଁରୁ ବାସନ୍ଦ ଅଭିଯୋଗ ଘଟଣା

# ମାନବାଧିକାର କମିସନଙ୍କ ତଦନ୍ତ

ବ୍ରହ୍ମପୁର,୨୪।୬(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ଗାଁର ପୂର୍ବତନ ଗାଁ ମୁଖିଆ ଓ ତାଙ୍କ ପରିବାରକୁ ଗ୍ରାମବାସୀଙ୍କ ପକ୍ଷରୁ ବାସନ୍ଦ କରାଯାଇଥିବା ନେଇ ଅଭିଯୋଗକୁ ଆଧାର କରି ଆଜି ମାନବାଧିକାର କମିଶନଙ୍କ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟନାରାୟଣ ପ୍ରଧାନ ଗୋପାଳପୁର ଗସ୍ତ କରିବା ସହ ଥାନାରେ ଅଭିଯୋଗକାରୀ ସମେତ ଗ୍ରାମବାସୀ ଏବଂ ଥାନା ଷ୍ଟାଫ୍ ସହ ଆଲୋଚନା କରି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁସାରେ ୨୦୨୧-୨୨ ମସିହାରେ ନାରାୟଣପୁର ଗାଁର ଗାଁ ମୁଖିଆ ଭାବରେ ଏନ୍. ରାମମୂର୍ତ୍ତି କାର୍ଯ୍ୟ କରିଥିଲେ। ରାମ ମୂର୍ତ୍ତି ଗାଁର ସମସ୍ତ ଆର୍ଥିକ କାରବାର ଦେଖାରଖା କରିବା ସହ ତାଙ୍କ ନିକଟରେ ଗାଁରୁ ଆଦାୟ ହୋଇଥିବା ପ୍ରାୟ ୪୦ଲକ୍ଷ ଟଙ୍କା ରଖିଥିଲେ। ପରବର୍ତ୍ତୀ ବର୍ଷ ଗ୍ରାମବାସୀଙ୍କ ପକ୍ଷରୁ ନୂଆ କମିଟି ଗଠନ ସହ ନୂତନ ଗାଁ ମୁଖିଆ ଚୟନ କରାଯାଇଥିଲା।ସେହି ସମୟରେ ଉକ୍ତ କମିଟି ରାମ ମୂର୍ତ୍ତି ନିକଟରେ ଥିବା ଟଙ୍କା ହିସାବ ଦେବାକୁ କହିବା ସହ ଟଙ୍କା ଗାଁ କମିଟିକୁ ହସ୍ତାନ୍ତର କରିବା ନିମନ୍ତେ କୁହାଯାଇଥିଲା।କିନ୍ତୁ ରାମ ମୂର୍ତ୍ତି ଟଙ୍କା ଦେବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିଲେ।ଯାହାକୁ ନେଇ ଗାଁ କମିଟି ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।କିନ୍ତୁ କୈଣସି ସମାଧାନ ହୋଇ ପାରିନଥିଲା। ଏନେଇ ୨୦୨୪ ରେ ରାମ ମୂର୍ତ୍ତି ଟଙ୍କା ଦେବା ବଦଳରେ ଗାଁରୁ ତାଙ୍କ ପରିବାରକୁ ବାସନ୍ଦ କରି ଦିଆଯାଇଥିବା ନେଇ ଜିଲ୍ଲା ପ୍ରଶାସନ, ପୁଲିସ, ମାନବାଧିକାର କମିଶନ ପ୍ରମୁଖଙ୍କ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଆଜି ମାନବାଧିକାର କମିଶନ ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋପାଳପୁର ଥାନା ରେ ପହଞ୍ଚି ଏନ୍ .ରାମ ମୂର୍ତ୍ତି ଏବଂ ତାଙ୍କ ପରିବାରର ବୟାନ ରେକର୍ଡ କରିଥିଲେ। ଏଥି ସହ ଗ୍ରାମବାସୀଙ୍କ ବୟାନ ମଧ୍ୟ ରେକର୍ଡ କରିଥିଲେ। ଏନେଇ ଗ୍ରାମ୍ୟ ନାଇଡୁ ଭି .ଚାନ୍ଦ୍ରେୟା ରେ‡ୀ ଙ୍କ ସହ ଯୋଗାଯୋଗ ବେଳେ ସେ ସୂଚନା ଦେଇଥିଲେ ଯେ ଗ୍ରାମବାସୀଙ୍କ ପକ୍ଷରୁ ରାମ ମୂର୍ତ୍ତି କେବେ ଭି ବାସନ୍ଦ କରାଯାଇନାହିଁ। ରାମ ମୂର୍ତ୍ତିଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ। ଘଟଣା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସହ ଯୋଗାଯୋଗ ବେଳେ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରାଯାଇ ବୟାନ ରେକର୍ଡ କରାଯାଇଛି। ଗୁରୁବାର ଦିନ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା ପୂର୍ବକ ସେମାନଙ୍କ ବୟାନ ରେକର୍ଡ କରାଯିବ ଏବଂ ଅନ୍ୟ ମାନଙ୍କ ବୟାନ ରେକର୍ଡ କରାଯାଇ ବିଭାଗ କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ।

ଜାମିନରେ ଆସି ବିଜେପି ନେତା ଫେରାର ଘଟଣା

# ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ କେବେ ମିଳିବ ନ୍ୟାୟ

- ପୁଅର ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେବା ପାଇଁ କୋର୍ଟରୁ ମିଳିଥିଲା ୧୦ଦିନର ସର୍ତ୍ତମୂଳକ ଜାମିନ
- ମେ ୧୮ ତାରିଖରୁ ଫେରାର ବିଜେପି ନେତା ଭବାନୀଙ୍କ ବିରୁଦ୍ଧରେ ଜାମିନ ବିହିନ ଗିରଫ ପରୱାନା ଜାରି
- ଫେରାର ବିଜେପି ନେତାଙ୍କୁ ନେଇ ଚିନ୍ତାରେ ବୈଦ୍ୟନାଥପୁର ଥାନା ପୁଲିସ, ଆଖିରୁ ହଜିଗଲାଣି ନିଦ



ବ୍ରହ୍ମପୁର,୨୪।୬(ସମିସ):

ଫେରାର ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶଙ୍କୁ କିଭଳି ଗିରଫ କରାଯିବ ତାକୁ ନେଇ ବୈଦ୍ୟନାଥପୁର ଥାନା ପୁଲିସର ଆଖିରୁ ନିଦ ହଜିଯାଇଛି। ସର୍ତ୍ତମୂଳକ ତଥା ଆନ୍ତରୀଣ ଜାମିନରେ ଯାଇ ଫେରାର ହୋଇଯାଇଛନ୍ତି ଭବାନୀ। ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ କାଳ ଧରି ଭବାନୀ ଫେରାର ରହିଥିବା ବେଳେ ତାଙ୍କୁ ଧରିବା ଦିଗରେ ପୁଲିସ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଆସନ୍ତା କାଲି ଅର୍ଥାତ୍ ୨୫ତାରିଖରେ ଫେରାର ଭବାନୀଙ୍କୁ କୋର୍ଟରେ ହାଜର କରିବାକୁ ପୁଲିସ ଓ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାରଙ୍କୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।ସେପଟେ ଫେରାର ଭବାନୀଙ୍କ ବିରୁଦ୍ଧରେ କୋର୍ଟରୁ ଜାମିସନ ବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିବା ନେଇ ସ୍ପଷ୍ଟ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ପିପି ଡକ୍ଟର ଶିବ ପ୍ରସାଦ ମିଶ୍ର। ସୂଚନା ହାଇକୋର୍ଟରୁ ସର୍ତ୍ତମୂଳକ ଜାମୀନ ବା ଅନ୍ତରୀଣ ଜାମୀନରେ ଆସି ଫେରାର ହୋଇଯାଇଛନ୍ତି ବ୍ରହ୍ମପୁରର ଅନ୍ୟତମ ବହୁ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଜନୈକା ନାବାଳିକା(୧୭)ଙ୍କୁ ମାଗଣାରେ ବିଏସସି ନର୍ସିଂ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ପରେ ଜଣେ ଅଙ୍ଗନୱାଡି କର୍ମୀ ଓ ନିଜ କ୍ଲିନିକର ଜନୈକା କର୍ମଚାରୀଙ୍କ ସହଯୋଗରେ ମୃଦୁ ପାନୀୟରେ ନିଶା ଦେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଡ଼ାକ୍ତର ଭବାନୀ ଶଙ୍କର ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଡାକ୍ତର ଭବାନୀ ଶଙ୍କର ଦାଶ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କର ଏକମାତ୍ର ପୁଅର ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ ଅର୍ଥାତ୍ ଗତ ମେ ୭ତାରିଖରେ ଭବାନୀଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ୧୮ ତାରିଖରେ ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଆତ୍ମସମର୍ପଣ ନକରି ବର୍ତ୍ତମାନ ପର୍ଯ୍ୟନ୍ତ ଫେରାର ଥିବା ଜଣାପଡିଛି। ଯଦ୍ୱାରା ସ୍ଥାନୀୟ ଆଡହକ ଅତିରିକ୍ତ ସେସନ୍ସ ଜଜ୍ ପକସୋ କୋର୍ଟଙ୍କ ପକ୍ଷରୁ ଫେରାର ଅଭିଯୁକ୍ତ ଭବାନୀ ଶଙ୍କର ଦାଶଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା ଜଣାପଡିଛି। ଫେରାର ଭବାନୀଙ୍କୁ ୨୫ତାରିଖରେ କୋର୍ଟରେ ହାଜର କରିବାକୁ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସ୍ମାର୍ଟ ଫୋନ ବାଣ୍ଟିଲେ ବ୍ରହ୍ମପୁର ବିଧାୟକ




ବ୍ରହ୍ମପୁର,୨୪।୬(ସମିସ): ସହରରେ ଜନସାଧାରଣଙ୍କ କାର୍ଯ୍ୟକୁ ସୁବିଧା ଓ ସହଜ ସେବା ପାଇଁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ନିୟୋଜିତ ଥିବା ଲେଡି ସୁପରଭାଇଜର, ପୋଷଣ କୋଡିନେଟର ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଛନ୍ତି। ଆଇସିଡିଏସ ପ୍ରକଳ୍ପ ବ୍ରହ୍ମପୁର(ସହର)-୧ ଓ ବ୍ରହ୍ମପୁର(ସହର)-୨ ଅନ୍ତର୍ଗତ ଉପରୋକ୍ତ କର୍ମଚାରୀଙ୍କୁ ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟରେ ଏହି ସ୍ମାର୍ଟ ଫୋନ ପ୍ରଦାନ କରାଯାଇଛି। ଏହି ସ୍ମାର୍ଟ ଫୋନ ମାଧ୍ୟମରେ ପୋଷଣ ଓ ଅଙ୍ଗନ ୱାଡ଼ି ସମ୍ବନ୍ଧୀୟ କାର୍ଯ୍ୟ ଅଧିକ ସହଜ, ଦ୍ରୁତ ଓ ଦକ୍ଷତାର ସହ ସମ୍ପାଦନ ହୋଇପାରିବି। ଉପକୃତ ହିତାଧିକାରୀମାନେ ଏହି ଜନହିତକର ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ।

# ଆଜି ଠାରୁ ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା




ବ୍ରହ୍ମପୁର,୨୪।୬(ସମିସ): ଗୁପ୍ତା ଇଭେଣ୍ଟ ମେନେଜମେଣ୍ଟ ପକ୍ଷରୁ ବ୍ରହ୍ମପୁରରେ ପ୍ରତିବର୍ଷ ଭଳି ଆୟୋଜିତ ହେବ ୪ର୍ଥ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା। ଆଜି ଠାରୁ ଏହି ମେଳା ଆରମ୍ଭ ହେବାକୁ ଥିବା ବେଳେ ଦିର୍ଘ ୧୨ଦିନ ଧରି ଅର୍ଥାତ୍ ଜୁନ ୨୫ତାରିଖ ଠାରୁ ଜୁଲାଇ ୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ସ୍ଥାନୀୟ ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ଏହି 'ଟ୍ରେଡ ଫେୟାର'ରେ ଦେଶର ୨୨ଟି ରାଜ୍ୟରୁ ଏବଂ ୧୦ଟି ଦେଶରୁ ବ୍ୟବସାୟୀମାନେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ବିଭିନ୍ନ ସାମଗ୍ରୀ ଓ ଉତ୍ପାଦ ସହିତ ମେଳାରେ ସାମିଲ ହେବେ। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ପାଭିଲିୟନ ଭିତରେ ମେଳାର ଆୟୋଜନ କରାଯାଇଛି। ମେଳାରେ ଦେଶବିଦେଶର ବିଭିନ୍ନ ସାମଗ୍ରୀ ସହିତ ଏଠାକାର ଫୁଡଜୋନର ସ୍ୱାଦିଷ୍ଟ ଖାଦ୍ୟ ଦର୍ଶକ ଓ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ମେଳାରେ ମୁଖ୍ୟତଃ ଦେଶର ବିଭିନ୍ନ ସ୍ଥାନରୁ ଫାର୍ଣ୍ଣିଚର ସହିତ କାଶ୍ମୀରର କାରୁକାର୍ଯ୍ୟ ପୂର୍ଣ୍ଣ ଫର୍ଣ୍ଣିଚର, ଝୁଲା ସାଜସଜ୍ଜା ସାମଗ୍ରୀ, ଆଫଗାନୀସ୍ଥାନର ଶହେରୁ ଊର୍ଦ୍ଧ୍ୱ କିସମର ଶୁଖିଲା ଫଳ, ବାଂଲାଦେଶର ଜାମଦାନୀ ଶାଢୀ, ଇରାନର ଖଜୁର, ଅଳଙ୍କାର ଓ ହର୍ବାଲ ତେଲ, ଦୁବାଇରୁ ଅତର, ଥାଇଲ୍ୟାଣ୍ଡର ଅଳଙ୍କାର, ପାଦୁକା ଓ ପୋଷାକ, କୋରିଆରୁ ମହିଳାଙ୍କ ସୌନ୍ଦର୍ଯ୍ୟ ସାମଗ୍ରୀ, ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଉପରାଷ୍ଟ୍ରରୁ ଇରାନୀ, ପାରସ୍ୟ ଓ ଭାଦୋହୀ କାର୍ପେଟ, ପ୍ରାଚୀନ ପିତ୍ତଳ ଓ ତମ୍ବା ଉତ୍ପାଦ, ଦୁବାଇ ପୋଷାକ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ ଚମଡା ସାମଗ୍ରୀ, ସିଙ୍ଗାପୁର ଉତ୍ପାଦ, ମାଲେସିଆ ଫାଉଣ୍ଡେନ, ଖଦି ଓ କୁରେସିଆ ଉତ୍ପାଦ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ଓଡିଶା ସମେତି ବାଂଲାଦେଶର ପୋଷାକ ଓ ଶାଢୀ, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଓ ମାର୍ବଲ ମୂର୍ତ୍ତି ସମେତ ବହୁ ସାମଗ୍ରୀ ମେଳାରେ ସ୍ଥାନ ପାଇବ। ମେଳାରେ ଦର୍ଶକ ଓ ଗ୍ରାହକଙ୍କ ସୁବିଧା ପାଇଁ ୪ଟି ସ୍ୱତନ୍ତ୍ର ପାର୍କିଂ ସ୍ଥଳର ବ୍ୟବସ୍ଥା କରାଯାଇଥିବା ବେଳେ ରିହାତିର ବ୍ୟବସ୍ଥା ରହିଥିବା କହିଛନ୍ତି ଆୟୋଜକ ତଥା ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର କର୍ତ୍ତୃପକ୍ଷ। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶକ ବୀରଭଦ୍ର ସିଂ ଉପସ୍ଥିତ ଥିଲେ। ବ୍ରହ୍ମପୁର ସହରବାସୀ ପୂର୍ବରୁ ସଦାସର୍ବଦା ମେଳାକୁ ସମର୍ଥନ ଓ ସହଯୋଗ କରି ଆସିଥିବା ବେଳେ ଚଳିତ ଥର ମଧ୍ୟ ସହଯୋଗ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ଆଶା ରହିଛି।

**ଦୀର୍ଘ ୧୨ଦିନ ବ୍ୟାପୀ ଚାଲିବ ଗୁପ୍ତା ଇଭେଣ୍ଟ ମେନେଜମେଣ୍ଟ ପକ୍ଷରୁ ଆୟୋଜିତ ମେଳା**

**ମେଳାରେ ଖୋଲିବ ୧୦ ଦେଶ ଓ ୨୨ ରାଜ୍ୟରୁ ଆସିଥିବା ସାମଗ୍ରୀର ପସରା**

# ଡଙ୍ଗାରୁ ପଡ଼ି ମତ୍ସ୍ୟଜୀବୀ ମୃତ

ବ୍ରହ୍ମପୁର,୨୪।୬(ସମିସ): ଗୋପଲପୁର ଥାନା ସାଇବାବା ସାହିରେ ରହୁଥିବା ମତ୍ସ୍ୟଜିବୀ ପି.ବାବାଜୀ ବୟସ ୩୫ଙ୍କ ମାଛ ମାରିବାକୁ ସମୁଦ୍ରକୁ ଭିତରକୁ ଯାଉଥିବା ବେଳେ ଡ଼ଙ୍ଗା ଓଲଟି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ସାଇବାବା ସାହିରେ ରହୁଥିବା ମତ୍ସ୍ୟଜିବୀ ପି.ବାବାଜୀ ସୋମବାର ଭୋର ସକାଳୁ ଚାରି ଜଣ ସାଙ୍ଗ ମାନଙ୍କ ସହ ମାଛ ମାରିବାକୁ ସମୁଦ୍ରକୁ ଭିତରକୁ ଯାଉଥିବା ବେଳେ ଉଚ୍ଚ ଜୁଆରରେ ଡ଼ଙ୍ଗାଟି ଓଲଟି ଯିବାରୁ ବାବାଜୀ ଡ଼ଙ୍ଗା ତଳେ ରହି ଯାଇଥିଲେ। ଅନ୍ୟ ସହଯୋଗୀ ମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ଆଣିଥିବା ବେଳେ ଗତକାଲି ରାତ୍ର ସାଢେ ୧୧ ରେ ଡାକ୍ତର ମୃତ ଘୋଷଣା କରିଥିବା ବାପା ପି.ତାମାୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୬/୨୬ ମାମଲା ରୁଜୁ କରି ଆଜି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ପୁଲିସ କହିଛି।

# ମହିଳା ୱାକର୍ସ କ୍ଲବ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ



ବ୍ରହ୍ମପୁର,୨୪।୬(ସମିସ): ଗୋପାଳପୁର ରୋଡ ସ୍ଥିତ ରାମଚନ୍ଦ୍ରପୁର ଗ୍ରାମ ସ୍ଥିତ ମହାନ ସଂଘ ଦ୍ୱାରା ପରିଚାଳିତ ବିଶ୍ୱ ନିକେତନ ଜରା ନିବାସରେ ମହିଳା ୱାକର୍ସ କ୍ଲବ ଅଫ ବ୍ରହ୍ମପୁର ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ କ୍ଲବ ପକ୍ଷରୁ ଅନ୍ତେବାସୀଙ୍କ ନିମନ୍ତେ ଚାଉଳ, ଡାଲି, ଅଟା, ଗାମୁଛା, ସହ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ମହାନ ସଂଘ ତଥା ବିଶ୍ୱ ନିକେତନ ସଭାପତି ସମାଜସେବୀ ସୁଶାନ୍ତ ସାବତ ଯୋଗଦେଇ କ୍ଲବର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ ସଭାନେତ୍ରୀ ଜେ. ସୁଷମା ରାଣୀ, ସମ୍ପାଦିକା କେ. ଉଷା ରାଣୀ, କୋଷାଧକ୍ଷ ଏ. ଛାୟା ଦେବୀ, ଉପସଭାନେତ୍ରୀ ଯାଜ୍ଞସେନୀ, ପୂର୍ବତନ ସଭାନେତ୍ରୀ ଭି. ପଦ୍ମଜା, ଟି. ଅନୁରାଧା, ସୀତା ଦେବୀ, ବି. ଜୟଲକ୍ଷ୍ମୀ, ଭି. କ୍ରିଷ୍ଣାଭେନି, ଏମ. ଅନୁରାଧା ଓ କେ. ସୁଚିତ୍ରା ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ।

# ପୂର୍ତ୍ତରୁ ହଟିଲା; ବିଇଏମସିରେ ମିଶିଲା ୭.୮୫ କିମି ୬ ରାସ୍ତା

ବ୍ରହ୍ମପୁର,୨୪।୬(ସମିସ): ଓଡିଶା ରାଜ୍ୟ ରାସ୍ତା ନିୟମ ୨୦୨୫ ପ୍ରକାରେ ସହରାଞ୍ଚଳର ପ୍ରମୁଖ ରାସ୍ତାଗୁଡିକର ନିର୍ମାଣ ପରେ ସେଗୁଡିକୁ ପୂର୍ତ୍ତବିଭାଗ ସମ୍ପୃକ୍ତ ପୌରସଂସ୍ଥା ଅଥବା ମହାନଗର



ନିଗମକୁ ହସ୍ତାନ୍ତର କରିବ। ହସ୍ତାନ୍ତର ପରେ ସମ୍ପୃକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ଭଳି ଦାୟିତ୍ୱ ପୌରସଂସ୍ଥାର। ଏହି କ୍ରମରେ ବ୍ରହ୍ମପୁର ସହରର ୬ଟି ପ୍ରମୁଖ ରାସ୍ତା ଯାହାର ଦୂରତା ପ୍ରାୟ ୭.୮୫କିଲୋମିଟର ତାହାକୁ ପୂର୍ତ୍ତବିଭାଗ ଇତି ମଧ୍ୟରେ ବିଇଏମସିକୁ ହସ୍ତାନ୍ତର କରିଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ସହରର ଅନ୍ଧପସରା ବାଇପାସ ଠାରୁ କୌତୁକୀ ନଗର ଦେଇ କାଳୁଆ ମନ୍ଦିର ରାସ୍ତା ଯାହା ଏକ କିଲୋମିଟର। କମ୍ମାପଲ୍ଲୀ ମାଛ ବଜାର ଠାରୁ କର୍ମଜୀବୀ ମହିଳା ନିବାସ ରାସ୍ତା ଯାହା ଏକ କିଲୋମିଟର। ୫୯ନମ୍ବର ଜାତୀୟ ରାଜପଥ ଠାରୁ ବୀମାନଗର-ପୁଲିସ ରିଜର୍ଭ ପଡିଆ-ଶ୍ରୀକୃଷ୍ଣ ବିହାର ରାସ୍ତା ଯାହଳ ପ୍ରାୟ ୩.୨୫କିଲୋମିଟର। ୫୯ନମ୍ବର ଜାତୀୟ ରାଜପଥ ଠାରୁ ଅଳକାପୁରୀ ରାସ୍ତା ୦.୭୫କିଲୋମିଟର। ଗେଟବଜାର-ଲୋଚାପଡା ବ୍ୟାଙ୍କ କଲୋନୀ ରାସ୍ତା ଯାହାର ଦୂରତା ୧.୫୫କିଲୋମିଟର ଏବଂ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ବାସଭବନ ଠାରୁ କର୍ମଜୀବୀ ମହିଳା ନିବାସ ପର୍ଯ୍ୟନ୍ତ ପ୍ରାୟ ୧.୩୦କିଲୋମିଟର ରାସ୍ତାକୁ ପୂର୍ତ୍ତବିଭାଗ (ଡିଭିଜନ-୧) ବିଇଏମସିକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ନିକଟରେ ପୂର୍ତ୍ତବିଭାଗ ଓ ବିଇଏମସିର କର୍ତ୍ତୃପକ୍ଷଙ୍କ ସହିତ ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ମାପଜୁପ କରାଯାଇଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ରାସ୍ତାଗୁଡିକର ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଉକ୍ତ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ଭଳି ସମସ୍ତ ଦାୟିତ୍ୱ ବ୍ରହ୍ମପୁର ମହାନଗର ନେବ ବୋଲି ଜଣାପଡିଛି।

# ଗଞ୍ଜାମ କଳା ପରିଷଦରେ 'ଓଡ଼ିଶୀ ସନ୍ଧ୍ୟା'



ବ୍ରହ୍ମପୁର,୨୪।୬(ସମିସ): ଗଞ୍ଜାମ କଳା ପରିଷଦ ଓ ନୃତ୍ୟ-ସଂଗୀତ ଅନୁଷ୍ଠାନ 'ନୂପୁର'ର ମିଳିତ ଆନୁକୂଲ୍ୟରେ 'ଓଡ଼ିଶୀ ସଂଧ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦର ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ଗୁରୁ ମାଧବ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର କନିଷ୍ଠ ଓ ବରିଷ୍ଠ କଣ୍ଠଶିଳ୍ପୀମାନେ ଓଡ଼ିଶୀ ସଂଗୀତ ଓ ଭଜନ ପରିବେଷଣ କରିଥିଲେ। 'ନୂପୁର' ଅନୁଷ୍ଠାନର ମୁଖ୍ୟ ସତ୍ୟ ମହାରଣା ସାଂସ୍କୃତିକ ସଂଧ୍ୟାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ମୌସୁମୀ ମିଶ୍ର, ଡ. କୁଳମଣି ଓଝା, ସଂଗୀତଗୁରୁ ନୀଳାଞ୍ଚଳ ବେହେରା, କଣ୍ଠଶିଳ୍ପୀ ଅସ୍ମିତା ବହୁ ପୁରାତମ ପାରମ୍ପାରିକ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ କଣ୍ଠଶିଳ୍ପୀ ନିଖାରରାଜ ପଣ୍ଡାଙ୍କ ସମେତ ବହୁ କନିଷ୍ଠ ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଓଡ଼ିଶୀ ଓ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁ ମାଧବ ପାତ୍ର ହାରମୋନିୟମ୍, ଚୈତନ୍ୟ କୁମାର ମର୍ଦ୍ଦଳ ଓ ଅସ୍ମିତା ମଞ୍ଜିରା ବାଦନରେ ସହଯୋଗ କରିଥିଲେ।

# ୨ ନାବାଳକ ଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର,୨୪।୬(ସମିସ): ବ୍ରହ୍ମପୁର ସହରର ୨ନାବାଳକ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଆଜି ୟୁସିପି ଇଞ୍ଜିନିୟରିଂ କଲେଜ ନିକଟରେ ଏକାଧିକ ନାବାଳକଙ୍କୁ ଅନ୍ୟ ଗୋଷ୍ଠୀ ମାଡ ମାରିଛନ୍ତି। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟର ଉତ୍ତେଜନା ଲାଗି ରହିଛି। ପ୍ରକାଶଥାଉକି, କିଛି ଦିନ ତଳେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଅଞ୍ଚଳରେ ଲଙ୍କାଗୁଣ୍ଡ ଫିଙ୍ଗି ଛୁରା ମାଡ଼ ଘଟଣାରେ ପୁଲିସ ଗଣେଶ ନାମକ ନାବାଳକକୁ କାବୁ କରିଥିଲା। ସେ ସୁଧାର ଗୃହରୁ ବାହାରିବା ପରେ ଆଜି ୟୁସିପି ଇଞ୍ଜିନିୟରିଂ କଲେଜ ନିକଟରେ ନିଜ ସହଯୋଗୀ ମୁକେଶ ସହ ଛିଡା ହୋଇଥିଲେ। ଏହି ସମୟେ଼ର ମିଟୁ ବେହେରା ଓ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଉଠାଇ ନେଇ ମାଡ଼ ମାରିଥିଲେ। ତେବେ ପୁଲିସ ସଂପୃକ୍ତ ଗୋଷ୍ଠୀର ମୁଖ୍ୟ କୁମ୍ଭାରପଲ୍ଲୀ ଅଞ୍ଚଳର ମିଟୁ ବେହେରାକୁ କାବୁ କରି ତଦନ୍ତ ଚଳାଇଥିବା କୁହାଯାଉଛି।

# ଧାନକିଣାରେ ଘୋଟାଲା; ଭିଜିଲାନ୍ସ, ଇଡ଼ି ତଦନ୍ତ ଦାବି

ବ୍ରହ୍ମପୁର,୨୪।୬(ସମିସ):

ଗଞ୍ଜାମ ଜିଲ୍ଲାରେ ଧାନ କିଣାରେ ପ୍ରତିବର୍ଷ ୧୦୦ କୋଟି ଟଙ୍କାର ଘୋଟଲା ହେଉଛି। ଏଥିରେ ଯୋଗାଣ ବିଭାଗ ଅଧିକାରୀ, ସମବାୟ ବିଭାଗ ଅଧିକାରୀ, ମିଶନ ଶକ୍ତି ଅଧିକାରୀ, ଆରଏମସି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଫିସର ମାନେ ଏହି ଦୁର୍ନୀତିରେ ସାମିଲ ହେଉଥିବାରୁ ସମସ୍ତେ ଯିଏ ଯାହାର ପାଉଣା ପାଇଁ ନୀରବ ରହୁଛନ୍ତି ବୋଲି ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ପ୍ରେସ ବିବୃତ୍ତି ମାଧ୍ୟମରେ ଅଭିଯୋଗ କରିଛନ୍ତି। ସେ ପ୍ରେସ ବିବୃତ୍ତି ଜରିଆରେ କହିଛନ୍ତି ଯେ, ୨୦୨୫-୨୦୨୬ ମସିହାରେ ଗଞ୍ଜାମ ଜିଲ୍ଲାରେ ୧, ୫୬, ୭୧୩ ଜଣ ଚାଷୀ ପଞ୍ଜୀକରଣ ଧାନ ବିକିବା ପାଇଁ କରିଥିଲେ। ଡିସେମ୍ବର ୧୬ ତାରିଖ ଠାରୁ ଧାନ କିଣା ଆରମ୍ଭ ହୋଇ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଧାନ କିଣା ହୋଇଥିଲା। ସେଥିମଧ୍ୟରୁ ୧,୫୧,୦୦୦ ଜଣ ଚାଷୀଙ୍କର ୫୫ ଲକ୍ଷ ୮୨ ହଜାର ୬୯୭ ଧାନ କିଣା ଯାଇଥିଲା। ଜିଲ୍ଲାକୁ ୫୬ ଲକ୍ଷ ୨୯ ହଜାର ୫୨୫ କ୍ଲିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିଲା। ଟାର୍ଗେଟ ଆସିଥିବା ୪୭ ହଜାର କ୍ଲିଣ୍ଟାଲ ଫେରିଗଲା। ମାତ୍ର ଟୋକେନ୍ ଆସିଥିବା ୫୬୧୩ ଜଣ ଚାଷୀଙ୍କ ସମବାୟ ଅଧୀକାରୀଙ୍କ ଖାମଖିଆଲୀ ଓ ବେଖାତିର ମନୋଭାବ ଯୋଗୁଁ ଧାନ କିଣାଗଲା ନାହିଁ। ଫଳରେ ଗରିବ ଓ ଭାଗଚାଷୀ ମାନେ ବେପାରୀ ମାନଙ୍କୁ ବିକି ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିଲେ। ଗତ ୨୦୨୪- ୨୫ ମସିହାରେ ୧,୩୯,୮୮୪ ଜଣ ଚାଷୀଙ୍କ ଠାରୁ ୫୮ ଲକ୍ଷ ୮୦ ହଜାର ୮୫୪ କିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ୧,୫୧,୦୦୦ ଜଣ ଚାଷୀଙ୍କ ଠାରୁ ୫୫ ଲକ୍ଷ ୮୨ ହଜାର କ୍ୱିଣ୍ଟାଲ ଧାନ କିଣାଗଲା ସମବାୟ ଅଧିକାରୀ ମାନେ ଅଧିକ ଜମି ଥିଲେ ସୁଦ୍ଧା ଜାଣିଶୁଣି କମ୍ ପରିମାଣ ଧାନ ଟାର୍ଗେଟ ଆସିବା ବ୍ୟବସ୍ଥା କଲେ। ଏପରି ଭାବେ କମ୍ ପରିମାଣ ଟାର୍ଗେଟ ଆସିବାରୁ ବଳକା ଧାନ ବିକି ନପାରି ଚାଷୀମାନେ ବେପାରୀଙ୍କୁ ବିକି କ୍ଷତି ସହିଲେ। ଚାଷୀମାନେ ଲିଖିତ ଅଭିଯୋଗ କଲେ ସୁଦ୍ଧା କେହି ଶୁଣିଲେ ନାହିଁ। ଏହା ତଦନ୍ତ ସାପେକ୍ଷ। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଗଂଜାମ ପ୍ରକୃତ ଚାଷୀଙ୍କ ଧାନ ନ କିଣି ଜଗତସିଂହପୁର, ପୁରୀ, ଆଦି ଜିଲ୍ଲାରୁ ପ୍ରାୟ ୩ ଲକ୍ଷ ୪୦ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି। ପ୍ରକୃତରେ ସେଠାରୁ ଧାନ ନ ଆଣି ସେଠାରେ ବିକି ଦେଇ କେବଳ କାଗଜପତ୍ରରେ ମିଛରେ ଧାନ କିଣା ହେଲା ବୋଲି ଦର୍ଶାଯାଇ ଗାଡି ଭଡା ଓ ମଣ୍ଡି ପରିଚାଳନା ଖର୍ଚ୍ଚ ବାବଦରେ କୋଟି କୋଟି ଟଙ୍କାର ଦୁର୍ନୀତି କରାଯାଇଛି। ଅଳ୍ପଦିନ ତଳେ ଆସିକାର ଭେଟନାଇ କନକ ପରମେଶ୍ୱରୀ ରାଇସ ମିଲକୁ ୬ ଜଣ ଯୋଗାଣ କର୍ମଚାରୀ ଚଡାଉ କରି ଚାଉଳ ଓ ଧାନର ଗଚ୍ଛିତ ଷ୍ଟକ ଯାଞ୍ଚ କରିଥିଲେ। ଯୋଗାଣ କର୍ମଚାରୀଙ୍କ ଦୁର୍ନୀତି ମନୋଭାବ ଯୋଗୁଁ କୋଟି କୋଟି ଟଙ୍କାର କେଳେଙ୍କାରୀ ହେଉଛି। ତଦନ୍ତ ଏମିତି ହୋଇଛି ଯେ ବିଲେଇ ହାତରେ ମାଛ ସଫା କଲେ ସେ ଖାଇବା ନା ସଫା କରିବ। ଜିଲ୍ଲା ପ୍ରଶାସନ ଜାଣିଶୁଣି ନୀରବ ରହୁଛି କାହିଁକି ବୋଲି ସାଧାରଣ ପ୍ରଶ୍ନ ଉଠୁଛି। ବର୍ତ୍ତମାନକୁ ଖାଉଟି କାର୍ଡରେ ମିଳୁଥିବା ପ୍ରାୟ ୩୦ ଭାଗ ଚାଉଳ ଲୋକମାନେ ତାକୁ ନ ଖାଇ ଖୋଲା ବଜାରରେ ୧୮ ଟଙ୍କାରେ ବିକୁଛନ୍ତି। ସେହି ଚାଉଳକୁ ଅସୁଧ ମାଲର ମାନେ କିଣି ପୁଣି ପଞ୍ଚାୟତକୁ ପଠାଇ ଦେଉଛନ୍ତି। ଏଣୁ ବହୁ ମିଲର ମାନେ ଚାଉଳ ଦେବାରେ ଡେରି ହେଉଥିବାରୁ ସେମାନେ ଧାନ ଆନ୍ଧ୍ରକୁ ମଧ୍ୟ ବିକି ଦେଉଛନ୍ତି। କେତେକ ମିଲରମାନଙ୍କ ଗଚ୍ଛିତ କ୍ଷମତା କମ୍ ଥିଲେ ସୁଦ୍ଧା ତାକୁ ଧାନ ଅଧିକ କିଣିବାକୁ ଦାୟିତ୍ୱ ଦେଇଥିବାରୁ ସେମାନେ ବାହାରେ ବିକି ବଜାରରୁ ଚାଉଳ କିଣି ସରକାରଙ୍କୁ ଦେଉଛନ୍ତି। ପୁଣି ଚଳିତବର୍ଷ ଧାନର ମାନ ଅତି ଭଲ ଥିଲେ ସୁଦ୍ଧା କ୍ୱିଣ୍ଟାଲ ପିଛା ଅଧିକାଂଶ ବ୍ଲକରେ ୫ ରୁ ୬ କେଜି ପର୍ଯ୍ୟନ୍ତ ଅଧୀକ ଧାନ ଠକି ନେବାରୁ ଚାଷୀମାନେ ପ୍ରାୟ ୯୦ କୋଟି ଟଙ୍କା କ୍ଷତି ସହିଲେ। ଚଳିତ ବର୍ଷ ପ୍ରାୟ ୧ ଲକ୍ଷରୁ ଅଧିକ ଚାଷୀମାନେ ନିଜେ ହାତରୁ ଅଖା, ଗାଡିଭଡା, ଲେବର ଖର୍ଚ୍ଚ କରି ମିଲରେ ଧାନ ନେଇ ଦେଇଛନ୍ତି। ସେମାନେ ଏହି ସବୁ ଖର୍ଚ୍ଚ ପାଇବାକୁ ନିୟମ ଥିଲେ ସୁଦ୍ଧା ମଣ୍ଡି ପରିଚାଳନା ଖର୍ଚ୍ଚ ମିଲର ମାନେ ନେଇ ଚାଷୀଙ୍କୁ ଠକୁଛନ୍ତି। ଏପରି ଭାବେ ପ୍ରତିବର୍ଷ ଧାନ କିଣାରେ ୧୦୦ କୋଟି ଟଙ୍କାରୁ ଅଧୀକ ଦୁର୍ନୀତି କେଳେଙ୍କାରୀ ହେଉଥିବାରୁ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନ ଆବାହକ ରବି ରଥ ଏହି ମହାଦୁର୍ନୀତିର ରାଜ୍ୟ ସରକାର, ଭିଜିଲାନ୍ସ ଓ ଇଡି ଦ୍ୱାରା ତଦନ୍ତ କରିବା ପାଇଁ ଏକ ପ୍ରେସ ଇସ୍ତାହାରରେ ଦାବି କରିଛନ୍ତି।

# ଗଞ୍ଜାମ ଜିଲ୍ଲା ସ୍ୱେଚ୍ଛାସେବୀ ତାଲିମଦାତା ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ବ୍ରହ୍ମପୁର,୨୪।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଗଞ୍ଜାମ ଜିଲ୍ଲା ସ୍ୱେଚ୍ଛାସେବୀ ତାଲିମଦାତା ପ୍ରଦାନକାରୀ ସଂଘ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡିଏମ) ଡା. ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ପ୍ରକଳ୍ପ ପରିଚାଳକ(ଡ଼ିପିଏମ) ବୁଲୁନାଥ ସାହୁ, ପୁରାତନ ଆଶା ଓ ଗାଁ କଲ୍ୟାଣ ସମିତିର ସହ ପରିଚାଳକ ଆଶିଷ କୁମାର ମିଶ୍ର ଓ ସହ ପରିଚାଳକ(କ୍ୱାଲିଟି) ସଞ୍ଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୂତନ କରି କାର୍ଯ୍ୟରେ ଯୋଗଦେଇଥିବା ଆଶା ମ୍ୟାନଜେର ଅଶୋକ କୁମାର ସାହୁଙ୍କ ସ୍ୱାଗତ ସମ୍ବର୍ଦ୍ଧନ କରାଯାଇଥିଲା। ସେହିପରି ପୂରାତନ ଆଶା ଓ ଗାଁ କଲ୍ୟାଣ ସମିତିର ସହ ପରିଚାଳକ ଏବଂ ସହ ପରିଚାଳକ(କ୍ୱାଲିଟି)ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ତାଲିମ ଦାତା ସଂଘର ସୁଜାତା ପଟ୍ଟନାୟକ, ହରିହର ପାଢ଼ୀ ସମେତ ଜିଲ୍ଲାର ଅନେକ ବ୍ଲକ, ସହରାଞ୍ଚଳର ଆଶା କର୍ମୀମାନେ ଯୋଗ ଦେଇଥିଲେ।

# ପ୍ରଶାସନ ନିରବ — କେନ୍ଦ୍ରାପଡ଼ାରେ ବେଆଇନ ବାଲି ମହଜୁଦ

କେନ୍ଦ୍ରାପଡ଼ା, ୨୪।୬(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାରେ ବେଆଇନ ବାଲି ଉତ୍ତୋଳନ ଓ ମହଜୁଦକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ହଜାର ହଜାର ଟ୍ରିପ ବାଲି ବେଆଇନ ଭାବେ ଠୁଳ କରାଯାଇଥିବାବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ଏଥିସହ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଜିଲ୍ଲାରେ ଥିବା ନଦୀଘାଟରୁ ବାଲି ଉଠାଇ ତାହାକୁ ସରକାରୀ ଜମି, କେନାଲ ବନ୍ଧ, ରାସ୍ତା କଡ଼ ଓ ବ୍ୟକ୍ତିଗତ ଜମିରେ ମହଜୁଦ କରାଯାଉଛି। କେତେକ କ୍ଷେତ୍ରରେ ବାଲି ମାଫିଆ ନିଜ ଘର, ସମ୍ପର୍କୀୟଙ୍କ ଜମି କିମ୍ବା ପରିଚିତଙ୍କ କ୍ଷେତରେ ବାଲି ଷ୍ଟକ୍ କରି ରଖିଥିବା ଅଭିଯୋଗ ହେଉଛି। ପରବର୍ତ୍ତୀ ସମୟରେ ଏହି ବାଲିକୁ ଉଚ୍ଚ ଦରରେ ବିକ୍ରି କରାଯାଉଥିବାରୁ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବା ମତ ପ୍ରକାଶ ପାଇଛି। ଜିଲ୍ଲାର ୯ଟି ବ୍ଲକର ପ୍ରାୟ ସମସ୍ତ ଅଞ୍ଚଳରେ ବେଆଇନ ବାଲି ମହଜୁଦ ହୋଇ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଯେ, ପୁଲିସ, ତହସିଲ, ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି କାରବାର ସମ୍ପର୍କରେ ଅବଗତ ଥିଲେ ମଧ ପ୍ରଭାବଶାଳୀ ଲୋକଙ୍କ ବିରୋଧରେ କଠୋର ପଦକ୍ଷେପ ନେଉନାହାନ୍ତି। ରାତିରେ ଏଭଳି କାର୍ଯ୍ୟ ଚାଲିଛି। ଫଳରେ

**କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି**

ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ ନଦୀ ପରିବେଶ ମଧ ପ୍ରଭାବିତ ହେଉଛି। ଅନ୍ୟପଟେ ବାଲିର ଅଭାବ ଓ କୃତ୍ରିମ ଦରବୃଦ୍ଧି ଯୋଗୁ ସାଧାରଣ ଲୋକଙ୍କ ଘର ନିର୍ମାଣ କାମ ଗୁରୁତର ଭାବେ ପ୍ରଭାବିତ ହେଉଛି। ଗୋଟିଏ ଟ୍ରାକ୍ଟର ବାଲି ପାଇଁ ୧୫୦୦ ଟଙ୍କାରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବାରୁ ନିମ୍ନ ଓ ମଧ୍ୟବିତ୍ତ ପରିବାର ପାଇଁ ଘର ନିର୍ମାଣ ଏକ ବଡ଼ ଆର୍ଥିକ ବୋଝ ହୋଇପଡ଼ିଛି। ସାଧାରଣ ଲୋକଙ୍କ ମଧ୍ୟରେ ଏପରି ଧାରଣା ସୃଷ୍ଟି ହେଉଛି ଯେ, ଯଦି ପ୍ରଶାସନ ବେଆଇନ ଉତ୍ତୋଳନ ଓ ମହଜୁଦ ବିରୋଧରେ ପ୍ରଶାସନ କଠୋର ପଦକ୍ଷେପ ନେଉନାହିଁ, ତେବେ ଭବିଷ୍ୟତରେ ଅଧିକ ଲୋକ ସିଧାସଳଖ ନଦୀରୁ ବାଲି ଆଣିବାକୁ ଉତ୍ସାହିତ ହେବେ। ଯାହା ଆଇନ ବ୍ୟବସ୍ଥା ଓ ପରିବେଶ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ। ଏଭଳି ପରିସ୍ଥିତିରେ ଜିଲ୍ଲାରେ ବେଆଇନ ବାଲି ମହଜୁଦ ଓ ଚାଲାଣର ସ୍ୱତନ୍ତ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି। ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏ ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଆର୍‌ଡି ଡିଭିଜନ କାର୍ଯ୍ୟାଳୟରେ ଜେଇଙ୍କୁ ମାଡ଼ ଅଭିଯୋଗ

କେନ୍ଦ୍ରାପଡ଼ା,୨୪।୬(ସମିସ): ଇଚ୍ଛାପୁରସ୍ଥ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ଡିଭିଜନ କାର୍ଯ୍ୟାଳୟରେ ଜଣେ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ଜଣେ ଠିକାଦାର ଆକ୍ରମଣ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଜଣେ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ଘଟଣା କେବଳ କର୍ମଚାରୀଙ୍କ ସୁରକ୍ଷା ନୁହେଁ, ବରଂ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପ୍ରତି ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଠିକା କାମକୁ କେନ୍ଦ୍ର କରି ସମ୍ପୃକ୍ତ ଠିକାଦାର ଓ ଜେଇଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଠିକାଦାର ଜେଇଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟରେ ଉପସ୍ଥିତ ଅନ୍ୟ କର୍ମଚାରୀ ପୁଲିସକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଆକ୍ରମଣର ଶିକାର ହୋଇଥିବା ଜେଇ ଘଟଣା ସମ୍ପର୍କରେ ସଦର ଥାନାଧିକାରୀଙ୍କୁ ଟେଲିଫୋନ ଯୋଗେ ଅବଗତ କରାଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ କୌଣସି ଲିଖିତ ଅଭିଯୋଗ ଥାନାରେ ଦାଖଲ ହୋଇ ନ ଥିବାରୁ ପୁଲିସ ପକ୍ଷରୁ ମାମଲା ରୁଜୁ କିମ୍ବା ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ଘଟଣା ପରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଆଲୋଚନା ଜୋର ଧରିଛି। ବିଭିନ୍ନ ବିଭାଗର କର୍ମଚାରୀ କହୁଛନ୍ତି, ଠିକା କାମ, ବିଲ୍ ପାସ୍, ମାପଚୁପ ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ନେଇ ବେଳେବେଳେ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୁଏ। ଏହାର ସମାଧାନ ଆଇନ ଓ ପ୍ରଶାସନିକ ପ୍ରକ୍ରିୟା ମାଧ୍ୟମରେ ହେବା ଉଚିତ୍, ହିଂସା କିମ୍ବା ଆକ୍ରମଣ ଦ୍ୱାରା ନୁହେଁ। ତେବେ ଲିଖିତ ଅଭିଯୋଗ ଦାଖଲ ହେବା ପରେ ପୁଲିସ ପକ୍ଷରୁ ଘଟଣାର ପ୍ରକୃତ ତଦନ୍ତ ଆରମ୍ଭ ହେବ ଓ ସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

## ଏସ୍‌ଏନ୍‌ଏସ୍ କଲେଜରେ ସାମୟିକ ଦକ୍ଷତା ପ୍ରଶିକ୍ଷଣ ଶିବିର

ରାଜନଗର,୨୪।୬(ସମିସ): ରାଜନଗର ବ୍ଲକ୍ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ (ଏସ୍‌ଏନ୍‌ଏସ୍) ମହାବିଦ୍ୟାଳୟରେ ସାମୟିକ ଦକ୍ଷତା ପ୍ରଶିକ୍ଷଣ ଶିବିର ମେ' ମାସ ୧୮ ତାରିଖରେ ଆରମ୍ଭ



ହୋଇ ଚଳିତ ମାସ ୨୧ ତାରିଖରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ଅକ୍ଷୟ ମିଶ୍ର, ମୁଖ୍ୟବକ୍ତା ପଣ୍ଡିତ ବରଦାକାନ୍ତ ଜେନା, ସମ୍ମାନିତ ଅତିଥି ରୂପେ ଡ. ବିକ୍ରମାଦିତ୍ୟ ଦାସ ଯୋଗଦେଇ ସଂସ୍କୃତର ଗୁରୁତ୍ୱ ବର୍ଣ୍ଣନା କରି ଆଦିଭାଷା ସଂସ୍କୃତ ସକଳ ଭାଷାର ଜନନୀ ବୋଲି କହିବା ସହ ବେଦ ଉପନିଷଦ ଜୀବନ ସତ୍ତାର ମାର୍ଗଦର୍ଶକ ବୋଲି ଅଭିହିତ କରିଥିଲେ। ଲୋକଭାଷା ପ୍ରଚାର ସମିତି ସଂଯୋଜକ ବିଭୂତି ନାରାୟଣ କର ସଂସ୍କୃତ ପ୍ରତି ରୁଚି ରଖିବା, ସଂସ୍କୃତ ଭାଷାର ଉତଥାନ ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଂସ୍କୃତ ଭାଷାରେ ସାମୟିକ ଦକ୍ଷତା ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କୁ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଦୟାନିଧି ସାହୁ, ରବିନାରାୟଣ ଦାସ, ଜଗବନ୍ଧୁ ବେହେରା ଓ ଅଭିରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାବଲମ୍ବୀ ଯୁବ ସମୃଦ୍ଧି କାର୍ଯ୍ୟକ୍ରମ



ରାଜନଗର,୨୪।୬(ସମିସ): ରାଜନଗର ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଦକ୍ଷତା ବିକାଶ ଓ କ୍ଷୁଦ୍ରଶିଳ୍ପ ପକ୍ଷରୁ ସ୍ୱାବଲମ୍ବୀ ଯୁବ ସମୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚାକିରି ପଛରେ ନ ଗୋଡାଇ ନିଜେ ଦକ୍ଷତା ଅର୍ଜନ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଅଶୋକ ମହାନ୍ତି, ଜିଲ୍ଲା ଦକ୍ଷତା ବିକାଶ ନିଯୋଜନ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ କୁଳମଣି ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ, ସମାଜ କଲ୍ୟାଣ ଅଧିକାରୀ ମନୋଜ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝି ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶିଳ୍ପ ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିପାଟଣା ଗାଁ ମୁରବୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ ଗାଁ ମୁରବୀ ଗୋପୀନାଥ ରାଉଳଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ



ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ଗାଁ ବିକାଶ ପାଇଁ ନିରନ୍ତର ପ୍ରୟାସ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଦାମୋଦର ଦାସ, ପ୍ରଦୀପ ଦାସ, ଗୁରୁଚରଣ ଦାସ, ବିଜୟ ନାୟକ, ବାବାଜୀ ନାୟକ, ହୃଷିକେଶ ବେହେରା, ସୁରେଶ ଜେନା, ନିରୋଦ ଦାସ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ମର ଶରୀରକୁ ଗାଁ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଶୂନ୍ୟବାସୀ ରାଉଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପ୍ରମିଳା କରଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ଗ୍ରାମର ସମାଜସେବିକା ପ୍ରମିଳା କରଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚିତ୍ରଶିଳ୍ପୀ ସଂଜୀବ କରଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରିଜର୍ଭ ବ୍ୟାଙ୍କ କ୍ଷେତ୍ର ପରିଚାଳକ ଶାରଦା ପ୍ରସନ୍ନ ମହାନ୍ତି, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କୃଷ୍ଣପ୍ରସାଦ ବିଡିଓ ଅଜୟ ପଣ୍ଡା, ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ସହସମ୍ପାଦକ ସତ୍ୟନାରାୟଣ ନାୟକ, ଅଧ୍ୟାପିକା ସ୍ମୃତିପ୍ରଜ୍ଞା ପଣ୍ଡା, ଆଳି ଅର୍ବାନ ବ୍ୟାଙ୍କ ପୂର୍ବତନ ପରିଚାଳକ କିଶୋର ପଣ୍ଡା, ସଂଖ୍ୟାଲଘୁ ନେତା ସେକ ଅବଦୁଲ ବାରି ପ୍ରମୁଖ ଯୋଗଦେଇ ପ୍ରମିଳା କରଙ୍କ ସମାଜସେବା ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କୁନାଲ କର, ବିମଳ କର, ମିତା କର ଓ ମମତାଞ୍ଜଳି କର ପରିଚାଳନା କରିଥିଲେ।

## ବଳଭଦ୍ରପୁରରେ ଗ୍ରାମାଲୋକ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୪।୬(ସମିସ): କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାହିତ୍ୟ ଏକାଡେମୀ ଓ ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଳଭଦ୍ରପୁର ବାପୁଜୀ ବିଦ୍ୟାଶ୍ରମ ପରିସରରେ ଗ୍ରାମାଲୋକ କାର୍ଯ୍ୟକ୍ରମ ପଲ୍ଲୀ ପ୍ରତିଭା ସାହିତ୍ୟ ପତ୍ରିକାର ୪୯ତମ ପ୍ରତିଷ୍ଠା ଦିବସ ଓ ନୂତନ ମୁଦ୍ରିତ ସଂସ୍କରଣ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ ସହଦେବ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ ଡ. ବୀରକିଶୋର ପରିଡା ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କା, କିଶୋର ସେନ, ନାରାୟଣ ବେହେରା, କବି ଅଭିରାମ ସାହୁ ଓ ହେମନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ସାହିତ୍ୟ, ସଂସ୍କୃତି ଓ ଲୋକଜୀବନର ସୁରକ୍ଷା, ପ୍ରସାର ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବି, ସାହିତ୍ୟିକ, ଗବେଷକ, ଶିକ୍ଷାବିତ୍ ଓ ସାହିତ୍ୟପ୍ରେମୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ୪୦ରୁ ଊର୍ଦ୍ଧ୍ୱ କବି ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ପଲ୍ଲୀ ପ୍ରତିଭାର ନୂତନ ମୁଦ୍ରିତ ସଂସ୍କରଣ ଉନ୍ମୋଚିତ ହେବା ସହ ଡ. ବୀରକିଶୋର ପରିଡାଙ୍କ ରଚିତ "ପ୍ରାଣୀ ବିଜ୍ଞାନ' ପୁସ୍ତକ ଓ ପଞ୍ଚାୟତିରାଜ ବିଭାଗ ଉପସଚିବ ପୁଷ୍ପାଞ୍ଜଳି ପଣ୍ଡାଙ୍କ "ସ୍ମୃତିର ପାଦଚିହ୍ନ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ପରିଡା, ଶଶୀଭୂଷଣ କୁଣ୍ଡ, ଶଶୀକାନ୍ତ କୁଣ୍ଡ, ଶତ୍ରୁଘ୍ନ ତରାଇ, ଅଦ୍ୱୈତ ମଲ୍ଲିକ, ଅକ୍ଷୟ ବିଶ୍ୱାଳ, ଶୁଭକାନ୍ତ ନାୟକ, ଆଦିକନ୍ଦ କୁଣ୍ଡ, ଜଗନ୍ନାଥ ଧଳ, ସନ୍ଧ୍ୟାରାଣୀ ପରିଡା, ପ୍ରମୁଖ ଯୋଗ ଦେଇଥିଲେ। ଡ. ସରୋଜ କାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ● ତୃତୀୟ ଦିନରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ
# ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଆଗରେ ଶାସନ ପଞ୍ଚାୟତର ଲୋକେ ଗତ ୨୨ ତାରିଖଠାରୁ କରିଥିବା ଆମରଣ ଅନଶନ ଆଜି ୩ୟ ଦିବସରେ ପହଞ୍ଚିଛି। ଅନଶନକାରୀ ୧୬ନଂ କେନାଲ ରାସ୍ତା କାମର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡବ, ରମାକାନ୍ତ ଦାଶ, ତୀର୍ଥ ପରିଡ଼ା ଓ ଅର୍ଜୁନ ସାହୁ ପ୍ରମୁଖ ଅନଶନରେ ବସିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଆନ୍ଦୋଳନକାରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆଜି ଆନ୍ଦୋଳନକାରୀ ପୁନର୍ବାର ଅନଶନ ଆରମ୍ଭ କରିଛନ୍ତି। ଏହି ଅନଶନକୁ ସମର୍ଥନ କରି ବିଜେପି ନେତା ରଶ୍ମିରଞ୍ଜନ ପ୍ରଧାନ, ମିଟୁ ମନୋଜ ନାୟକ, ସୁଧାଂଶୁ ଜେନା, ଆଡ଼ଭୋକେଟ ସଞ୍ଜୟ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାରଙ୍କ ନିର୍ଦ୍ଦେଶରେ ଗତକାଲି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ମଲ୍ଲିକ, ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଇଂ ରବୀନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଦୀପ୍ତିରଞ୍ଜନ ବେହୁରା ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଅନଶନକାରୀଙ୍କ ଦାବି ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ, ଜଳସମ୍ପଦ ଓ ପୁଲିସ ଅଧିକାରୀ ଅନଶନକାରୀ ପ୍ରତିନିଧିଙ୍କ ସହିତ ୧୬ନଂ କେନାଲ ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତି ଅଭିଯୋଗର ସରଜମିନ ଅନୁଧ୍ୟାନ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ରିପୋର୍ଟ ପ୍ରଦାନ କରନ୍ତୁ ବୋଲି ଅନଶନକାରୀ ଦାବି କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅନଶନ ପ୍ରତ୍ୟାହାର କରିବେ ବୋଲି ଜିଦ ଧରିବାରୁ ଆଲୋଚନା ବିଫଳ ହୋଇଥିଲା। ପରେ ଅତିରିକ୍ତ ଜିଲ୍ଲାପାଳ, ଜଳସମ୍ପଦ ଓ ପୁଲିସ ଅଧିକାରୀ ଫେରି ଯାଇଥିଲେ। ତେବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଚିଠିରେ ସୁପାରିସ କରିଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୨୪।୬(ସମିସ): ନାବାଳିକାଙ୍କ ପ୍ରତି ଅସଦାଚରଣ ଭଳି ସମ୍ବେଦନଶୀଳ ଅପରାଧ ମାମଲାରେ କେନ୍ଦ୍ରାପଡ଼ା ପକ୍‌ସୋ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାରକୁ ନେଇ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ପକ୍‌ସୋ କୋର୍ଟର ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ମଳୟ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ କଲେ ତାଙ୍କୁ ଅତିରିକ୍ତ ୩ ମାସ କାରାଦଣ୍ଡ ଭୋଗିବାକୁ ପଡିବ। ଏହି ରାୟ ନାବାଳିକାଙ୍କ ସୁରକ୍ଷା ଓ ପକ୍‌ସୋ ଆଇନର କଡ଼ା ପ୍ରୟୋଗ ପ୍ରତି ନ୍ୟାୟପାଳିକାର ଦୃଢ଼ ମନୋଭାବକୁ ପ୍ରତିଫଳିତ କରିଛି।

ସୂଚନା ମୁତାବକ, ୨୦୨୪ ନଭେମ୍ବର ୧ ତାରିଖରେ ମହାକାଳପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ କଟକ ଜିଲ୍ଲା ନିଆଳି ଅଞ୍ଚଳର କଣ୍ଟିସଲା ଗ୍ରାମର ବାସିନ୍ଦା ଓ ପେଶାରେ ଗାଡ଼ି ଚାଳକ ମଳୟ କୁମାର ବେହେରା ଅସଦାଚରଣ କରିଥିଲେ। ପୀଡ଼ିତା ନିଜ ପିତାମାତା ଓ ସମ୍ପର୍କୀୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୫ ତାରିଖରେ ପୀଡିତାଙ୍କ ସମ୍ପର୍କୀୟ ମହାକାଳପଡ଼ା ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ମଳୟ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାର କରି ସାକ୍ଷ୍ୟ, ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ପ୍ରମାଣକୁ ବିଚାର କରି କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ସଫଳତାର ସହ ମାମଲା ପରିଚାଳନା କରିଥିଲେ। ଏହି ରାୟକୁ ଶିଶୁ ଅଧିକାର ସୁରକ୍ଷା ଓ ନାବାଳିକାଙ୍କ ବିରୋଧରେ ଘଟୁଥିବା ଅପରାଧ ପ୍ରତି ଏକ କଡ଼ା ବାର୍ତ୍ତା ବୋଲି ଆଇନଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଗରଦପୁରରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ




ଗରଦପୁର,୨୪।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଗରଦପୁର ବ୍ଲକରେ ସପ୍ତାହ ବ୍ୟାପୀ ଚାଲିଥିବା "ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ବିଡିଓ ଆଲୋକ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟ, ଶ୍ରମ, ପ୍ରାଣୀ ସମ୍ପଦ, ଶିଶୁ ବିକାଶ, ଜୀବିକା ମିଶନ, ସୁଭଦ୍ରା ଶକ୍ତି ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନା ଓ ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଡା. ଅଭିଷେକ ନନ୍ଦୀ, ଶଶୀରେଖା ଦାସ, କନିଷ୍ଠ ନାରାୟଣ, ନିର୍ମାଲ୍ୟ ପତି, ଲଛମନ ମୁର୍ମୁ, ପ୍ରିୟଦର୍ଶନୀ ସାହାଣୀ, କୈଳାସ ବାରିକ ଓ ପ୍ରିୟଙ୍କା ସାହୁ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ, ଶ୍ରମିକ କାର୍ଡ, ଅନ୍ନପୂର୍ଣ୍ଣା କାର୍ଡ, ସ୍ୱାସ୍ଥ୍ୟ କାର୍ଡ ଓ ଗୃହ ଅନୁମୋଦନ ପତ୍ର ବଣ୍ଟନ କରାଯାଇଥିଲା। ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ ଓ ବିଧାୟକଙ୍କ ପ୍ରତିନିଧି ବାସୁଦେବ ବେହେରା ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ମତ ରଖିଥିଲେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଷ୍ଟଲରେ ଭଲ ବ୍ୟବସାୟ ହୋଇଥିବାବେଳେ ଅତିରିକ୍ତ ବିଡିଓ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍କଟ ପୀଡ଼ିତଙ୍କୁ ସମାଜସେବୀଙ୍କ ସହାୟତା





ଡେରାବିଶ,୨୪।୬(ସମିସ): ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳ ଜଳପୋକ ପଞ୍ଚାୟତ ଅନ୍ତର୍ଗତ ପକ୍ଷୋଟ ଗ୍ରାମର ଗାୟକ ପ୍ରଶାନ୍ତ ଦାଶ ଓ ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣଶାସନ ଗ୍ରାମର ପୀଡ଼ିତା ମମତା ଦାଶଙ୍କୁ ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ସମାଜସେବୀ ତଥା ପ୍ରକୃତି ବନ୍ଧୁ ଜେନାମଣି ବଳ ଦୁରାରୋଗ୍ୟ ପୀଡ଼ିତ ଦୁଇଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପକ୍ଷୋଟ ଗ୍ରାମର ଗାୟକ ଶ୍ରୀ ଦାଶ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ କେମୋ ଥେରାପି ମାଧ୍ୟମରେ ଚିକିତ୍ସିତ ହେଉଥିବାବେଳେ ଲହଣଶାସନ ଗ୍ରାମର ଶ୍ରୀମତୀ ଦାଶ ଦୀର୍ଘ ସାତବର୍ଷ ହେବ କେମୋ ଥେରାପିରେ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟୟବହୁଳ ଚିକିତ୍ସା ହେତୁ ଅର୍ଥାଭାବ ଚିକିତ୍ସାରେ ବାଧକ ହେଉଛି। ପ୍ରକୃତିବନ୍ଧୁ ଶ୍ରୀ ବଳ ସେମାନଙ୍କ ବାସଭବନରେ ପହଞ୍ଚି ଉଭୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସ୍ତରୀରେ କିପରି ସହାୟତା ମିଳିପାରିବ, ସେ ବ୍ୟକ୍ତିଗତ ଭାବେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ରାସ୍ତାରେ ଜମାହୋଇଛି ବାଲି, ଯାତାୟାତରେ ସମସ୍ୟା

ପଞ୍ଚୁପାଣ୍ଡବ,୨୪।୬(ସମିସ): ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ାରୁ ହଳଦିଆ ଗ୍ରାମ ରାସ୍ତାରେ ବାଲି ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାର ମନ୍ତ୍ରୀପଡ଼ାର ନୂଆଁଗାଁ ନିକଟ ଟ୍ରେନ ଲାଇନ ପାଖରେ ଥିବା ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ ପାଚେରିକୁ ଲାଗି ବାଲି ପଡ଼ି ରହିଥିବାବେଳେ ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଡେରାବିଶ ବ୍ଲକ ଓ କେନ୍ଦ୍ରାପଡ଼ାକୁ ହଜାର ହଜାର ଲୋକେ ଯିବାଆସିବା କରୁଛନ୍ତି। ଦୀର୍ଘଦିନ ଧରି ଓଲଡିରୁ ହଳଦିଆ ରାସ୍ତା କାମ ଅଧାପାନ୍ତାରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା କାମ ଦୀର୍ଘଦିନ ଧରି ଚାଲି ପୁଣି ବନ୍ଦ ଥିବା ଦେଖିବାକୁ ମିଳୁଛି। ରାସ୍ତା କାମ ହେବା ପାଇଁ ରାସ୍ତା କଡ଼ରେ ଥିବା ଶତାଧିକ ଗଛ କଟାଯାଇଥିଲା। ପରେ ରାସ୍ତାକୁ ଓସାର କରିବା ପାଇଁ ଦୁଇ ପାର୍ଶ୍ୱରେ ଖାଲ କରାଯାଇ ଡଷ୍ଟ ପକାଯାଇଛି। କିନ୍ତୁ ଏହି ରାସ୍ତା ଉପରେ ଗୋଡ଼ି ବିଛାଇ ହୋଇପଡ଼ିଥିବା ବେଳେ କେତେକ ଜାଗାରେ ଶତାଧିକ ଖାଲରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତାଟି ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଯିବାଆସିବା କରୁଥିବା ଲୋକେ ହନ୍ତସନ୍ତ



ହେଉଛନ୍ତି। ଏହି ରାସ୍ତାକୁ ଆର୍‌ଆଣ୍ଡବି ବିଭାଗ ପକ୍ଷରୁ କାମ ହେଉଥିବାବେଳେ ଯେତେ ଅଭିଯୋଗ କଲେ ମଧ ଠିକାଦାର କି ପ୍ରଶାସନ ପକ୍ଷରୁ ସମାଧାନ କରୁନାହାନ୍ତି। ଏହି ରାସ୍ତାରେ କେତେକ ଜାଗାରେ ମାଟି ପଡ଼ିଥିବାବେଳେ ବର୍ଷା ହେଲେ ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି। ଯେତେ ଶୀଘ୍ର ଏହାର ତଦନ୍ତ କରାଯାଇ ରାସ୍ତାରୁ ବାଲି ଉଠାଇବା ସହ ରାସ୍ତାର କାମ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା



ଡେରାବିଶ, ୨୪।୬(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମ ଶେଷ ମୁଣ୍ଡରେ ଥିବା ବାଘର ମଠ ନିକଟରେ ଘଟିଥିବା ବଜ୍ରପାତରେ ଗରାମ ଗ୍ରାମର କୈଳାସ ଦାସଙ୍କ ପୁଅ ପ୍ରଫୁଲ୍ଲ ଦାସଙ୍କର ମଇଁଷି ଚରାଉଥିବା ସମୟରେ ମୃତ୍ୟୁ ହୋଇଯାଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅର ଅକାଳ ମୃତ୍ୟୁରେ ପ୍ରଫୁଲ୍ଲଙ୍କ ବାପା କୈଳାସ ଓ ତାଙ୍କ ବିଧବା ପତ୍ନୀ ବେସାହାରା ହୋଇଯାଇଥିଲେ। ଏ ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ ମୃତକଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ପ୍ରଧାନଙ୍କ ସହ ଯଅଁରାବାରିମୂଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ
# 'ସରକାର ପ୍ରଚାର ନ କରି ବାସ୍ତବ ବିକାଶ କରନ୍ତୁ'

ପଟ୍ଟାମୁଣ୍ଡାଇ,୨୪।୬(ସମିସ)

ରାଜ୍ୟର ବିଜେପି ସରକାର କେବଳ ମିଛ ପ୍ରଚାରରେ ମାତି ସାରା ଓଡ଼ିଶାରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକରେ ଆୟୋଜିତ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ସାହୁ କହିଲେ, ଦରଦାମ ବୃଦ୍ଧି ସହ ଗ୍ୟାସ ଦର ବୃଦ୍ଧି ଯୋଗୁଁ ସୁଭଦ୍ରା ଚୁଲି ମୂଳେ କାନ୍ଦୁଥିବାବେଳେ ଅଙ୍ଗନବାଡି କର୍ମୀ, ଏମବିକେ ଦରମା ନ ପାଇ ହନ୍ତସନ୍ତ ହେଉଥିବାବେଳେ





ନିଟ ପରୀକ୍ଷା ପ୍ରଶ୍ନପତ୍ର ଲିକ ଯୁବଛାତ୍ରଙ୍କୁ କନ୍ଦାଇଛି। ପ୍ରାଥମିକ ଶିକ୍ଷାରେ ଭୁଲ ବହି ପ୍ରକାଶ ଶିଶୁଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି ଓ ଶ୍ରମିକ କାର୍ଡ ନ ଥିବାରୁ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲେ ସହାୟତା ମିଳୁନାହିଁ। ପ୍ରତ୍ୟେକ ଦିନ ୧୫ ଜଣ ନାରୀ ଦୁଷ୍କର୍ମର ଶିକାର ହେଉଛି ଓ ବୃଦ୍ଧବୃଦ୍ଧା ଠିକ ସମୟରେ ଭତ୍ତା ପାଉନାହାନ୍ତି। ଆୟୁଷ୍ମାନ କାର୍ଡ ନେଇ ରୋଗୀ ହସ୍ପିଟାଲରେ ଚିକିତ୍ସା ପାଉନାହିଁ ଓ ଓଡିଶାର ୧୭ ଲକ୍ଷ ଲକ୍ଷପତି ଦିଦିଙ୍କ ପଟ୍ଟାମୁଣ୍ଡାଇ ବ୍ଲକରେ ଗୋଟିଏ ଦିଦି ନ ରହିବା ସରକାରଙ୍କ ମିଛ ପ୍ରଚାରକୁ ପ୍ରମାଣିତ କରିଛି। ରାଜ୍ୟ ସରକାର ମିଛ ପ୍ରଚାରରେ ନ ମାତି ବାସ୍ତବ ବିକାଶ କରନ୍ତୁ ବୋଲି ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ସରକାରଙ୍କ ବିଭିନ୍ନ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ବ୍ଲକରେ କାର୍ଯ୍ୟକରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ସିଡିପିଓ ଲକ୍ଷ୍ମୀମଣି ସିଂ ଓ ମତ୍ସ୍ୟ ଅଧିକାରିଣୀ ହରପ୍ରିୟା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଖଣତା ସରପଞ୍ଚ ଅନୀଲ ଲେଙ୍କା, ଚନ୍ଦନନଗର ସମିତିସଭ୍ୟ ମାନସ ମଲ୍ଲିକ, ଖଣତା ସମିତି ସଭ୍ୟ ସୁରେଶ ଜେନା, ସାନଜରିଆ ସମିତି ସଭ୍ୟ ସୁବାସ ବାରିକ ଓ ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ମିଶନ ଶକ୍ତି, ଏମବିକେ, ସିଆରପି ଅଙ୍ଗନବାଡି କର୍ମୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବ୍ଲକ ବିଏସଏସଓ ସୁଧାଂଶୁ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ସମାଜ କଲ୍ୟାଣ ଅଧିକାରିଣୀ ଲିପିକା ପ୍ରିୟଦର୍ଶନୀ ବେହେରା ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଧାୟକ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ସହାୟତା ବଣ୍ଟନ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୪/୬/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୬,୩୦୮/- ସୁନା:୩୯.୯୦୦ ଗ୍ରାମ୍ ରୁପା: ୨୪.୯୦୦ ଗ୍ରାମ୍



### ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମର ଶୁଭାରମ୍ଭ

# ବିଶ୍ୱସ୍ତରୀୟ ହେବ ପୁରୀ ମହାନଗର ନିଗମ

ପୁରୀ,୨୪।୬(ସମିସ)



ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ପୁରୀ ମହାନଗର ନିଗମଠାରେ 'ବିକାଶର ଧାରା ଓଡ଼ିଶା ସାରା' ଆଭିମୁଖ୍ୟରେ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ସହରାଞ୍ଚଳରେ ହୋଇଥିବା ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ସହରୀ ଭିତ୍ତିଭୂମି, ଗୃହନିର୍ମାଣ, ଯାତାୟାତ, ପାନୀୟ ଜଳ ଯୋଗାଣ, ପରିମଳ ଏବଂ ଡିଜିଟାଲ ଶାସନ କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ ସ୍ୱଚ୍ଛ, ସ୍ମାର୍ଟ, ଅଧିକ ସମାବେଶୀ ଓ ସୁଦୃଢ଼ ସହର ଗଠନ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ପୁରୀକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ଆଧାରରେ ସାମିଲ୍ କରାଯିବା ଏକ ବଡ଼ ପରିବର୍ତ୍ତନ ଆଣିବ। ଏହି ବୃହତ୍ ଆଞ୍ଚଳିକ ବିକାଶର ମୁଖ୍ୟ ଶକ୍ତି ଭାବେ ପୁରୀ ଏକ ପ୍ରମୁଖ ସାଂସ୍କୃତିକ ଓ ଐତିହ୍ୟ କେନ୍ଦ୍ର ରୂପେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ, ଆତିଥ୍ୟ ଏବଂ ଉପକୂଳବର୍ତ୍ତୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବ, ଯାହା ରାଜ୍ୟର ଅର୍ଥନୀତିକୁ ବିକାଶ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ। ପୁରୀ ସହରରେ ୧ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟା ବିଶିଷ୍ଟ ଆଧୁନିକ କନ୍‌ଭେନ୍‌ସନ ହଲ୍ କରାଯିବ। ରାଜ୍ୟର ୫୦ଟି ସହରାଞ୍ଚଳକୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନାରେ ସାମିଲ୍ କରାଯିବ। ପୁରୀ ମହାନଗର ନିଗମକୁ ବିଶ୍ୱସ୍ତରୀୟ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରମୁଖ ସହରୀ ପଦକ୍ଷେପଗୁଡ଼ିକୁ ନେଇ କେତେକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ଯୋଜନାର ହିତାଧିକାରୀ ସେମାନଙ୍କ ସଫଳତାର କାହାଣୀ ଓ ଅନୁଭୂତି ବାଣ୍ଟିଥିଲେ। ହିତାଧିକାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ନୂତନତା, ନାଗରିକ ସହଭାଗିତା ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ସେବା ପ୍ରଦାନ ମାଧ୍ୟମରେ ସହରୀ ଶାସନକୁ ସୁଦୃଢ଼ କରିବା ପାଇଁ ବିଭାଗର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଜଳସାଥୀ ଏବଂ ସହରୀ ପାନୀୟ ଜଳ ପ୍ରକଳ୍ପର ହିତାଧିକାରୀମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ଜଳସାଥୀ ଓ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭାଗର 'ଦୁଇ ବର୍ଷର ସଫଳତା ସମୀକ୍ଷା ରିପୋର୍ଟ (୨୦୨୪-୨୦୨୬)'ର ଉନ୍ମୋଚନ ହୋଇଥିଲା। ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କ୍ୟୁଆର୍ କୋଡ୍ ଆଧାରିତ ସର୍ବସାଧାରଣ ଅଭିଯୋଗ, ମତାମତ ଏବଂ ପରାମର୍ଶ ପ୍ଲାଟ୍‌ଫର୍ମ ମଧ୍ୟ ଶୁଭାରମ୍ଭ କରାଯାଇଛି। ଯାହାଦ୍ୱାରା ନାଗରିକମାନେ ସିଧାସଳଖ ସହରୀ ସେବା ସମ୍ବନ୍ଧରେ ନିଜର ମତାମତ ଦେଇପାରିବେ, ଅଭିଯୋଗ ପଞ୍ଜୀକରଣ କରିପାରିବେ ଏବଂ ପରାମର୍ଶ ଦେଇପାରିବେ। ଏକ ବିକଶିତ ଓଡ଼ିଶାର ଆକାଂକ୍ଷା ସହ ସମାନ୍ତରାଳ ଭାବେ ସ୍ଥିର, ସୁଦୃଢ଼ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସହର ଗଠନ ପାଇଁ ରାଜ୍ୟର ରୋଡ୍‌ମ୍ୟାପ୍ ପ୍ରଦର୍ଶନ କରୁଥିବା ଆଭିମୁଖ୍ୟଭିତ୍ତିକ ଚଳଚ୍ଚିତ୍ର 'ଫ୍ୟୁଚର ଅର୍ବାନ ଓଡ଼ିଶା-ଭିଜନ ୨୦୩୬ ଏବଂ ୨୦୪୭'ର ସ୍କ୍ରିନିଂ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏଥିରେ ଜନପ୍ରତିନିଧି, ବିଭାଗର ଅଧିକାରୀ, ମିଶନ ଶକ୍ତିର ସଦସ୍ୟା, ବିଭିନ୍ନ ସହରୀ ଯୋଜନାର ହିତାଧିକାରୀ ଏବଂ ନାଗରିକମାନେ ଯୋଗଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାଶ ଯୋଗଦେଇଥିଲେ।

### ପୁରୀରେ ହେବ ଆଧୁନିକ କନ୍‌ଭେନସନ ହଲ୍

## ରଥଖଳାରୁ...

# ରଥରେ ସେଟିଙ୍ଗ୍ ହେଲା ୧୩ ପରସ୍ତ ପୋଟଳ



ପୁରୀ,୨୪।୬(ସମିସ): ଆସନ୍ତା ଜୁଲାଇ ୧୬ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ବୁଧବାର ତିନିରଥରେ ଖପୁରୀ ସମେତ ପାରାଭାଡ଼ିକୁ ମିଶାଇ ୧୩ ପରାସ୍ତ ପୋଟଳ ସେଟିଙ୍ଗ୍ ସମ୍ପୂର୍ଣ୍ଣ ହୋଇଛି। ପୂର୍ବାହ୍ଣରେ ମୁଖ୍ୟ ରୂପକାର ସେବକ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡ଼େଇ ତିନିରଥ ପ୍ରଭାରେ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ପ୍ରଭାରେ ରାହୁ ବା କୀର୍ତ୍ତି ମୁଖ, ଦୁଇ ହାତରେ ଦୁଇଟି ଛୁରୀ ଧରିଥିବା ଚିତ୍ର, ବାଙ୍କରେ ଡାଳି ଲତା ଏବଂ ତଳ ଭାଗରେ ମଗର ମୁଖ ଇତ୍ୟାଦିର ରୂପ ଖୋଦେଇ ହେବ। ସେହିପରି ମହାରଣା ସେବକମାନେ ରଥରେ ସ୍ଥାପନ ପାଇଁ ଗୋଟିଏ ଗୋଟିଏ ବିଜେ ଚକା ନିର୍ମାଣ ଶେଷ କରିଛନ୍ତି। ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ଚାରି ନାହାକା ଆଗ ପଛ ଢମକରେ ୫ଟି ଲେଖାଏଁ ୨୦ ଫୁଟିଆ ଜଗତପୃଷ୍ଠ ଶେଣି ପଡ଼ି କଣ୍ଟା ବାଡ଼ିଆ ଶେଷ ହୋଇଛି। ଚିତ୍ରକାର ସେବକ ତିନିରଥର ଗୋଟିଏ ଗୋଟିଏ ସିଂହାସନ ମୁହାଁଟିରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହ ବାକି ୧୨ଟି ନାଟ ଗୋଡ଼ରେ ରଙ୍ଗ ପୂର୍ବରୁ ପ୍ରାଇମର୍ ଦେଇଛନ୍ତି। ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡ଼ିକରେ ରଙ୍ଗ କାର୍ଯ୍ୟ



ସହ କଳସ, ଠେକେରାବାଡ଼, କନ୍ୟା ପଟା ସହ ତିନିରଥ ଗୁଜ, ଚକ, ଦଣ୍ଡା ଇତ୍ୟାଦି ବାହ୍ୟ ଅଂଶରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକ ଧୂଳି ଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ତିନିରଥର ପ୍ରଭା କଣ୍ଟା, ସିଂହାସନ ଗୁଣ୍ଡି କଣ୍ଟା ତିଆରି କରୁଛନ୍ତି। ପାହି ମହାରଣା ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

# ପୁରୀରେ ପହଞ୍ଚିଲା ରଥ ଦଉଡ଼ି

ପୁରୀ,୨୪।୬(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜାରି ରହିଛି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାରେ ଲାଗିଛି। ତେବେ ଚଳିତବର୍ଷ ପହଞ୍ଚିଛି ରଥ ଦଉଡ଼ି। ଗୁରୁବାର ବୀରପ୍ରତାପପୁରସ୍ଥିତ ରାଜ୍ୟ ସମବାୟ କତା ନିଗମରୁ ୨୮ଟି ଦଉଡ଼ି ୨ଟି ଗାଡ଼ିରେ ଆସି ପହଞ୍ଚିବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଇଛି। ରଥ ନିର୍ମାଣ ତତ୍ତ୍ୱାବଧାରକ ଚିତ୍ତରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ୨ ସେଟ୍ ଅର୍ଥାତ୍ ୨୮ଟି ରଥଟଣା ଦଉଡ଼ି ଓଡ଼ିଶା କତା ନିଗମ ଅର୍ଡର ମୁତାବକ ଯୋଗାଇ ଦେଇଛି। ପ୍ରତ୍ୟେକ ରଥରେ ୪ଟି ଲେଖାଏଁ ମୋଟ୍ ୧୨ଟି ଦଉଡ଼ି ଲାଗିଥାଏ। ଅତିରିକ୍ତ ଦୁଇଟି ଲେଖାଏଁ ଦଉଡ଼ି ଆସିଛି। ଗୋଟିଏ ଟଣା ଦଉଡ଼ିର ଲମ୍ବ ପ୍ରାୟ ୨୨୦ ଫୁଟ୍ ଏବଂ ମୋଟେଇ ୮ ଇଞ୍ଚ ରହିଛି। ଦୀର୍ଘ ୨୨ ବର୍ଷ ହେଲାଣି ରାଜ୍ୟ ସମବାୟ କତା ନିଗମ ରଥଯାତ୍ରା ପାଇଁ ଆବଶ୍ୟକ ଦଉଡ଼ି ଯୋଗାଇ ଆସୁଛି। କେବଳ ପୁରୀ ନୁହେଁ, ଓଡ଼ିଶାର ଅନ୍ୟ ଜଗନ୍ନାଥ ମନ୍ଦିରକୁ ମଧ୍ୟ ନିଗମ ରଥ ଦଉଡ଼ି ଦେଉଥିବା ଜଣାପଡ଼ିଛି।



# ସୋସିଆଲ ମିଡିଆରେ ଅପପ୍ରଚାର ନେଇ ସେବାୟତଙ୍କ ପକ୍ଷରୁ ଏତଲା

ପୁରୀ,୨୪।୬(ସମିସ): ଶ୍ରୀମନ୍ଦିର ସେବାୟତ ସମାଜକୁ ବିନା କାରଣରେ ବଦନାମ କରିବା ତଥା ସୋସିଆଲ ମିଡିଆର ଅପବ୍ୟବହାର କରି ବିଶ୍ୱବ୍ୟାପୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ପ୍ରତି ଭୁଲ୍ ତଥ୍ୟ ପ୍ରଦାନ କରିବା ପ୍ରସଙ୍ଗରେ ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଇଛି। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅରବିନ୍ଦ ଦେବଙ୍କ ନାଁରେ ସିଂହଦ୍ୱାର ଥାନାରେ ଏତଲା ଦେଲେ ଶ୍ରୀମନ୍ଦିର ସେବାୟତ। କୌଣସି ସଠିକ୍ ତଥ୍ୟ ବିନା, କେବଳ ନିଜର ଆର୍ଥିକ ଲାଭ ପାଇଁ ଶ୍ରୀମନ୍ଦିରକୁ ବଦନାମ କରୁଥିବା ଏତଲାରେ ଦର୍ଶାଯାଇଛି। ଅରବିନ୍ଦ ଦେବ ଶ୍ରୀମନ୍ଦିରରେ ଦର୍ଶନ ସମ୍ପର୍କରେ ବିଭିନ୍ନ ଭିଡିଓ କରି ସୋସିଆଲ ମିଡିଆରେ ଅପପ୍ରଚାର କରୁଛନ୍ତି। ଏହାଦ୍ୱାରା ସମାଜରେ ଓ ବିଶ୍ୱ ସମୁଦାୟ ଆଗରେ ଶ୍ରୀମନ୍ଦିର ପରିଚାଳନା ପ୍ରତି ଭୁଲ୍ ଭାବ ସୃଷ୍ଟି ହେଉଛି। ଅରବିନ୍ଦ ନିଜକୁ 'ଇନ୍‌ଫ୍ଲୁଏନ୍ସର' କହି କୌଣସି ସଠିକ୍ ତଥ୍ୟ ବିନା ଓ ଭୁଲ୍ ତଥ୍ୟ ଦେଇ ୧୦ ଲକ୍ଷରୁ ଅଧିକ ଫଲୋୱର୍ସ ବଢ଼ାଇ ସୋସିଆଲ ମିଡିଆର ଅପପ୍ରଚାର କରୁଛନ୍ତି। ନିଜର ଲୋକପ୍ରିୟତା ବଢ଼ାଇବା ପାଇଁ କାଳ୍ପନିକ ସମାଚାର ପ୍ରଚାର କରି ସମାଜରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ତେଣୁ ଅରବିନ୍ଦଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ସେବାୟତ।

## ପୁରୀବାସୀଙ୍କ ସହଜ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପ୍ରସଙ୍ଗ | ଆଗକୁ ବାହାରିଲା ଓକିଲ ସଂଘ

ପୁରୀ,୨୪।୬(ସମିସ): ପୁରୀବାସୀ କିପରି ସହଜରେ ଶ୍ରୀମନ୍ଦିରକୁ ପ୍ରବେଶ କରିବେ ଏବଂ ଭିତରେ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରତିବାଦ ପଦଯାତ୍ରା ୮୫ ଦିନରେ ପହଞ୍ଚିଲାଣି। ହେଲେ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ପୂର୍ବରୁ ପଶ୍ଚିମ ଦ୍ୱାରରେ ପୁରୀବାସୀ ଆଧାର କାର୍ଡ ଦେଖାଇ ଯାଉଥିଲେ। କିନ୍ତୁ ଏ ସରକାର ତାହାକୁ ବନ୍ଦ କରିଦେଲେ। ଜନପ୍ରତିନିଧି ଯେଉଁଭଳି ଭାବେ ସ୍ୱର ଉଠାଇବା କଥା ତାହା ହେଉନାହିଁ। ତେଣୁ ଏ ଦିଗରେ ସକ୍ରିୟତା ଦେଖାଇ ପୁରୀବାସୀଙ୍କ ପାଇଁ ଆଗକୁ ପାଦ ବଢ଼ାଇଛି ପୁରୀ ଓକିଲ ସଂଘ। ବୁଧବାର ଏହି ପ୍ରସଙ୍ଗରେ ସଂଘର ଏକ ବୈଠକ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବରିଷ୍ଠ ଆଇନଜୀବୀ ଆଦିତ୍ୟ ମିଶ୍ର, ସୋମନାଥ ଦାସ, ବିଜୟ ମିଶ୍ର, ପୁଲିନ ବିହାରୀ ଆଚାର୍ଯ୍ୟ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଶିବଶଙ୍କର ପ୍ରଧାନ, ସୂର୍ଯ୍ୟ ନାରାୟଣ ସ୍ୱାଇଁ ମହାପାତ୍ର, ସୁକାନ୍ତ ପ୍ରଧାନ, ମହେଶ ନନ୍ଦ ପ୍ରମୁଖ କହିଥିଲେ ଯେ, ଶ୍ରୀମନ୍ଦିରର ଚାରିଦ୍ୱାର କେବେ ବନ୍ଦ ନ ଥିଲା। ଚାରିଦ୍ୱାର ଖୋଲିବାର ବାହାନା କଲେ, କିନ୍ତୁ ଅନ୍ୟ ତିନିଦ୍ୱାରରେ ଲୋକଙ୍କୁ ଛାଡ଼ିଲେ ନାହିଁ। ପୁରୀ ଲୋକଙ୍କୁ ବି ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ହେଲେ କେହି ଶୁଣୁ ନାହାନ୍ତି। ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର। ଓକାକ୍‌କୁ ତିନି ମାସ ତଳୁ ଦିଆଯାଇଛି କହି ବା ଏକ ରାଜନୀତିକ ଧୂଆଁ ବାଣ। ତେଣୁ ଆସନ୍ତା ଶୁକ୍ରବାର ଅପରାହ୍ଣ ୩ଟାରେ ବାର୍ ସମ୍ମୁଖରୁ ସମସ୍ତ ଓକିଲ ବନ୍ଧୁ ଶୋଭାଯାତ୍ରାରେ ବାହାରିବେ। ପଶ୍ଚିମ ଦ୍ୱାରରେ ମନ୍ଦିର ପ୍ରବେଶ ଆମ ଅଧିକାର, ତାକୁ କହିଁକି ଖର୍ବ କରାଯାଉଛି ସେ ବିଷୟରେ ପ୍ରଶାସନ ସହ ଆଲୋଚନା କରି ପଶ୍ଚିମ ଦ୍ୱାର ଦେଇ ଆଧାରକାର୍ଡ ଦେଖାଇ ମନ୍ଦିର ଯିବେ। ପଣ୍ଡା ଦ୍ୱାର ଓ ଘଣ୍ଟି ଦ୍ୱାର ଦେଇ ଦର୍ଶନ କରାଇବା ପାଇଁ ପ୍ରଶାସନକୁ ଅନୁରୋଧ କରାଯିବ। ପୁରୀ ଲୋକଙ୍କୁ ପଶ୍ଚିମ ଦ୍ୱାରରେ ପ୍ରବେଶ ସହ ଦର୍ଶନ ବ୍ୟବସ୍ଥା କରାଇବାକୁ ବୈଠକରେ ଦାବି କରିଛି ଓକିଲ ସଂଘ। ଏଥିରେ ଉପସଭାପତି ପ୍ରଦୀପ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ସୋମନାଥ ରଣା, କର୍ଣ୍ଣବୀର ମହାପାତ୍ର, ତପନ୍ ବାରିକ, ଶିବାନନ୍ଦ ପାତ୍ର, ବିଜୟ ସାହୁ, ନମିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅଲାରନାଥ ସେବାୟତଙ୍କ ସହ ଏସ୍‌ପିଙ୍କ ଆଲୋଚନା

ପୁରୀ,୨୪।୬(ସମିସ): ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିବେ ଚତୁର୍ଦ୍ଧାବିଗ୍ରହ। ଚାଲିବ ଉପଚାର ସେବା, ଆରମ୍ଭ ହେବ ଅନବସର। ଏହି ସମୟରେ ବ୍ରହ୍ମଗିରି ଶ୍ରୀଅଲାରନାଥ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ଏହାକୁ ନଜରରେ ରଖି ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଲାରନାଥ ମନ୍ଦିର ସେବାୟତ ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂ ଉପସ୍ଥିତ ରହି ଆସନ୍ତା ଦିନଗୁଡ଼ିକରେ ଭକ୍ତଙ୍କ ସୁରକ୍ଷା, ଯାତାୟାତ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ସେବାୟତମାନେ ଭକ୍ତମାନଙ୍କ ଦର୍ଶନ ସୁବିଧା, ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା, ପାର୍କିଂ, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ନିଜ ମତାମତ ରଖିଥିଲେ। ଏସ୍‌ପି ଶ୍ରୀ ସିଂ ସମସ୍ତ ପ୍ରସ୍ତାବକୁ ଗୁରୁତ୍ୱର ସହ ଶୁଣି ପୁଲିସ ପକ୍ଷରୁ ସମସ୍ତ ପ୍ରୟୋଜନୀୟ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ପୁରୀ ପୁଲିସ ପକ୍ଷରୁ ଅଲାରନାଥ ମନ୍ଦିର ଓ ଆଖପାଖ ଅଞ୍ଚଳରେ ପର୍ଯ୍ୟାପ୍ତ ମୁତୟନ କରାଯିବ। ଏଥିସହ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପାର୍କିଂ, ବ୍ୟାରିକେଡିଂ, ସିସିଟିଭି ନଜରଦାରୀ ଓ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ମାଧ୍ୟମରେ ଭକ୍ତମାନଙ୍କୁ ସହଯୋଗ ଯୋଗାଇ ଦିଆଯିବ। ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପୁରୀ ପୁଲିସର ପ୍ରାଥମିକତା। ଭିଡ଼ ନିୟନ୍ତ୍ରଣ ସହ ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଦର୍ଶନ ବ୍ୟବସ୍ଥା ପାଇଁ ପୁଲିସ, ମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରାଯିବ।

## ନିଖିଳ ଦଳାଇଙ୍କୁ 'ଯୋଗ ବିଶାରଦ' ସମ୍ମାନ

ପୁରୀ,୨୪।୬(ସମିସ): ଝାଡ଼େଶ୍ୱରୀ କ୍ଲବ୍‌ର ବାର୍ଷିକ ଉତ୍ସବ ମଙ୍ଗଳବାର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ



ପୂର୍ବତନ କାଉନ୍‌ସିଲର ପ୍ରୀତମ୍ ଜଗଦେବ, ସମାଜସେବୀ ସୁମୀତ୍ ଚନ୍ଦୁକା, କ୍ଲବ୍ ସଭାପତି କୃଷ୍ଣ ଚନ୍ଦ୍ର ଦାସ, ସମ୍ପାଦକ ପାର୍ଥସାରଥୀ ମହାପାତ୍ର, ଯୁଗ୍ମ ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଥ ଦାସ ଏବଂ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରାୟ ୨୫ଟି ବିଦ୍ୟାଳୟରୁ ଆସିଥିବା ୧୪୫ ଜଣ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନ୍ତର୍ଜାତୀୟ ଯୋଗବିତ୍ ନିଖିଳ କୁମାର ଦଳାଇଙ୍କୁ "ଯୋଗ ବିଶାରଦ' ଏବଂ ତାଙ୍କ ସହଧର୍ମିଣୀ ମଧୁଛନ୍ଦା ସ୍ୱାଇଁଙ୍କୁ "ଯୋଗ ଶିରୋମଣି' ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ସିତେନ୍ଦ୍ର ନାଥ ଦାସ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ଜିମ୍ନାଷ୍ଟିକ୍ସ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ରାଜେନ୍ଦ୍ରାଭିଷେକ | ଆଜି ମହାପ୍ରଭୁଙ୍କୁ ବିବାହ କରିବେ ରୁକ୍ମିଣୀ

ପୁରୀ,୨୪।୬(ସମିସ): ବିଦର୍ଭ ରାଜା ଭିଷ୍ମକଙ୍କ କନ୍ୟା ରୁକ୍ମିଣୀଙ୍କୁ ଗୁରୁବାର ବିବାହ କରିବେ ମହାପ୍ରଭୁ। ଏଥିଲାଗି ବୁଧବାର ସନ୍ଧ୍ୟା ଧୂପ ବଢ଼ିବା ପରେ ଘଣ୍ଟ, କାହାଳୀ, ମହୁରି ବାଜି ମହାପ୍ରଭୁଙ୍କ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ଏହି ନୀତିକୁ ରାଜେନ୍ଦ୍ରାଭିଷେକ କୁହାଯାଏ। ବୁଧବାର ଜ୍ୟେଷ୍ଠ ଶୁକ୍ଳ ଦଶମୀ। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଭୋଗବାଟ ଗଣେଶଙ୍କଠାରେ ପଡ଼ିଥିବା ଖଟ ଉପରେ ବିଜେ କରିଥିଲେ। ଏହାପରେ ଭିତର ଶୋଧ ହୋଇ ଜୟବିଜୟ ଦ୍ୱାର ବନ୍ଦ ରହି ଆଲଟ ଲାଗି ହୋଇଥିଲା। ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀ ବିବାହ ପ୍ରସ୍ତାବ ଜଣାଇଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ହାତରେ ବିଜେ କରାଇ ଆଣି ବଟମୂଳେ ଥିବା ରଥରେ ବିଜେ କରାଇଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହିତ ରଥାରୁଢ଼ ମହାପ୍ରଭୁଙ୍କୁ ଭିତର ବେଢ଼ାରେ ଗୋଟିଏ ଘେରା ପରିକ୍ରମା କରାଇଥିଲେ। କୁତ କଉତୁକ ରକ୍ଷି (ଜଣେ ସେବକ) ଦଣ୍ଡ ପ୍ରଣାମ କରି ମହାପ୍ରଭୁଙ୍କୁ ଦକ୍ଷିଣୀ ଘରକୁ ନେଇଥିଲେ। ସେଠାରେ ଠାକୁର ଖଟ ଉପରେ ବିଜେ ହେବା ପରେ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ଫୁଲ ଚନ୍ଦନ ଲାଗି ହୋଇ ବେଶ ହୋଇଥିଲା। ଶୀତଳ ଭୋଗ ମଣୋହି ହୋଇ ଖିରି, ଅମାଲୁ ଭୋଗ ବନ୍ଦାପନା ବଢ଼ିଥିଲା। ଏହାପରେ ଠାକୁର ଦକ୍ଷିଣଘର ସ୍ୱସ୍ଥାନକୁ ବିଜେ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ଛତି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ରୁକ୍ମିଣୀଙ୍କୁ ବିବାହ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ଭୋଗ ଶେଷ ହେବା ପରେ ଆପାତତଃ ଅପରାହ୍ଣ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ସୂଚନା ମିଳିଛି।

**ଅପରାହ୍ଣ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ**

## ଆଧ୍ୟାତ୍ମିକ ଚେତନାର ଅନ୍ୟନାମ 'ଭାଗବତ'

ପୁରୀ,୨୪।୬(ସମିସ): ସାମ୍ପ୍ରତିକ ଅପସଂସ୍କୃତି ଓ ବିଶୃଙ୍ଖଳା ଆଡ଼କୁ ଧାବମାନ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଘରେ ଘରେ ଭାଗବତ ଏକ ଆବଶ୍ୟକତା ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ଡ. ବଦ୍ରି ମିଶ୍ର। ଦଉଡୋଟାର ଶ୍ରୀନିବାସ ପରିସରରେ କାର୍ଯ୍ୟକ୍ରମର ବ୍ୟାସ ଭାବେ ଯୋଗଦେଇ ସେ କହିଥିଲେ ଯେ, ଆଧ୍ୟାତ୍ମିକ ଚେତନାର ଅନ୍ୟ ନାମ ଭାଗବତ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ବିଶିଷ୍ଟ ପ୍ରବଚିକା ନିର୍ମଳା ଫତେସିଂହ ରୁକ୍ମିଣୀ ହରଣ ଉପରେ ବ୍ୟାଖ୍ୟା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର, ଦେବଯାନୀ ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ରାଜେନ୍ଦ୍ର ମିଶ୍ର, ରାଜଶ୍ରୀ ମିଶ୍ର, ଦ୍ରୌପଦୀ ବଳିୟାରସିଂହ, ବିଭୁଦତ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପରିଚାଳିକା ସୁନନ୍ଦା ପଟ୍ଟନାୟକ, ସୁଲୋଚନା ମିଶ୍ର, ଜ୍ୟୋତି ପ୍ରକାଶ ମହାପାତ୍ର, ଉଷାରାଣୀ ମହାନ୍ତି ଓ ପ୍ରଦ୍ୟୁମ୍ନ ପଟ୍ଟନାୟକ।

### କଂଗ୍ରେସ ନେତାଙ୍କ ମୁହଁରେ ରାହୁଲ ଗାନ୍ଧୀଙ୍କ କଥା

# 'ଭାରତର ଶିକ୍ଷା ବ୍ୟବସ୍ଥା ଏକ ଶୋଷଣ କରୁଥିବା ମେସିନ୍'

ପୁରୀ,୨୪।୬(ସମିସ)



ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରି ଗତ ୧୭ ତାରିଖରେ ରାଜସ୍ଥାନର କୋଟାଠାରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଛାତ୍ରୋଁ କି ଗୁଞ୍ଜ ମହାରାଲି'ରେ ଯେଉଁ ସମ୍ବୋଧନ କରିଥିଲେ ତା'ର ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହା ଉପରେ ଦଳୀୟ ନେତୃତ୍ୱ ଚର୍ଚ୍ଚା କରିଥିଲେ। କଂଗ୍ରେସ ଜିଲ୍ଲା ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳର ବରିଷ୍ଠ ନେତାମାନେ ରାହୁଲଙ୍କ ବକ୍ତବ୍ୟକୁ ଉଦ୍ଧୃତ କରି କହିଥିଲେ ଯେ, ବହୁ ବାପା-ମା' ଜମି-ସୁନା ବିକି, ବନ୍ଧକ ପକାଇ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ହେଲେ ଆମ ଶିକ୍ଷା ବ୍ୟବସ୍ଥା ସେମାନଙ୍କ ସ୍ୱପ୍ନ ଭାଙ୍ଗି ଦେଉଛି ଏବଂ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ କରୁଛି। କୋଟାରେ ରାହୁଲ ଗାନ୍ଧୀ ମୁଖ୍ୟତଃ ଯେଉଁ ବିଷୟ ଉଠାଇଥିଲେ ତାହା ଥିଲା, ଭାରତର ଶିକ୍ଷା ବ୍ୟବସ୍ଥା ଏକ ଶୋଷଣ କରୁଥିବା ମେସିନ୍। ଏହା ଲଜ୍ଜାଜନକ ଏବଂ ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରସ୍ତୁତ କରାଯାଇନାହିଁ। ଏହା ରୋଜଗାରଭିତ୍ତିକ ନୁହେଁ। ଭାରତରେ ମାତ୍ର ୧.୨ ପ୍ରତିଶତ ଲୋକ ହିଁ ଦରମାପ୍ରାପ୍ତ ଚାକିରି ପାଇପାରୁଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ମଧ୍ୟ ଚାକିରିର ଗ୍ୟାରେଣ୍ଟି ନାହିଁ। ୨୨ ଲକ୍ଷ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେଉଥିବାବେଳେ ସେମାନଙ୍କ ପରିବାର ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବଜେଟ୍ ସହ ସମାନ। ନିଟ୍, ଜେଇଇ, ଏସ୍‌ଏସ୍‌ସି, ୟୁପିଏସ୍‌ସି ଭଳି ପରୀକ୍ଷା ପାଇଁ ଛାତ୍ରମାନେ ମୋଟ୍ ୩.୫ ଲକ୍ଷ କୋଟି ଟଙ୍କା ଫି' ଆକାରରେ ଦେଉଛନ୍ତି, ଯାହା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ୫ଟି ମନ୍ତ୍ରଣାଳୟର ମୋଟ ବଜେଟ୍ ସହ ସମାନ। ସ୍କୁଲରୁ କଲେଜ ପର୍ଯ୍ୟନ୍ତ ସରକାରୀ ବ୍ୟବସ୍ଥା ଧ୍ୱଂସ ହୋଇ ବେସରକାରୀ ଶିକ୍ଷା ଓ କୋଚିଂ ମାଫିଆ ରାଜ୍ କରୁଛି।

ସବୁଠୁ ଦୁଃଖଦ କଥା ହେଲା ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା। ପ୍ରଶ୍ନପତ୍ର ଲିକ୍ ପରେ ଆତ୍ମହତ୍ୟା କରିଥିଲେ ନିଟ୍ ଆଶାୟୀ ଛାତ୍ରୀ ଆକାଂକ୍ଷା। ଏହା ଆକାଂକ୍ଷାଙ୍କ ବିଫଳତା ନ ଥିଲା, ବରଂ ବ୍ୟବସ୍ଥା ତାଙ୍କୁ ବିଫଳ କରିଥିଲା। ଭାରତୀୟ ଶିକ୍ଷା ବ୍ୟବସ୍ଥା ଏକ "ପ୍ରତ୍ୟାଖ୍ୟାନ ବ୍ୟବସ୍ଥା', ଚୟନ ବ୍ୟବସ୍ଥା ନୁହେଁ। ଏଠାରେ ୧୦୦ ଜଣ ଇଞ୍ଜିନିୟରଙ୍କ ମଧ୍ୟରୁ ୮୦ ଜଣ ବେକାର। ଆମକୁ ଏହି ବ୍ୟବସ୍ଥାକୁ ବଦଳାଇ ଏମିତି ଏକ ବ୍ୟବସ୍ଥା ଆଣିବାକୁ ହେବ ଯାହା ଛାତ୍ରଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଓ କମ୍ ଖର୍ଚ୍ଚରେ ତାହା ସାକାର କରିବାର ସୁଯୋଗ ଦେବ। ଶେଷରେ ରାହୁଲ ଛାତ୍ରଛାତ୍ରୀଙ୍କୁ କହିଥିଲେ, "ଆପଣ ସଫଳ ହେଲେ ଭାରତ ସଫଳ ହେବ' ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ତାଙ୍କ ଭାଷଣକୁ ଚର୍ଚ୍ଚା କରି କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ମୁଖପାତ୍ର ମନୋରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ସଭାପତି ଉତ୍ତମ କୁମାର ଆଚାର୍ଯ୍ୟ, ମହିଳା କଂଗ୍ରେସ ସଭାନେତ୍ରୀ ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁଜିତ୍ ମହାପାତ୍ର, ଆଇନ ସେଲ ଅଧ୍ୟକ୍ଷ କାଳୀପ୍ରସାଦ ନାୟକ, ପୁରୀ ନଗର କଂଗ୍ରେସ (କ) ସଭାପତି ବିଶ୍ୱରଞ୍ଜନ ମହାପାତ୍ର, ସେବାଦଳ ମୁଖ୍ୟ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ ପ୍ରଧାନ, ବିଶ୍ୱନାଥ ଦାଶ, ସ୍ୱାଧୀନ ପଣ୍ଡା, ସସ୍ମିତା ସ୍ୱାଇଁ, ରଜତ ସାହୁ, ଅମରେନ୍ଦ୍ର ପାଇକରାୟ, ଆର୍ତ୍ତତ୍ରାଣ ସାହୁ, ଅମୀୟ ମହାପାତ୍ର, ସୀତାକାନ୍ତ ମହାନ୍ତି, ଅର୍ଜୁନ ସାହୁ, ରାଧାଶ୍ୟାମ ସାହୁ, ଜିବେଶ ଚନ୍ଦ୍ର ରଥ, ରଞ୍ଜନ ସାହୁ, ରସାନନ୍ଦ ବିଶୋଇ, ଅଶ୍ୱିନୀ ବଳବନ୍ତରାୟ, ଆଶୁତୋଷ ମିଶ୍ର ଓ ଆଦର୍ଶ ମିଶ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

# ବାସି ଖାଦ୍ୟ କହିବାରୁ ଗ୍ରାହକଙ୍କୁ ମାଡ଼



କୁଜଙ୍ଗ,୨୪।୬(ସମିସ): କଟକ ପାରାଦୀପ ରାସ୍ତା ପନ୍ଦର ନମ୍ବର ନିକଟ ଏକ ହୋଟେଲରେ ବାସିଖାଦ୍ୟ ଅଭିଯୋଗ କରିବାରୁ ଜଣେ ଗ୍ରାହକଙ୍କୁ ନିସ୍ଥୁକ ମାଡ଼ ମାରିବା ଅଭିଯୋଗ ହୋଇଛି। କୁଜଙ୍ଗ ଥାନା ଜିଲ୍ଲାନାସୀ ଅଞ୍ଚଳର ଜଣେ ଯୁବକ ଏହି ହୋଟେଲରେ ଖାଇବା ବେଳେ ଖାଦ୍ୟ ଆମ୍ବିଳା ଲାଗିଲା। କାହିଁକି ଆମ୍ବିଳା ଖାଦ୍ୟ ଦେଉଛ କହିବାରୁ କିଛି କର୍ମଚାରୀ ତାଙ୍କୁ ମାଡ଼ ମାରିବା ସହ ରାସ୍ତାକୁ ଧକ୍କା ମାରି ଠେଲି ଦେଇଥିବା ଅଭିଯୋଗ କରିଛନ୍ତି ସଂପୃକ୍ତ ଯୁବକ। ଜିଲ୍ଲାନାସୀର ଯୁବକ ସଞ୍ଜୀବ କୁମାର ମାଝୀ ଏହି ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏହି ଘଟଣା ନେଇ ସଞ୍ଜୟ ମାଝୀଙ୍କ ପତ୍ନୀ ସସ୍ମିତା ବେହେରା କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# କୁଜଙ୍ଗ ଓ ରାହାମାରେ ବର୍ଜ୍ୟବାସ୍ତୁ ପରିଚାଳନା ବିପର୍ଯ୍ୟସ୍ତ

କୁଜଙ୍ଗ,୨୪।୬(ସମିସ)

ଅନ୍ତର୍ଜାତୀୟ ପାରାଦୀପ ବନ୍ଦରର ମୁଖଶାଳା କୁଜଙ୍ଗ ଓ ଜିଲ୍ଲା ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ରାହାମାରେ ବର୍ଜ୍ୟବସ୍ତୁ ପରିଚାଳନା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସବୁଠି କୁଡ଼ କୁଡ଼ ଆବର୍ଜନା। ପ୍ଲାଷ୍ଟିକ ସହ ମାଟିରେ ମିଶୁ ନଥିବା ଆବର୍ଜନା ପରିବେଶ ଦୂଷିତ କରିବାରେ ଲାଗିଛି।

କୁଜଙ୍ଗ ହେଉଛି ଜିଲ୍ଲାର ସର୍ବ ପୁରାତନ ବଜାର। କୁଜଙ୍ଗର ଯେଉଁ ନାଁ ରହିଛି ତାକୁ କୁଜଙ୍ଗର ପରିମଳ ବ୍ୟବସ୍ଥା ନଷ୍ଟ କରିଦେଉଛି। କୁଜଙ୍ଗରେ ରାଜ୍ୟ ସରକାରଙ୍କ ବ୍ଲକ, ତହସିଲ, ଥାନା, କୋର୍ଟ, ଫରେଷ୍ଟ ଅଫିସ, ଡାକ ଆଦି ଅନେକ କାର୍ଯ୍ୟାଳୟ ରହିଛି। ସେହିପରି ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ, ପରିବା ବଜାର, ମାଛ, ମାଂସ, ଚଟପଟି ଖାଦ୍ୟ ଦୋକାନ, ରାଜ୍ୟ ରାଜପଥ ପାଶ୍ୱର୍ରେ ଥିବା ଅନେକ ହୋଟେଲ ଅଛି। ଏଥିରୁ ବାହାରୁଥିବା ବର୍ଜ୍ୟ କୁଜଙ୍ଗର ପରିମଳ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଥିବା ଅଭିଯୋଗ ହେଉଛି। ଅଳିଆର ବହୁତ ଅଂଶ ତାଳଦଣ୍ଡା କେନାଲକୁ ପକାଯାଉଥିବାରୁ କେନାଲ ପ୍ରଦୂଷିତ ହେଉଥିବା ଜଣାପଡ଼ିଛି। ସେହିପରି ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ



ମହିଳା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପରିତ୍ୟକ୍ତ ପୋଖରୀ ନର୍ଦ୍ଦମା କୁଣ୍ଡରେ ପରିଣତ ହୋଇଛି। ଯାହା ଫଳରେ ସେଠିକାର ପରିବେଶକୁ ପୁତିଗନ୍ଧ ମୟ କରିଦେଉଛି। କୁଜଙ୍ଗ ହାଇସ୍କୁଲ ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀ ଓ ତାଳଦଣ୍ଡା କେନାଲର ପୁରୁଣା ଭଣ୍ଡୁଆ ପୋଲ ନିକଟରେ ପଡ଼ିଥିବା ଅଳିଆ ଓ ଅନ୍ୟ ଆଡେ ପଡ଼ିଥିବା ଅଳିଆ ସବୁ କୁଜଙ୍ଗର ପରିବେଶକୁ ନଷ୍ଟ ପୂତିଗନ୍ଧ ମୟ କରୁଛି। ଏଣୁ ଆଗକୁ ବର୍ଷା ଋତୁ ଆସୁଥିବାରୁ ବିଭିନ୍ନ ସଂକ୍ରାମକ ରୋଗ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ସ୍ୱଚ୍ଛ ଭାରତ ମିଶନ କୁଜଙ୍ଗରେ ଦିଗହରା ହୋଇପଡିଛି। ସରକାରୀ ଓ ବେସରକାରୀ ସ୍ତରରେ କୁଜଙ୍ଗକୁ ଯେତେ ସ୍ୱଚ୍ଛ ଓ ନିର୍ମଳ କରିବାକୁ ଚେଷ୍ଟା କରାଯାଉଛି ତାହା କେବଳ ପ୍ରଚାର ଓ ପ୍ରସାର ମଧ୍ୟରେ ସିମିତ ରହୁଛି। ତେଣୁ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରୁନାହିଁ। ଏବେ ପ୍ରଶ୍ନ ଉଠୁଛି ଯେ ସ୍ୱଚ୍ଛ ଭାରତ ମିଶନ ନାମରେ ଯେଉଁ କୋଟି କୋଟି ଟଙ୍କା ଆସୁଛି ଓ ବ୍ୟୟ କରାଯାଇ ପ୍ରଚାର ଓ ପ୍ରସାର ହେଉଥିବା ବେଳେ କୁଜଙ୍ଗ ବଜାର ସ୍ୱଚ୍ଛ ହୋଇପାରୁନାହିଁ। ଏଣୁ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦୃଢ଼ ଦାବି କରାଯାଉଛି। ରାହାମାରେ ମଧ୍ୟ ପରିବା ବଜାର ପଶ୍ଚିମ ଦିଗ କେନାଲ ପାଖରେ ଆବର୍ଜନା ଗଦା ହୋଇଥିବା ବେଳେ ତେର ମାଣପୁରଗଡ଼ା ଠାରୁ ବଜାର ଅଞ୍ଚଳ ପର୍ଯ୍ୟନ୍ତ ଆବର୍ଜନା ପରିବେଶକୁ ଦୂଷିତ କରିବା ସହ ସଫା ସୁତୁରା ଥିବା ରାହାମା ବଜାର ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ଅଭିଯୋଗ ହୋଇଛି।

■ ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ

# ମିଳିଲା ଭିନ୍ନକ୍ଷମ ପ୍ରମାଣପତ୍ର



ଜଗତସିଂହପୁର,୨୪।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ପ୍ରାଧିକରଣର ଅଧିକାରୀ ମିତ୍ର ନବସ୍ମିତା ବେହୁରାଙ୍କ ପ୍ରଚେଷ୍ଟା ଓ ସହଯୋଗରେ ଜଣେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ମିଳିପାରିଛି। ସୂଚନା ଅନୁସାରେ ବାଲିକୁଦା ଥାନା ଅନ୍ତର୍ଗତ ବୁଦ୍ଧିସାହି ଗ୍ରାମର କେଶବ ପରିଡ଼ା ଓରଫ ଈଶ୍ୱର ପରିଡ଼ା ଅନେକ ଚେଷ୍ଟା ଓ ଉଦ୍ୟମ କରି ମଧ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବାରେ ସଫଳ ହୋଇନଥିଲେ। କେଶବ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି; ଯିଏ କି ବହୁତ କମ ଦେଖିପାରନ୍ତି। ସେ ବହୁତ ଚେଷ୍ଟା କରିବା ସତ୍ତ୍ୱେ ଭିନ୍ନକ୍ଷମ ପ୍ରମାଣପତ୍ର କରିପାରୁନଥିଲେ କି ଭିନ୍ନକ୍ଷମ ଭତ୍ତା ପାଇପାରୁ ନଥିଲେ। ପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରୀ ମିତ୍ର ନବସ୍ମିତା ବେହୁରାଙ୍କ ନିକଟରେ ପହଞ୍ଚିଥିଲେ କେଶବ। ନବସ୍ମିତାଙ୍କ ହସ୍ତକ୍ଷେପ ଓ ସକ୍ରିୟ ସହଯୋଗ ପାଇଁ କେଶବ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରାପ୍ତ କରିବା ସହିତ ପ୍ରଥମ ଭିନ୍ନକ୍ଷମ ଭତ୍ତା ମଧ ପାଇଛନ୍ତି।

# ନିଧିଅଜା ଭୂମିକାରେ କୁଜଙ୍ଗର ପରିଭାଇ



କୁଜଙ୍ଗ,୨୪।୬(ସମିସ): ଆଜି ମଶା ମାଛି ତଥା ଜଳବାହିତ ରୋଗ ରାଜ୍ୟ ତଥା ରାଜ୍ୟ ବାହାରେ ମୁଣ୍ଡ ବ୍ୟାଥାର କାରଣ ପାଲଟିଥିବା ବେଳେ ନିଜ ସରକାରୀ କାର୍ଯ୍ୟ ସହ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ କର୍ମକ୍ଷେତ୍ର ତଥା କର୍ମକୁ ଈଶ୍ୱର ମଣି ସେବାକୁ ପ୍ରାଥମିକତା ଦେଇ ଅନ୍ୟ ମାନଙ୍କ ପାଇଁ ଉଦାହାଣ ପାଲଟନ୍ତି। ସେ ହେଉଛନ୍ତି କୁଜଙ୍ଗ ନିବାସୀ ପରିକ୍ଷୀତ ସାହୁ। ଆର୍‌ଡବ୍ଲୁଏସ୍‌ଏସ୍‌ର ଚତୁର୍ଥ ଶ୍ରେଣୀ କର୍ମଚାରୀ।

ନିଜ ପୈତୃକ ଘର ଏରସମା ବ୍ଲକ ଗନାଗୁଳି ଗ୍ରାମରେ। ପିତା ଭିକାରୀ ନାୟକଙ୍କ ଏହି ସୁପୁତ୍ର କୁଜଙ୍ଗ ପାନୀୟ ଜଳ ଯୋଗାଣ ସହ ନିଜ ପରିବେଶକୁ ସଫାସୁତୁରା ରଖିବା ଓ ଅନ୍ୟ ମାନଙ୍କୁ ଏହି ନେଇ ସଚେତନ କରାଇବା ସବୁବେଳେ ବ୍ୟସ୍ତ। ଆଜି ବର୍ଷା ପାଗ ସତ୍ତ୍ୱେ ନିଜ ପମ୍ପ ହାଉସ୍ ପରିସର, ପାଖ ଡ୍ରେନ୍ ସଫା କରିବା ସହ ଏଥିରେ ବ୍ଲିଚିଂ ପକାଇ ନିଜ ବୃତ୍ତିର ଅହମିକାରୁ ବାହାରକୁ ବାହାରି ସଫେଇ କର୍ମଚାରୀ ସାଜି ପରିଶ୍ରମକୁ କରିବାକୁ କୁଜଙ୍ଗ ବାସୀ ପ୍ରଶଂସା କରିଛନ୍ତି। ଏକଦା ରାଜ୍ୟ ସରକାର ନିଧିବୁଢା ରଥ ପ୍ରତୀକ ଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଅଧିକ ସଚେତନ ପାଇଁ ବୁଲାଉ ଥିବା ବେଳେ ନିଜ ଘର କୁଜଙ୍ଗ ନହୋଇ କୁଜଙ୍ଗ ପ୍ରତି ଥିବା ତାଙ୍କ ଭଲପାଇବାକୁ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଏଏନ୍‌ଡି ଯାଦବ, ଶିକ୍ଷାବିତ୍ ରଜନୀକାନ୍ତ ଦାସ, ବରିଷ୍ଠ ବ୍ୟବସାୟୀ ସୁରେଶ ଦାସ ପ୍ରମୁଖ ପ୍ରସଂଶା କରିଛନ୍ତି।

# ସମୁଦ୍ର ତଟକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ପ୍ରୟାସ



ପାରାଦୀପ,୨୪।୬(ସମିସ): ବନ୍ଦର ସହରରେ ବାପି ଗୋଚ୍ଛାୟତ ଏବେ ପାରାଦୀପରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏପରିକି ବିଭିନ୍ନ ସ୍କୁଲ କଲେଜକୁ ଯାଇ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକର ବ୍ୟବହାର ସମ୍ପର୍କରେ ସଚେତନତା କରାଉଛନ୍ତି। ମାଟି, ପାଣି, ପବନ ଆମ ଜୀବନର ମୂଳ ଆଧାର ଏଗୁଡ଼ିକର ସନ୍ତୁଳନ ଉପରେ ପୃଥିବୀରେ ମଣିଷ ସମେତ ସମସ୍ତ ଜୀବଜନ୍ତୁ ଓ ଉଦ୍ଭିଦଙ୍କ ଜୀବନ ନିର୍ଭର କରିଥାଏ। କିନ୍ତୁ ଏସବୁ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଗତ ୫ ବର୍ଷ ହେବ ପ୍ରତିଦିନ ପାରାଦୀପ ବେଳାଭୂମି ସ୍ୱଚ୍ଛତା, ସମୁଦ୍ରକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସଚେତନତା ଓ ବିଭିନ୍ନ ସ୍କୁଲ୍‌କୁ ଯାଇ ସ୍ମାର୍ଟବୋର୍ଡ ମାଧ୍ୟମରେ ପ୍ଲାଷ୍ଟିକର ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟବହାର କରିବାକୁ ସଚେତନତା କରି ଆସୁଛନ୍ତି ପରିବେଶ କର୍ମୀ ବାପି ଗୋଚ୍ଛାୟତ। ୪୦୦ ରୁ ଅଧିକ ଥର ବେଳାଭୂମି ସଫେଇ କରି ପ୍ରାୟ ୬ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ସଂଗ୍ରହ କରି ପୁନଃଚକ୍ରଣ ପାଇଁ ପାରାଦୀପ ପୌରପାଳିକାକୁ ହସ୍ତାନ୍ତର କରିଛନ୍ତି। ଏହାରି ଭିତରେ ସେ "ଆମ ବେଳାଭୂମି ପାଇଁ କିଛି ସମୟ' ଅଭିଯାନ ଚଳାଇ ଆସୁଛନ୍ତି। ଏହି ଅଭିଯାନରେ ସ୍କୁଲ୍ ଏବଂ କଲେଜର ୨୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଡ଼ି ହୋଇ ପରିବେଶ ପାଇଁ କାମ କରୁଛନ୍ତି। ପରିବେଶ ସୁରକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ କେମିତି ଅଧିକରୁ ଅଧିକ ଜାଗ୍ରତ ହେବେ, ପରିବେଶକୁ ଭଲ ପାଇବେ ଓ ତାଙ୍କ ଆଗାମୀ ଭବିଷ୍ୟତରେ ସେ ଏକ ସ୍ୱଚ୍ଛ ଓ ସୁନ୍ଦର ପୃଥିବୀଟିଏ ପାଇପାରିବେ ସେଥିପ୍ରତି ନିରନ୍ତର ଭାବେ ଅଭିଯାନ ଚଳାଇ ଆସୁଛନ୍ତି। ଏନେଇ ବାପି ପାରାଦୀପ ବେଳାଭୂମିରେ ଏକ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଯେଉଁଥିରେ ୨୫ରୁ ଅଧିକ ସ୍କୁଲ ଛାତ୍ର ଯୋଡ଼ି ହୋଇ ୫୦ କିଲୋଗ୍ରାମର ପ୍ଲାଷ୍ଟିକ୍ ସଂଗ୍ରହ କରି ପରିବେଶକୁ ପରିଷ୍କାର କରିଥିଲେ। ପରେ ଟ୍ୟୁସନ୍ ସାର୍ ବାବାଜୀ ଚରଣ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାପି ଗୋଚ୍ଛାୟତଙ୍କ ସହିତ ଦେବପ୍ରସାଦ ସାମନ୍ତରାୟ, ହରିଚନ୍ଦନ ଦାସ, ରୁଦ୍ର ନାରାୟଣ ଗୋଚ୍ଛାୟତ, ପ୍ରଶାନ୍ତ ଦାସ ଓ ଅନ୍ୟ ଯୁବକ ମାନେ ଉପସ୍ଥିତ ଥିଲେ।

■ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ

# ଯକ୍ଷ୍ମା ରୋଗୀଙ୍କୁ ବାସ୍କେଟ୍ ବଣ୍ଟନ




ଜଗତସିଂହପୁର,୨୪।୬(ସମିସ): ଆଜି ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧାମୟୀ ମହାନ୍ତି ଉପସ୍ଥିତ ରହି ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଭଳି ପଦକ୍ଷେପ ଅଧୀନରେ ପୁଷ୍ଟିକର ସହାୟତା ଉନ୍ନତ ଚିକିତ୍ସା ସଫଳତା ହାରରେ ଯୋଗଦାନ କରେ ଏବଂ ଯକ୍ଷ୍ମା ମୁକ୍ତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରେ ବୋଲି କହିଥିଲେ। ଏହି ପୁଷ୍ଟିକର ଖାଦ୍ୟ ବାସ୍କେଟ ନିକ୍ଷୟ ମିତ୍ର "ପାରାଦୀପ ଫସପେଟ୍ ଲିମିଟେଡ୍' ଦ୍ୱାରା ଯୋଗେଇ ଦିଆଯାଉଛି ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା।

# ବ୍ଲକ୍‌ସ୍ତରୀୟ ଜାତି, ଜନଜାତି ସମ୍ବାଦ ବୈଠକ

ନାଉଗାଁ,୨୪।୬(ସମିସ): ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ଆୟୋଜିତ ବ୍ଲକସ୍ତରୀୟ ଜାତି, ଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିପିଓ ସୌରଜିତ ମହାପାତ୍ର, ସ୍ଥାନୀୟ ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି, ସୁକାନ୍ତ କୁମାର ଲେଙ୍କା, ଅକ୍ଷୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ତଥା ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା, ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଗୋପବନ୍ଧୁ ଶିକ୍ଷା ସହାୟକ ଯୋଜନା, ଜାତି, ଜନଜାତି ଅତ୍ୟାଚାର ନିବାରଣ ଆଇନ ଭଳି ଯୋଜନା ଗୁଡିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକର ଦଶମ ପରୀକ୍ଷାରେ ଏ-୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ, ମାଧ୍ୟମିକ ଉଚ୍ଚଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଜାତି, ଜନଜାତିର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କରାଯାଇଥିଲା।




# ଏବିଭିପିର ହେଲ୍ପଡେସ୍କ ଉଦ୍‌ଘାଟିତ




ଜଗତସିଂହପୁର,୨୪।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କୁଜଙ୍ଗ ନଗର ତରଫରୁ କୁଜଙ୍ଗ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ ନିମନ୍ତେ ହେଲ୍ପଡିସ୍କ ଖୋଲାଯାଇଛି। ଏହାକୁ ବିଦ୍ୟାର୍ଥୀ ପରିଷଦର ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଏସ୍‌ଏଫ୍‌ଡି ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି ଏବଂ ସମାଜସେବୀ ଚନ୍ଦ୍ରକାନ୍ତି ପଲାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଆୟୁଷ୍ ଆରବି ଏବଂ ତାପସ ଅବିନାଶ। ଏହି ଅବସରରେ ଛାତ୍ର ନେତା ସତ୍ୟପ୍ରକାଶ ମହାନ୍ତି କହିଥିଲେ ଯେ, ବିଦ୍ୟାର୍ଥୀ ପରିଷଦ ସଦାସର୍ବଦା ଛାତ୍ରଛାତ୍ରୀଙ୍କ ସହ ରହିଆସିଛି ଏବଂ ଆଗାମୀ ଦିନରେ ମଧ ଶିକ୍ଷା, ସାମାଜିକ ଓ ଛାତ୍ର କଲ୍ୟାଣମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସହଯୋଗ କରିଚାଲିବ। ଏବିଭିପି ସର୍ବଦା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ କାର୍ଯ୍ୟ କରିଆସୁଛି ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ କରାଯାଇଥିଲା।

## ଜନାପାଳ ସତ୍ୟପୀର ପୀଠରେ ନିଆରା ମହରମ୍

# ହିନ୍ଦୁ ଯୁବକ ସାଜନ୍ତି ଫକୀର

କୁଜଙ୍ଗ,୨୪।୬(ସମିସ)

ଶୁକ୍ରବାର ସାରା ବିଶ୍ୱରେ ମୁସଲମାନ ସମ୍ପ୍ରଦାୟ ମହରମ ପାଳୁଥିବା ବେଳେ ଏହାର ତିନି ଦିନ ପୂର୍ବରୁ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ପାଳିତ ହେଉଛି ଡୋଲି ଓଷା। ସାରା ବିଶ୍ୱରେ ମୁସଲମାନ ଧର୍ମାବଲମ୍ବୀ ମାନେ ତ୍ୟାଗ ଓ ପବିତ୍ରତାର ପର୍ବ ମହରମ ପାଳନ୍ତି। ମାତ୍ର ଏହି ପର୍ବ ଅବ୍ୟବହିତ ପୂର୍ବରୁ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ଏହି ପର୍ବ ଅବସରରେ ଏକ ନିଆରା ପରମ୍ପରା ଦେଖାଦିଏ। ଅବଶ୍ୟ ଚଳିତ ବର୍ଷ ଗତ ବର୍ଷ ପରି ତାଜିଆ ଶୋଭାଯାତ୍ରା, ଫଡି ଖେଳ ଉପରେ କଟକଣା ନଥିବା ଯୋଗୁ ଏହି ପର୍ବ ସେପରି ଫିକା ପଡିନି । ବର୍ଷା ସତ୍ତ୍ୱେ ଅଞ୍ଚଳବାସୀଙ୍କ ମଧ୍ୟରେ ଏହାର ମୂଳ ଆବେଗ ଓ ଶ୍ରଦ୍ଧା ଏବେବି ଅତୁଟ ରହିଥିବା ଦେଖିବାକୁ ମିଳେ। ଏହା ମୁସଲମାନଙ୍କ ପର୍ବ ହୋଇଥିବା ବେଳେ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ଥିବା ସତ୍ୟପୀର ପୀଠରେ ଏହି ପର୍ବ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହ ପୁରୁଷ ପୁରୁଷ ଧରି ପାଳନ କରିଆସୁଛନ୍ତି। ଏହି ଗ୍ରାମରେ ମାତ୍ର ୮ଟି ପରିବାର ସଂଖ୍ୟା ଲଘୁ ରହିଥିବା ବେଳେ ଶାନ୍ତି ଓ ଭାଇଚାର ରହି ଆସିଥିବା ଉଭୟ ସମ୍ପ୍ରଦାୟ ବହୁ



ପର୍ବ ପୃଥକ ପୃଥକ ପର୍ବ ପାଳନ କରୁଥିବା ସ୍ଥଳେ ମହରମକୁ ଏଠାରେ ହିନ୍ଦୁ ମାନେ ଡୋଲି ଓଷା ରୂପେ ପାଳନ କରିଆସିଥାନ୍ତି। ଏହି ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ପୁତ୍ର ସନ୍ତାନକୁ ଏହି ପର୍ବରେ ଲଣ୍ଡିତ ମସ୍ତକ କରି ଫକୀର ବେଶରେ ତାଜିଆ ଧରି ଗ୍ରାମ ପରିକ୍ରମା କରନ୍ତି। ତାଜିଆକୁ ହିନ୍ଦୁ ଫକୀର ମାନେ ଲଣ୍ଡିତ ମସ୍ତକରେ ପାଳନ କରୁଥିବା ବେଳେ ପୂଜା କରନ୍ତି ମୁସଲମାନ ମାନେ। ପ୍ରାୟ ୧୩୧୭ ରୁ ଏହି ପରମ୍ପରା ପାଳିତ ହୋଇ ଆସୁଥିବା ବେଳେ ଏବେ କିନ୍ତୁ ଆଗପରି ଆଉ ଉତ୍ସାହ ଦେଖିବାକୁ ମିଳୁନଥିବା କହନ୍ତି ଗ୍ରାମର ମୁରବୀ ସନ୍ତୋଷ ଦାସ ପ୍ରମୁଖ। ଏହି ଗ୍ରାମରେ ଉଭୟ ସମ୍ପ୍ରଦାୟ ଶାନ୍ତି ଓ ଭାଇଚାରାର ବର୍ତ୍ତା ନେଇ ଦୀର୍ଘ ବର୍ଷ ହେଲା ରହି ଆସିଥିବା ବେଳେ ଜନପାଳ ସତ୍ୟପୀର ପୀଠରେ ଉଭୟ ସମ୍ପ୍ରଦାୟର ବିଶ୍ୱାସ ଓ ଶ୍ରଦ୍ଧାସ୍ଥଳୀ। ଏହି ପୀଠରେ ବହୁ ସର୍ପାଘାତ ରୋଗୀ ପୂର୍ବକାଳରେ ସତ୍ୟ ପୀରଙ୍କ ଅପାର ମହିମାରୁ ଆରୋଗ୍ୟ ଲାଭ କରନ୍ତି ବୋଲି ବିଶ୍ୱାସ ରହିଥିବା ବେଳେ ମହରମ ତିଥିର ୧୦ ଦିନ ପୂର୍ବରୁ ଏଠାରେ ଉତ୍ସବର ଆରମ୍ଭ ହୋଇଥାଏ। ତାଜିଆ ଶୋଭାଯାତ୍ରାରେ ପ୍ରତି ହିନ୍ଦୁ ପରିବାରକୁ ଏହି ଲଣ୍ଡିତ ମସ୍ତକରେ ଥିବା ଫକୀର ମାନେ ଯାଇ ଭିକ୍ଷା କରିବା ସହ ମହରମ ଦିନ ସନ୍ଧ୍ୟାରେ ତାଜିଆ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ବାଲିଆ ନଦୀରେ ବିସର୍ଜନ କରିଥାନ୍ତି। ଚଳିତ ବର୍ଷ ଏହି ପର୍ବରେ ଚଳିତ ବର୍ଷ ପୂଜା କାର୍ଯ୍ୟ ସେକ୍ ଜାହିରୁଦ୍ଦିନ(ବାବୁ) ପରିଚାଳନା କରୁଥିବା ବେଳେ ୨୬ ଜଣ ହିନ୍ଦୁ ଯୁବକ ଲଣ୍ଡିତ ମସ୍ତକରେ ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମ ପାଳି କରି ସେକ୍ ନାସିରୁଦ୍ଦିନ, ସେକ୍ ଜାହିରୁଦ୍ଦିନ୍ ସେକ୍ ରାଜୁ ପ୍ରମୁଖ ପରିଚାଳନା କରିଆସୁଥିବା ବେଳେ ଆଖପାଖ ପ୍ରାୟ ୧୦ଟି ଗ୍ରାମରେ ଏହି ଶୋଭାଯାତ୍ରା ପରିକ୍ରମା ପ୍ରତିବର୍ଷ କରୁଥିବା ବେଳେ ଚଳିତ ବର୍ଷ କେବଳ ପୀଠରେ ପାଳନ କରାଯିବ। ଏହି ପର୍ବରେ ତାଜିଆ ବିସର୍ଜନର ୫ ଦିନ ପୂର୍ବରୁ ଯେଉଁଦିନ ଏହି ପର୍ବ ଆରମ୍ଭ କରାଯାଏ ବହୁ ହିନ୍ଦୁ ମହିଳା ଓ ପରୁଷ ଉପବାସ କରୁଥିବା ଦେଖାଯାଏ ଯାହା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି କାର୍ଯ୍ୟକ୍ରମ ପରେ ଲଣ୍ଡିତ ଫକୀର ମାନେ ସତ୍ୟନାରାୟଣ ପାଲା ସହ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ଭୋଜି ଭାତ ମଧ କରିଥାନ୍ତି। ଜନାପାଳ ସତ୍ୟପୀର ପୀଠର ନିଆରା ପରମ୍ପରା ସମାଜକୁ ଏକ ନୂଆ ବର୍ତ୍ତା ଦେବ ବୋଲି କୁହନ୍ତି ଜନାପାଳର ଯୁବ ଗ୍ରାମର ମୁରବି ସନ୍ତୋଷ ଦାସ।

# ଶିକ୍ଷା ବଞ୍ଚାଅ ଶୀର୍ଷକରେ କଂଗ୍ରେସର ସମ୍ମିଳନୀ



ଜଗତସିଂହପୁର,୨୪।୬(ସମିସ): ଶିକ୍ଷାକ୍ଷେତ୍ର ହେଉଛି ଦେଶର ତଥା ଜାତିର ସାମାଜିକ, ଆର୍ଥିକ ଓ ରାଜନୈତିକ ବିକାଶର ମେରୁଦଣ୍ଡ। କିନ୍ତୁ ସମ୍ପ୍ରତି କେନ୍ଦ୍ର ଆଉ ରାଜ୍ୟରେ ଶାସନ କରୁଥିବା ବିଜେପି ସରକାର ଶିକ୍ଷା କ୍ଷେତ୍ରକୁ ଘୋର ଅନ୍ଧକାର ଭିତରକୁ ଠେଲି ଦେବା ସହ ଅଗଣିତ ଛାତ୍ରଛାତ୍ରୀ ଏବଂ ପରୀକ୍ଷାର୍ଥୀ ମାନଙ୍କ ଭବିଷ୍ୟତ ସହ ବିପଦପୂର୍ଣ୍ଣ ଖେଳ ବାରମ୍ବାର ଖେଳିଆସୁଛି ବୋଲି ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ ଅଭିଯୋଗ କରିଛନ୍ତି। ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ୨୦୨୪ ଓ ୨୦୨୬ ମସିହାରେ ନିଟ-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣା ଏବଂ ପାଠ୍ୟପୁସ୍ତକର ତ୍ରୁଟିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ମେମ୍ବର ତଥା ଓପିସିସି ପ୍ରବକ୍ତା ମଧୁମିତା ଆଚାର୍ଯ୍ୟ, ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜା, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ରୂପଶ୍ରୀ ରାଗିଣୀ ଦାଶ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ପୃଷ୍ଟି, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ସୌମ୍ୟ ରଞ୍ଜନ ରାଉତ, ନିହାର ଦାସ, ଚିନ୍ମୟ ବିଶ୍ୱାଳ, ଅମରେଶ ରାଉତ, ମୁକ୍ତାର ଅଲ୍ଲୀ, ଶୁଭାଶିଷ ସ୍ୱାଇଁ, ସରସ୍ୱତୀ ସାହୁ, ସୁଚିସ୍ମିତା ପଣ୍ଡା, ଅଭିଷେକ ବଳ, ବିନତୀ ପଡିହାରୀ, ଧରିତ୍ରୀ ସାମଲ, କୃପାସିନ୍ଧୁ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଲୋକଙ୍କ ଦୁଃଖ କୁରୁମୁଣ୍ଡା ନାଳ

ଶଗଡା,୨୪।୬(ସମିସ)

ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଏହାର ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ଯାତାୟାତରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲା ଶଗଡାଠାରୁ ମନମୁଣ୍ଡା ପୂର୍ଣ୍ଣ ରାସ୍ତାର କୁରୁମୁଣ୍ଡା ନାଳ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଅଞ୍ଚଳବାସୀ ଦାବୀ କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାର କୌଣସି ସମାଧାନ ହୋଇପାରିନାହିଁ। ଏହା ଫଳରେ ସାମାନ୍ୟ ବର୍ଷା ହେଲେ ମଧ୍ୟ ଉକ୍ତ ନାଳ ଉପରେ ପାଣି ଆସିବାରୁ ଲୋକଙ୍କ ଯିବା ଆସିବା ବନ୍ଦ ହୋଇଯାଏ। ଅଞ୍ଚଳବାସୀ ଭୟଭୀତ ହୋଇ ପଡନ୍ତି। ଏପରିକି ରୋଗୀଙ୍କୁ ମେଡିକାଲ ନେବାକୁ ହେଲେ ମଧ୍ୟ ୨୦ କିଲୋମିଟର ବୁଲି ଯିବାକୁ ପଡେ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହା ଫଳରେ ଚିକିତ୍ସା ଅଭାବରୁ ଗୁରୁତର ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବର୍ଷା ହେଲେ ନାଳରେ ବନ୍ୟାଜଳ ପ୍ରବାହିତ ହୋଇଥାଏ। ଏହି ନାଳରେ ଗତବର୍ଷ ପ୍ରବଳ ବର୍ଷା ସହ ବନ୍ୟା ପାଣିରେ ଏକ ଟ୍ରାକ୍ଟର ଭାସି ଯାଇଥିଲା। ଗତ ବର୍ଷ ମନମୁଣ୍ଡା ଶଗଡା ପୂର୍ଣ୍ଣ ରାସ୍ତା ନୂତନ ନିର୍ମାଣ ହୋଇଥିଲେ ମଧ୍ୟ ଏହି ପୋଲରେ ନୂତନ ଉଚ୍ଚ ପୋଲ ନିର୍ମାଣ ହୋଇ ପାରିଲା ନାହିଁ। ଅଞ୍ଚଳବାସୀ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗ ଏହାକୁ ଅଣଦେଖା କରି ଆସୁଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପୋଲକୁ ଭାଙ୍ଗି ଏକ ଉଚ୍ଚ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ବିଭାଗ ପୋଲ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ଚେତାବନୀ ଦେଇଛନ୍ତି।

**ବାରମ୍ବାର ଦାବି ସତ୍ତ୍ୱେ ହୋଇ ପାରିଲାନି ଉଚ୍ଚ ପୋଲ**

• ବିନିକା ବ୍ଲକ୍ ଅଧ୍ୟକ୍ଷଙ୍କ ଘରକୁ ଗୁଳିମାଡ ଘଟଣାରେ ୪ ଗିରଫ

## ବିଜେଡି ନେତା ଅଶୋକ ନନ୍ଦଙ୍କୁ ହତ୍ୟା ପାଇଁ ଯୋଜନା ହୋଇଥିଲା

ତରଭା,୨୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅଧ୍ୟକ୍ଷ ଡାମ୍ଭିରେଖା ନନ୍ଦ ତଥା ବିଜେଡି ନେତା ଅଶୋକ ନନ୍ଦଙ୍କ ଘର ଉପରକୁ ଗତ ଶୁକ୍ରବାର ରାତିରେ ଗୁଳି ମାଡ଼ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବଲାଙ୍ଗିର ଗାନ୍ଧୀନଗରପଡ଼ାର ମୁନା ବାରିକ (୩୦), ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ଫଂହାରପଡ଼ାର ଦୁର୍ଗାସା ବେହେରା (୪୫), ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଲୁହକିରେଡ଼ାର ଲୋକନାଥ ନାୟକ (୨୩) ଏବଂ ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ବ୍ରାହ୍ମଣୀପାଲିର ତନ୍ମୟ ବାଗ(୨୬)। ଏମାନଙ୍କଠାରୁ ୨ଟି ପିସ୍ତଲ, ୨୦ଟି ଗୁଳି, ୨ଟି ମୋବାଇଲ୍ ଫୋନ୍, ୨ଟି ଖଣ୍ଡା, ଗୋଟିଏ ଛୁରି ଜବତ ହୋଇଛି।

ତଦନ୍ତ ସମୟରେ ତନ୍ମୟ ଏହି ଗୁଳିକାଣ୍ଡରେ ସାମିଲ ଥିବା ଜଣାପଡିଥିଲା। ତେଣୁ ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ଅଶୋକ ନନ୍ଦଙ୍କ ସହ ତା'ର ଶତ୍ରୁତା ଥିବା ସେ ପୁଲିସ ଆଗରେ ସ୍ୱୀକାର କରିଥିଲା। ଘଟଣା ଦିନ ସେ ଦୁର୍ଗାଙ୍କ ପ୍ରାରୋଚନାରେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଅଶୋକ ନନ୍ଦଙ୍କୁ ଗୁଳି କରି ହତ୍ୟା କରିବାକୁ ଯୋଜନା କରିଥିଲେ। ସେଦିନ ରାତିରେ ଏମାନେ କାର୍‌ରେ ପହଞ୍ଚି ବିଜେଡି ନେତା ଶ୍ରୀ ନନ୍ଦଙ୍କୁ ଡାକିଥିଲେ। ସେ ଘରୁ ବାହାରିବା ବେଳେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଅଶୋକ କିନ୍ତୁ ବର୍ତ୍ତି ଯାଇଥିଲେ। ତାଙ୍କ ଘରର ଏଣେତେଣେ ଗୁଳି ବାଜିଥିଲା। ଏହାପରେ ସେମାନେ ପଳାଇଥିଲେ। ବିନିକା ଥାନା ଅଧିକାରୀ ଅନୀତା କିଡୋ ଏହି ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ



ବୌଦ୍ଧ,୨୪।୬(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ହରଭଙ୍ଗା ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜନସାଧାରଣଙ୍କ ସମସ୍ୟାର ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଡମକୋଚ ମାଇନର ଇରିଗେସନ୍ ପ୍ରକଳ୍ପ ଓ କେନାଲ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ସେ ଗୋରଡାମୁଣ୍ଡା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁ ଓ ମାତୃ ସେବା ସମ୍ପର୍କିତ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ବିଦ୍ୟୁତ୍ ଯୋଗାଣରେ ଅନିୟମିତତା ସମ୍ପର୍କରେ ଅଭିଯୋଗ ପାଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କଣ୍ଟିସର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଥିଲେ। ସେଠାରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଅବଗତ ହୋଇ ଆବଶ୍ୟକ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଦିବାସୀ ଓ ବୟସ୍କ ନାଗରିକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଖାଦ୍ୟପେୟ, ଭତ୍ତା, ଅଭାବ ଓ ଆବଶ୍ୟକତା ବୁଝିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଗୁହାଳ ଘର ପାଇଁ ସହଯୋଗ ଯୋଗାଇଦେବା ପାଇଁ କହିଥିଲେ। ଜିଲ୍ଲାପାଳ ତଳଗାଁ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁଷ୍ମାନ ଜନଆରୋଗ୍ୟ ମନ୍ଦିର ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବାର ମାନ, ଔଷଧ ଉପଲବ୍ଧତା ଓ ରୋଗୀଙ୍କୁ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କୃଷି ଓ ସହଯୋଗୀ କ୍ଷେତ୍ରର ବିକାଶକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ସାନଭୁର୍ତା ଗ୍ରାମର ଚାଷୀ ସୁରେଶ ଚନ୍ଦ୍ର ଜାନୀଙ୍କ ଛେଳି ଫାର୍ମ ପରିଦର୍ଶନ କରିଥିଲେ। ସରକାରୀ ସହାୟତା ଓ ସୁବିଧା ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରି ଆୟ ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ଅଯୋଧ୍ୟା ଗ୍ରାମରେ ବଲ୍ଲଭୀ ଦେହୁରୀଙ୍କ ବ୍ରଏଲର ଫାର୍ମ ପରିଦର୍ଶନ କରି ଉଦ୍ୟୋଗୀ ମହିଳାଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସେହିପରି ବାଇଶିପଡ଼ାର ସମନ୍ୱିତ ଆମ୍ବ ଓ କଦଳୀ ଉଦ୍ୟାନ କୃଷି ଫାର୍ମ ପରିଦର୍ଶନ କରି ଚାଷୀଙ୍କୁ ଆଧୁନିକ କୃଷି ପଦ୍ଧତି ଆପଣାଇବା ଏବଂ ସରକାରୀ ଯୋଜନାର ସୁଯୋଗ ନେବା ପାଇଁ ଉତ୍ସାହିତ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି, କୃଷି ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ, ଜଳସେଚନ ବିଭାଗର ଯନ୍ତ୍ରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବ୍ଲକ୍ ଯନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମନ୍ୱିତ କୃଷିକୁ ଗୁରୁତ୍ୱ ଦେଇ ଚାଷୀଙ୍କୁ ସବୁପ୍ରକାର ବିଭାଗୀୟ ସହାୟତା ଯୋଗାଇ ଦେବାପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ବେଲପାହାଡ଼ ନଗରପାଳଙ୍କ ବିରୋଧରେ ଅନାସ୍ଥା ଭୋଟ୍

ଇବଥର୍ମାଲ,୨୪।୬(ସମିସ): ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌର ପରିଷଦ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଶେଷ ହୋଇଛି। ବେଲପାହାଡ ପୌରପରିଷଦର ସମସ୍ତ ୧୯ ଜଣ କାଉନସିଲର ଭୋଟ ଦେଇଛନ୍ତି। ପିଏଆଇଟିଡିଏ ଝାରସୁଗୁଡାଙ୍କ ଅଧକ୍ଷତାରେ ଆଜି ସକାଳ ୧୧ଟାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ କରାଯାଇ ଭୋଟ ଗ୍ରହଣ କରାଯାଇଛି। ଭୋଟିଂ ଶେଷ ପରେ ବାଲାଟ ବକ୍ସ କଡା ସୁରକ୍ଷା ବଳୟ ମଧ୍ୟରେ ଜିଲ୍ଲା ଟ୍ରେଜେରୀକୁ ନିଆଯାଇଛି। ଏହି ଅନାସ୍ଥା ଭୋଟିଂର ଫଳାଫଳ ପ୍ରକାଶ ଉପରେ ଆସନ୍ତା ୩୦ ତରିଖ ପର୍ଯ୍ୟନ୍ତ ହାଇକୋର୍ଟ ରୋକ ଲଗାଇଛନ୍ତି। ତେଣୁ ୩୦ ତାରିଖ ପରେ ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅନୁଯାୟୀ ଫଳାଫଳ ପ୍ରକାଶ କରାଯିବ। ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ୧୪ ଜଣ କାଉନସିଲର ନଗରପାଳଙ୍କ ବିରୋଧରେ ଭୋଟ କରିଥିବା ନେଇ ବେଲପାହାଡ ପୌରପରିଷଦ ଉପାଧକ୍ଷା ରୀନା ସୁନା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ୧୪ ଜଣ କାଉନସିଲର ନଗରପାଳଙ୍କ ବିପକ୍ଷରେ ଭୋଟ ଦେଇଛନ୍ତି। ବେଲପାହାଡ଼ ମୁନିସିପାଲଟି ବିକାଶର ଦେଢ଼ବର୍ଷ ପଛକୁ ଚାଲିଯାଇଛି। ଏଣୁ ବେଲପାହାଡ଼ର ବିକାଶ ପାଇଁ ସେମାନେ ଏହି ପଦକ୍ଷେପ ନେଇଛନ୍ତି।

ସେହିପରି ୧୧ ନମ୍ବର ୱାର୍ଡର କାଉନସିଲର ଯୁଧିଷ୍ଠିର ମୁଖୀ ପ୍ରତିକ୍ରିୟାରେ କହିଛନ୍ତି ଯେ, ୧୯ ଜଣ କାଉନସିଲର ଭୋଟ ଦେଇଛନ୍ତି। ଅନାସ୍ଥା ପ୍ରସ୍ତାବ ଦେଇଥିବା ୧୪ ଜଣ କାଉନସିଲର ବିଜେପି, ବିଜେଡି, କଂଗ୍ରେସରୁ ଅଛନ୍ତି। ପୌରପରିଷଦରେ କୌଣସି ବୈଠକ ଠିକ୍ ଭାବରେ ହେଉ ନ ଥିଲା। ପୌରପରିଷଦ ବିଭିନ୍ନ କାର୍ଯ୍ୟରେ ଭୟଙ୍କର ଦୁର୍ନୀତି ହୋଇଛି। ଏଣୁ ୧୪ ଜଣ କାଉନସିଲର ଏଭଳି ପଦକ୍ଷେପ ଗ୍ରହଣ କରି ପୌରାଧକ୍ଷଙ୍କ ବିରୋଧରେ ଭୋଟ ଦେଇଥିବା ସେ କହିଛନ୍ତି। ତେବେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଅନ୍ୟପଟେ ନଗରପାଳଙ୍କ ସପକ୍ଷରେ ଥିବା କାଉନସିଲରମାନେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ସୂଚନାଯୋଗ୍ୟ, ନଗରପାଳଙ୍କ ବିରୋଧରେ ୧୯ ଜଣ କାଉନସିଲରଙ୍କ ମଧ୍ୟରୁ ୧୪ ଜଣ କାଉନସିଲର ଆସ୍ଥା ନ ଥିବା ଦର୍ଶାଇ ଜୁନ ୮ ତାରିଖ ଜିଲ୍ଲା ପ୍ରଶାସନ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଜିଲ୍ଲାପ୍ରଶାସନ ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଅନାସ୍ଥା ଭୋଟ ପାଇଁ ୨୪ ତାରିଖ ପୂର୍ବାହ୍ନ ୧୧ଟାରେ ସମୟ ଧାର୍ଯ୍ୟ କରିଥିଲା।

ତେବେ ଆଇନ ସମ୍ମତ ଭାବେ ଅନାସ୍ଥା ନୋଟିସ୍ କରାଯାଇ ନ ଥିବା ଅଭିଯୋଗ କରି ନଗରପାଳ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ନଗରପାଳ ନୋଟିସ୍ ଗ୍ରହଣ ନ କରିବାରୁ ଘର ସମ୍ମୁଖରେ ଟାଙ୍ଗି ବିକଳ୍ପ ପ୍ରକ୍ରିୟା କରାଯାଇଥିଲା ବୋଲି ସରକାରଙ୍କ ପକ୍ଷରୁ ଉତ୍ତର ରଖାଯାଇଛି। ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨୫ ଜୁନ୍ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୩୦ ତାରିଖ ହେବ। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅନାସ୍ଥା ଭୋଟର ଫଳାଫଳ ପ୍ରକାଶ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି। ଏଣୁ ଆଜି କୌଣସି ଫଳାଫଳ ପ୍ରକାଶ କରାଯାଇନାହିଁ।

# ବୌଦ୍ଧ ଜିଲ୍ଲାରେ ୯ ୭ ପ୍ରତିଶତ ସ୍ୱତନ୍ତ୍ର ସଘନ ସଂଶୋଧନ

ବୌଦ୍ଧ,୨୪।୬(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲା ନିର୍ବାଚନ ଶାଖାରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ମୋଟ ଏନୁମେରେସନ୍ ଫର୍ମ ବଣ୍ଟନ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପର୍ଯ୍ୟନ୍ତ ୯୯.୯୨ ପ୍ରତିଶତ ଏନୁମେରେସନ୍ ଫର୍ମ ବଣ୍ଟନ କରାଯାଇଛି। ସେହିପରି, ସଂଗୃହୀତ ଏନୁମେରେସନ୍ ଫର୍ମଗୁଡ଼ିକର ଡିଜିଟାଇଜେସନ୍ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପ୍ରାୟ ୯୭ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ବିଧାନସଭା ନିର୍ବାଚନ ମଣ୍ଡଳୀ- ୮୫-କନ୍ଧମାଳରେ ୯୭.୬୧ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ସେହିପରି ୮୬-ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ୯୬.୩୪ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ଜିଲ୍ଲା ପ୍ରଶାସନ, ନିର୍ବାଚନ ଶାଖା, ସମସ୍ତ ବିଡିଓଙ୍କ ସହିତ ବିଏଲଓ, ସୁପରଭାଇଜର ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଯୋଗୁଁ ଏହି କାର୍ଯ୍ୟ ଆଗେଇ ଚାଲିଛି। ଅବଶିଷ୍ଟ ଫର୍ମଗୁଡ଼ିକର ସଂଗ୍ରହ ଓ ଡିଜିଟାଇଜେସନ୍ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକ ଏବଂ ଇଆର୍‌ଓ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏବଂ ଉପ ଜିଲ୍ଲାପାଳ ବିନୟ ଭୋଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଅଗ୍ରଗତିର ନିୟମିତ ସମୀକ୍ଷା କରାଯାଉଛି। ଭୋଟର ତାଲିକାକୁ ଅଧିକ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ସମସ୍ତ କାର୍ଯ୍ୟ ଯଥା ସମୟରେ ସମ୍ପନ୍ନ କରାଯାଉଛି।

# ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ପାଇଁ ପ୍ରସ୍ତୁତି

ତରଭା,୨୪।୬(ସମିସ): ସୁବର୍ଣ୍ଣପୁର କଲେକ୍ଟରେଟର ମିନି ସମ୍ମିଳନୀ କକ୍ଷରେ ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୂପୁରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଟାଉନ ହଲଠାରେ ଏକ ପ୍ରଦର୍ଶନୀ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଦର୍ଶନୀରେ ମୋଟ ୨୨ଟି ଷ୍ଟଲ୍ ରହିବ ଏବଂ ସେଥିମଧ୍ୟରୁ ୬ଟି ଷ୍ଟଲ୍ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ଆସନ୍ତା ଜୁନ୍ ୨୭ ତାରିଖ ସନ୍ଧ୍ୟାରେ ଜିଲ୍ଲାପାଳ ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରିବେ ଏବଂ ଏହା ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ପ୍ରଦର୍ଶନୀର ସୁପରିଚାଳନା ପାଇଁ ସମସ୍ତ ଲାଇନ ବିଭାଗ ସମନ୍ୱୟ ଓ ସହଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଦର୍ଶନୀ ଅବସରରେ ଉଦ୍ୟୋଗୀତା, ଋଣ ସହାୟତା, ବ୍ୟାଙ୍କିଂ ସୁବିଧା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ବିପଣନ, ବ୍ରାଣ୍ଡିଂ, ଡିଜିଟାଲାଇଜେସନ ଓ ଉଦ୍ୟୋଗୀତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହା ସହିତ ଉଦ୍ୟୋଗୀତା ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ପ୍ରଦର୍ଶନୀର ଶେଷ ଦିନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସହିତ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯିବ। ବୈଠକରେ ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ ଅଭିଜିତ ତ୍ରିପାଠୀ ବୈଠକର ସମନ୍ୱୟ କରିଥିଲେ। ଏଥିସହ ଅଗ୍ନିଶମ ସେବା, ସୂଚନା ଓ ଲୋକସମ୍ପର୍କ ବିଭାଗ, ମିଶନ ଶକ୍ତି, ଓରମାସ ସମେତ ବିଭିନ୍ନ ଲାଇନ ବିଭାଗର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।

# ପେନାଯୋରରେ ୨୦ ଦିନ ହେବ ନଳକୂଅ ଅଚଳ

ଶଗଡା,୨୪।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଡିପଦର ପଞ୍ଚାୟତ ପେନାଯୋର ଗାଁ ମଝିରେ ଥିବା ନଳକୂଅଟି ୧୮ ଦିନ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୪୦ ପରିବାର ୧୫୦ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି; କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୮ ଦିନ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ତରଭା ବ୍ଲକ୍‌ରେ ବର୍ଷା ନାହିଁ; ମରୁଡ଼ି ଆଶଙ୍କାରେ ଚାଷୀ

**୧୯ ବର୍ଷରେ ଜୁନରେ ସର୍ବନିମ୍ନ ବୃଷ୍ଟିପାତ**

ତରଭା,୨୪।୬(ସମିସ): ଚଳିତ ବର୍ଷ ତରଭା ବ୍ଲକରେ ମୌସୁମୀ ବର୍ଷାର ଦେଖା ଦର୍ଶନ ମିଳୁ ନ ଥିବାରୁ ଅଞ୍ଚଳର ଚାଷୀ ମରୁଡି ଆଶଙ୍କାରେ ତ୍ରସ୍ତ ହେବାର ଦେଖିବାକୁ ମିଳୁଛି। ଅନେକ ଚାଷୀ ଜମିରେ ଧାନ ବୁଣିଥିବା ବେଳେ ଅନେକ ଚାଷୀ ତଳି ପକାଇଛନ୍ତି; ହେଲେ ବର୍ଷା ହେଉ ନ ଥିବାରୁ ଜମିରେ ପଡିଥିବା ବିହନ କୀଟ ପତଙ୍ଗ ଓ ପକ୍ଷୀଙ୍କ ଆଧାର ପାଲଟିଛି। ଚଳିତ ବର୍ଷ ଜୁନରେ ତରଭା ବ୍ଲକରେ ସର୍ବନିମ୍ନ ୧୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି।୨୦୦୮ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ଜୁନ୍ ମାସରେ ଏହା ହେଉଛି ସର୍ବନିମ୍ନ ବୃଷ୍ଟିପାତ। ୨୦୧୪ ମସିହାରେ ଏହି ବ୍ଲକରେ ଜୁନ ମାସରେ ସର୍ବନିମ୍ନ ୮୪ ମିମି ବର୍ଷା ରେକର୍ଡ କରାଯାଇଛି। ୨୦୧୫ ଜୁନରେ ଏହି ବ୍ଲକରେ ୨୯୪ ମିମି,୨୦୧୬ରେ ୧୨୭ ମିମି, ୨୦୧୭ରେ ୨୯୯.୨ ମିମି, ୨୦୧୮ରେ ୯୩.୬ ମିମି, ୨୦୧୯ରେ ୨୬୫.୮ ମିମି, ୨୦୨୦ରେ ୪୧୮ ମିମି, ୨୦୨୧ରେ ୧୯୧.୮ ମିମି, ୨୦୨୨ରେ ୧୪୮.୬ ମିମି, ୨୦୨୩ରେ ୧୬୧.୪ ମିମି,୨୦୨୪ରେ ୧୩୪ ମିମି ଓ ୨୦୨୫ରେ ୨୭୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ତ୍ତମାନ ଜୁନ୍ ସରିବାକୁ ଆଉ ୭ ଦିନ ରହିଲା। ଯଦି ଏହା ମଧ୍ୟରେ ଭଲ ମୌସୁମୀ ବର୍ଷା ନ ହୁଏ ତେବେ ଚାଷୀକୁଳଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିବାର ସମ୍ଭାବନା ଦେଖା ଦେଲାଣି।

# କମସରା ପଞ୍ଚାୟତରେ ଅଜୀବିକା କର୍ମଶାଳା

ତରଭା,୨୪।୬(ସମିସ): ତରଭା ବ୍ଲକ୍ କମସରା ପଞ୍ଚାୟତ ସଭାଗୃହରେ ଦ ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ତରଫରୁ ପଞ୍ଚାୟତସ୍ତରୀୟ ଅଜୀବିକା କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମସରା ସରପଞ୍ଚ କୁନ୍ତଳା ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କ୍ଷେତ୍ର ପ୍ରଶିକ୍ଷକ ଜିତେନ୍ଦ୍ର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। କମସରା ପ୍ରାଣୀ ଚିକିତ୍ସା ସହାୟକ ଶୁଭାକାଂକ୍ଷୀ ବେହେରା ପ୍ରାଣୀସମ୍ପଦ ବିଭାଗର ଅଧୀନରେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ ଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ ପଣ୍ଡା ପଞ୍ଚାୟତର ବିଭିନ୍ନ ଯୋଜନା ପ୍ରସ୍ତୁତିରେ ଅଜୀବିକା ବଜେଟ ବୃଦ୍ଧି, ଭିବିଜିରାମଜି ଯୋଜନାରେ ପାଞ୍ଚୟତର ଲୋକଙ୍କୁ କାମ ଯୋଗାଇଦେବା ନିମନ୍ତେ ଆଲୋଚନା କରିଥିଲେ। ସରପଞ୍ଚ କୁନ୍ତଳା ରଣା ପଞ୍ଚାୟତରେ ଅଜୀବିକାରେ ସାମିଲ ମହିଳାଙ୍କୁ ତାଲିମ୍ ଦେବା , ଯୋଜନାରେ ଲୋକଙ୍କୁ ସାମିଲ କରିବାକୁ ପଦକ୍ଷେପ ନେବାକୁ ମତପ୍ରକାଶ କରିଥିଲେ। ଏଥିରେ ୱାର୍ଡ ସଭ୍ୟସଭ୍ୟା, ଏମ୍‌ବିକେ, ସିଆରପି, ଏସଏଚଜି ସଦସ୍ୟ, ଚାଷୀ ଯୋଗ ଦେଇଥିବା ବେଳେ କ୍ଷେତ୍ର ପ୍ରଶିକ୍ଷକ ଗୁଣନିଧି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରଙ୍କ ସଫଳତା ବଖାଣୁଛି 'ବିକାଶର ଧାରା, ଓଡ଼ିଶା ସାରା'



ବୌଦ୍ଧ,୨୪।୬(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଟୁନି ମହାନନ୍ଦିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀଯନ୍ତ୍ରୀ ସୁଜାତା ବେହେରା, ଗ୍ରାମ୍ୟ କୃଷି ସେବକ ସତ୍ୟବ୍ରତ ମେହେର, ସାମ୍ବାଦିକ ସତ୍ୟଜିତ ପଣ୍ଡା ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ଏଡିଇଓ ବିଭୁତି ଭୂଷଣ ମିଶ୍ର ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା।

ତରଭା: ତରଭା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବାନନ୍ଦ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅମ୍ରିତା ପୋଢ଼, ସିଡିପିଓ ଜ୍ଞାନଦା ମହାନନ୍ଦ, ପ୍ରୟାସ କମସରାର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ତରଭା ସହକାରୀ ଶ୍ରମ ଅଧିକାରୀ ସପ୍ରତିଭ ପ୍ରଧାନ ଏବଂ ମାର୍କେଟିଂ ଇନ୍ସପେକ୍ଟର ସଙ୍ଗୀତା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୫୯ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ୩୦ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ହୋଇଛି। ୨୦ଜଣ ଅଙ୍ଗନବାଡିଙ୍କୁ ମୋବାଇଲ ବଣ୍ଟନ କରାଯାଇଛି। ୧୦ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ ହୋଇଛି। ୧୩ଜଣଙ୍କୁ ଶ୍ରମ କାର୍ଡ ବଣ୍ଟନ କରାଯାଇଛି। ୧୦ଟି ଏସଏଚଜିକୁ ୧ କୋଟି ୧୨ଲକ୍ଷ ଟଙ୍କାର ଋଣ ମଞ୍ଜୁର କରାଯାଇଛି। ୨ ଜଣଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ଲକ୍ଷ ଟଙ୍କା ଲେଖାଏଁ ବୀମାରାଶି ପ୍ରଦାନ କରାଯାଇଥିଲା। ବିପିଏମ୍ ମନୋଜ ବାଘ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ତରଭା ଏନ୍‌ଏସି ଟାଉନହଲ୍‌ରେ ମଧ୍ୟ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା ଅଧୀନ ବିକାଶର ଧାରା, ଓଡିଶା ସାରା



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିଷଦ ନଗରପାଳ ବନ୍ଦିତା ନାୟକ, ଉପନଗରପାଳ ଗଗନ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ମାନସ ସାହୁଙ୍କ ସମେତ ପରିଷଦର ସମସ୍ତ କାଉନସିଲର, ବିଭିନ୍ନ କ୍ଲବର କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ସଚେତନ ନାଗରିକ, ମିଶନ ଶକ୍ତି ଦଳର ସଭ୍ୟା ଓ ପରିଷଦର କର୍ମଚାରୀ ଉପସ୍ଥିତ ଥିଲେ।

# ଜାତୀୟସ୍ତରରେ ଝାରସୁଗୁଡ଼ାର କିକ୍‌ବକ୍ସରଙ୍କ ସଫଳତା

ଝାରସୁଗୁଡ଼ା, ୨୪।୬(ସମିସ): ଜାତୀୟ ସ୍ତରରେ ଝାରସୁଗୁଡ଼ାର କିକ୍‌ବକ୍ସରମାନେ ସଫଳତା ଅର୍ଜିଛନ୍ତି। ୱାକୋ ଇଣ୍ଡିଆ ନ୍ୟାସନାଲ କିକବକ୍ସିଂ ଚାମ୍ପିଅନସିପରେ ଏମାନେ ଉତ୍କୃଷ୍ଟ



ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ସବ୍-ଜୁନିୟର ଏବଂ ଜୁନିୟର ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ସେମାନେ ଜିଲ୍ଲାର ନାମକୁ ଉଜ୍ଜ୍ୱଳ କରିଛନ୍ତି। ଓଡ଼ିଶା ରାଜ୍ୟ କିକ୍‌ବକ୍ସିଂ ଚାମ୍ପିଅନସିପ୍‌ରେ ସଫଳତା ହାସଲ କରିବା ପରେ ଝାରସୁଗୁଡ଼ାର ୪ ଜଣ କ୍ରୀଡ଼ାବିତ୍ ଜାତୀୟସ୍ତରରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ମଧ୍ୟପ୍ରଦେଶର ଇନ୍ଦୋରରେ ଅନୁଷ୍ଠିତ ୱାକୋ ଇଣ୍ଡିଆ ସବ୍ ଜୁନିୟର ନ୍ୟାସନାଲ କିକବକ୍ସିଂ ଚାମ୍ପିଅନସିପର ୧୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଝାରସୁଗୁଡ଼ାର ଚିକୁ ମାଝି ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଉର୍ମି ପରିଧି ସା ରୌପ୍ୟ ପଦକ ପାଇଛନ୍ତି। ବଳଦେବ ଖମାରୀ କାଂସ୍ୟ ପଦକ ପାଇଥିଲେ। ଏହାସହ ଝାରସୁଗୁଡ଼ାର ଅପର୍ଣ୍ଣା ମେହେର ଖୋର୍ଦ୍ଧାରେ ଅନୁଷ୍ଠିତ ୱାକୋ ଇଣ୍ଡିଆ ଜୁନିୟର ନ୍ୟାସନାଲ କିକବକ୍ସିଂ ଚାମ୍ପିଅନସିପରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି କାଂସ୍ୟ ପଦକ ଜିତିଛନ୍ତି। ଏହି ସମସ୍ତ କ୍ରୀଡ଼ାବିତ୍ ବିଦ୍ୟା ଗୁରୁକୁଳ ଆକ୍ଟିଭିଟି କ୍ଲାସେସର କିକ୍‌ବକ୍ସିଂ ପ୍ରଶିକ୍ଷକ ଅବନୀଙ୍କ ନିର୍ଦ୍ଦେଶନାରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ବୌଦ୍ଧ,୨୪।୬(ସମିସ): ବୌଦ୍ଧ ରାଜବାଟିସ୍ଥିତି ବିଜେପି ଦଳୀୟ କାର୍ଯ୍ୟାଳୟରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ପାଳନ କରାଯାଇଛି। ମନରଞ୍ଜନ ଦାସ, ବିପ୍ର ଚରଣ ମହାନ୍ତି, ମାଗୁଣି ଗାଇଗୌରିଆ, ଶ୍ୟାମସୁନ୍ଦର ପୁରୋହିତ, ତାପସ ପଟ୍ଟନାୟକ, ନିରଞ୍ଜନ ଦାନୀ, ବାମନ ବାରିକ, ରାଜକୁମାର ମେହେର, ରାଜେନ୍ଦ୍ର ରାଜହଂସ ଓ ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଉଛି ବିଦ୍ୟାଳୟରୁ ବାରମ୍ବାର ଚୋରି

**ଚୋର ଧରିବାରେ ବିଫଳ ପୁଲିସ**

ବୀରମହାରାଜପୁର,୨୪।୬(ସମିସ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ୍ ବହଳପଦର କ୍ଲଷ୍ଟରର ଭାଲୁଡୁଙ୍ଗୁରୀ ସରକାରୀ ୟୁପି ସ୍କୁଲରେ ବାରମ୍ବାର ଚୋରି ହେଉଛି। ଏ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ସଫଳ ହୋଇପାରିନି। ଏଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲରେ ସିସିଟିଭି ବ୍ୟବସ୍ଥା ସହ ରାତ୍ର ଜଗୁଆଳି ନିଯୁକ୍ତି କରିବାକୁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଦାବି କରିଛନ୍ତି। ୧୯୬୦ ଡିସେମ୍ବର ୧୮ରେ ସ୍ଥାପିତ ଏହି ସ୍କୁଲରେ ୧ମରୁ ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇଥିଲା। ବର୍ତ୍ତମାନ ବାଲ୍‌ବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀ ରହିଥିବାବେଳେ ଶତାଧିକ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସ୍କୁଲରେ ୫ଟି କୋଠରି ଥିଲେ ମଧ୍ୟ ଚାରିପଟେ ପାଚେରି ଅସମ୍ପୂର୍ଣ୍ଣ ଥିବାରୁ ଅସାମାଜିକ ବ୍ୟକ୍ତିମାନେ ସହଜରେ ପରିସରକୁ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି। ଜୁନ୍ ୧ରେ କେତେଜଣ ଦୁର୍ବୃତ୍ତ ସ୍କୁଲର ତାଲା ଓ କବାଟ ଭାଙ୍ଗି ଏକ ଏଲ୍‌ଇଡି ଟିଭି, ଏକ ଭେଣ୍ଡର ମେଶିନ, ୨ଟି ସିଲିଂ ପଙ୍ଖା ଓ ୪ ବସ୍ତା ଚାଉଳ ଚୋରି କରି ନେଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ତ୍ରିମୁଖ ମୁଣ୍ଡା ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ ଚୋରି ସାମଗ୍ରୀ ଉଦ୍ଧାର କରିପାରିନି କିମ୍ବା ଦୁର୍ବୃତ୍ତଙ୍କୁ ଗିରଫ କରିପାରି ନାହିଁ। ଏହା ପୂର୍ବରୁ ୨୦୧୯ରେ ମଧ୍ୟ ସ୍କୁଲ କୋଠରିର ତାଲା ଭାଙ୍ଗି ଭିତରେ ମାଟି ଖୋଳି ରତ୍ନପଥର ଲୁଟ ହୋଇଥିଲା। ସେତେବେଳେ ପ୍ରଧାନ ଶିକ୍ଷୟିତ୍ରୀ ଭାର୍ଗବୀ ଭୋଇ ଥାନାରେ ଅଭିଯୋଗ କରିଥିଲେ। ସେହିପରି ୨୦୧୩ରେ ମଧ୍ୟ ସ୍କୁଲ ପରିସରରେ ମାଟି ଖୋଳି ରତ୍ନପଥର ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବାରମ୍ବାର ଚୋରି ଘଟୁଥିଲେ ମଧ୍ୟ ଦୁର୍ବୃତ୍ତ ଧରା ନ ପଡ଼ିବା ଏବଂ ଚୋରି ସାମଗ୍ରୀ ଉଦ୍ଧାର ନ ହେବା ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଏ ନେଇ ସୁବଳୟା ଥାନା ଅଧିକାରୀ ପଞ୍ଚାନନ ନାୟକଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।